

ଡିସେମ୍ବର ୨୨ରେ ପିଭି ସିନ୍ଧୁ ନେବେ ସାତଫେରା
ପୃଷ୍ଠା ୭

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17
Vol. 32 | ISSUE 250 | ଭାଗ ୩୨ | ସଂଖ୍ୟା୨୫୦
Bhubaneswar | Wednesday 4 December 2024 | Page 8 Rs. 4.00
ଭୁବନେଶ୍ୱର | ବୁଧବାର ୪ ଡିସେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା



## ମନ୍ଦିରମାଳିନୀରେ ମହାମହିମ

- ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ଲୋକାର୍ପଣ
- ସାନ୍ତାଳୀ ପୀଠରେ ପୂଜାର୍ଚ୍ଚନା

ଭୁବନେଶ୍ୱର,୩।୧୨ (ସଂଚାର ବ୍ୟୁରୋ): ଭୁବନେଶ୍ୱରରେ ପହଞ୍ଚିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ନିର୍ଦ୍ଧାରିତ ସମୟ ପୂର୍ବରୁ ଅପରାହ୍ଣ ପ୍ରାୟ ପାଞ୍ଚଟାରେ ବାୟୁସେନାର ସ୍ୱତନ୍ତ୍ର ବିମାନରେ ଆସି ବିଜୁ ପଟ୍ଟନାୟକ ବିମାନବନ୍ଦରରେ ପହଞ୍ଚିଥିଲେ ରାଷ୍ଟ୍ରପତି। ବିମାନବନ୍ଦରରେ ରାଷ୍ଟ୍ରପତିଙ୍କୁ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଭବ୍ୟ ସ୍ୱାଗତ କରାଯାଇଥିଲା। ବିମାନବନ୍ଦରରୁ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରାଷ୍ଟ୍ରପତି ଚନ୍ଦ୍ରଶେଖରପୁରସ୍ଥିତ ନୀଳାଦ୍ରି ବିହାର ଯାଇ ଆଦିବାସୀ ଦେବସ୍ଥାନ ଜାହିରା ପୀଠରେ ପୂଜାର୍ଚ୍ଚନା କରିଥିଲେ। ସେଠାରେ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିଥିଲେ ନିଜ ସମ୍ପ୍ରଦାୟର ବୁଦ୍ଧିଜୀବୀ। ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ପୂଜା କରିଥିଲେ। ପରେ ଅଲ୍‌ଚିକ୍ ଭାଷାର ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପୂର୍ଣ୍ଣାଙ୍ଗ ➯ପୃଷ୍ଠା-୬

## ଆଳୁ ସଙ୍କଟ ପାଇଁ ବିଜେଡିର ଆଳୁ ଦୋଷ ଦାୟୀ

### ନିଜ ପାପର ବୋଝକୁ ବିଜେପି ମୁଣ୍ଡରେ ଲଦୁଛି ବିଜେଡି



ଭୁବନେଶ୍ୱର,୩।୧୨ (ସଂଚାର ବ୍ୟୁରୋ): ରାଜ୍ୟରେ ଆଳୁ ଅଭାବକୁ ନେଇ ରାଜନୀତି ଜୋର ଧରିଥିବାବେଳେ ଶାସକ ଓ ବିରୋଧି ପରସ୍ପରର ଆଳୁ ଦୋଷ ଖୋଜିବାରେ ବ୍ୟସ୍ତ । ତେବେ ୨୫ବର୍ଷ ଧରି ନିଜର ଆଳୁ ଦୋଷ ଯୋଗୁଁ ରାଜ୍ୟରେ ଆଳୁ ଫଳାଇ ପାରିନଥିବା ବିଜେଡି ଏବେ ନିଜ ଦୋଷକୁ ବିଜେପି ମୁଣ୍ଡରେ ଲଦିବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଛି ।

ଆଳୁ ଚାଷ ପାଇଁ ଓଡ଼ିଶାର ଜଳବାୟୁ ଅନୁକୂଳ ଥିବାବେଳେ କେନ୍ଦ୍ର ସରକାର ମଧ୍ୟ ଏଥିପାଇଁ ଅର୍ଥ ଯୋଗାଇ ଦେଇଥିଲେ । ସେହି ଅର୍ଥରେ ରାଜ୍ୟ ସରକାର ୨୦୧୫-୧୬ରେ ରାଜ୍ୟରେ କାର୍ଯ୍ୟକାରୀ କରିଥିଲେ ରାଜ୍ୟ ଆଳୁ ମିଶନ । ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଅର୍ଥରେ ଏହି ମିଶନ ତିନି ବର୍ଷ ପାଇଁ ବହୁ ଆଡମ୍ବରରେ ଚାଲିଥିଲା। ସେତେବେଳେ ସରକାର କହିଥିଲେ ରାଜ୍ୟରେ ଆଳୁର ଅଭାବ ରହିବନାହିଁ। ଓଡ଼ିଶା ଆଳୁ ରପ୍ତାନି କରିବ । ଆଳୁ ଚାଷ ହେଉଥିବା ଜମିର ପରିମାଣ ୪୫ହଜାର ହେକ୍ଟରରେ ପହଞ୍ଚିଥିଲା । ସରକାର ହାତ ଖୋଲି ସବସିଡ୍ ବି ଦଲେ । ତିନି ବର୍ଷରେ ପାଖପାଖି ୯କୋଟି ଟଙ୍କାର ସବସିଡ୍ ବାଣ୍ଟିଲେ । ହେଲେ ଆଳୁ ଫଳିଲେ କେଉଁଠି ରହିବ ଚିନ୍ତା କଲେ ନାହିଁ । ଯେତେବେଳେ ଶୀତଳଭଣ୍ଡାର ପାଇଁ ଚିନ୍ତା କଲେ ଓ ଯୋଜନା ପ୍ରସ୍ତୁତ କଲେ ସେତେବେଳକୁ କେହି ଚଢ଼ା ଦରରେ ବିଦ୍ୟୁତ ବିଲ୍ ଗଣି ଏହା ପ୍ରତିଷ୍ଠା ପାଇଁ ରାଜି ହେଲେ ନାହିଁ । ଫଳରେ ଓଡ଼ିଶାର ଆଳୁ ମିଶନ କେବଳ ଫେଲ୍ ମାରିଲା ନାହିଁ ରାଜ୍ୟରେ ଏକ ପ୍ରକାର ମହା ଦୁର୍ନୀତିରେ ପରିଣତ ହେଲା। ଆଳୁ ଚାଷ ଓ ଶୀତଳଭଣ୍ଡାର ସବସିଡ୍ ବାବଦରେ କିଛି ନେତା ଓ ସରକାରୀ ବାବୁ ହାତ ଚିକ୍କଣ କରିଦେଲେ।

ବିଜେଡି ସରକାରରୁ ଗଲା ବେଳକୁ ଓଡ଼ିଶାରେ ବାର୍ଷିକ ୧୪ଲକ୍ଷ ମେଟ୍ରିକ ଟନ୍ ଆଳୁ ଆବଶ୍ୟକ ଥିବାବେଳେ ଫଳୁଥିଲା ୪ଲକ୍ଷ ଟନ୍‌ରୁ କମ୍ । ତେଣୁ ବିଜେଡି ସରକାର ଓଡ଼ିଶାବାସୀଙ୍କୁ ଏକ ପ୍ରକାର ପର ଉପରେ ନିର୍ଭରଶୀଳ କରିବାକୁ ଛାଡି ଦେଇଥିଲେ। ଏବେ ସରକାରରୁ ଯିବାପରେ ହଠାତ୍ ୬ମାସର ସରକାରକୁ ଆଳୁ ପାଇଁ ଦୋଷ ଦେବାରେ ଲାଗିଛନ୍ତି। ବିଜେଡି ନେତାମାନେ ଭୁଲି ଯାଉଛନ୍ତି ଯେ ସେମାନଙ୍କ ଆଳୁ ଦୋଷ ଯୋଗୁଁ ସବୁ ପ୍ରକାର ଅନୁକୂଳ ପରିସ୍ଥିତି ସତ୍ତ୍ୱେ ଓଡ଼ିଶାରେ ଆଳୁ ଫଳିପାରିଲା ନାହିଁ ।

ଆଳୁ ସଙ୍କଟକୁ ନେଇ ହଠାତ୍ ଓଡ଼ିଶାବାସୀଙ୍କ ପାଇଁ କାନ୍ଦୁଥିବା ବିଜେଡି ନେତାମାନେ କିନ୍ତୁ ପଶ୍ଚିମବଙ୍ଗ ସରକାର କାହିଁକି ଆଳୁ ଛାଡୁ ନାହାନ୍ତି ସେ ବାବଦରେ ପଦୁଟିଏ ହେଲେ କହୁନାହାନ୍ତି । ଅଳ୍ପଦିନ ତଳେ ଆଳୁ ସଙ୍କଟ ସମୟରେ ବିଜେଡି ସଭାପତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ଚିଠିଲେଖି ବାହାବା ନେବାକୁ ଉଦ୍ୟମ କରୁଥିବାବେଳେ ଏଥର କିନ୍ତୁ ଆଉ ପଦାକୁ ବାହାରୁ ନାହାନ୍ତି । ରାଜ୍ୟର ନୂଆ ସରକାର ଏବେ ଆଳୁ ମିଶନକୁ ଜୀବନ୍ୟାସ ଦେଇ ରାଜ୍ୟକୁ ଆଳୁ ଉତ୍ପାଦନରେ ଆତ୍ମନିର୍ଭରଶୀଳ କରିବାପାଇଁ ପଦକ୍ଷେପ ନେଉଥିବାବେଳେ କାଳେ ନିଜ ଅତୀତର ଅପାରଗତା ପଦାରେ ପଡିବ ସେଥିପାଇଁ ବିଜେଡି ନେତାମାନେ ସୁଚିନ୍ତିତ ଭାବେ ଆଳୁ ପ୍ରସଙ୍ଗ ଉଠାଉଥିବା ଚର୍ଚ୍ଚା ହେଉଛି । ତେବେ ଆଳୁ ମିଶନ ସତ୍ତ୍ୱେ ବିଜେଡି ସରକାର କାହିଁକି ଆଳୁ ଫଳାଇ ପାରିଲେନାହିଁ ବଜାରରେ ଚଢ଼ା ଦରରେ ଆଳୁ କିଣୁଥିବା ଖାଉଟିମାନେ ଏବେ ସେହି ପ୍ରଶ୍ନ ପଚାରିବାର ସମୟ ଆସିଛି ।

### ମମତା ହଟାଇଲେ କଟକଣା
**ଆନ୍ଦୋଳନରୁ ଉଠିଲେ ଆଳୁ ବ୍ୟବସାୟୀ**

**କୋଲକାତା, ୩।୧୨:** ଓଡ଼ିଶାରେ ଆଳୁ ଦର ଆକାଶଛୁଆଁ ହୋଇଥିବା ବେଳେ ଆନ୍ଦୋଳନରୁ ଓହରିଛନ୍ତି ପଶ୍ଚିମବଙ୍ଗ ଆଳୁ ବ୍ୟବସାୟୀ। କୃଷି ମନ୍ତ୍ରୀଙ୍କ ସହ ଆଲୋଚନା ପରେ ଆଳୁ ବ୍ୟବସାୟୀ ଓ ଶୀତଳଭଣ୍ଡାର କର୍ମଚାରୀ ଆନ୍ଦୋଳନରୁ ଓହରିଛନ୍ତି। ବୁଧବାରଠାରୁ ଶୀତଳ ଭଣ୍ଡାରରୁ ପୂର୍ବପରି ଆଳୁ ହୋଲସେଲ୍ ଓ ରିଟେଲ ମାର୍କେଟକୁ ପଠାଯିବ। ଯେପରି ଆଳୁ ଅନ୍ୟ ସ୍ଥାନକୁ ଯାଉଥିଲା ତାହା ପୂର୍ବପରି ଚାଲିବ ବୋଲି ଜଣାପଡ଼ିଛି। ହେଲେ ଓଡ଼ିଶାକୁ କେବେ ଆଳୁ ଆସିବ, ସେନେଇ ନିର୍ଦ୍ଦିଷ୍ଟ ଭାବେ କିଛି ଜଣାପଡ଼ି ନାହିଁ। ପଶ୍ଚିମବଙ୍ଗ ସରକାର ରାଜ୍ୟ ବାହାରକୁ ଆଳୁ ଚାଲାଣ ଉପରେ ରୋକ୍ ଲଗାଇଥିଲେ। ଏହାର ପ୍ରତିବାଦରେ ଶୀତଳ ଭଣ୍ଡାର ଆଳୁ ବ୍ୟବସାୟୀ ଓ ପ୍ରଗତିଶୀଳ ଆଳୁ ବ୍ୟବସାୟୀ ସଂଘ ସୋମବାରଠାରୁ ଆନ୍ଦୋଳନରେ ବସିଥିଲେ। ଫଳରେ ରାଜ୍ୟ ଭିତରେ ଆଳୁ ଚାଲାଣ ଏକ ପ୍ରକାର ➯ପୃଷ୍ଠା-୬

## କୋଟିପତି ବିଧାୟକଙ୍କୁ ଅଣ୍ଟୁନି ଦରମା

### ଭାସ୍କର ମଢ଼େଇଙ୍କ ଅଧ୍ୟକ୍ଷତାରେ ୯ ଜଣିଆ କମିଟି ଗଠିତ

ଭୁବନେଶ୍ୱର,୩।୧୨ (ସଂଚାର ବ୍ୟୁରୋ): ଓଡ଼ିଶା ବିଧାନସଭାର ୧୪୭ ବିଧାୟକଙ୍କ ମଧ୍ୟରୁ ୧୦୭ ଜଣ କୋଟିପତି। ଏକଥା ନିର୍ବାଚନ ସମୟରେ ସେମାନେ ଦାଖଲ କରିଥିବା ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ତଥାପି ବିଧାୟକଙ୍କୁ ଦରମା ଅଣ୍ଟୁନି। ଦରମା ବୃଦ୍ଧି ସାଙ୍ଗକୁ ଭତ୍ତା ବଢ଼ାଇବାକୁ ଦାବି କରୁଛନ୍ତି। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ଏହି ଗୋଟିଏ ପ୍ରସଙ୍ଗରେ ହିଁ ଶାସକ ଓ ବିରୋଧୀ ବିଧାୟକ ଗୋଟେ ସ୍ୱରରେ ଦାବି କରୁଛନ୍ତି। ରାଜ୍ୟର ବିକାଶ ସମ୍ପର୍କିତ ପ୍ରସଙ୍ଗରେ କିନ୍ତୁ ଏକମତ ହୋଇପାରୁନାହାଁନ୍ତି ସବୁ ବିଧାୟକ। ଦଳ ମତ ନିର୍ବିଶେଷରେ ସବୁ ବିଧାୟକ ଏକ ହୋଇ ଦାବି କରିବା ଦେଖି ବାଚସ୍ପତି ବି ସେମାନଙ୍କ ସପକ୍ଷରେ ମତ ଦେବା ସହ ସରକାର ଆଜି ଏକ କମିଟି ଗଠନ କରିଛନ୍ତି। ପୂର୍ବରୁ ବିଜେଡ଼ି ସରକାର ଅମଳରେ ମଧ୍ୟ ଅମର ଶତପଥୀଙ୍କ ନେତୃତ୍ୱରେ ଏକ କମିଟି ଗଠନ ହୋଇଥିଲା। କିନ୍ତୁ ସେ ସମୟରେ ସରକାର ବିଧାୟକଙ୍କ ଦରମା ବଢ଼ାଇବାକୁ ସାହସ ଜୁଟାଇ ପାରି ନ ଥିଲେ।

ବିଧାୟକଙ୍କ ଦରମା ଓ ପୂର୍ବତନ ବିଧାୟକଙ୍କ ପେନସନ୍ ବୃଦ୍ଧି ପାଇଁ ନୂଆ କମିଟି ଗଠନ ହୋଇଛି। କମିଟିରେ ବିଜେପି ବିଧାୟକ ଭାସ୍କର ମଢ଼େଇ ଅଧ୍ୟକ୍ଷ ଅଛନ୍ତି। ଏଥିରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହେବ ଏବଂ ରିପୋର୍ଟ ପ୍ରସ୍ତୁତ କରାଯିବ। ଏନେଇ ମଙ୍ଗଳବାର ଗୃହରେ ବାଚସ୍ପତି ସୁରମା ପାଢ଼ୀ ଘୋଷଣା କରିଛନ୍ତି। ସେହିପରି କମିଟିରେ କଂଗ୍ରେସ ବିଧାୟକ ଦଳ ନେତା ରାମ ଚନ୍ଦ୍ର କାଡାମ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିଧାୟକ ପ୍ରତାପ ଦେବ, ତାରା ବାହିନୀପତି, ଲକ୍ଷ୍ମଣ ମୁଣ୍ଡା, ପ୍ରକାଶ ସୋରେନ, ନିହାର ମହାନନ୍ଦ ଓ ପୂର୍ଣ୍ଣଚନ୍ଦ୍ର ସେଠି ସଦସ୍ୟ ରହିବେ। ସୂଚନାଯୋଗ୍ୟ, ବିଧାନସଭା ଶୂନ୍ୟକାଳରେ ବିଧାୟକମାନଙ୍କର ଦରମା, ପୂର୍ବତନ ବିଧାୟକମାନଙ୍କର ପେନସନ୍ ଓ ବିଧାୟକଙ୍କ ହାତପାଣ୍ଠିକୁ ୩ରୁ ୫ କୋଟିକୁ ବୃଦ୍ଧି କରିବାକୁ ଦାବି କରାଯାଇଥିଲା। ➯ପୃଷ୍ଠା-୬

### ସଂକୁଚିତ ହେବନି ପୂର୍ବତଟ ରେଳ ଜୋନ୍ | ପୂର୍ବପରି ରହିବ ତିନି ରେଳ ଡିଭିଜନ

## ଓଡ଼ିଶାରେ ରେଳ ବିକାଶ ପାଇଁ ୭୫ ହଜାର କୋଟିର ବ୍ୟୟବରାଦ

### ମୋଦୀଙ୍କ ତୃତୀୟ ଇନିଂସ୍‌ରେ ୨୦ ହଜାର କୋଟିର ପ୍ରକଳ୍ପକୁ ମଞ୍ଜୁରି



ଭୁବନେଶ୍ୱର,୩।୧୨ (ସଂଚାର ବ୍ୟୁରୋ):ଓଡ଼ିଶାର ଆର୍ଥିକ ହିତକୁ ବଜାୟ ରଖାଯିବା ସହ ପୂର୍ବତଟ ରେଳପଥରେ ପୂର୍ବପରି ୩ ରେଳ ମଣ୍ଡଳ ରହିବ ବୋଲି ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ମଙ୍ଗଳବାର ନୂଆଦିଲ୍ଲୀରେ ଓଡ଼ିଶାର ଲୋକସଭା ସାଂସଦମାନଙ୍କ ସହିତ ଆଲୋଚନ ପରେ ଶ୍ରୀ ବୈଷ୍ଣବ କହିଛନ୍ତି, ଓଡ଼ିଶାର ରେଳ ବିକାଶ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା ହେଲା। ବର୍ତ୍ତମାନ ପୂର୍ବତଟ ଏବଂ ଦକ୍ଷିଣ ତଟ ରେଳ ଜୋନ୍ ପୁନର୍ଗଠନ ହେଉଥିବାବେଳେ ଓଡ଼ିଶାର ଆର୍ଥିକ ସ୍ୱାର୍ଥରକ୍ଷା ପ୍ରତି ବିଶେଷ ଧ୍ୟାନ ଦିଆଯାଇଛି । ଓଡ଼ିଶାରେ ରେଳ ବିକାଶ ପାଇଁ ୭୩,୭୨୩ କୋଟିରୁ ଅଧିକ ଟଙ୍କା ମଞ୍ଜୁର କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଶ୍ରୀ ବୈଷ୍ଣବ କୃତଜ୍ଞତା ଜଣାଇଛନ୍ତି। ସେ କହିଛନ୍ତି, ପ୍ରସ୍ତାବିତ ରାୟଗଡା ରେଳ ମଣ୍ଡଳକୁ ମଞ୍ଜୁର କରାଯାଇଛି । ରେଳ ମଣ୍ଡଳ କାର୍ଯ୍ୟାଳୟ ନିର୍ମାଣ ପାଇଁ ୧୦୭ କୋଟି ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇଛି । କେନ୍ଦ୍ର ରେଳ ମନ୍ତ୍ରୀ ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ତୃତୀୟ କାର୍ଯ୍ୟକାଳ ଆରମ୍ଭ କରିବା ପରେ ବର୍ଷ ବର୍ଷ ଧରି ପଡ଼ି ରହିଥିବା ଓଡ଼ିଶାର ପ୍ରକଳ୍ପଗୁଡ଼ିକୁ ମଞ୍ଜୁର କରିଛନ୍ତି। ପୂର୍ବତଟ ରେଳପଥ ମଧ୍ୟରେ ପୂର୍ବପରି ତିନିଟି ରେଳ ମଣ୍ଡଳ ରହିବ। ଅମୃତ ଷ୍ଟେସନ ଯୋଜନାରେ ଓଡ଼ିଶାର ୫୯ଟି ଷ୍ଟେସନକୁ ପୁନର୍ବିକାଶ କରାଯାଉଛି। ୧୯,୨୮୯ କୋଟି ଟଙ୍କାର ୮ଟି ରେଳ ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛି। ଏସବୁ ପ୍ରକଳ୍ପ ହେଲା ଗୁଣୁପୁର-ଥେରୁବାଲି ନୂତନ ରେଳ ଲାଇନ, ଜୁନାଗଡ଼ ରୋଡ଼-ନବରଙ୍ଗପୁର ନୂତନ ରେଳ ଲାଇନ,ମାଲକାନଗିରି-ପଣ୍ଡୁରଙ୍ଗାପୁରମ ଭାୟା ଭଦ୍ରାଚଳମ ନୂତନ ରେଳ ଲାଇନ, ବାଦାମପାହାଡ଼-କେନ୍ଦୁଝରଗଡ଼ ନୂତନ ରେଳ ଲାଇନ, ବାଙ୍ଗିରିପୋଷି-ଗୋରୁମହିଷାଣୀ ନୂତନ ରେଳ ଲାଇନ, ବୁଢ଼ାମରା-ଚାକୁଳିଆ ନୂତନ ରେଳ ଲାଇନ, ସରଡେଗା-ଭାଲୁମୁଡା ନୂତନ ଦୋହରୀକରଣ ରେଳ ଲାଇନ ଓ ବରଗଡ଼ ରୋଡ଼-ନୂଆପଡା ରୋଡ଼ ନୂତନ ରେଳ ଲାଇନ। ଏହାବ୍ୟତୀତ କଳାହାଣ୍ଡି ଠାରୁ ଆରମ୍ଭ କରି ମାଲକାନଗିରି ଓ କୋରାପୁଟ ପର୍ଯ୍ୟନ୍ତ ରେଳ ସଂଯୋଗ ପ୍ରକଳ୍ପ ମଞ୍ଜୁର କରାଯାଇଛି ଏବଂ ବାରକୋଟ-ଝାରସୁଗୁଡ଼ା ରେଳ ଲାଇନ ପ୍ରକଳ୍ପ କାର୍ଯ୍ୟକାରୀ ➯ପୃଷ୍ଠା-୬

### ବଢୁଛି ବିଜୁ ଦାୟାଦଙ୍କ ବଳ

## ଯୋଡ଼ିବେ ନା ଛାଡ଼ିବେ ?





ଭୁବନେଶ୍ୱର,୩।୧୨ (ସଂଚାର ବ୍ୟୁରୋ): ବିଜୁ ଦାୟାଦଙ୍କ ମେଳି ଏବେ ରାଜ୍ୟ ବାହାରକୁ ଯାଇଥିବାବେଳେ ସେଥିରେ ପ୍ରତଦିନ ନୂଆ ନୂଆ ସଦସ୍ୟ ଯୋଡିହେଉଛନ୍ତି। ଏହାଦ୍ୱାରା ବିଜୁ ଦାୟାଦଙ୍କ ବଳ ବଢୁଛି । ହାଇଦ୍ରାବାଦରେ ମେଳି ହୋଇଥିବା ୬ଜଣଙ୍କ ସହିତ ଆଜି ଆଉ ତିନି ଜଣ ସାମିଲ ହୋଇଛନ୍ତି । ମିଳୁଥିବା ସୂଚନା ଅନୁଯାୟୀ ଏମାନଙ୍କ ମଧ୍ୟରେ ବିଧାୟକ ଦେବୀ ରଂଜନ ତ୍ରିପାଠୀ, ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହଦେଓ ଓ ବିଧାୟକ ଦେବେଶ ଆଚାର୍ଯ୍ୟ ରହିଛନ୍ତି। ଏଥିସହିତ ଖୁବ୍‌ଶୀଘ୍ର ନବରଙ୍ଗପୁର ଜିଲ୍ଲାର ଆଉ ୪ଜଣ ଏହି ଦଳରେ ସାମିଲ ହେବେ। ଯେଉଁମାନଙ୍କ ମଧ୍ୟରେ ଗୋଟିଏ ପରିବାରର ଦୁଇ ଭାଇ ଓ ଆଉ ଗୋଟିଏ ପରିବାରର ଭାଇ-ଭଉଣୀ ରହିଛନ୍ତି। ରାଜ୍ୟ ବାହାରେ ଦାୟାଦ ଓ ଅଣଦାୟାଦଙ୍କ ସଂଖ୍ୟା ବଢ଼ି ଚାଲିଥିବାବେଳେ ଏମାନେ ବିଜେଡିକୁ ଜୀବନ୍ୟାସ ଦେବେ ନାଁ ଭାଙ୍ଗିବେ ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି । କାରଣ ମେଳିରେ ଅଧିକାଂଶ ଅସନ୍ତୁଷ୍ଟ ଥିବାବେଳେ ସେମାନେ କିଛିଦିନ ଧରି ବିକଳ୍ପ ଖୋଜିବାରେ ଲାଗିଛନ୍ତି । ଏହି ବିକଳ୍ପଟି କ'ଣ ତାହା ଏବେ ବଡ ପ୍ରଶ୍ନ ପାଲଟିଛି । ଯେହେତୁ ନୂଆଦଳ ଗଢିବାକୁ ଏମାନଙ୍କର ଶକ୍ତି ଓ ସାମର୍ଥ ନାହିଁ ତେଣୁ ସେମାନଙ୍କ ସାମ୍ନାରେ ଦୁଇଟି ବିକଳ୍ପ ରହିଛି । ତାହା ହେଉଛି ସନ୍ୟାସୀଙ୍କୁ ତଡି ବିଜେଡିକୁ ଜୀବନ୍ୟାସ ଦେବା ନଚେତ୍ ବିଜେଡିକୁ ବାଏ ବାଏ କରି ଅନ୍ୟଦଳକୁ ଟିକଟ କାଟିବା । ଉଲ୍ଲେଖନୀୟ ଯେ ବିଜୁ ପ୍ରେମୀଙ୍କ ଦାୟାଦ ➯ପୃଷ୍ଠା-୬

## ମଶାତେଲ ନାଁରେ ୫୫ ଲକ୍ଷ ଚଳୁ



ଝାରସୁଗୁଡ଼ା, ୩।୧୨(ସଂଚାର ବ୍ୟୁରୋ): ମଶାତେଲ କିଣାରେ ଦୁର୍ନୀତି ଅଭିଯାଗ ପରେ ତତ୍ପର ହୋଇଛି ଭିଜିଲାନ୍ସ । ଝାରସୁଗୁଡ଼ା ପୌରପରିଷଦ ଅଫିସକୁ ଯାଇ ଯାଞ୍ଚ ଆରମ୍ଭ କରିଛି । ନିର୍ବାହୀ ଅଧିକାରୀ ଓ ଅନ୍ୟ ଅପିସରଙ୍କୁ ଭିଜିଲାନ୍ସ ଟିମ୍ ପଚରାଉଚରା କରିଛନ୍ତି। ପ୍ରମାଣ ମିଳିଲେ ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସୂଚନା ଅଧିକାର ଆଇନ ବଳରେ ମିଳିଥିବା ସୂଚନା ଅନୁଯାୟୀ ୨୦୧୯ ଜୁନରୁ ୨୦୨୨ ନଭେମ୍ବର ପର୍ଯ୍ୟନ୍ତ ଓଡ଼ିଶା ରବର୍ ଉଦ୍ୟୋଗ ପ୍ରାଇଭେଟ୍ ଲିମିଟେଡ୍‌ଠାରୁ ମଶାତେଲ ଲିଟର ପ୍ରତି ୭୭ ଟଙ୍କାରେ କିଣାଯାଇଥିଲା । କିନ୍ତୁ ମାର୍ଚ୍ଚ ୨୦୨୩ଠାରୁ ନଭେମ୍ବର ୨୦୨୩ ପର୍ଯ୍ୟନ୍ତ ଆଉଏକ ସଂସ୍ଥା ଫ୍ୟୁଜନ୍ ଗ୍ରୁପ୍, ମଶାତେଲ ଲିଟର ପ୍ରତି ୭୪୦ ଟଙ୍କା ହିସାବରେ ୭୫୦୦ ଲିଟର ପାଇଁ ୫୫ ଲକ୍ଷ ଟଙ୍କା ନେଇଛି । ଅର୍ଥାତ ବର୍ଷକରେ ମଶାତେଲ ମୂଲ୍ୟରେ ପ୍ରାୟ ୧୦ ଗୁଣା ଫରକକୁ ନେଇ ପ୍ରଶ୍ନ ଉଠିଛି । ➯ପୃଷ୍ଠା-୬



### କାନ ଡେରିଥା

ଦେବୀ ମିଶ୍ର ବାବୁ ରାଇଜ ମୁଖିଆ
ହୋଇଥିଲେ ସରାଗରେ
ପାଦତଳୁ ମାଟି ଖସିଗଲା
କି କହିବେ ଏବେ
ସରମରେ।

## ମଳେଇଖିଆଙ୍କ ପାଇଁ ହାରିଗଲା ବିଜେଡି

### ବଦ୍ରି ଲଗାଇଲେ ନିଆଁ | ବାନ୍ଧିବାକୁ ଦାବି କଲେ ଗଣେଶ୍ୱର




ଭୁବନେଶ୍ୱର,୩।୧୨ (ସଂଚାର ବ୍ୟୁରୋ): ଜଳ ଯୋଗାଣ ପାଇଁ ଠିକା ନେଇଥିବା ସଂସ୍ଥାମାନେ ମଳେଇ ଖାଇ ଲୋକଙ୍କୁ ଠିକଣା ସମୟରେ ଜଳ ଯୋଗାଇ ନ ପାରିବାରୁ ଲୋକେ ଅସନ୍ତୁଷ୍ଟ ହେଲେ ଏବଂ ଏଥିଯୋଗୁଁ ବିଜେଡିର ବହୁ ପ୍ରାର୍ଥୀ ଅଳ୍ପ ଭୋଟରେ ହାରିଗଲେ। ମଙ୍ଗଳବାର ବିଧାନସଭାରେ ଏଭଳି ଅକାଟ୍ୟ ସତ୍ୟ ପ୍ରକାଶ କରି ବିଜେଡିରେ ନିଆଁ ଲଗାଇଛନ୍ତି ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଧାୟକ ବଦ୍ରି ନାରାୟଣ ପାତ୍ର।

ଆଜି ପ୍ରଶ୍ନକାଳର ପ୍ରଥମ ପ୍ରଶ୍ନଟି ପାନୀୟଜଳ ଯୋଗାଣ ଉପରେ ଥିବାବେଳେ ରେକର୍ଡ ୫୫ମିନିଟ୍ ଏହା ଉପରେ ଆଲୋଚନା ହୋଇଥିଲା। ଉଭୟ ବିରୋଧି ଓ ଶାସକଦଳର ସଦସ୍ୟମାନେ ଜଳଯୋଗାଣରେ ହୋଇଥିବା ଅସଂଗତିକୁ ଦର୍ଶାଉଥିବାବେଳେ ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାୟକ ମଧ୍ୟ କେତେକ କଥାକୁ ସତ୍ୟ ବୋଲି କହିବାକୁ ପଛାଉନଥିଲେ।

ତେବେ ବିରୋଧି ବିଧାୟକ ବଦ୍ରି ନାରାୟଣ ପାତ୍ର ଯେତେବେଳେ କହିଲେ ବି ଜଳ ଯୋଗାଣ ପାଇଁ ବିଜେଡିର ଅଧିକାଂଶ ପ୍ରାର୍ଥୀ ହାରିଗଲେ ତାହା ଅନେକଙ୍କୁ ସ୍ତବ୍ଧ କରିଦେଇଥିଲା। ବଦ୍ରି ମଧ୍ୟ ଏହାକୁ ଅତି ସରଳ ଭାଷାରେ ବୁଝାଇ ଦେଇଥିଲେ। କହିଥିଲେ, ଠିକଣା ସମୟରେ ଜଳ ଯୋଗାଣ ନହେବାରୁ ଲୋକେ ତାତିଲେ। ଲୋକଙ୍କ ଅସନ୍ତୋଷ ଶାସକଦଳ ପ୍ରାର୍ଥୀଙ୍କ ବିରୁଦ୍ଧରେ ଗଲା। ଅଳ୍ପ କେଇଟା ଭୋଟ ବ୍ୟବଧାନରେ ହାରିଥିବା ଅନେକ ପ୍ରାର୍ଥୀ କେବଳ ପାଣି ପାଇଁ ହାରିଛନ୍ତି।

ସେହିଭଳି ଶାସକଦଳର ଜଣେ ସଦ୍ୟ ଟିପ୍ପଣି ଦେଇଥିଲେ ଯେ ଜଳଯୋଗାଣ ଦାୟିତ୍ୱରେ ଥିବା ଠିକାସଂସ୍ଥାଗୁଡ଼ିକ ମଳେଇ ଖାଇ ପଳେଇବାରୁ ଜଳ ଯୋଗାଣରେ ବିଳମ୍ବ ହେଉଛି। ବିଜେଡି ବିଧାୟକ ଗଣେଶ୍ୱର ବେହେରା ତୁରନ୍ତ ଏହାର ଜବାବ ଦେଇଥିଲେ। କହିଥିଲେ ଯିଏ ମଳେଇ ଖାଇଛି ତାକୁ ବାନ୍ଧ। ତୁମ ପାଖରେ ପୁଲିସ୍ ଅଛି, ବାନ୍ଧିବାରେ ଅସୁବିଧା ନାହିଁ। ଏଭଳି କ୍ଷେତ୍ରରେ ମୁଁ ତୁମ ସହିତ ଅଛି। ଗଣେଶ୍ୱରଙ୍କର ଏଭଳି ଟାଇଁ ଟାଇଁ କଥା କୁଆଡେ ଯାଉଥିଲା ତାହାକୁ ସମସ୍ତେ ଲକ୍ଷ୍ୟ କରୁଥିବାବେଳେ କେହି ହେଲେ ପ୍ରତିବାଦ କରୁନଥିଲେ।

କେବଳ ବଦ୍ରି କିମ୍ବା ଗଣେଶ୍ୱର ନୁହନ୍ତି, ଗୃହର ବହୁ ସଦସ୍ୟ ଜଳ ଯୋଗାଣକୁ ନେଇ ଅସନ୍ତୋଷ ଝାଡୁଥିବା ଲକ୍ଷ୍ୟ କରାଯାଉଥିଲା। କଂଗ୍ରେସ ସଦସ୍ୟ ତାରା ବାହିନିପତି ଜଳ ଯୋଗାଣ ନକରି ୯୦ ପ୍ରତିଶତ ପଇସା ନେଇଯାଇଥିବା ଠିକା ସଂସ୍ଥା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିବାବେଳେ ବିଜେପି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ ନିଜ ଅଞ୍ଚଳର ପାନୀୟଜଳ ଦୁର୍ଦ୍ଦଶା ବଖାଣିବା ସହିତ ମନ୍ତ୍ରୀଙ୍କୁ ତୁରନ୍ତ ସେଠାକୁଯିବାପାଇଁ କହିଥିଲେ। ମନ୍ତ୍ରୀ ଶ୍ରୀ ନାୟକ ବି ଏଥିରେ ରାଜି ହୋଇଥିଲେ।

ତେବେ ବଦ୍ରିଙ୍କର ବିଧାନସଭାରେ ଏଭଳି ବୟାନ ଆଜି ବିଜେଡି ଶିବିରରେ ଏକ ପ୍ରକାର ନିଆଁ ଲଗାଇଛି। କାରଣ ➯ପୃଷ୍ଠା-୬

### ଟ୍ରେଣ୍ଡିଂ ନ୍ୟୁଜ୍

- ସିଗାରେଟ, ତମାଖୁ, ତମାଖୁରୁ ପ୍ରସ୍ତୁତ ଦ୍ରବ୍ୟ ଓ ଏରିଏଟେଡ୍ ପାନୀୟ ଉପରେ ଜିଏସ୍‌ଟି ୩୫ % କରିବାକୁ ମନ୍ତ୍ରୀସ୍ତରୀୟ ଗୋଷ୍ଠୀର ନିଷ୍ପତ୍ତି। ଡିସେମ୍ବର ୨୧ରେ ଏ ନେଇ ଜିଏସ୍‌ଟି କାଉନସିଲରେ ଚୂଡ଼ାନ୍ତ ନିଷ୍ପତି ହେବ।
- ଦେଶଦ୍ରୋହ ଅଭିଯୋଗରେ ଜେଲରେ ଥିବା ଇସ୍କନ ସାଧୁ ଚିନ୍ମୟକୃଷ୍ଣ ଦାସଙ୍କ ପାଇଁ ଲଢ଼ୁଥିବା ଆଇନଜୀବୀଙ୍କ ଉପରେ ମରଣାନ୍ତକ ଆକ୍ରମଣ ହେବାରୁ ସେ ଆଇସିୟୁରେ ଭର୍ତ୍ତି। ସ୍ୱାମୀଜୀଙ୍କ ପାଁ ଲଢ଼ିବାକୁ ଓକିଲ ନ ମିଳିବାରୁ ଜାମିନ ଶୁଣାଣି ଜାନୁଆରୀ ୨କୁ ଘୁଞ୍ଚିଲା।
- ପାରିବାରିକ ବିବାଦ କାରଣରୁ କଲଭର୍ଟ ପାଇପ୍‌ରେ ଦୁଇମାସ ଧରି ରହିଥିବା ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡ଼ା ଥାନା ଟକରା ରେଙ୍ଗାଲବେଢ଼ା ଗାଁର ଜୋହନ କାଣ୍ଡୁଲାନାଙ୍କୁ ଉଦ୍ଧାର କଲା ପୁଲିସ।
- ଜମ୍ମୁ-କଶ୍ମୀର ଗଣ୍ଡେରୱାଲ ସ୍ଥିତ ଘରୋଇ କମ୍ପାନୀ କ୍ୟାମ୍ପରେ ୬ ଶ୍ରମିକ ଓ ଜଣେ ଡାକ୍ତରଙ୍କୁ ଗୁଳି କରି ହତ୍ୟା କରିଥିବା ଏଲ୍‌ଇଟି ଆତଙ୍କୀ ଜୁନେଦ ଅହମଦ ଭଟ ନିହତ।
- ପ୍ୟାକିଂ ହୋଇଥିବା ପାଣି ଓ ମିନେରାଲ ୱାଟର ବିପଦପୂର୍ଣ୍ଣ ଖାଦ୍ୟ ଶ୍ରେଣୀରେ ଅନ୍ତର୍ଭୁକ୍ତ। ଭାରତର ଖାଦ୍ୟ ନିରାପତ୍ତା ଏବଂ ମାନକ ପ୍ରାଧିକରଣ ଏହାର ଯାଞ୍ଚ କରିବ।

### ବାଂଲାଦେଶରେ ହିନ୍ଦୁଙ୍କୁ ଅତ୍ୟାଚାର

## ହିନ୍ଦୁ ଏକତା ମଞ୍ଚ ପକ୍ଷରୁ ଶୋଭାଯାତ୍ରା

**ରାଜନଗର, ୩।୧୨ (ସଂଚାର ବ୍ୟୁରୋ) :** ବାଂଲାଦେଶରେ ହିନ୍ଦୁଙ୍କ ପ୍ରତି ଅତ୍ୟାଚାର ଘଟଣା ଉଦ୍‌ବେଗ ସୃଷ୍ଟି କରିଛି। ବାଂଲାଦେଶରେ ହିନ୍ଦୁଙ୍କ ପ୍ରତି




ଅତ୍ୟାଚାର ବଢ଼ୁଥିବା ବେଳେ ରାଜନଗରରେ ଥିବା ବାଂଲା ଅନୁପ୍ରବେଶକାରୀଙ୍କୁ ହଟାଇବାକୁ ଦାବୀ ଯୋର ଧରିଛି। ଆଜି ହିନ୍ଦୁ ଏକତା ମଞ୍ଚ ତରଫରୁ ରାଜନଗରରେ ଶୋଭାଯାତ୍ରା କରାଯିବା ସହ ବାଲାଂଦେଶରେ ହିନ୍ଦୁଙ୍କ ପ୍ରତି ଅତ୍ୟାଚାର ଘଟଣାକୁ ତୀବ୍ର ନିନ୍ଦା କରାଯାଇଛି। ଏଥିସହିତ ବାଲାଂଦେଶୀଙ୍କୁ ରାଜନଗରରୁ ବିତାଡିତ କରିବା ପାଇଁ ବିଭିନ୍ନ ସ୍ଲୋଗାନ ଦିଆଯାଇ ଦାବୀ କରାଯାଇଛି। ଯୁବନେତା ଭରତ କୁମାର ରାଉତ, ବ୍ରଜ କିଶୋର ମିଶ୍ର, ଅନିଲ କୁମାର ସେଠୀଙ୍କ ନେତୃତ୍ୱରେ ଯୁବକମାନେ ତ୍ରିନାଥବଜାରସ୍ଥିତ ବିଜୁ ପଟ୍ଟନାୟକ ପ୍ରମୋଦ ଉଦ୍ୟାନ ନିକଟରୁ ହିନ୍ଦୁ ଏକତା ମଞ୍ଚର ଶୋଭାଯାତ୍ରା ବାହାରି ରାଜନଗର ବ୍ୟାଙ୍କ ଛକ ଦେଇ ରାଜନଗର ବଜାର, ତ୍ରିନାଥବଜାର, ସାନବଡଗୋପାଳପୁର ବଜାର ପରିକ୍ରମା କରିଥିଲେ।

## ହାଇଦ୍ରାବାଦରେ ଛାତରୁ ଖସି ଶ୍ରମିକ ମୃତ

**ରାଜନଗର, ୩।୧୨ (ସଂଚାର ବ୍ୟୁରୋ) :** ହାଇଦ୍ରାବାଦରେ ଦାଦନ ଭାବେ କାମ କରୁଥିବା ବେଳେ ଛାତରୁ ଖସିପଡ଼ି ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସୂଚନା ମୁତାବକ ରାଜନଗର ବ୍ଲକ କୁରୁଂଟି ପଞ୍ଚାୟତ ବଳରାମପୁର ଗାଁର ଅଲେଖ ଚନ୍ଦ୍ର ବେହେରାଙ୍କ ବଡପୁଅ ସୋମନାଥ ବେହେରା (୩୫ବର୍ଷ) ହାଇଦ୍ରାବାଦରେ ଦାଦନ ଶ୍ରମିକ ଭାବେ କାମ କରନ୍ତି। ଗତକାଲି ୧୨ ମହାଲା କୋଠା ଉପରେ ରଡ ବାଇଣ୍ଡିଂ କାମ କରୁଥିବା ବେଳେ କୌଣସି କାରଣ ବଶତଃ ତଳକୁ ଖସି ପଡ଼ିଥିଲେ। ସେଠାରେ କାମ କରୁଥିବା ଅନ୍ୟ ଶ୍ରମିକମାନେ ଗୁରୁତର ଅବସ୍ଥାରେ ସୋମନାଥଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲା। ୭ ମାସ ପୂର୍ବେ ସୋମନାଥ ହାଇଦ୍ରାବାଦକୁ କାମ କରିବାକୁ ଯାଇଥିଲେ। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

## ଭିତରକନିକାର ଶୋଭା ଉପଭୋଗ କଲେ ବିଦେଶୀ ପର୍ଯ୍ୟଟକ

**ରାଜନଗର, ୩।୧୨ (ସଂଚାର ବ୍ୟୁରୋ) :** ଭିତରକନିକା ଜାତୀୟ ଉଦ୍ୟାନରେ ପ୍ରାକୃତିକ ଶୋଭା ଉପଭୋଗ କରିବାକୁ ଏବେ ପର୍ଯ୍ୟଟକଙ୍କ ଭିଡ ଜମୁଛି। ଗତ ୧




ସପ୍ତାହ ହେଲା ଭିତରକନିକାରେ ପର୍ଯ୍ୟଟକଙ୍କ ଭିଡ ଜମୁଥିବା ବେଳେ ଆଜି ବିଦେଶୀ ପର୍ଯ୍ୟଟକ ଭିତରକନିକାର ଶୋଭା ଉପଭୋଗ କରିଛନ୍ତି। ଆମେରିକାର ୬ଜଣ ପର୍ଯ୍ୟଟକ ଜଳପଥରେ ଭିତରକନିକାର ପ୍ରାକୃତିକ ଶୋଭା ଉପଭୋଗ କରିବା ସହିତ ନଦୀର ଦୁଇ ପାର୍ଶ୍ୱରେ କଅଁଳ ଖରା ପୋଉଁଥିବା ବିଶାଳକାୟ ବଉଳା କୁମ୍ଭୀରଙ୍କୁ ଦେଖି ବିମୋହିତ ହୋଇ ପଡ଼ିଥିଲେ। ଚଳିତବର୍ଷ ନିର୍ମାଣ ହୋଇଥିବା ସ୍କାଏ ୱାକ ଉପରେ ପରିଭ୍ରମଣ କରିବା ସହିତ ବୋଟ ଲାଇବ୍ରେରୀ ମୁଜିୟମ, ହେନ୍ତାଳ ବଣ, କୁମ୍ଭୀର ପ୍ରଜନନ କେନ୍ଦ୍ର, ମ୍ୟାନଗ୍ରୁଭ ମେଟା ନର୍ସରୀ, ଧଳା କୁମ୍ଭୀର ଗୋରୀ, ମଲ୍ଲୀ ଓ ଶ୍ୱେତାକୁ ଦେଖିଥିଲେ।

## କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଚେତାବନୀ

**ମହାକାଳପଡ଼ା, ୩।୧୨ (ସଂଚାର ବ୍ୟୁରୋ):** ଆମେ ସରକାରଙ୍କ ପ୍ରତ୍ୟକ କାର୍ଯ୍ୟ ନିଷ୍ଠାର ସହିତ ନିରବଚ୍ଛିନ୍ନ ଭାବରେ କରି ଆସୁଛୁ



ହେଲେ ଆମକୁ ସରକାର ଅଣଦେଖା କରୁଛନ୍ତି। ଦୀର୍ଘ ୮ ମାସ ହେବ ଆମକୁ ପାରିଶ୍ରମିକ ମିଳିନି। ଆମେ ଅତି ଦୟନୀୟ ସ୍ଥିତିରେ ଅଛୁ। ଯଦି ସରକାର ଆମ ମାନଙ୍କ କଥା ବିଚାର କରନ୍ତି ତେବେ ଆମେ ମଧ୍ୟ ସରକାରଙ୍କ କୋଣସି କାର୍ଯ୍ୟରେ ସହଯୋଗ କରିବୁ ନାହିଁ। ଯେଉଁ ପର୍ଯ୍ୟନ୍ତ ସରକାର ଆମର ପାରିଶ୍ରମିକ ଆମକୁ ଦେଇ ନାହାନ୍ତି ସେ ପର୍ଯ୍ୟନ୍ତ ଆମେ ରାଜରାସ୍ତାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ କରିବୁ। ଏମିତି ଅନେକ କୋହ ନେଇ ଓଡ଼ିଶା ଜି.ପି.ଏଲ.ଏଫ କର୍ମୀ ସଙ୍ଘର ୬ ଗୋଟି କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଯଥା - ଏମବିକେ,ସିଆରପି, ବ୍ୟାଙ୍କ୍ ମିତ୍ର,କୃଷି ମିତ୍ର, ପ୍ରାଣୀ ମିତ୍ର ଓ ଏଲ.ଏସ.ପି ମାନେ ମହାକାଳପଡ଼ା ବିଡ଼ିଓଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ଯଦି ସରକାର ସେମାନଙ୍କ ପାଇଁ କୌଣସି ବ୍ୟବସ୍ଥା କରନ୍ତି ତେବେ ଆସନ୍ତା ୯ ତାରିଖରୁ ସେମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସୂଚନା ଦେଇଛନ୍ତି।

# ଜଳବିଦ୍ୟୁତ୍ ପ୍ରକଳ୍ପର ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୩।୧୨ (ସଂଚାର ବ୍ୟୁରୋ) :** ଆଜି ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଜଳବିଦ୍ୟୁତ୍ ପ୍ରକଳ୍ପ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଲାଞ୍ଜିଗଡ଼, ବାଲିଗୁଡ଼ା ଓ ଫୁଲବାଣୀର ବିଧାୟକ, ଓଡ଼ିଶା ଜଳବିଦ୍ୟୁତ ନିଗମ (ଓଏଚ୍‌ପିସି)ର ଚେୟାରମ୍ୟାନ ତଥା ମ୍ୟାନେଜିଂ ଡ଼ାଇରେକ୍ଟର ଶ୍ରୀ ଶାଶ୍ୱତ ମିଶ୍ର, ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ବିଶାଳ ଦେବ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ସୁଚିନ୍ତିତ ମତ ପ୍ରଦାନ କରିଥିଲେ।



ପୂର୍ବରୁ ସରକାର ରାଜ୍ୟରେ ୪ଟି ଜଳବିଦ୍ୟୁତ ପ୍ରକଳ୍ପ କରିବାକୁ ଅନୁମୋଦନ ପ୍ରାପ୍ତ କରିଛନ୍ତି। ସେଥି ମଧ୍ୟରୁ ୩ ଗୋଟି ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ ଓ ଗୋଟିଏ ହାଇଡ୍ରୋ ଇଲେକ୍ଟ୍ରିକ୍ ପ୍ରକଳ୍ପ ରହିଛି। ସେଗୁଡ଼ିକ ହେଲା, କଳାହାଣ୍ଡି ଜିଲ୍ଲାର ୬୦୦ ମେଗାୱାଟ୍‌ର ଉପର ଇନ୍ଦ୍ରାବତୀ ପ୍ରକଳ୍ପ, କୋରାପୁଟ ଜିଲ୍ଲାର ୬୦୦ ମେଗାୱାଟ୍‌ର ଉପର କୋଲାବ୍ ପ୍ରକଳ୍ପ, ମାଲକାନଗିରି ଜିଲ୍ଲାର ୫୦୦ ମେଗାୱାଟ୍‌ର ବାଲିମେଳା ପ୍ରକଳ୍ପ ଏବଂ କନ୍ଧମାଳ ଜିଲ୍ଲାର ୬୩ ମେଗାୱାଟ୍ ବିଶିଷ୍ଟ ଖଡଗ ଜଳବିଦ୍ୟୁତ ପ୍ରକଳ୍ପ ରହିଛି। ଉପମୁଖ୍ୟମନ୍ତ୍ରୀ ଏହିସବୁ ପ୍ରକଳ୍ପର ଅଗ୍ରଗତି ବିଷୟରେ ସମୀକ୍ଷା କରିଥିଲେ।

ଆଜିର ସମୟରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ପିଏସ୍‌ପି ପ୍ରକଳ୍ପ ଦ୍ୱାରା ବିଦ୍ୟୁତ ଉତ୍ପାଦନକୁ ପ୍ରାଧାନ୍ୟ ଦେଉଛନ୍ତି। ଏହା ଦ୍ୱାରା ଜଳବାୟୁ ଓ ପରିବେଶର ସ୍ୱଚ୍ଛତା ବଜାୟ ରହିବା ସହ ଓଡ଼ିଶାର ପ୍ରାକୃତିକ ସମ୍ପଦକୁ ବ୍ୟବହାର କରି ସ୍ଥାନୀୟ ଅଞ୍ଚଳର ବିଦ୍ୟୁତ ଚାହିଦା ମେଣ୍ଟାଇ ହେବ। ବୈଠକରେ ଜଳଭଣ୍ଡାର ବା ବ୍ୟାରେଜ୍ ନିର୍ମାଣ ଅଞ୍ଚଳରେ ବିସ୍ଥାପିତଙ୍କୁ ଥଇଥାନ ବ୍ୟବସ୍ଥା ସହ ଉପଯୁକ୍ତ କ୍ଷତିପୂରଣ ସମୟାନୁଯାୟୀ ଦିଆଯିବା ଉପରେ ଉପମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏତଦ୍‌ବ୍ୟତୀତ ବିସ୍ଥାପିତ ପରିବାରର ଯେକୌଣସି ସଦସ୍ୟଙ୍କୁ ଦକ୍ଷତା ବିକାଶ କରାଯାଇ ସ୍ଥାନୀୟ ଅଞ୍ଚଳରେ କିମ୍ବା ସେହି ପ୍ରକଳ୍ପରେ ନିଯୁକ୍ତି ପ୍ରଦାନ କରିବା ପାଇଁ ମଧ୍ୟ ସେ ପରାମର୍ଶ ଦେଇଥିଲେ। ଏହା ସହ ପ୍ରକଳ୍ପ କାର୍ଯ୍ୟଗୁଡ଼ିକର ଅଗ୍ରଗତି ନିମନ୍ତେ ସ୍ଥାନୀୟ ଜନସାଧାରଣ ଓ ଜନପ୍ରତିନିଧିଙ୍କ ସହଯୋଗ କାମନା କରିଥିଲେ।

ଜଳବିଦ୍ୟୁତ ପ୍ରକଳ୍ପ ହେଉଥିବା ଅଞ୍ଚଳର ଆଖପାଖର ବିଦ୍ୟୁତ ଯୋଗାଣ, ଭିତ୍ତିଭୂମି ସୁଦୃଢ଼ କରିବା ଲାଗି ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ତଥା ଓଏଚ୍‌ପିସିର ସିଏମ୍‌ଡି ଶ୍ରୀ ଶାଶ୍ୱତ ମିଶ୍ର ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବାଲିଗୁଡ଼ା ବିଧାୟକ, ଲାଞ୍ଜିଗଡ଼ ବିଧାୟକ, ଫୁଲବାଣୀ ବିଧାୟକ ଉପସ୍ଥିତ ଥିଲେ।

### ଟାଟା ପାୱାର କର୍ମଚାରୀଙ୍କ ମନମାନି

## ସମ୍ମାନସ୍ପଦ ବ୍ୟକ୍ତିଙ୍କୁ ଚୋର ସଜାଇ ଅପମାନ

**ମହାକାଳପଡ଼ା, ୩।୧୨ (ସଂଚାର ବ୍ୟୁରୋ) :** ଟାଟା ପାୱାର କର୍ମଚାରୀଙ୍କ ମନମାନି କାର୍ଯ୍ୟ ପାଇଁ ଜଣେ ସମ୍ମାନସ୍ପଦ ବ୍ୟକ୍ତିଙ୍କୁ ଅପମାନ ହୋଇଥିବା ଅଭିଯୋଗ ହେଉଛି। ଜଣେ ଭଦ୍ରବ୍ୟକ୍ତିଙ୍କୁ ଚୋର ସଜାଇ ୮୧,୨୧୮ ଟଙ୍କା ଫାଇନ କାଟିଛି ମହାକାଳପଡ଼ା ଟାଟା ପାୱାର। ଯାହାକୁ ନେଇ ସମ୍ପୃକ୍ତ ବିଦ୍ୟୁତ ଉପଭୋକ୍ତା ମାନସିକ ସ୍ତରରେ

**ଉଚ୍ଚସ୍ତରୀୟ ତଦନ୍ତ ଦାବି କଲେ ଉପଭୋକ୍ତା**

ଦୁର୍ବଳ ହୋଇ ପଡିଛନ୍ତି। ଫାଇନ୍ ପଡ଼ିଥିବା ଟଙ୍କା ତାଙ୍କୁ ଯେତିକି ବ୍ୟଥିତ କରୁନି ସମସ୍ତଙ୍କ ସାମ୍ନାରେ ତାଙ୍କୁ ଚୋର ଦର୍ଶାଇ ଦେଇଥିବା ଚିଠି ତାଙ୍କୁ ମାନସିକ ଆଘାତ ଦେଇଛି। ଯାହାକୁ ନେଇ ସେ ବାରମ୍ବାର କାର୍ଯ୍ୟାଳୟକୁ ପୁନଃବିଚାର ପାଇଁ ଦଉଡୁଛନ୍ତି।

ସୂଚନା ଥାଉକି ଗତ ନଭେମ୍ବର ୨୭ ତାରିଖ ଦିନ କେନ୍ଦ୍ରାପଡ଼ା ଡିଭିଜନ-୨ର ମହାକାଳପଡ଼ା ସେକ୍ସନ ବିଦ୍ୟୁତ କର୍ମଚାରୀ ମହାକାଳପଡ଼ା ବ୍ଲକ ଦେଉଳପଡା ପଞ୍ଚାୟତ ଅନ୍ତର୍ଗତ ଓଳିହା



To
The Assessing Officer cum
Sub-Divisional Officer (Electrical)
Mahakalpada, TPCODL

DATE:-30/11/24
Place: Olha

Subject:- Request for Re-inspection against PVR No- 3833/191619 of Dt-26/11/2024 in the matter of Meter Tampering Case on Consumer No- 80024666309.

Dear Sir,

With reference to above cited subject, I am to intimate you that, your Enforcement team has tried to enter my premises at Olha under Makakalpada section without my permission / Approval as per clause 93 of OERC (conditions of supply) as there was no responsible person present at the time of verification. ...

With Regards
Yours faithfully
Mob No: 9556824022/9583609467
Consumer No: 80024666309

ଗ୍ରାମର ମିନା କୁମାରୀଙ୍କ ଘରକୁ ଯାଇଥିଲେ। ଘରେ କାହାରି ଅନୁମତି ନନେଇ ମିଟରର ସିଲ୍ ନଥିବା, ତାର କଟାଥିବା ନାମରେ ଭିଡିଓ କରି ତାଙ୍କ ନାମରେ ଫାଇନ କାଟିଥିଲେ। ସେ ଘରର ଲୋକେ ଆସିବା ପାଇଁ ଅପେକ୍ଷା କରିବାକୁ କହିବା ସତ୍ତ୍ୱେ ମଧ୍ୟ ତାଙ୍କ କଥା ଶୁଣିନଥିବା ଅଭିଯୋଗ କରିଛନ୍ତି ମୀନା କୁମାରୀ। ନିଜର ଟାର୍ଗେଟ ପୂରଣ କରିବାକୁ ଏମିତି ହୀନ ପନ୍ଥା ଆପଣାଉଥିବା ସେ କହିଛନ୍ତି। କର୍ମଚାରୀଙ୍କ ଏମିତି କାର୍ଯ୍ୟ ଆମ ସମ୍ମାନ ଉପରେ ଆଞ୍ଚ୍ ଆଣିଛି। ଯଦି ପ୍ରକୃତରେ ଆମେ ବିଦ୍ୟୁତ ଚୋରି କରିଛୁ ତେବେ ଉତ୍ତମ ଜ୍ଞାନକୌଶଳ ସହଯୋଗରେ ପରୀକ୍ଷା କରାଯାଉ। ଯଦି କୌଣସି ସତ୍ୟତା ମିଳିବ ତେବେ ଯାହା ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ମୁଁ ଗ୍ରହଣ କରିବି। ଏମିତି ଏକ ଚିଠି କରି ବିଦ୍ୟୁତ କର୍ମଚାରୀଙ୍କ ଅକଳ ଗୁଡୁମ କରିଛନ୍ତି।

ଏଠି ପ୍ରଶ୍ନ ଉଠୁଛି ଘରେ କାହାରି ଅନୁମତି ନନେଇ କର୍ମଚାରୀ ମାନେ ଘରେ ପଶିବା ଉଚିତ୍ କି? ଯଦି ମିଟର ସହିତ କିଛି କରାଯାଇଥିଲା ତେବେ ଉପଭୋକ୍ତାଙ୍କ ସାମ୍ନାରେ କର୍ମଚାରୀମାନେ ଭିଡିଓ କରିବାରେ ଅସୁବିଧା କ'ଣ ଥିଲା? ନିଜର ଟାର୍ଗେଟ ପୂରଣ ପାଇଁ ଏମିତି ଚକ୍ରାନ୍ତ କରାଯାଇନି ତ? ଏମିତି ଅନେକ ପ୍ରଶ୍ନ ପଚାରି "ସଂଚାର" ସାମ୍ନାରେ ନିଜର କ୍ଷୋଭ ପ୍ରକାଶ କରିଛନ୍ତି ବିଦ୍ୟୁତ ଉପଭୋକ୍ତା। ଘଟଣାରେ ଟାଟା ପାୱାର ର ଉପରିସ୍ଥ କର୍ତ୍ତୃପକ୍ଷ କ'ଣ ବିଚାର କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

## ଗଛରେ ପିଟି ହୋଇ ଜଣେ ମୃତ, ଦୁଇ ଜଣ ଗୁରୁତର

**ରାଜକନିକା, ୩।୧୨ (ସଂଚାର ବ୍ୟୁରୋ) :** ଆଳି ବ୍ଲକ କୋଚିଲା ଛକରେ ବାହାଘର ଭୋଜି ଖାଇ ଫେରୁଥିବା ସମୟରେ ବାଇକ୍ ଦୁର୍ଘଟଣା ଯୋଗୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଦୁଇଜଣ ଗୁରୁତର ହୋଇ କଟକ ବଡ ମେଡିକାଲକୁ ସ୍ଥାନାନ୍ତର ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଗତକାଲି ଆଳି ବ୍ଲକ ମହୁ ଗାଁରେ ଏକ ବାହାଘର ଭୋଜିକୁ ବରୁଣା ଗାଁର ଶରତ ବାରିକଙ୍କ ପୁଅ ସମରେଶ (୨୯) ନିଜ ଦୁଇଜଣ ସାଙ୍ଗ ଉଙ୍କାରୀ ଗ୍ରାମର ବିକାଶ ସାମଲ ଓ ପାତୁଳି ଗ୍ରାମର ଶ୍ରୀ ତମ ମଲ୍ଲିକ ବରଯାତ୍ରୀ ହୋଇ ବାଇକ୍ ଯୋଗେ ଯାଇଥିଲେ। ତେବେ ବାହାଘର ନାଚଗୀତ ମନଭରି ଉପଭୋଗ କରି ଭୋଜିଭାତ ସାରି ଫେରୁଥିବା ବେଳେ କୋଚିଲା ଛକରେ ଏକ ଗଛ ସହ ଧକ୍କା ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ ପାହାନ୍ତାରେ । ବାଇକ୍ ଚଲାଉଥିବା ସମରେଶ କିନ୍ତୁ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବାର କିଛି ଦେଖାଣାହାରୀ କହିଛନ୍ତି। ଦୁଇଜଣ ସାଙ୍ଗ ବି ଏଥିରେ ଗୁରୁତର ହୋଇଛନ୍ତି। ସଙ୍ଗେ ସଙ୍ଗେ ତିନିଜଣଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣା ଯାଇଥିଲେ ବି ସମରେଶଙ୍କୁ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ଅନ୍ୟ ଦୁଇଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ବଡ ଡାକ୍ତରଖାନାକୁ ସେମାନଙ୍କୁ ସ୍ଥାନାନ୍ତର କରା ଯାଇଛି । ସମରେଶ ପିତାମାତାଙ୍କର ଏକମାତ୍ର ପୁଅ ଥିଲେ।ତାଙ୍କର ଏଭଳି ଅକସ୍ମାତ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

## ରାଜକନିକାରେ ବଢୁଛି ଚୋରା ମଦ, ଗଞ୍ଜେଇ ବ୍ୟବସାୟ

**କେନ୍ଦ୍ରାପଡ଼ା, ୩।୧୨ (ସଂଚାର ବ୍ୟୁରୋ):** ଦିନକୁ ଦିନ ରାଜକନିକା ଅଞ୍ଚଳରେ ଚୋରା ମଦ, ଗଞ୍ଜେଇ ବ୍ୟବସାୟ ବୃଦ୍ଧି ପାଇବାରେ ଲାଗିଛି । ସ୍ଥାନୀୟ ପୁଲିସ୍ ଏବଂ ଅବକାରୀ ବିଭାଗର ନିରବତା ପାଇଁ ମାଫିଆମାନେ ସ୍ଥାନୀୟ ଲୋକଙ୍କୁ ଭୟଭୀତ କରାଉଛନ୍ତି। ଯାହା ଫଳରେ ସ୍ଥାନୀୟ ଅଞ୍ଚଳ ଅଧିବାସୀ ଚୋରା ବ୍ୟବସାୟୀଙ୍କ କାର୍ଯ୍ୟକଳାପ ପାଇଁ ଭୟଭୀତ ଅବସ୍ଥାରେ ଜୀବନ ବିତାଉଥିବା ଅଭିଯୋଗ ହେଉଛି । ଏଭଳି ଘଟଣା କେନ୍ଦ୍ରାପଡା ଜିଲ୍ଲା ରାଜକନିକା ଥାନା ଅନ୍ତର୍ଗତ କୋରନ୍ଦ ଗ୍ରାମ ପଞ୍ଚାୟତରେ ଦେଖିବାକୁ ମିଳୁଛି।



**ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ**

ଅଭିଯୋଗ ଅନୁଯାୟୀ ଏହି ପଞ୍ଚାୟତ ଅଧିନସ୍ଥ ବାଂଶରିଆ ଗ୍ରାମର କେତେଜଣ ଦୁର୍ବୃତ୍ତ ଯଥା- ଅଜୟ ଦାସ, ଶରତ ବେହେରା ଓ ଚନ୍ଦ୍ରକାନ୍ତ ମଳିକ ପ୍ରମୁଖ ବହୁଳ ଭାବରେ ଚୋରାରେ ମଦ ଓ ଗଞ୍ଜେଇ ବିକ୍ରି କରି ଆସୁଛନ୍ତି। ଏହି ଅଞ୍ଚଳର ଥିବା ଶରତ କୁମାର ବେହେରା ଗ୍ରାମରେ ଥିବା ଉଚ୍ଚ ବିଦ୍ୟାଳୟ ନିକଟରେ ନାମକୁ ମାତ୍ର ଏକ ପାନ ଦୋକାନ କରି ସେଠାରେ ଖୁଲମ୍ ଖୁଲା ଭାବେ ମଦ ବିକ୍ରି କରୁଛନ୍ତି । ପ୍ରତ୍ୟକ ଦିନ ପ୍ରାୟ ପାଞ୍ଚଶହରୁ ଅଧିକ ଅସାମାଜିକ ବ୍ୟକ୍ତି ସେଠାରେ ମଦ୍ୟପାନ କରି ସ୍ଥାନୀୟ ଲୋକଙ୍କୁ ବିଭିନ୍ନ ପ୍ରକାରର ଅଶାଳୀନ ଗାଳିଗୁଲଜ କରିବା ସହିତ ବିଦ୍ୟାଳୟକୁ ଯାତାୟତ କରୁଥିବା ଛାତ୍ରଛାତ୍ରୀଙ୍କୁ ଅଶ୍ଳିଳ ଇଙ୍ଗିତ କରିବାକୁ ପଛାଉ ନାହାନ୍ତି । ସେଥିପାଇଁ ବହୁ ଅଭିଭାବକ ସେମାନଙ୍କ ପିଲାମାନଙ୍କୁ ବିଦ୍ୟାଳୟରେ ନାମ ଲେଖାଇବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି । ବାରମ୍ବାର ଏନେଇ ସ୍କୁଲ କମିଟି ପରିଚାଳକ ମଦ ବ୍ୟବସାୟୀଙ୍କୁ ବାରଣ କରୁଥିଲେ ନିବୃତ୍ତ ରହିବାକୁ କହି ପୁନଃ ସେ କାର୍ଯ୍ୟ କରୁଛନ୍ତି। ତତ୍ ସହିତ ଗାଁ ଗାଁ ସହିତ ଗଣ୍ଡଗୋଳ, ପ୍ରତ୍ୟେକ ଘରେ ଆସକ୍ତି ସବୁଠୁ ବଡ଼ କଥା ହେଉଛି ଏହି ଚୋରା ମଦ ବିକ୍ରି ପାଇଁ ସ୍ଥାନୀୟ ଅଞ୍ଚଳର ଅନେକ ଲୋକ ମଦ୍ୟପାନ ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବା ସହିତ ଅକାଳରେ ମୃତ୍ୟୁ ଘଟୁଛି। ଯାହାକୁ ନେଇ ସ୍ଥାନୀୟ ଲୋକେ ଏବଂ ସରପଞ୍ଚ ଏଥିରେ ଅତିଷ୍ଟ ହେବା ସହିତ ଜିଲ୍ଲାପାଳଙ୍କ ନିକଟରେ ମଙ୍ଗଳବାର ଦିନ ଅଭିଯୋଗ କରିଛନ୍ତି।

## ଜାତୀୟ ରାଜପଥ ଅଧିକାରୀଙ୍କ ଅସହଯୋଗ ଯୋଗୁଁ ଚାଷୀ ହନ୍ତସନ୍ତ

**କେନ୍ଦ୍ରାପଡା, ୩।୧୨ (ସଂଚାର ବ୍ୟୁରୋ):** ଚଣ୍ଡିଖୋଲ ପାରାଦ୍ୱୀପ ଜାତୀୟ ରାଜପଥର ପ୍ରଶସ୍ତିକରଣ କାର୍ଯ୍ୟ ଚାଲିଥିବା ବେଳେ କାର୍ଯ୍ୟ ତଦାରଖ କରୁଥିବା ପ୍ରୋଜେକ୍ଟ ଡାଇରେକ୍ଟରଙ୍କ ମନମୁଖୀ କାର୍ଯ୍ୟ ଓ ଅସହଯୋଗ ସ୍ଥାନୀୟ ଅଂଚଳର ଚାଷୀଙ୍କ ପାଇଁ ବିରାଟ ସମସ୍ୟା ସୃଷ୍ଟି କରିଛି । ଚଣ୍ଡିଖୋଲ ଠାରୁ ପାରାଦ୍ୱୀପ ପର୍ଯ୍ୟନ୍ତ ଜାତୀୟ ରାଜପଥର ଉଭୟ ପାର୍ଶ୍ୱ ପ୍ରଶସ୍ତିକରଣ କାର୍ଯ୍ୟ ଚାଲିଛି । ବିଭିନ୍ନ ଜାଗାରେ ମାଟି ଖୋଳା ହେବା, ନୂଆ ସେତୁ ତିଆରି ହେବା ଯୋଗୁ ପାରମ୍ପରିକ ଜଳ ନିଷ୍କାସନ ପଥ, ପାଟନାଳି ଅବରୁଦ୍ଧ ହୋଇ ରହିଛି । ବର୍ଷାଜଳ ଓ ଉଦବୃତ ଜଳ ନିଷ୍କାସନ ପାଇଁ ଥିବା ପଥ ଗୁଡିକ ପୋତି ହୋଇ ଯାଇ ଥିବାରୁ ଜମିରୁ ଜଳ ନିଷ୍କାସନ ହୋଇପାରୁ ନାହିଁ । ଚାଷୀଙ୍କ ସମସ୍ୟା ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ବିଭାଗର ପଦସ୍ଥ ଅଧିକାରୀ ମାନଙ୍କୁ ନେଇ ଜିଲ୍ଲାପାଳ ସ୍ମୃତି ରଂଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ବୈଠକ ମଙ୍ଗଳବାର ଡକାଯାଇଥିଲା । ଏଥିରେ ଜାତୀୟ ରାଜପଥ ର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଉପସ୍ଥିତ ରହିବା ପାଇଁ ୧୫ ଦିନ ପୂର୍ବରୁ ପ୍ରଶାସନ ପକ୍ଷରୁ ଚିଠି ମାଧ୍ୟମରେ ସୂଚନା ଦିଆଯାଇଛି । ମାତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଜିଲ୍ଲା ପ୍ରଶାସନର ବୈଠକକୁ ଗୁରୁତ୍ୱ ନଦେଇ ନିଜେ ଅନୁପସ୍ଥିତ ରହିବା ସହ ଜଣେ ନିମ୍ନ ପଦସ୍ଥ ଅଧିକାରୀଙ୍କୁ ବୈଠକକୁ ପଠାଇ ଥିଲେ । ଯାହାଙ୍କର କୌଣସି ଚୂଡାନ୍ତ ନିଷ୍ପତି ଗ୍ରହଣ କରିବାର ଅଧିକାର ନାହିଁ । ଫଳରେ ବୈଠକରେ ଉପସ୍ଥିତ ଥିବା ଜିଲ୍ଲାପାଳ ସ୍ମୃତି ରଂଜନ ପ୍ରଧାନଙ୍କ ସହିତ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଉପ ଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ଡ୍ରେନେଜ ବିଭାଗ ଅଧିକ୍ଷକ ସିଦ୍ଧାର୍ଥ ଶେଖର, ଜଳ ସେଚନ ବିଭାଗ ଅଧିକ୍ଷକ ଉମେଶ ଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ମଧ୍ୟ ଜଳ ନିଷ୍କାସନ ପଥ ଉନ୍ମୋଚନ ପାଇଁ କୌଣସି ନିଷ୍ପତି ନିଆଯାଇ ପାରିନାହିଁ। ଆୟୋଜିତ ଏହି ବୈଠକରେ ମାର୍ଶାଘାଇ, ମହାକାଳପଡା, ଗରଦପୁର, କେନ୍ଦ୍ରାପଡା ତହସିଲଦାର, ୮ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ରଶ୍ମି ରଂଜନ ରାଉତ, ଜଳ ସେଚନ ବିଭାଗ ଏସଡିଓ ଧରଣୀଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ମିଳୁନି ଦରମା, ଆନ୍ଦୋଳନ କରିବେ ଜିଏଲ୍‌ଏଫ୍ କର୍ମୀ

**କେନ୍ଦ୍ରାପଡା, ୩।୧୨ (ସଂଚାର ବ୍ୟୁରୋ):** ଜିଲ୍ଲାର ୯ଟି ବ୍ଲକରେ କାର୍ଯ୍ୟରତ ଥିବା ମିଶନଶକ୍ତି ବିଭାଗ, ଓଡିଶା ଜୀବିକା ମିଶନରେ କାମ କରୁଥିବା ୬ଗୋଟି ଗୋଷ୍ଠୀ ସମର୍ଥକ କର୍ମଚାରୀ ମାନେ ରାଜ୍ୟ ସଂଘ ନିର୍ଦ୍ଦେଶରେ ଆସନ୍ତା ୯ ତାରିଖ ଠାରୁ ରାଜ ରାସ୍ତାକୁ ଓହ୍ଲାଇ ଆନ୍ଦୋଳାତ୍ମକ ପନ୍ଥା ଗ୍ରହଣ କରିବେ । ଏନେଇ ଜିଲ୍ଲା ସଂଘ ପକ୍ଷରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଦୀର୍ଘ ୮ ମାସ ହେଲା ଦକ୍ଷ ନଥିପତ୍ର ପରିଚାଳିକା ଗୋଷ୍ଠୀ ସହାୟିକା, ବ୍ୟାଙ୍କ ମିତ୍ର, ପ୍ରାଣୀ ମିତ୍ର, କୃଷି ମିତ୍ର ଓ ଜୀବିକା ସହାୟିକା କର୍ମୀ ପ୍ରମୁଖ ଦରମା ପାଇ ନାହାଁନ୍ତି । ଏନେଇ ବାରମ୍ବାର ବିଭାଗୀୟ



ଅଧିକାରୀ ମାନଙ୍କୁ ଜଣାଇ ଦିଆଯାଉ ଥିଲେ ମଧ୍ୟ କୌଣସି ସୁଫଳ ନମିଳିବାରୁ ଏମାନେ ଧର୍ମଘଟ କରିବେ। ଏନେଇ ଜିଲ୍ଲା ସଭାପତି ନିରୁପମା ମହାନ୍ତି ଓ ସଂପାଦକ ରଶ୍ମି ରଞ୍ଜନ ଓଝା ପ୍ରମୁଖଙ୍କ ଶତାଧିକ କର୍ମୀ ଦାବିପତ୍ର ପ୍ରଦାନ କରିଛନ୍ତି ।

# ଗ୍ରାହକ ବେଶରେ କାର ଲୁଟ୍ ଘଟଣାର ପର୍ଦ୍ଦାଫାଶ

**ପଟ୍ଟାମୁଣ୍ଡାଇ, ୩।୧୨ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ କଷଣଅଣ୍ଡା ଗ୍ରାମର ଜନୈକ ଯୁବ ବ୍ୟବସାୟୀଙ୍କ କାରକୁ ଗ୍ରାହକ ବେଶରେ ଆସି ସ୍ପଷ୍ଟ ଦିବାଲୋକରେ ଅଭିନବ ଉପାୟରେ ହୋଇଥିବା କାର ଘଟଣାର ପର୍ଦ୍ଦାଫାଶ କରିଛି ପଟ୍ଟାମୁଣ୍ଡାଇ ପୋଲିସ। ଏହି ଘଟଣାରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରି ଆଜି ପୋଲିସ କୋର୍ଟ ଚାଲାଣ କରିଛି । ଏହି କାର ଚୋରୀ ଘଟଣାର ପର୍ଦ୍ଦାଫାଶ କରିବା ପାଇଁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପରିସରରେ ପୋଲିସ ପକ୍ଷରୁ ଆଜି ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା ।

କେନ୍ଦ୍ରାପଡ଼ା ଅତିରିକ୍ତ ଏସ ପି ଦେବାଶିଷ ଧଳ ଓ ପଟ୍ଟାମୁଣ୍ଡାଇ ଏସ ଡି ପି ଓ କ୍ଷମାସାଗର ପଣ୍ଡା ଓ ଆଦର୍ଶ ଥାନା ସବଇନିସପେକ୍ଟର କୌଶିକା ରାଉତରାୟ ସାମ୍ବାଦିକ ମାନଙ୍କୁ ସୂଚନା ଦେଇ କହିଛନ୍ତି ଯେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ କଷଣଅଣ୍ଡା ଗ୍ରାମର ବିଶ୍ୱ ରଞ୍ଜନ ପାତ୍ର ଜଂଜାଳୀ ଟ୍ରେଡ଼ର୍ସ ନାମରେ ଏକ ରଡ଼ ସିମେଣ୍ଟ ଦୋକାନ କଟକ ଚାନ୍ଦବାଲି ରାସ୍ତାର କଷଣଅଣ୍ଡା ଛକ ଠାରେ କରିଛନ୍ତି । ଗତ ୨୯ ତାରିଖରେ ପଟ୍ଟାମୁଣ୍ଡାଇ



**କାର ଉଦ୍ଧାର କଲା ପୋଲିସ, ୨ କୋର୍ଟ ଚାଲାଣ**

ମୁସଲମାନ ବସ୍ତି ୧୧ନଂ ୱାର୍ଡର ସିରାଜୁଲ ଖାନ ରଡ଼ କିଣିବା ପାଇଁ ଗ୍ରାହକ ବେଶରେ ଏକ ସ୍କୁଟି ଯୋଗେ ଆସି ଦୋକାନରେ ପହଂଚି ଥିଲେ । ଯୁବ ବ୍ୟବସାୟୀ ଶ୍ରୀପାତ୍ର ତାଙ୍କ ସହିତ ରଡ଼ ଦର ବିଷୟରେ କଥା ହେଉଥିବା ସମୟରେ ତାଙ୍କର ବ୍ୟସ୍ତତାକୁ ଲକ୍ଷ୍ୟ କରି ସିରାଜ ଦୋକାନ ଟେବୁଲ ଉପରେ ଥିବା କାର ଚାବିକୁ କରାୟତ୍ତ କରି ନେଇ ଚାଲି ଯାଇଥିଲେ । ପରେ ସୁଯୋଗ ଉଣ୍ଡି ସିରାଜ ବ୍ୟବସାୟୀ ବିଶ୍ୱରଞ୍ଜନଙ୍କ ହୁଣ୍ଡାଇ କାରକୁ ଷ୍ଟାର୍ଟ କରି ତତକ୍ଷଣାତ ଘଟଣାସ୍ଥଳରୁ ନେଇ ଫେରାର ହୋଇଯାଇଥିଲେ । କାର ଚୋରୀ ସମ୍ପର୍କରେ ବ୍ୟବସାୟୀ ଶ୍ରୀପାତ୍ରଙ୍କ ପତ୍ନୀ ସରୋଜିନୀ ପାତ୍ର ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଏତଲା ଦେଇଥିଲେ । ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇ ଆଇ ସି ସୁଶାନ୍ତ ସାହୁଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ପୋଲିସ ଥାନା କେଶ ନଂ ୩୫୧/୨୪ରେ ଏକ ଚୋରୀ ମୋକଦ୍ଦମା ରୁଜୁ କରି ଏହି ମାମଲାର ତନାଘନା ତଦନ୍ତ ଆରମ୍ଭ କରିଥିଲା । ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୋଲିସ କୌଣସି ସୂତ୍ରରୁ ଖବର ପାଇ ଭୁବନେଶ୍ୱର ବରଗଡ଼ ଥାନା ଅଧୀନରେ ଥିବା ଅଭିଯୁକ୍ତ ସିରାଜଙ୍କ ବଡ଼ଭାଇ ମୀରାଜ ଖାନଙ୍କ ଗ୍ୟାରେଜରୁ ଚୋରୀ କାରକୁ ଉଦ୍ଧାର କରିବା ସହ ଅଭିଯୁକ୍ତ ସିରାଜ ଖାନ ଓ ମୀରାଜ ଖାନଙ୍କୁ ଥାନାକୁ ଧରି ଆଣି ଜେରା କରିଥିଲା । ଶେଷରେ ଅଭିଯୁକ୍ତଙ୍କ ଠାରୁ ସମସ୍ତ ପ୍ରମାଣ ହାସଲ କରିବା ପରେ ଉଭୟ ଅଭିଯୁକ୍ତ ସିରାଜ ଖାନ ଓ ମୀରାଜ ଖାନଙ୍କୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଛି ବୋଲି କେନ୍ଦ୍ରାପଡ଼ା ଅତିରିକ୍ତ ଏସ ପି ଶ୍ରୀ ଧଳ ଓ ପଟ୍ଟାମୁଣ୍ଡାଇ ଏସ ଡି ପି ଓ ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି।

### ପଟ୍ଟାମୁଣ୍ଡାଇକୁ ସବ୍‌ଡିଭିଜନ ଘୋଷଣା ଦାବିରେ

## ଛାତ୍ର କଂଗ୍ରେସର ବିଧାନସଭା ଘେରାଉ ଅଭିଯାନ

**ପଟ୍ଟାମୁଣ୍ଡାଇ, ୩।୧୨ (ସଂଚାର ବ୍ୟୁରୋ):** ଓଡିଶାର ଅନ୍ୟତମ ପ୍ରମୁଖ ବାଣିଜ୍ୟକ ପେଣ୍ଠ ତଥା କେନ୍ଦ୍ରାପଡ଼ା ଜିଲ୍ଲାର ଦ୍ୱିତୀୟ ବୃହତମ ସହର ପଟ୍ଟାମୁଣ୍ଡାଇ ରାଜ୍ୟ ରାଜନୀତିରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଗତ ସୀମା ପୁନଃନିର୍ଦ୍ଧାରଣ ରେ ପ୍ରଶାସନିକ ଚକ୍ରାନ୍ତର ଶିକାର ହୋଇ ପଟ୍ଟାମୁଣ୍ଡାଇ ବିଧାନସଭା ଆସନ ଲୋପ ପାଇବା ଫଳରେ ପଟ୍ଟାମୁଣ୍ଡାଇ ତାର ସତ୍ତା ହରାଇ ବସିଥିଲା। ପଟ୍ଟାମୁଣ୍ଡାଇ ବାସୀଙ୍କ ସ୍ୱାର୍ଥ ଓ ସ୍ୱାଭିମାନର ସୁରକ୍ଷା ତଥା ହୃତଗୌରବକୁ ଫେରାଇ ଆଣିବା ପାଇଁ ପଟ୍ଟାମୁଣ୍ଡାଇ ସବଡିଭିଜନ ଘୋଷଣା ଏକମାତ୍ର ବିକଳ୍ପ । ପଟ୍ଟାମୁଣ୍ଡାଇ ସବଡିଭିଜନ ଦାବୀରେ ଦୀର୍ଘଦିନ ଧରି ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସମେତ ବିଭିନ୍ନ ସଂଗଠନ ଆନ୍ଦୋଳନ କରି ଆସୁଛନ୍ତି । ପଟ୍ଟାମୁଣ୍ଡାଇ ସବଡିଭିଜନ ଘୋଷଣା ପାଇଁ ରାଜ୍ୟ ସରକାର




ପଦକ୍ଷେପ ନେଲେ ପଟ୍ଟାମୁଣ୍ଡାଇବାସୀଙ୍କ ଦୀର୍ଘ ଦିନର ସ୍ୱପ୍ନ ସାକାର ହେବା ସହିତ ଭୂଲୁଣ୍ଠିତ ସ୍ୱାଭିମାନ ଓ ହୃତ ଗୌରବ ଫେରି ଆସିପାରିବ ବୋଲି କଂଗ୍ରେସ ଯୁବ କଂଗ୍ରେସ ଓ ଛାତ୍ରକଂଗ୍ରେସ ନେତାମାନେ ଆଶା ପ୍ରକାଶ କରିଛନ୍ତି ! ପଟ୍ଟାମୁଣ୍ଡାଇବାସୀଙ୍କ ସ୍ୱାର୍ଥ ରକ୍ଷା ପାଇଁ କଂଗ୍ରେସ ଦଳ ସହିତ ଛାତ୍ର କଂଗ୍ରେସ ଆନ୍ଦୋଳନ କରିବା ପାଇଁ ରାଜରାସ୍ତାକୁ ଓହ୍ଲାଇବ ବୋଲି କରିଥିବା ପୂର୍ବ ଘୋଷଣା ଅନୁଯାୟୀ ଆଜି ଛାତ୍ର କଂଗ୍ରେସ ପକ୍ଷରୁ ବିଧାନ ସଭା ଘେରାଉ ଅଭିଯାନ କରାଯାଇଥିଲା । କେନ୍ଦ୍ରାପଡ଼ା ଜିଲ୍ଲା ଛାତ୍ରକଂଗ୍ରେସ ସଭାପତି ବିଭୁ ପ୍ରସାଦ ଜେନାଙ୍କ ନେତୃତ୍ୱରେ ପଟ୍ଟାମୁଣ୍ଡାଇ ଅଂଚଳର ବହୁ ଯୁବଛାତ୍ର କଂଗ୍ରେସ ନେତା ଓ କର୍ମୀ ଓ କଂଗ୍ରେସଦଳ କର୍ମକର୍ତ୍ତା ବିଧାନସଭା ସଭା ଘେରାଉ ଅଭିଯାନରେ ସାମିଲ ହୋଇଛନ୍ତି। ପଟ୍ଟାମୁଣ୍ଡାଇ ଅଂଚଳର ଯୁବଛାତ୍ର କଂଗ୍ରେସ କର୍ମୀମାନେ ଏକ ଶୋଭାଯାତ୍ରାରେ ପଟ୍ଟାମୁଣ୍ଡାଇ ପରିକ୍ରମା କରି ବାଇପାସ ଠାରୁ ଭୁବନେଶ୍ୱର ଯାତ୍ରା କରିଥିଲେ।

## ମହିଳା ସୁରକ୍ଷା ଏବଂ ଘରୋଇ ହିଂସା ନିରାକରଣ ସଚେତନତା ପକ୍ଷ ପାଳନ

**କେନ୍ଦ୍ରାପଡ଼ା, ୩।୧୨ (ସଂଚାର ବ୍ୟୁରୋ):** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତରଫରୁ ମହିଳା ସୁରକ୍ଷା ଓ ଘରୋଇ ହିଂସା ନିରାକରଣ ଏବଂ ଲିଙ୍ଗ ଭିତ୍ତିକ ସଚେତନତା ପକ୍ଷ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଉକ୍ତ ସଭାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ ପ୍ରମୋଦ କୁମାର ପ୍ରହରାଜ ସଭାରେ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ ଜଣାଇ ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଥିଲେ । ଏହି ସଭାରେ ଡ଼ କିଶୋର ମିଶ୍ର(ଓମସା ସଭାପତି), ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ ସଚ୍ଚିଦାନନ୍ଦ ମିଶ୍ର, ପ୍ରଶାସନିକା ଅଧିକାରିଣୀ ଆଦ୍ୟସା ରଥ, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସୁଧାକର ସାହୁ,ଜିଲ୍ଲା ମିଶନଶକ୍ତି କାର୍ଯ୍ୟ ପରିଚାଳିକା ଆରତୀ ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରିଣୀ ସ୍ୱର୍ଣ୍ଣଲତା ମହାପାତ୍ର, ଜିଲ୍ଲା କାର୍ଯ୍ୟ ପରିଚାଳିକା ଗୀତାଞ୍ଜଳି ଦାସ, ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରିଣୀ ମିନତୀ ମହାପାତ୍ର,ପ୍ରଶାନ୍ତ ପାଢ଼ୀ(ଡିପିଏମ ଓ ଏଲଏମ) ଙ୍କ ସମେତ ଜିଲ୍ଲାର ସମସ୍ତ ବ୍ଲକର ମେଡିକାଲ ଅଧିକାରୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦେଶ୍ୟ ପ୍ରତେକ ଅନୁଷ୍ଠାନରେ କାର୍ଯ୍ୟରତ ମହିଳା କର୍ମଚାରୀ ଯେପରି କୌଣସି ପ୍ରକାର ହିଂସାର ଶିକାର ନହୁଅନ୍ତି ସେଥିପ୍ରତି ସମସ୍ତେ ସଚେତନ ହେବା ଉଚିତ । ଏହା ପ୍ରତ୍ୟେକ ପରିବାରରୁ ହିଁ ଆରମ୍ଭ ହେବା ଉଚିତ। ସମାଜରୁ ପୁଅ ଝିଅ ଭେଦଭାବ ଦୂରେଇ ଦେବା ସହିତ ହିଂସାତ୍ମକ ପକ୍ଷପାତିତାକୁ ଦୂରେଇ ଦେଇ ସମାଜକୁ ଆଗକୁ ନେବା ପାଁଇ ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଏହି କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରିଣୀ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଚିନିଶିଳ୍ପର ପୁନରୁଦ୍ଧାର ନେଇ ଭାରତୀୟ କିଷାନ ସଂଘ ସହ ଆଲୋଚନା

**ଭୁବନେଶ୍ୱର,୩।୧୨(ସଂଚାର ବ୍ୟୁରୋ):** ଆଜି ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଭାରତୀୟ କିଷାନ ସଂଘର ପ୍ରତିନିଧି ମଣ୍ଡଳୀ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ଭେଟି ବଲାଙ୍ଗିର, ନୟାଗଡ଼ ଜିଲ୍ଲାରେ ଚିନିକଳର ପୁନରୁଦ୍ଧାର ଏବଂ ପୁନଃକାର୍ଯ୍ୟକ୍ଷମ ନେଇ ଆଲୋଚନା କରିଥିଲେ। କଞ୍ଚାମାଲ୍ ଅଭାବରୁ ରାଜ୍ୟରେ ଥିବା ଚିନିକଳଗୁଡ଼ିକ ବହୁତ ଦିନ ହେଲା ବନ୍ଦ ହୋଇ ପଡ଼ିଛି। ଏସବୁର ପ୍ରମୁଖ କାରଣକୁ ଅନୁଧ୍ୟାନ କରି ପୁନଶ୍ଚ କାର୍ଯ୍ୟକ୍ଷମ କରିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ। ବୈଠକରେ ସମବାୟ ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀ ରାଜେଶ ପ୍ରଭାକର ପାଟିଲ, କୃଷି ନିର୍ଦ୍ଦେଶକ ଶ୍ରୀ ପ୍ରେମଚନ୍ଦ୍ର ଚୌଧାରୀ, ସମବାୟ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ସନ୍ତୋଷ କୁମାର ଦାସ, ଭାରତୀୟ କିଷାନ ସଂଘର ସମ୍ପାଦକ କେ. ସାଇ ରେଡ୍ଡୀ, ରାଜ୍ୟ ସଭାପତି ଶ୍ରୀମୁଖି ପ୍ରଧାନ, ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ଜାନକୀ ବଲ୍ଲଭ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦୁପତ୍ର ତୋଳାଳିଙ୍କ ସବୁ ଦାବି ପୂରଣ ହେବ: କେଭି



**ଭୁବନେଶ୍ୱର,୩।୧୨(ସଂଚାର ବ୍ୟୁରୋ):** ଆଜି ବିଧାନସଭାରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ଓଡ଼ିଶା କେନ୍ଦୁପତ୍ର ସଂଘ ସଦସ୍ୟଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା କେନ୍ଦୁପତ୍ର ସଂଘ ସେମାନଙ୍କର ବିଭିନ୍ନ ଦାବି ଓ ସମସ୍ୟା ଉପମୁଖ୍ୟମନ୍ତ୍ରୀଙ୍କ ଆଗରେ ଉପସ୍ଥାପନ କରିଥିଲେ।

ଚଳିତ ବର୍ଷ ଅନୁକୂଳ ପାଣିପାଗ ଯୋଗୁଁ ଉତ୍କୃଷ୍ଟ ମାନର କେନ୍ଦୁପତ୍ର ଫଳିଛି। ତଦନୁସାରେ କେନ୍ଦୁପତ୍ର ତୋଳାଳିଙ୍କ ଆୟ ମଧ୍ୟ ବଢ଼ିବା ଆବଶ୍ୟକ। ଏ ନେଇ ଓଡ଼ିଶା କେନ୍ଦୁପତ୍ର ସଂଘ ଉପମୁଖ୍ୟମନ୍ତ୍ରୀଙ୍କ ନିକଟରେ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ଦାବି ଶୁଣିବା ପରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ସଂଘକୁ ଆଶ୍ୱାସନା ଦେଇ କହିଥିଲେ ଯେ, ଆମେ ଆପଣମାନଙ୍କ ଦାବି ଓ ସମସ୍ୟା ବିଷୟରେ ଅବଗତ ହେଲୁ ଓ ଏହାକୁ ସହୃଦୟତାର ସହ ଗ୍ରହଣ କରିଛୁ। ଏହିସବୁ ଦାବିକୁ ଆମେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରି ସମାଧାନର ପନ୍ଥା ଖୁବ ଶୀଘ୍ର ବାହାର କରିବୁ। ବୈଠକ ସମୟରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନବାହିନୀ ମୁଖ୍ୟ ଶ୍ରୀ ଦେବୀଦତ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ସୁଚିନ୍ତିତ ପରାମର୍ଶ ଦେଇଥିଲେ।

## ତିନି ନୂତନ ଅପରାଧିକ ଆଇନର ସଫଳ ରୂପାୟନକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କଲେ ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ,୩।୧୨:** ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଚଣ୍ଡିଗଡ଼ଠାରେ ତିନୋଟି ରୂପାନ୍ତରିତ ନୂତନ ଅପରାଧିକ ଆଇନ- ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମର ସଫଳ ରୂପାୟନକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ସମବେତ ଜନତାଙ୍କୁ ସମ୍ବୋଧିତ କରି ଶ୍ରୀ ମୋଦୀ କହିଥିଲେ ଯେ ଚଣ୍ଡିଗଡ଼ର ପରିଚୟ ଦେବୀ ମା' ଚଣ୍ଡୀଙ୍କ ସହ ଜଡ଼ିତ, ଯିଏ ସତ୍ୟ ଓ ନ୍ୟାୟ ପ୍ରତିଷ୍ଠା କରୁଥିବା ଶକ୍ତିର ଏକ ରୂପ। ସେ ଆହୁରି ମଧ୍ୟ କହିଛନ୍ତି ଯେ ସମାନ ଦର୍ଶନ ଭାରତୀୟ ନ୍ୟାୟ ସଂହିତା ଏବଂ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ସମଗ୍ର ଫର୍ମାଟର ଆଧାର ଥିଲା। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଭାରତୀୟ ସମ୍ବିଧାନର ଭାବନାରେ ଅନୁପ୍ରାଣିତ ହୋଇ ଭାରତୀୟ ନ୍ୟାୟ ସଂହିତା କାର୍ଯ୍ୟକାରୀ ହେବା ଏକ ଚମତ୍କାର ମୁହୂର୍ତ୍ତ, କାରଣ ଦେଶ ବିକଶିତ ଭାରତର ସଂକଳ୍ପ ସହିତ ଭାରତୀୟ ସମ୍ବିଧାନର ୭୫ ବର୍ଷ ପୂର୍ତ୍ତି ଅବସରରେ ଆଗକୁ ବଢ଼ିବାର ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ରହିଛି। ଦେଶର ନାଗରିକଙ୍କ ପାଇଁ ଆମ ସମ୍ବିଧାନ ଯେଉଁ ଆଦର୍ଶର ପରିକଳ୍ପନା କରିଛି ତାହାକୁ ପୂରଣ କରିବା ଦିଗରେ ଏହା ଏକ ଠୋସ୍ ପ୍ରୟାସ ବୋଲି ସେ କହିଛନ୍ତି। ଶ୍ରୀ ମୋଦୀ କହିଛନ୍ତି ଯେ ଏହାର ସିଧା ପ୍ରଦର୍ଶନ ଦ୍ୱାରା କିପରି ଆଇନ କାର୍ଯ୍ୟକାରୀ ହେବ ତାହାର ଝଲକ ସେ ନିକଟରେ ପାଇଛନ୍ତି। ଏହି ଆଇନର ସିଧା ପ୍ରଦର୍ଶନ ପରିଦର୍ଶନ କରିବାକୁ ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ତିନୋଟି ନୂତନ ଅପରାଧିକ ଆଇନର ସଫଳ ରୂପାୟନ ଅବସରରେ ସେ ସମସ୍ତ ନାଗରିକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ ଚଣ୍ଡିଗଡ଼ ପ୍ରଶାସନର ସମସ୍ତ ଅଂଶଗ୍ରହଣକାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଦେଶର ନୂତନ ନ୍ୟାୟ ସଂହିତା ନିର୍ମାଣ ପ୍ରକ୍ରିୟା ଯେତିକି ବ୍ୟାପକ ହୋଇଛି ତାହା ସେତିକି ତଥ୍ୟଭିତ୍ତିକ ବୋଲି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏଥିରେ ଦେଶର ଅନେକ ମହାନ ସମ୍ବିଧାନ ଏବଂ ଆଇନ ବିଶେଷଜ୍ଞଙ୍କ କଠିନ ପରିଶ୍ରମ ସାମିଲ ଥିବା ସେ କହିଛନ୍ତି। ଶ୍ରୀ ମୋଦୀ ଉଲ୍ଲେଖ କରିଛନ୍ତି ଯେ ଗୃହ ମନ୍ତ୍ରଣାଳୟ ଜାନୁଆରୀ ୨୦୨୦ରେ ପରାମର୍ଶ ମାଗିଥିଲା।

# ଭୁଟାନକୁ ରପ୍ତାନୀ ହେଲା ଇଞ୍ଜିନିୟରିଂ ଉପକରଣ




**ଭୁବନେଶ୍ୱର,୩।୧୨(ସଂଚାର ବ୍ୟୁରୋ):** ପଡ଼ୋଶୀ ରାଷ୍ଟ୍ର ଭୁଟାନକୁ ସଡ଼କପଥରେ ଆଜି ରପ୍ତାନୀ ହୋଇଛି ସର୍ବାଧିକ ଓଜନ ଏବଂ ପରିମାଣର ଇଞ୍ଜିନିୟରିଂ ଉପକରଣ। ଭୁବନେଶ୍ୱର ଶିଳ୍ପ ଉଦ୍ୟୋଗୀ ସଂଘ ସହଯୋଗରେ ଓଡ଼ିଶାରୁ ଭୁଟାନକୁ ରପ୍ତାନୀ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଭୁବନେଶ୍ୱର ମଂଚେଶ୍ୱରଠାରେ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ତଥା ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି, "ଓଡ଼ିଶା ପାଇଁ ଏହା ଏକ ଗୌରବମୟ ମୁହୂର୍ତ୍ତ। ମେକ୍ ଇନ୍ ଇଣ୍ଡିଆ ଯୋଜନା ଅଧୀନରେ ବିଶ୍ୱସ୍ତରୀୟ ଉପକରଣ ପ୍ରସ୍ତୁତ କରିବାରେ ଓଡ଼ିଶା ନିଜର ସ୍ୱାତନ୍ତ୍ର୍ୟ ପ୍ରତିଷ୍ଠା କରିଛି।" ବିଭାଗୀୟ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା କହିଛନ୍ତି, ଏହି କାର୍ଯ୍ୟକ୍ରମ ଦ୍ୱାରା ବିଦେଶକୁ ଏମ୍‌ଏସ୍‌ଏମ୍‌ଇରୁ ପ୍ରସ୍ତୁତ ଇଞ୍ଜିନିୟରିଂ ଉପକରଣ ରପ୍ତାନୀ କରିବା ଲାଗି ଅଧିକ ପ୍ରୋତ୍ସାହନ ସୃଷ୍ଟି ହେବ। ଅଧିକରୁ ଅଧିକ ରପ୍ତାନୀ କରିବା ଲାଗି ସମସ୍ତ ସହାୟତା ଯୋଗାଇ ଦେବାକୁ ବିଭାଗ ସର୍ବଦା ପ୍ରସ୍ତୁତ ରହିଛି। ଆଗାମୀ ଦିନରେ ବିଶ୍ୱସ୍ତରୀୟ ଇଞ୍ଜିନିୟରିଂ ଉପକରଣ ରପ୍ତାନୀ କରି ପୁଣି ନୂଆ କୃତିତ୍ୱର ମାଇଲଖୁଂଟ୍ ପ୍ରତିଷ୍ଠା କରିବାକୁ ବିଭାଗ ଲକ୍ଷ୍ୟ ରଖିଛି। ଏହି କାର୍ଯ୍ୟକ୍ରମରେ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ସନ୍ଦୀପ ପଟ୍ଟନାୟକ, ଉପାଧ୍ୟକ୍ଷ ଜେ.କେ. ରଥ, ୟୁ.ସି. ସି.ଆଇର ସଚିବ ସଞ୍ଜୀବ ମହାପାତ୍ର, ଏଆଇଇବିଏର ଉପାଧ୍ୟକ୍ଷ ସୁବୀର ବାନାର୍ଜୀ, ବି.କେ. ଦାସଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଶିଳ୍ପପତି ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଉତ୍କଳ ଚାମ୍ବର ଅଫ୍ କମର୍ସ୍ ଆଣ୍ଡ୍ ଇଣ୍ଡଷ୍ଟ୍ରି ଲିମିଟେଡ୍‌ର ଅନ୍ୟତମ ସଭ୍ୟ ଭୁବନେଶ୍ୱର ଶିଳ୍ପ ଉଦ୍ୟୋଗୀ ସଂଘର ସହାୟତାରେ ଆଜିର କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। କଟକ ଚୌଦ୍ୱାରସ୍ଥିତ ଇଷ୍ଟ୍ ଏଣ୍ଡ୍ ଟେକ୍ନୋଲୋଜି ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ଏହି ଉପକରଣ ତିଆରି କରିଛି। ୨୦୦୭ ମସିହାଠାରୁ ଦେଶ ତଥା ଦେଶ ବାହାରେ ବିଭିନ୍ନ କମ୍ପାନୀକୁ ଏହା ଉପକରଣ ଯୋଗାଇ ଆସୁଛି।

> ସଡ଼କପଥରେ ରପ୍ତାନୀ ହେଲା ସର୍ବାଧିକ ଓଜନର ଇଞ୍ଜିନିୟରିଂ ଉପକରଣ
> ବିଶ୍ୱସ୍ତରୀୟ ଉପକରଣ ପ୍ରସ୍ତୁତିରେ ଓଡ଼ିଶାର ସ୍ୱାତନ୍ତ୍ର୍ୟ

# ଦିବ୍ୟାଙ୍ଗଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ


ଅଭିଯୋଗ ଶୁଣିଲେ, ସମାଧାନର ପ୍ରତିଶ୍ରୁତି ଦେଲେ

**ଭୁବନେଶ୍ୱର,୩।୧୨ (ସଂଚାର ବ୍ୟୁରୋ):** ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବେ ପରିଚିତ ମୋହନ ଚରଣ ମାଝୀ ଯେଉଁଠି କି ଯାଆନ୍ତୁ ନା କାହିଁକି, ଯେଉଁଠି ବି ଥାଆନ୍ତୁ, ଲୋକଙ୍କ ଅଭିଯୋଗ ଓ ସମସ୍ୟା ଶୁଣିବାକୁ ଓ ତା'ର ପ୍ରତିକାର ପାଇଁ ବ୍ୟବସ୍ଥା କରିବାକୁ ସବୁବେଳେ ପ୍ରାଧାନ୍ୟ ଦେଇଥାନ୍ତି। ମଙ୍ଗଳବାର ସକାଳେ ତାଙ୍କ ବାସଭବନକୁ କେତେକ ଅଭିଯୋଗ ନେଇ ଆସିଥିଲେ। ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ଅଭିଯୋଗ ଶୁଣିଥିଲେ। ଅଭିଯୋଗକାରୀଙ୍କ ମଧ୍ୟରେ କେତେ ଜଣ ଦିବ୍ୟାଙ୍ଗ ମଧ୍ୟ ଆସିଥିଲେ। ଆଜି ହେଉଛି ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ। ଏହି ଅବସରରେ ଦିବ୍ୟାଙ୍ଗମାନେ ତାଙ୍କ ଘରକୁ ଆସିଥିବାରୁ ସେମାନଙ୍କୁ ମୁଖ୍ୟମନ୍ତ୍ରୀ ପ୍ରଥମେ ସମ୍ବର୍ଦ୍ଧିତ କରିଥିଲେ ଓ ପରେ ସେମାନଙ୍କ ସମସ୍ୟା ଶୁଣିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏଭଳି ସହୃଦୟତାପୂର୍ଣ୍ଣ ବ୍ୟବହାରରେ ଭାବପ୍ରବଣ ହୋଇଯାଇଥିଲେ ସମସ୍ତେ। ସେମାନଙ୍କ ମଧ୍ୟରେ ଥିଲେ କଟକ ବାଉଁଶଗଳିର ଦିବ୍ୟାଙ୍ଗ ଶେଖ୍ ରେହେମାନ। ସେ ଭୁବନେଶ୍ୱରରୁ ନୂଆଦିଲ୍ଲୀ ପର୍ଯ୍ୟନ୍ତ ଏକ ତିନି-ଚକିଆ ସାଇକେଲରେ ଯାତ୍ରା ଆରମ୍ଭ କରୁଛନ୍ତି। ସେ ଆସିଥିଲେ ମୁଖ୍ୟମନ୍ତ୍ରୀଙ୍କ ପାଖରୁ ଶୁଭେଚ୍ଛା ପାଇ ତାଙ୍କର ଯାତ୍ରା ଆରମ୍ଭ କରିବାକୁ। ମୁଖ୍ୟମନ୍ତ୍ରୀ ତାଙ୍କର ଯାତ୍ରା ପାଇଁ ଶୁଭକାମନା ଜଣାଇଥିଲେ।

### ପ୍ରବାସୀ ଭାରତୀୟ ଦିବସ ପାଇଁ ଜୋରଦାର ପ୍ରସ୍ତୁତି

## ୩,୭୦୦ ରୁମ୍ ଆଗୁଆ ବୁକ୍ ହୋଇ ସାରିଛି




**ଭୁବନେଶ୍ୱର,୩।୧୨(ସଂଚାର ବ୍ୟୁରୋ):** ଆଗାମୀ ଜାନୁଆରୀ ୮ ରୁ ୧୦ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଭୁବନେଶ୍ୱର ଜନତା ମଇଦାନରେ ଅନୁଷ୍ଠିତ ହେବାକୁ ଥିବା ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ଆୟୋଜନର ପ୍ରସ୍ତୁତି ସଂପର୍କରେ ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା ଆଜି ଲୋକସେବା ଭବନରେ ଅନୁଷ୍ଠିତ ଏକ ବୈଠକରେ ସମୀକ୍ଷା କରିଥିଲେ। ଏହି ତ୍ରିଦିବସୀୟ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେବିଭିନ୍ନ ବିଭାଗର ପ୍ରସ୍ତୁତି ସଂପର୍କରେ ଆଲୋଚନା କରାଯାଇଥିଲା। ଏହି ଆୟୋଜନ ପାଇଁ ପ୍ରସ୍ତୁତିରେ ଯେଉଁ ଯେଉଁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ରହିଛି, ତାହାର ଚେକ୍ ଲିଷ୍ଟ ପ୍ରସ୍ତୁତ କରି ତଦନୁସାରେ ପ୍ରସ୍ତୁତି ସଠିକ୍ ଭାବେ କରିବା, ତଦାରଖ ଓ କାର୍ଯ୍ୟନିର୍ବାହ କରିବାକୁ ମୁଖ୍ୟ ଶାସନ ସଚିବ ସଂପୃକ୍ତ କମିଟିରେ ଥିବା ବିଭାଗୀୟ ସଚିବ ତଥା ବରିଷ୍ଠ ପଦାଧିକାରୀଙ୍କୁ ଏ ସଂପର୍କରେ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ଅନୁଷ୍ଠିତ ବୈଠକରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଗୃହ(ସ୍ୱରାଷ୍ଟ୍ର) ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁଙ୍କ ସମେତ ବିଭିନ୍ନ କମିଟିରେ ଥିବା ସଂପୃକ୍ତ ବିଭାଗର ସଚିବ ଏବଂ ବରିଷ୍ଠ ପଦାଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମକୁ ସୁଚାରୁରୂପେ ଆୟୋଜନ କରାଯିବା ପାଇଁ ୧୪ ଟି ଉପକମିଟି ଗଠନ କରାଯାଇଛି। ବିଭିନ୍ନ କମିଟି ଦ୍ୱାରା କାର୍ଯ୍ୟ ଅଗ୍ରଗତି ସଂପର୍କରେ ମୁଖ୍ୟ ଶାସନ ସଚିବ ସଂପୃକ୍ତ ବିଭିନ୍ନ ବିଭାଗର ସଚିବ ଏବଂ ବରିଷ୍ଠ ପଦାଧିକାରୀମାନଙ୍କ ସହିତ ସବିଶେଷ ଆଲୋଚନା କରିଥିଲେ।

## ହାତୀ ପାଇଁ ରାତି ଉଜାଗର

**କଳାହାଣ୍ଡି ,୩।୧୨(ସଂଚାର ବ୍ୟୁରୋ):** ଦିନରେ ପେଟକୁ ଦାନା ଯୋଗାଡ଼ ପାଇଁ ସଂଘର୍ଷ ଆଉ ରାତି ହେଲେ ନିଜ କଷ୍ଟ ଉପାର୍ଜିତ ଫସଲକୁ ରକ୍ଷା ପାଇଁ ହାତୀ ସହିତ ଛକାପଞ୍ଝା। ରାତି ତମାମ ଚାଲିଛି ହାତୀ-ମଣିଷଙ୍କ ଖେଳ। ହାତୀ ପାଇଁ ଏବେ ଘର ଛାଡ଼ି ରାତିତମାମ ମଞ୍ଚା ଉପରେ ଜୀବନ ବିତାଉଛନ୍ତି ଜଙ୍ଗଲବାସୀ । କଳାହାଣ୍ଡି ନର୍ଲା ରେଞ୍ଜରେ ଏବେ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି । କମେ ଡ଼ଙ୍ଗର ଠାରୁ କେସିଙ୍ଗା ରେଞ୍ଜର ଗିଗନା ଯାଏଁ ପ୍ରାୟ ଦୁଇମାସ ହେଲା ଜଙ୍ଗଲୀ ହାତୀପଲ ଉତ୍ପାତ ମଚେଇଛନ୍ତି। ହାତୀ ଭୟରେ ଚାଷୀମାନେ ରାତିରାତି ମଞ୍ଚା ଉପରେ ଜଗି ରହୁଛନ୍ତି। ପ୍ରବଳ ଶୀତରାତିରେ ଉଜାଗର ରହି ନିଜ କଷ୍ଟ ଉପାର୍ଜିତ ଚାଷକୁ ଜଗୁଛନ୍ତି।

## ପୂର୍ବ ସରକାରର କେଳେଙ୍କାରୀ / ଛାତ୍ରଛାତ୍ରୀଙ୍କ ବୃତ୍ତି ଟଙ୍କା ବି ଛାଡିଲେନି

**ଭୁବନେଶ୍ୱର,୩।୧୨(ସଂଚାର ବ୍ୟୁରୋ):** ଅଧ୍ୟାପିକାଙ୍କ ନାଁରେ ଆସିଛି ଛାତ୍ରୀଙ୍କ ଷ୍ଟାଇପେଣ୍ଡ ଟଙ୍କା ହଡ଼ପ କଲାଭଳି ସଙ୍ଗୀନ ଅଭିଯୋଗ । ନିମାପଡା ମହିଳା ମହାବିଦ୍ୟାଳୟର ଦୁଇଜଣ ଛାତ୍ରୀଙ୍କ ଅଭିଯୋଗ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ଅଭିଯୋଗ ଅନୁସାରେ, ମହିଳା ମହାବିଦ୍ୟାଳୟର ଛାତ୍ରୀଙ୍କ ସହ ଚଞ୍ଚକତା କରିଛନ୍ତି ଅଧ୍ୟାପିକା । ସେମାନଙ୍କ ସାର୍ଟିଫିକେଟ୍ ନେଇ କୋଣାର୍କର ଏକ ନର୍ସିଂ କଲେଜରେ ଛାତ୍ରୀଙ୍କ ଅଜାଣତରେ ନାମ ଲେଖାଇଥିଲେ । ଆଉ ସେଠାରୁ ଆସୁଥିବା ଛାତ୍ର ବୃତ୍ତିକୁ ନିଜେ ହଡ଼ପ କରିଛନ୍ତି । ଯୁକ୍ତ ୩ରେ ନାମ ଲେଖାଇ ଛାତ୍ରବୃତ୍ତି ଆବେଦନ କରିବା ପରେ ଅଧ୍ୟାପିକାଙ୍କ କଳା କାରନାମା ସାମ୍ନାକୁ ଆସିଛି । ଠକେଇର ଶୀକାର ହୋଇଥିବା ଛାତ୍ରୀ ନିମାପଡାର କାଜଲ ସେନାପତି ଓ ସୁଶିଲା ଥାପା, ନ୍ୟାୟ ପାଇଁ ନିମାପଡା ଥାନା, ପୁରୀ ଆରକ୍ଷୀ ଅଧିକ୍ଷକ, ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରେ ମଧ୍ୟ ଛାତ୍ରବୃତ୍ତି ହଡ଼ପ । ଆଦିବାସୀ ପିଲାଙ୍କ ବିକାଶ ପାଇଁ ଆସୁଥିବା ଟଙ୍କାକୁ କିଭଳି ହଡ଼ପ କରାଯାଉଛି, ତା'ର ପ୍ରମାଣ 'ଜନକ ନ୍ୟୁଜ'ର ହସ୍ତଗତ ହୋଇଛି । ଆରଟିଆଇ ତଥ୍ୟ ଅନୁସାରେ, କରୋନା ସମୟରେ ଦେବାଡିହି ଆଶ୍ରମ ସ୍କୁଲର ଛାତ୍ରଛାତ୍ରୀଙ୍କ ପାଇଁ ଆସିଥିବା ଛାତ୍ରବୃତ୍ତି ଟଙ୍କାକୁ ବିଭିନ୍ନ ଉପାୟରେ ଚଳୁ କରାଯାଇଛି ।

# ବିଧାନସଭା ଖବର

## ଗ୍ରାମାଞ୍ଚଳରେ ଅଧା ଲୋକ ପାଉ ନାହାନ୍ତି ବିଶୁଦ୍ଧ ପାନୀୟଜଳ

**ଭୁବନେଶ୍ୱର,୩।୧୨(ସଂଚାର ବ୍ୟୁରୋ):** ରାଜ୍ୟର ଗ୍ରାମାଞ୍ଚଳରେ ପ୍ରାୟ ଅଧା ଲୋକଙ୍କ ନିକଟରେ ପାଇପ ଯୋଗେ ବିଶୁଦ୍ଧ ପାନୀୟଜଳ ପହଞ୍ଚି ପାରିନାହିଁ। ସେହିଭଳି ୪ଲକ୍ଷ ଲୋକଙ୍କ ନିକଟରେ ଏବେ ବି ପାଇଖାନା ନାହିଁ। ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାୟକ ଆଜି ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି ଯେ ରାଜ୍ୟର ବିଭିନ୍ନ ଗ୍ରାମାଞ୍ଚଳରେ ପ୍ରାୟ ୮୮ଲକ୍ଷ ୬୮ହଜାର ପରିବାରର ୩୮୩.୯୬ ଲକ୍ଷ ଲୋକ ବାସ କରନ୍ତି। ଏଥି ମଧ୍ୟରୁ ଏବେ ସୁଦ୍ଧା ୪୬.୧୫ ଲକ୍ଷ ପରିବାରର ୨କୋଟି ୬୩ଲକ୍ଷ ଲୋକଙ୍କ ପାଇଁ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟଜଳ ଏବଂ ୮୪.୪୬ଲକ୍ଷ ପରିବାରଙ୍କ ପାଇଁ ପାଇଖାନାର ବ୍ୟବସ୍ଥା କରାଯାଇଛି। ରାଜ୍ୟ ପରିପୂର୍ଣ୍ଣତା ଯୋଜନା ଅନୁସାରେ ଗ୍ରାମାଞ୍ଚଳରେ ନିର୍ମାଣାଧିନ ଥିବା ପାଇପ ଜଳ ଯୋଗାଣ ପ୍ରକଳ୍ପଗୁଡିକୁ ୨୦୨୫ ମାର୍ଚ୍ଚ ସୁଦ୍ଧା ସମ୍ପୂର୍ଣ୍ଣ କରାଯିବା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନିଆଯାଉଛି ଏବଂ ପାଇଖାନା ଯୋଗାଇଦେବା ନିମନ୍ତେ ୨୦୨୫ ମସିହା ଲକ୍ଷ୍ୟଧାର୍ଯ୍ୟ ହୋଇଛି। ନିର୍ମାଣାଧିନ ଥିବା ୧୯୧ ଗୋଟି ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପଗୁଡିକର ସାମ୍ପ୍ରତିକ ସ୍ଥିତି ଓ ଅଗ୍ରଗତିକୁ ଅନୁଧ୍ୟାନ କରି ସେଗୁଡିକୁ ୩ଟି ପର୍ଯ୍ୟାୟରେ ସମ୍ପୂର୍ଣ୍ଣ ପାଇଁ ପଦକ୍ଷେପ ନିଆଯାଉଛି।

## ଦଶ ବର୍ଷରେ ପ୍ରାଣ ହରାଇଲେଣି ୪୦୩ ପ୍ରବାସୀ ଶ୍ରମିକ

ରାଜ୍ୟ ବାହାରକୁ କାମ କରିବାକୁ ଯାଇଥିବା ଶ୍ରମିକମାନଙ୍କ ମଧ୍ୟରୁ ଗତ ୧୦ବର୍ଷ ମଧ୍ୟରେ ୪୦୩ ଜଣ ପ୍ରାଣ ହରାଇଲେଣି। ଏମାନଙ୍କ ମଧ୍ୟରେ ସବୁଠାରୁ ଅଧିକ ୫୯ଜଣ ଗଞ୍ଜାମ ଜିଲ୍ଲାର ରହିଛନ୍ତି। ପ୍ରବାସୀ ଶ୍ରମିକଙ୍କ ଉପରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ। ମନ୍ତ୍ରୀ ତାଙ୍କ ଉତ୍ତରରେ କହିଛନ୍ତି ଯେ ଚଳିତ ବର୍ଷ ନଭେମ୍ବର ୨୭ତାରିଖ ସୁଦ୍ଧା ୪୦୩ ଜଣ ପ୍ରବାସୀ ଶ୍ରମିକମାନଙ୍କର ମୃତ୍ୟୁ ଘଟିଛି। ଏମାନଙ୍କ ମଧ୍ୟରେ ଗଞ୍ଜାମରୁ ସର୍ବାଧିକ ୫୯ଜଣ ଥିବାବେଳେ କଳାହାଣ୍ଡିର ୩୯, ବଲାଙ୍ଗିରର ୩୫, କନ୍ଧମାଳର ୩୨, ରାୟଗଡ଼ାର ୨୮, ବୌଦ ଓ ନୂଆପଡାରୁ ୧୮ଜଣ କରି, ଖୋରଧାରୁ ୧୭, ନବରଙ୍ଗପୁରର ୧୭, କେନ୍ଦ୍ରାପଡାର ୧୪, ନୟାଗଡ଼ର ୧୩, ସମ୍ବଲପୁରର ୧୨ ଓ ମୟୁରଭଞ୍ଜର ୧୦ଜଣ ଶ୍ରମିକ ରହିଛନ୍ତି। ସମ୍ବଲପୁର ଜିଲ୍ଲା ଏହି ତାଲିକାରେ ନଥିବାବେଳେ ଅନ୍ୟ ଜିଲ୍ଲାଗୁଡିକରେ ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ ସଂଖ୍ୟା ଏକ ଅଙ୍କରେ ସୀମିତ ରହିଛି। ସେହିଭଳି ମନ୍ତ୍ରୀ ସୂଚନା ଦେଇଛନ୍ତି ଯେ ୨୦୧୪ ମସିହାରେ ଶ୍ରମିକମାନଙ୍କୁ ବାହାରକୁ କାମ କରାଇବାକୁ ନେବାପାଇଁ ୩୮୮ଟି ଲାଇସେନ୍ସ ମଞ୍ଜୁର ହୋଇଥିବାବେଳେ ୨୦୨୪ରେ ବର୍ତ୍ତମାନ ସୁଦ୍ଧା ତାହା ୮୮୩ରେ ପହଞ୍ଚିଛି। ଏହି ବର୍ଷଗୁଡିକରେ ବଲାଙ୍ଗିର ଜିଲ୍ଲାରେ ସର୍ବାଧିକ ଲାଇସେନ୍ସ ପ୍ରଦାନ କରାଯାଇଛି। ସେହଭଳି ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ପ୍ରବାସୀ ଶ୍ରମିକଙ୍କ ସଂଖ୍ୟା ୬୦ହଜାରକୁ ଟପିଯାଇଛି। ୨୦୧୪ ମସିହାରେ ଏହା ୨୬ହଜାରରୁ ସାମାନ୍ୟ ଅଧିକ ରହିଥିଲା।

## ଦୁଇ ମହାନଗରରେ ହୋଇନି ନିର୍ବାଚନ

ରାଜ୍ୟର ଦଇ ମହାନଗର ନିଗମ ସମ୍ବଲପୁର ଓ ରାଉରକେଲା ଗଠନ ପରଠାର ଏଠାରେ ମେୟର ଓ କର୍ପୋରେଟର ନିର୍ବାଚନ ହୋଇନାହିଁ। ପ୍ରଶାସକ ନିଯୁକ୍ତି ଜରିଆରେ ଏଠାରେ କାର୍ଯ୍ୟ ଚାଲିଛି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ପାତ୍ର। ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ ସରକାରୀ ବିଜ୍ଞପ୍ତି ଅନୁଯାୟୀ ୨୦୧୪ ନଭେମ୍ବର ମାସରେ ରାଉରକେଲା ଓ ସମ୍ବଲପର ଠାରେ ମହାନଗର ନିଗମ ଗଠନ ହୋଇଥିଲା। ମହାନଗର ନିଗମ ଗଠନ ପରେ ନିର୍ବାଚନ ପ୍ରକ୍ରିୟା ଚାଲୁଥିବା ସମୟରେ ଓଡିଶା ହାଇକୋର୍ଟଙ୍କ ମଧ୍ୟବର୍ତ୍ତୀକାଳୀନ ଆଦେଶ ଅନୁଯାୟୀ ଏହି ଦୁଇ ମହାନଗର ନିଗମରେ ମେୟର ଓ କର୍ପୋରେଟର ନିର୍ବାଚନ ଅନୁଷ୍ଠିତ ହୋଇନାହିଁ। ଅଦାଲତଙ୍କ ରହିତାଦେଶ ଉଠିବାପରେ ସେଠାରେ ମେୟର ଓ କର୍ପୋରେଟର ନିର୍ବାଚନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ।

## ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନ ଏକ ଐତିହାସିକ ନିଷ୍ପତି



**ବ୍ରହ୍ମପୁର,୩।୧୨(ସଂଚାର ବ୍ୟୁରୋ):** ଗତକାଲି ରାଜ୍ୟ ବିଧାନସଭାରେ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଗଠନ କରିବା ପାଇଁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଏକ ଟାସ୍କଫୋର୍ସ ଗଠନ କରିଛନ୍ତି । ଏହି ଉଦ୍ୟମକୁ ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ତଥା ବିଜେପି ନେତା ପୀତବାସ ପଣ୍ଡା ସ୍ୱାଗତ କରିଛନ୍ତି। ଏହି ବିକାଶ ପରିଷଦର ରୂପ ରେଖୀ କିପରି ହେବ ତିରିଶ ଦିନ ମଧ୍ୟରେ ଟାସ୍କଫୋର୍ସ ସରକାରଙ୍କୁ ରିପୋର୍ଟ ଦେବେ। ଏହା ପରେ ସମାଜର ବିଭିନ୍ନ ବର୍ଗର ସୁପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଏଥିରେ ସାମିଲ ହେବେ । ସ୍ୱର୍ଗତ ଇଞ୍ଜିନିୟର ଦୟାନିଧି ସାହୁ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାୟର ପ୍ରାକ୍ତନ ପ୍ରଫେସର ସ୍ୱର୍ଗତ ପ୍ରହ୍ଲାଦ ପଣ୍ଡାଙ୍କ ଦକ୍ଷିଣ ଓଡ଼ିଶା ବିକାଶ ପରିଷଦର ଦୀର୍ଘ ଦିନର ଦାବୀକୁ ବିଜେପି ସରକାର ସଫଳ କରିବାକୁ ଯାଉଛନ୍ତି। ଏହି ପରିପ୍ରେକ୍ଷୀରେ ଶ୍ରୀ ପଣ୍ଡା ଆଶା କରିଛନ୍ତି ଦୀର୍ଘ ଦିନ ଧରି ଅବହେଳିତ ଓ ପଛୁଆ ରହିଥିବା ଦକ୍ଷିଣ ଓଡ଼ିଶାର ଅନେକ ଅଞ୍ଚଳ ମୋହନ ସରକାରଙ୍କ ଏହି ନିଷ୍ପତି ଫଳରେ ଉପକୃତ ହେବେ। ଓଡ଼ିଶା ସରକାରଙ୍କର ରାଜସ୍ୱ କୁ ସିଂହ ଭାଗ ଦେଉଥିବା ଦକ୍ଷିଣ ଓଡ଼ିଶା ସବୁବେଳେ ବିଭିନ୍ନ ସରକାରଙ୍କ ଦ୍ୱାରା ଅବହେଳିତ ହୋଇ ଆସିଛି ।

## ଦୁଇ ଛୁଆଙ୍କ ସହ ବୁଲୁଛି ମହାବଳ



**ଶିମିଳିପାଳ,୩।୧୨(ସଂଚାର ବ୍ୟୁରୋ):** ଦୁଇ ଛୁଆଙ୍କୁ ଧରି ଘଞ୍ଚ ଜଙ୍ଗଲରେ ବୁଲୁଛି କଳା ମହାବଳ। ସମସ୍ତେ ନିର୍ଭୟରେ ବୁଲୁଥିବା ଦେଖିବାକୁ ମିଳିଛି। ଯାହାର ଫଟୋ ସୋଶାଲ ମିଡିଆ ଏକ୍ସରେ ଜାରି କରିଛି ବନ ବିଭାଗ। ଶିମିଳିପାଳ ଅଭୟାରଣ୍ୟରୁ ଆସିଛି ଏପରି ଚିତ୍ର। ପିସିସିଏଫ୍ ପୋଷ୍ଟ କରିଥିବା ୩ଟି ଫଟୋରେ ଦେଖିବାକୁ ମିଳିଛି ଶିମିଳିପାଳ କଳା ମହାବଳ ବାଘଟି ନିର୍ଭରରେ ଘୁରି ବୁଲୁଛନ୍ତି। ଯାହାର ନାଁ ଦିଆଯାଇଛି ଟି୨୪ । ଶିମିଳିପାଳର କୋର ଅଞ୍ଚଳରେ ଏହି ଟି୨୪ ବାଘଟି ତା'ର ଦୁଇ ଛୁଆଙ୍କୁ ସାଙ୍ଗରେ ଧରି ବୁଲୁଛି। ବାଘ ପଛେ ପଛେ ଛୁଆମାନେ ବୁଲୁଥିବା ଟ୍ରାପ୍ କ୍ୟାମେରାରେ କଏଦ ହୋଇଛି। ପିସିସିଏଫ୍‌ଙ୍କ ଏହି ପୋଷ୍ଟରେ ଶିମିଳିପାଳ ଅଭୟାରଣ୍ୟରେ ନିର୍ଭୟରେ ବାଘ ବୁଲୁଥିବା ଦର୍ଶାଇଛନ୍ତି।

# ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ

### ବରିଷ୍ଠ ନାଗରିକଙ୍କ ପାଇଁ ଦେୟମୁକ୍ତ ସ୍ୱତନ୍ତ୍ର ସହାୟତା ନଂ- ୧୪୫୬୭ ଘୋଷଣା

**ଭୁବନେଶ୍ୱର,୩।୧୨(ସଂଚାର ବ୍ୟୁରୋ):** ଆଜି ଭୁବନେଶ୍ୱରସ୍ଥିତ କିଟ୍ ଇଣ୍ଡୋର ଷ୍ଟାଡିୟମଠାରେ ପାଳିତ ହୋଇଯାଇଛି ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ। ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଗତ ତିନି ଧରି ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସକୁ ଏକ ସମାରୋହ ରୂପେ ପାଳନ କରାଯାଇଛି। ଆଜିର ଅନ୍ତର୍ଜାତୀୟ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମନ୍ତ୍ରୀ ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇ ଭିନ୍ନକ୍ଷମମାନଙ୍କୁ ଉତ୍ସାହିତ କରିଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ ମାନ୍ୟବର ମନ୍ତ୍ରୀଙ୍କ କରକମଳରେ ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ୱତନ୍ତ୍ର ସହାୟତା ନମ୍ବର ଉନ୍ମୋଚନ କରାଯାଇଛି। ବରିଷ୍ଠ ନାଗରିକମାନଙ୍କୁ ସୂଚନା ପ୍ରଦାନ ଓ ସମସ୍ତ ପ୍ରକାର ସମସ୍ୟାର ସମାଧାନ ନିମନ୍ତେ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରାଳୟ ଓ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମିଳିତ ଆନୁକୂଲ୍ୟରେ ଦେୟମୁକ୍ତ ସ୍ୱତନ୍ତ୍ର ସହାୟତା ନମ୍ବର- ୧୪୫୬୭ ଘୋଷଣା କରାଯାଇଛି। ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ଆଜି ଅନେକ ଭିନ୍ନକ୍ଷମମାନେ ଅଧିକାଂଶ ସ୍ୱାବଲମ୍ବୀ ହୋଇ ନିଜ ନିଜ ପରିବାର ପ୍ରତିପୋଷଣ କରିବା ସଙ୍ଗେ ସଙ୍ଗେ ସମାଜରେ ସେମାନେ ଅନେକ କିଛି ଉଲ୍ଲେଖନୀୟ ଅବଦାନ ସୃଷ୍ଟି କରିଯାଇଛନ୍ତି। ଭିନ୍ନକ୍ଷମମାନଙ୍କ ଥଇଥାନ ପାଇଁ ଉଭୟ କେନ୍ଦ୍ରସରକାର ଓ ରାଜ୍ୟ ସରକାର ମିଳିତ ଭାବରେ ଭିନ୍ନ ଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। ଆଧୁନିକ ପୁନର୍ବାସ କେନ୍ଦ୍ର, ରାଜ୍ୟ ଭିନ୍ନକ୍ଷମ ସଶକ୍ତିକରଣ ପ୍ରତିଷ୍ଠାନ, ଭୀମଭୋଇ ସାମର୍ଥ୍ୟ ଅଭିଯାନ ଶିବିର ଆୟୋଜନ, ବିଭିନ୍ନ ଜିଲ୍ଲାରେ ସେମାନଙ୍କ ପାଇଁ ସମନ୍ୱିତ ଭିତ୍ତିଭୂମି କେନ୍ଦ୍ର ପ୍ରତିଷ୍ଠା, ଡିଡିଆର୍‌ସି ସୁବିଧାସୁଯୋଗ, ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କ ପାଇଁ ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନ, ସେମାନଙ୍କୁ ବୃତ୍ତି, ମାଗଣା ଲାପ୍‌ଟପ୍ ପ୍ରଦାନ, ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଇତ୍ୟାଦି ଜାରି ରହିଛି। ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦିବ୍ୟାଙ୍ଗଜନଙ୍କ କଲ୍ୟାଣ ପାଇଁ ବିବିଧ ପଦକ୍ଷେପ ଗ୍ରହଣ କରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।




## ସଂଯୋଗୀକରଣ

# ୮୩୦୦ ଗାଁ କୁ ନାହିଁ ସଡ଼କ



**ଭୁବନେଶ୍ୱର,୩।୧୨:** ରାଜ୍ୟର ୮ହଜାରରୁ ଅଧିକ ଗାଁରେ ସଡକ ଯୋଜନା ପହଞ୍ଚି ପାରିନାହିଁ। ଏମାନେ ବିଭିନ୍ନ ସଡକ ଯୋଜନାରେ ସାମିଲ ଲାଗି ଯୋଗ୍ୟ ବିବେଚିତ ହୋଇନଥିବାରୁ ଏଠାକୁ ସଡକ ସଂଯୋଗ ହୋଇପାରିନଥିବା କହିଛନ୍ତି ରାଜ୍ୟ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ। ରାଜ୍ୟରେ ଗାଁ ଗୁଡିକୁ ସଡକ ସଂଯୋଗ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ସର୍ବଶେଷ ଜନଗଣନାକୁ ଭିତ୍ତିକରି ୨୦୧୭-୧୮ ମସିହାରେ ଜିଲ୍ଲା ଗ୍ରାମ୍ୟ ସଡକ ଯୋଜନା ପ୍ରସ୍ତୁତ ହୋଇଥିଲା। ଏହି ଯୋଜନା ଅନୁସାରେ ରାଜ୍ୟରେ ୫୯,୯୭୧ଟି ଗ୍ରାମ ରହିଥିଲା। ସେଥି ମଧ୍ୟରୁ ୫୧,୬୭୧ଟି ଗ୍ରାମକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ଓ ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ଯୋଜନାରେ ପର୍ଯ୍ୟାୟକ୍ରମେ ସଂଯୋଗୀକରଣ କରାଯାଇଥିଲା। ହେଲେ ଯୋଜନାର ନିୟମ ଅନୁଯାୟୀ ଯୋଗ୍ୟ ବିବେଚିତ ହୋଇନଥିବାରୁ ୮୩୦୦ଟି ଗ୍ରାମକୁ ସଂଯୋଗୀକରଣ କରାଯାଇ ନାହିଁ। ଏହିସବୁ ଗ୍ରାମ ମଧ୍ୟରେ କୋରାପୁଟର ସର୍ବାଧିକ ୧୩୭୪ଟି ଗ୍ରାମ ଥିବାବେଳେ ରାୟଗଡ଼ାର ୧୦୯୯ଟି ଗ୍ରାମ ରହିଛି। ସେହିଭଳି ନବରଙ୍ଗପୁର ଜିଲ୍ଲାର ୬୪୧, କଳାହାଣ୍ଡିର ୫୭୪, ମାଲକାନଗିରିର ୪୩୯, ମୟୁରଭଞ୍ଜର ୪୩୮, କନ୍ଧମାଳର ୪୨୬, ସମ୍ବଲପୁରର ୩୯୩ଟି ଗ୍ରାମ ରହିଛି। ସଡକ ସଂଯୋଗୀକରଣରୁ ଦୂରେ ଥିବା ଗ୍ରାମ ମଧ୍ୟରୁ ସଂଖ୍ୟାଧିକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଥିବାବେଳେ ଉପକୂଳ ଜିଲ୍ଲାରେ ସଂଯୋଗୀକରଣ ନଥିବା ଗ୍ରାମସଂଖ୍ୟା ଆଶାତୀତ ଭାବେ କମ୍ ରହିଛି। ତଥାପି ଏବେ ବି କଟକ ଜିଲ୍ଲାରେ ୨୧ଟି ଗ୍ରାମକୁ ସଡକ ସଂଯୋଗ ହୋଇପାରିନଥିବାବେଳେ ଜଗତ୍‌ସିଂହପୁରରେ ଏହି ସଂଖ୍ୟା ୧୮, ଖୋରଧାରେ ୫୧, ପୁରୀରେ ୧୮, ଯାଜପୁରରେ ୧୮, ଝାରସୁଗୁଡାରେ ୩୪ ରହିଛି। ବର୍ତ୍ତମାନ ସୁଦ୍ଧା ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାର ଚତୁର୍ଥ ପର୍ଯ୍ୟାୟ ନିୟମାବଳୀ ପ୍ରକାଶ ପାଇନାହିଁ। ବିସ୍ତୃତ ନିୟମାବଳୀ ପ୍ରକାଶ ପାଇବାପରେ ଯୋଗ୍ୟ ବିବେଚିତ ହୋଇଥିବା ଗ୍ରାମଗୁଡିକୁ ସଂଯୋଗୀକରଣ କରିବାପାଇଁ ପଦକ୍ଷେପ ନିଆଯିବ। ଏହି ଦୁଇଟି ଗ୍ରାମକୁ ଏବେ ରାସ୍ତା ନିର୍ମାଣ କାର୍ଯ୍ୟ ଜାରି ରହିଥିବାବେଳେ ଚଳିତ ଆର୍ଥିକ ବର୍ଷରେ ଏହାକୁ ସାରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି। (ତଥ୍ୟ)

## ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ

**କଟକ,୩।୧୨(ସଂଚାର ବ୍ୟୁରୋ):** ଦିବ୍ୟାଙ୍ଗମାନେ ସମାଜର ମୁଖ୍ୟସ୍ରୋତର ଏକ ଅବିଚ୍ଛେଦ୍ୟ ଅଙ୍ଗ । ସେମାନେ ନିଜକୁ କୌଣସି ଗୁଣରେ କମ୍ ଭାବିବା ଉଚିତ୍ ନୁହେଁ । ଜୀବନର ଯେକୌଣସି ସମସ୍ୟାର ମୁକାବିଲା କରିବା ନିମନ୍ତେ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରାଇବା ଉଚିତ୍ । ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି କଟକ କଳାବିକାଶ କେନ୍ଦ୍ରଠାରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ବିଶିଷ୍ଟ ବକ୍ତାମାନେ ଏହି ମତପ୍ରକାଶ କରିଛନ୍ତି । ମାନନୀୟ ମେୟର, କଟକ ମହାନଗର ନିଗମ, ଶ୍ରୀ ସୁବାସ ଚନ୍ଦ୍ର ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦିବ୍ୟାଙ୍ଗମାନଙ୍କ ଉନ୍ନତି ପାଇଁ ଉତ୍ସର୍ଗୀକୃତ ମନୋଭାବ ସହ କାମ କରିବାକୁ ଆହ୍ୱାନ ଦେଇଥିଲେ । ସେମାନଙ୍କ ଅଧିକାର ପ୍ରତି ସଚେତନ ରହି ସରକାର ସେମାନଙ୍କ ନିମନ୍ତେ ସବୁ ପ୍ରକାରର ସୁବିଧା ସୁଯୋଗ ଯୋଗାଇ ଦେବା ଦିଗରେ କାର୍ଯ୍ୟ କରୁଛନ୍ତି ।



# ପର ସଫଳତାରେ ଆତ୍ମସନ୍ତୋଷ

ଝାଡ଼ଖଣ୍ଡରେ ବିଜେପି ନେତୃତ୍ୱାଧିନ ଏନଡିଏର ପରାଜୟ ଏବଂ ଜେଏମଏମର ବିଜୟରେ ବିଜୁ ଜନତା ଦଳ ବେଶ ଖୁସି ବ୍ୟକ୍ତ କରିଛି। ଝାଡ଼ଖଣ୍ଡରେ ବିଜେପିର ସପକ୍ଷରେ ପ୍ରଚାର ପାଇଁ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସେଠାକୁ ଯାଇଥିଲେ। ଦଳର ଅନ୍ୟ ନେତାମାନେ ମଧ୍ୟ ଝାଡ଼ଖଣ୍ଡରେ ଡେରା ପକାଇଥିଲେ। ତେଣୁ ଝାଡ଼ଖଣ୍ଡରେ ବିଜେପିର ପରାଜୟ ଏବଂ ଜେଏମଏମର ବିଜୟକୁ ବିଜେଡି ନିଜର ବିଜୟ ବୋଲି ମନେ କରୁଛି। ଝାଡ଼ଖଣ୍ଡରେ ବାସ୍ତବରେ ଇଣ୍ଡି ମେଣ୍ଟ ବିଜୟୀ ହୋଇଛି। ସେଥିରେ କଂଗ୍ରେସ ବି ସାମିଲ ରହିଛି। ବିଜେଡି ଏହି ମେଣ୍ଟରେ ନାହିଁ। ଉଭୟ କଂଗ୍ରେସ ଓ ବିଜେପିଠାରୁ ବିଜେଡି ସମଦୂରତା ନୀତି ଆପଣାଇଛି। କିନ୍ତୁ ଶତ୍ରୁର ଶତ୍ରୁ ମିତ୍ର ନୀତିରେ ବିଜେଡି ଜେଏମଏମ-କଂଗ୍ରେସ-ଆରଜେଡି ମେଣ୍ଟର ବିଜୟକୁ ସ୍ୱାଗତ କରିଛି। ବିଜେଡି କହିଛି ଯେ, ଯେଉଁଠି ଆଞ୍ଚଳିକ ଦଳର ପ୍ରଭାବ ରହିଛି, ସେଠାରେ ବିଜେପି ସହଜରେ ଜିତିପାରୁନି। ଝାଡ଼ଖଣ୍ଡରେ ଜେଏମଏମକୁ ପରାଜିତ କରିବା ପାଇଁ ବିଜେପି ସବୁ କଳ, ବଳ କୌଶଳ ଲଗାଇବା ସତ୍ତ୍ୱେ ଏହା ସମ୍ଭବ ହେଲା ନାହିଁ। ମହାରାଷ୍ଟ୍ରରେ ଶିବସେନା ଓ ଏନସିପି ଭଳି ଆଞ୍ଚଳିକ ଦଳର ସହାୟତାରେ ବିଜେପି ସରକାର ଗଠନ କରିବାକୁ ଯାଉଛି। ଏହାର ଜବାବରେ ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥି କହିଛନ୍ତି ଯେ, ଉଭୟ ମହାରାଷ୍ଟ୍ର ଏବଂ ଝାଡ଼ଖଣ୍ଡରେ ଯେଉଁସବୁ ଆଞ୍ଚଳିକ ଦଳମାନେ ବିଜୟୀ ହୋଇଛନ୍ତି, ସେମାନେ ଜାତୀୟ ଦଳ ସହ ଆସନ ବୁଝାମଣା କରି ସଫଳତା ପାଇଛନ୍ତି। ଝାଡ଼ଖଣ୍ଡରେ କଂଗ୍ରେସ ସହ ଆସନ ବୁଝାମଣା କରି ହେମନ୍ତ ସୋରେନଙ୍କ ନେତୃତ୍ୱାଧିନ ଜେଏମଏମ ଏବଂ ତେଜସ୍ୱୀ ଯାଦବଙ୍କ ଆରଜେଡି ସଫଳତା ପାଇଛନ୍ତି। ଏହା ସହିତ ସେଠାରେ ସିପିଆଇ (ଏମଏଲ) ମଧ୍ୟ ଇଣ୍ଡି ମେଣ୍ଟରେ ଥିଲା ଏବଂ ଏହି ଦଳ ଦୁଇଟି ବିଧାନସଭା ଆସନରେ ଜୟଯୁକ୍ତ ହୋଇଛି। ସେହିପରି ମହାରାଷ୍ଟ୍ରରେ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧିନ ଶିବସେନା ଏବଂ ଅଜିତ ପାୱାରଙ୍କ ନେତୃତ୍ୱାଧିନ ଏନସିପି ବିଜେପି ସହ ବୁଝାମଣା କରି ବଡ଼ ସଫଳତା ହାସଲ କରିଛନ୍ତି। କଂଗ୍ରେସ ନେତୃତ୍ୱାଧିନ ଏମଭିଏର ଅଂଶୀଦାର ଦଳ ଉଦ୍ଧବ ଠାକରେଙ୍କ ନେତୃତ୍ୱାଧିନ ଶିବସେନା ଏବଂ ଏବଂ ଶରଦ ପାୱାରଙ୍କ ଏନସିପି ମଧ୍ୟ ଯାହା କିଛି ସଫଳତା ହାସଲ କରିଛନ୍ତି ତା।ହା କଂଗ୍ରେସ ଭଳି ଏକ ଜାତୀୟ ଦଳ ସହ ଆସନ ବୁଝାମଣା କରିବା ଫଳରେ ସମ୍ଭବ ହୋଇଛି। ବାସ୍ତବରେ ଏକଥା ସ୍ୱୀକାର କରିବାକୁ ପଡ଼ିବ ଯେ, ଜାତୀୟ ରାଜନୀତିରେ ଆଞ୍ଚଳି ଦଳ ଗୁଡ଼ିକର ପ୍ରଭାବ ବଢ଼ୁଛି। ଦୁଇ ମୁଖ୍ୟ ଜାତୀୟ ଦଳ କଂଗ୍ରେସ ଏବଂ ବିଜେପି ଅନେକାଂଶରେ ସରକାର ଗଠନ ନିମନ୍ତେ ଆଞ୍ଚଳିକ ଦଳମାନଙ୍କ ଉପରେ ନିର୍ଭର କରୁଛନ୍ତି। ୧୯୮୯ରୁ ୨୦୧୪ ପର୍ଯ୍ୟନ୍ତ ଲୋକସଭାରେ କୌଣସି ଜାତୀୟ ଦଳ ସଂଖ୍ୟାଗରିଷ୍ଠତା ହାସଲ କରିନଥିଲେ। ଏହି ସମୟରେ ପି ଭି ନରସିଂହ ରାଓ, ଅଟଳ ବିହାରୀ ବାଜପେୟୀଙ୍କଠାରୁ ଆରମ୍ଭ କରି ଡକ୍ଟର ମନମୋହନ ସିଂହଙ୍କ ପର୍ଯ୍ୟନ୍ତ ସବୁ ସରକାର ଆଞ୍ଚଳିକ ଦଳର ସମର୍ଥନ ଉପରେ ନିର୍ଭର କରୁଥିଲେ। ନିର୍ବାଚନରେ ମଧ୍ୟ ବିଭିନ୍ନ ରାଜ୍ୟରେ ସେମାନେ ଭିନ୍ନ ଭିନ୍ନ ଆଞ୍ଚଳିକ ଦଳ ସହ ଆସନ ବୁଝାମଣା କରୁଥିଲେ। ୨୦୧୪ରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଜେପି ଏକାକି ସଂଖ୍ୟାଗରିଷ୍ଠତା ହାସଲ କରିଥିଲା। କିନ୍ତୁ ୨୦୨୪ରେ ବିଜେପିର ସଭ୍ୟ ସଂଖ୍ୟା ୨୪୦ରେ ସୀମିତ ରହିଗଲା। ତେଣୁ ବର୍ତ୍ତମାନର ସରକାର ପୁନର୍ବାର ଆଞ୍ଚଳିକ ଦଳ ସହ ହାତ ମିଳାଇବାକୁ ବାଧ୍ୟ। ଯେଉଁଦିନ ଏହିସବୁ ଆଞ୍ଚଳିକ ଦଳମାନେ ସରକାରରୁ ଓହରିଯିବେ ସେହିଦିନ ସରକାର ଭାଙ୍ଗିଯିବ। ତେଣୁ କେନ୍ଦ୍ରସରକାର ଆଞ୍ଚଳିକ ଦଳ ଗୁଡ଼ିକର ସହଯୋଗ ଏବଂ ସମର୍ଥନ ଉପରେ ନିର୍ଭରଶୀଳ। ଆଞ୍ଚଳିକ ଦଳମାନଙ୍କର ପ୍ରଭାବ ବୃଦ୍ଧି ହେତୁ ଜାତୀୟ ରାଜନୀତିରେ ମେଣ୍ଟ ଯୁଗ ଚାଲିଛି ଏବଂ ଆଗାମୀ ବହୁ ବର୍ଷ ପର୍ଯ୍ୟନ୍ତ ଏହା ଜାରି ରହିବ। ପୂର୍ବରୁ ଦକ୍ଷିଣ ଭାରତରେ ଆଞ୍ଚଳିକ ଦଳର ପ୍ରଭାବ ଅନୁଭବ କରାଯାଉଥିଲା ଏବଂ ଦକ୍ଷିଣ ଭାରତର ଅନେକ ରାଜ୍ୟରେ ଆଞ୍ଚଳିକ ଦଳମାନେ କ୍ଷମତାସୀନ ହେଉଥିଲେ। ତାମିଲନାଡୁରେ ଡିଏମକେ ବା ଆନ୍ନାଡିଏମକେ, ଆନ୍ଧ୍ରରେ ଟିଡିପି, ପରବର୍ତ୍ତୀ ସମୟରେ ୱାଇଏସଆର କଂଗ୍ରେସ, ତେଲେଙ୍ଗାନାରେ ଟିଆରଏସ(ବର୍ତ୍ତମାନ ବିଆରଏସ) କ୍ଷମତାସୀନ ହୋଇଛନ୍ତି। କିନ୍ତୁ ଗତ ୨୦ ବର୍ଷ ଭିତରେ ଉତ୍ତର ଏବଂ ପୂର୍ବ ଭାରତରେ ଆଞ୍ଚଳିକ ଦଳମାନଙ୍କର ପ୍ରଭାବ ମଧ୍ୟ ବୃଦ୍ଧି ପାଇଛି। ଜାତୀୟ ଦଳ ଗୁଡ଼ିକର ବିଭାଜନ ହେତୁ ଏଭଳି ହୋଇଛି। ଜନତା ପରିବାର ଖଣ୍ଡ ବିଖଣ୍ଡିତ ହୋଇଯିବାରୁ ଅନେକ ଆ(ଳିକ ଦଳ ସୃଷ୍ଟି ହୋଇଛନ୍ତି। କଂଗ୍ରେସରୁ ମଧ୍ୟ ଅନେକ ଆଞ୍ଚଳିକ ଦଳ ଜନ୍ମ ନେଇଛି। ଏନସିପି, ମମତା ବାନାର୍ଜୀଙ୍କ ଟିଏମସି ଏବଂ ଜଗନ ମୋହନ ରେଡ୍ଡୀଙ୍କ ୱାଇଏସଆର କଂଗ୍ରେସ ମୂଳକଂଗ୍ରେସ ଦଳରୁ ଜନ୍ମ ହେନଇଥିବା ବେଳେ, ସମାଜବାଦୀ ପାର୍ଟୀ, ଜେଡିୟୁ, ଜେଡିଏସ, ଆରଜେଡି, ବିଜେଡି, ଆରଏଲଡି, ଜେଜେପି, ଆଇଏନଏଲଡି ପ୍ରମୁଖ ଜନତା ପରିବାରରୁ ସୃଷ୍ଟି ହୋଇଛନ୍ତି। ଯଦି ଜନତା ପରିବାର ଏକାଠି ହୋଇଥାଆନ୍ତା ତେବେ ଆଜି ଜାତୀୟ ରାଜନୀତିରେ ଏହା କେନ୍ଦ୍ରବିନ୍ଦୁ ହୋଇଥାଆନ୍ତା। ଜନତା ଦଳର ବିଭାଜନ ଏବଂ ନ୍ୟାସନାଲଫ୍ରଣ୍ଟ ଭୁଶୁଡ଼ିଯିବା ଫଳରେ ଆଜି ଏନଡିଏ, କଂଗ୍ରେସ ନେତୃତ୍ୱରେ ଇଣ୍ଡିମେଣ୍ଟ ବା ୟୁପିଏ ସୃଷ୍ଟି ହୋଇଛି। ଯଦି କଂଗ୍ରେସ ଏବଂ ବିଜେପିର ହାତ ଛାଡ଼ି ସବୁ ଆଞ୍ଚଳିକ ଦଳମାନେ ଏକାଠି ହୋଇପାରନ୍ତେ ତେବେ ଜାତୀୟ ରାଜନୀତିର ଚିତ୍ର ବଦଳିଯାଆନ୍ତା। କିନ୍ତୁ କ୍ଷମତା ପାଇଁ ଏହିସବୁ ଦଳ ନିଜ ନିଜ ସ୍ଥିତି ରକ୍ଷା ଏବଂ ଗୋଟିଏ ଗୋଟିଏ ପରିବାରର ସମ୍ପତ୍ତି ପାଲଟିବାକୁ ଚେଷ୍ଟା କରୁଛନ୍ତି। ଏମାନେ ପରସ୍ପର ସହ ହାତ ମିଳାଇପାରିବେ ନାହିଁ। ନଚେତ ଭାରତୀୟ ରାଜନୀତିର ମୋଡ଼ ବଦଳିଯାଆନ୍ତା। ଲୋକସଭାରେ ବିଜେପି ଓ କଂଗ୍ରେସକୁ ବାଦ ଦେଲେ ଅନ୍ୟ ସବୁ ଦଳର ସଭ୍ୟ ସଂଖ୍ୟା ହେଲା ୨୦୪। ଏହା ସରକାର ଗଠନ ମିନ୍ତେ ପର୍ଯ୍ୟାପ୍ତ ନୁହେଁ। କିନ୍ତୁ ଏମାନେ ସମସ୍ତେ ଏକାଠି ହେଲେ ଏକ ବଡ଼ ରାଜନୈତିକ ଶକ୍ତିରେ ପରିଣତ ହୋଇପାରନ୍ତେ। ଯଦି ଏମାନେ ପରସ୍ପର ସହ ଆସନ ବୁଝାମଣା କରି ନିର୍ବାଚନ ଲଢ଼ିଥାଆନ୍ତେ ତେବେ ଢେର ଅଧିକ ଆସନ ପାଇବାର ସମ୍ଭାବନା ଥିଲା। ଅତୀତରେ ଅନେକ ଥର ସବୁ ଅଣ କଂଗ୍ରେସ ଏବଂ ଅଣବିଜେପି ଦଳମାନଙ୍କୁ ଏକାଠି କରି ଏକ ତୃତୀୟ ରାଜନୈତିକ ଶକ୍ତି ସୃଷ୍ଟି ନିମନ୍ତେ ଉଦ୍ୟମ ହୋଇଛି। କିନ୍ତୁ ଉପଯୁକ୍ତ ନେତୃତ୍ୱର ଅଭାବରୁ ଏହା ସମ୍ଭବ ହୋଇପାରିନାହିଁ। ଯଦି ଜେପି ବା ଭିପି ଅଥବା ଜ୍ୟୋତି ବସୁଙ୍କ ଭଳି ଜଣେ ନେତା ଏହାର ନେତୃତ୍ୱ ନେଇପାରନ୍ତେ ତେବେ ଏହା ସମ୍ଭବ ହୋଇପାରନ୍ତା। ନୀତିଶ କୁମାର ଏଥିପାଇଁ ଜଣେ ଯୋଗ୍ୟ ଦାବିଦାର ଥିଲେ। କିନ୍ତୁ ସେ ଏନଡିଏରେ ସାମିଲ ହୋଇଛନ୍ତି। ଶରଦ ପାୱାର ଏବେ ରାଜନୀତିରୁ ସନ୍ୟାସ ନେଇ ସାରିଲେଣି। ମୁଲାୟମ ସିଂହ ଯାଦବ ପରଲୋକରେ। ତେଣୁ କିଏ ଆଞ୍ଚଳିକ ଦଳମାନଙ୍କର ସମ୍ଭାବ୍ୟ ମେଣ୍ଟର ନେତୃତ୍ୱ ନେବ? ମମତା ବାନାର୍ଜୀ, ଚନ୍ଦ୍ରବାବୁ ନାଇଡୁ ଏବଂ ଅଖିଳେଶ ଯାଦବ ଏ ସମ୍ପର୍କରେ ବିଚାର କରିବା ଉଚିତ। ଭାରତୀୟରାଜନୀତିରେ ଏହାର ଆବଶ୍ୟକତା ରହିଛି।

## ସମ୍ପାଦକଙ୍କୁ ପତ୍ର

### ଆଳୁ ଚାଷକୁ ପ୍ରୋତ୍ସାହନ ଦିଆଯାଉ

**ମହାଶୟ,**

ରାଜ୍ୟରେ ଆବଶ୍ୟକତା ତୁଳନାରେ ଆଳୁ ଉତ୍ପାଦନ ହେଉନି ବୋଲି ଆମକୁ ଏଥିପାଇଁ ସବୁ ବେଳେ ବାହାର ରାଜ୍ୟ ବିଶେଷ କରି ପଶ୍ଚିମବଙ୍ଗ ଉପରେ ନିର୍ଭର କରିବାକୁ ପଡୁଛି। ଆଉ ପଶ୍ଚିମବଙ୍ଗରୁ ଆଳୁ ଆସିବା ବନ୍ଦ ହୋଇଗଲେ ଓଡ଼ିଶାରେ ଏହାର ଦର ବଢ଼ି ଯାଉଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ଜରୁରୀ। ଉତ୍ତର ପ୍ରଦେଶରୁ ଆଳୁ ଆଣି ଚାହିଦା ମେଣ୍ଟାଇବା ବ୍ୟୟ ସାପେକ୍ଷ ଏବଂ ଏହା ଦ୍ୱାରା ସମସ୍ୟାର ସ୍ଥାୟୀ ସମାଧାନ ଅସମ୍ଭବ। ସମସ୍ୟାର ସମାଧାନ ପାଇଁ ରାଜ୍ୟରେ ଆଳୁ ଉତ୍ପାଦନ ବୃଦ୍ଧି ଜରୁରୀ। ଏଥିଲାଗି ସରକାର ଚାଷୀଙ୍କୁ ପ୍ରୋତ୍ସାହନ ଏବଂ ସହାୟତା ଦେବା ଉଚିତ। ଆଳୁ ସଂରକ୍ଷିତ ରଖିବା ନିମନ୍ତେ ବହୁ ସଂଖ୍ୟାରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ହେବା ଉଚିତ। ଉତ୍ପାଦିତ ଆଳୁକୁ ସଂରକ୍ଷିତ ରଖିଲେ ବର୍ଷ ସାରା ଆମର ଚାହିଦା ପୂରଣ ହୋଇପାରିବ। ସେତେବେଳେ ପଶ୍ଚିମବଙ୍ଗ ସରକାର ବା ଆଳୁ ବ୍ୟବସାୟୀ ଆମକୁ ବ୍ଲାକମେଲ କରିପାରିବେ ନାହିଁ। ମମତା ବାନାର୍ଜୀଙ୍କ ଧମକର ଉଚିତ ଜବାବ ଦେବାକୁ ହେଲେ ଆମକୁ ଆଳୁ ଉତ୍ପାଦନ ବୃଦ୍ଧି କରିବାକୁ ପଡ଼ିବ। ଆଳୁ ଭଳି ଆମେ ପିଆଜ ଉପରେ ମହାରାଷ୍ଟ୍ର ଏବଂ କର୍ଣ୍ଣାଟକ ଉପରେ ନିର୍ଭର କରିବାକୁ ପଡୁଛି। ପିଆଜ ଉତ୍ପାଦନ ପାଇଁ ଆମ ନିକଟରେ ସବୁ ସୁବିଧା ରହିଛି। ଅନ୍ତତଃପକ୍ଷେ ଆମ ଚାହିଦାର ଅଧା ପିଆଜ ଉତ୍ପାଦିତ ହୋଇପାରିଲେ ସମସ୍ୟାର ସମାଧାନ ହୋଇପାରିବ।

**ମହେଶ ପ୍ରସାଦ ସାହୁ, ଚନ୍ଦନପୁର, ପୁରୀ**

# ସଂସଦରେ ହଟ୍ଟଗୋଳ: ଉତ୍ତରଦାୟୀ ହେବା ଆବଶ୍ୟକ



**ଗୋପାଳ ମହାପାତ୍ର**

ଲୋକସଭା ହେଉ ବା ରାଜ୍ୟସଭା ଅଥବା ରାଜ୍ୟମାନଙ୍କର ବିଧାନସଭାର ଅଧିବେଶନରେ ସାଧାରଣ ଜନତା ଏବଂ ଦେଶ ରାଜ୍ୟର ବିକାଶ ବାବଦରେ ଆଲୋଚନା ହେବା କଥା। କିନ୍ତୁ ସଂସଦ ଏବଂ ବିଧାନସଭାର କୌଣସି ବି ଅଧିବେଶନ ବିନା ହଟ୍ଟଗୋଳରେ ଚାଲୁନାହିଁ। ସଂସଦ ଓ ବିଧାନସଭାର ଅଧିବେଶନରେ ହୋ ହାଲ୍ଲା ହଟ୍ଟଗୋଳ ଏବେ ଏକ ଦୁଷ୍ପ୍ରାଭାବି ପରମ୍ପରାରେ ପରିଣତ ହୋଇଗଲାଣି। ଏହି ଅବସ୍ଥାର ପରିବର୍ତ୍ତନ ହେବା ପରିବର୍ତ୍ତେ ବଢ଼ିବାରେ ଲାଗିଛି। କୋଟି କୋଟି ଟଙ୍କା ବ୍ୟୟ ହେଉଥିଲେ ମଧ୍ୟ ଯେଉଁ ସଦନରୁ ଲୋକଙ୍କୁ କିଛି ମିଳିବା କଥା ତାହା ହଟ୍ଟଗୋଳ କାରଣରୁ ମିଳି ପାରୁନାହିଁ। ହୋହାଲ୍ଲା ହଟ୍ଟଗୋଳ କାରଣରୁ କାହାରି କିଛି ଲାଭ ହେଉନାହିଁ ବରଂ କ୍ଷତି ହେଉଛି। ବିଡ଼ମ୍ବନା ଯେ ହଟ୍ଟଗୋଳ କୁ ନିଜର ବିଜୟ ଭଳି ପ୍ରସ୍ତୁତ କରଯାଉଛି। ଲୋକସଭା, ରାଜ୍ୟସଭା ଓ ବିଧାନସଭା ମାନଙ୍କରେ ଅଧିବେଶନ ବେଳେ କୌଣସି ନା କୌଣସି ପ୍ରସଙ୍ଗକୁ ନେଇ ହୋହାଲ୍ଲା କରିବା ଏକ ରାଜନୈତିକ ସ୍ୱଭାବ ପାଲଟିଗଲାଣି। ଯେତେବେଳେ ଯେଉଁ ଦଳ ବିପକ୍ଷରେ ରହୁଛି ସିଏ ହୋ ହାଲ୍ଲା କରିବା ପାଇଁ ପସନ୍ଦ କରୁଛି। କଂଗ୍ରେସ ସରକାରରେ ଥିବା ବେଳେ ବିଜେପି ସମେତ ଅନ୍ୟ ବିରୋଧି ଦଳମାନେ ହୋ ହାଲ୍ଲା କରୁଥିଲେ ଓ ଏବେ ବିଜେପି ସରକାରରେ ଥିବା ବେଳେ କଂଗ୍ରେସ ସମେତ ଅନ୍ୟ ବିରୋଧି ଦଳମାନେ ହୋହାଲ୍ଲା କରୁଛନ୍ତି। ଏହି ହୋହାଲ୍ଲା ପାଇଁ ସରକାରୀ ଦଳ ଓ ବିରୋଧି ଦଳଙ୍କୁ ଉତ୍ତରଦାୟୀ କରାଯିବା ଦରକାର। କାରଣ ଅଧିବେଶନ ଓ ଅଧିବେଶନରେ ଭାଗ ନେଉଥିବା ଜନପ୍ରତିନିଧି ମାନଙ୍କ ଖର୍ଚ୍ଚ ବାବଦ ଅର୍ଥ ଦେଶର ଟିକସଦାତାଙ୍କ ପକେଟରୁ ହିଁ ଯାଇଥାଏ।



ଅନେକ ସମୟରେ ଦେଖାଯାଇଥାଏ ଯେ ବିପକ୍ଷ (ବିରୋଧିଦଳ) ତାଙ୍କ ହିସାବରେ ପ୍ରସଙ୍ଗ ଉଠାଇଥାନ୍ତି। ପ୍ରସଙ୍ଗକୁ ନେଇ ସାର୍ଥକ ଆଲୋଚନା କରିବା ପରିବର୍ତ୍ତେ ସଂସଦ କେମିତି ଚାଲିନପାରିବ ସେକଥାକୁ ବିରୋଧିଦଳ ଅଧିକ ଗୁରୁତ୍ୱ ଦେଉଛନ୍ତି। ସାଧାରଣତଃ ବିରୋଧି ଦଳ ମାନେ ସରକାରଙ୍କୁ ସଂସଦରେ ଘେରିବା ବା ବିରୋଧ କରିବା ପାଇଁ ନିଜେ ପ୍ରସଙ୍ଗର ଚୟନ କରିନଥାନ୍ତି। ସେଇ ପ୍ରସଙ୍ଗକୁ ନେଇ ବିରୋଧ କରିବା ଆରମ୍ଭ କରିଥାନ୍ତି ଯାହା ଅଧିବେଶନର ପୂର୍ବରୁ ହିଁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥାଏ। ଏବେର ସଂସଦର ଶୀତକାଳୀନ ଅଧିବେଶନ ପୂର୍ବରୁ ସମସ୍ତଙ୍କୁ ଜଣାଥିଲା ଯେ ମଣିପୁର ଏବଂ ଆଦାନୀ ପ୍ରସଙ୍ଗ ସହ ସମ୍ଭଲ ପ୍ରସଙ୍ଗ ମଧ୍ୟ ବିରୋଧିଙ୍କ କାର୍ଯ୍ୟସୂଚୀରେ ଆସିବ। ଏ ପ୍ରସଙ୍ଗ ମଧ୍ୟ ବିରୋଧିଦଳର କାର୍ଯ୍ୟସୂଚୀରେ ରହିବା ଉଚିତ୍, କିନ୍ତୁ ଏଥିପାଇଁ କ'ଣ ଲୋକଙ୍କ ସମସ୍ୟା ସହ ଜଡ଼ିତ ପ୍ରସଙ୍ଗକୁ ଚୟନ କରାଯିବ ନାହିଁ କି? ସରକାର କ'ଣ ଏସବୁ ପ୍ରସଙ୍ଗର ଉତ୍ତର ଦେବେ ନାହିଁ? ଦେଶରେ ବେରୋଜଗାରୀ, ଦରଦାମବୃଦ୍ଧି, ଶିକ୍ଷା, ସ୍ୱାସ୍ଥ୍ୟ, ସହରୀକରଣ ସମେତ ଏମିତି ଅନେକ ପ୍ରସଙ୍ଗ ରହିଛି ଯାହା ଉପରେ ବ୍ୟାପକ ବିଚାର ବିମର୍ଷ ହେବା ଆବଶ୍ୟକ। କିନ୍ତୁ ବିରୋଧିଦଳ ଏସବୁ ପ୍ରସଙ୍ଗରେ ସଂସଦରେ ଚର୍ଚ୍ଚା ପାଇଁ ଗୁରୁତ୍ୱ ଦେଉ ନାହାଁନ୍ତି କାହିଁକି ସେ କଥା ଜଣାପଡୁନାହିଁ। ବିରୋଧି ହଟ୍ଟଗୋଳ କରି ସଂସଦର କାର୍ଯ୍ୟକୁ ବାଧାପ୍ରାପ୍ତ କରାଉଛନ୍ତି ହେଲେ ଏମିତି କରି ଲୋକଙ୍କ ଧ୍ୟାନ ନିଜ ଆଡ଼କୁ ଆକର୍ଷିତ କରିବାରେ କେତେ ସକ୍ଷମ ହେଉଛନ୍ତି ସେକଥା ସମୟ ହିଁ କହିବ। ସବୁ ରାଜନୈତିକ ଦଳ ଏବଂ ଜନପ୍ରତିନିଧି ଜାଣନ୍ତି ଯେ ଜନତା ହୋହାଲ୍ଲା ନୁହେଁ ରାଷ୍ଟ୍ରୀୟ ମହତ୍ୱ ଥିବା ପ୍ରସଙ୍ଗରେ ସରକାରଙ୍କ ଉତ୍ତର ଚାହାଁନ୍ତି। ସଂସଦରେ ହୋହାଲ୍ଲା କରୁଥିବା ବିରୋଧି ଏ ବାବଦରେ ବିଚାର କରିବା ଆବଶ୍ୟକ। ଶାସକ ଦଳ ମଧ୍ୟ ସଂସଦ କେମିତି ଠିକ୍ ଭାବରେ ଚାଲିବ ସେକଥା ଦେଖିବା ଉଚିତ। ଏଥିପାଇଁ ବିରୋଧି ଦଳ କେମିତି ସରକାରଙ୍କ ଉପରେ ଭରସା କରିପାରିବେ ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ କେମିତି ଆଲୋଚନା ହୋଇପାରିବ ସେଥିପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରିବା ଆବଶ୍ୟକ। ଶାସକ ଓ ବିରୋଧିଙ୍କ ମଧ୍ୟରେ କଟୁତା ଦୁର ହେବା ଉଚିତ ଓ ଏହା ସେତେବେଳେ ସମ୍ଭବ ହୋଇପାରିବ ଯେତେବେଳେ ଶାସକ ଓ ବିରୋଧି ଓ ଭୟେ ଉଭୟଙ୍କୁ ଆଦର ସମ୍ମାନ କରିବେ।

ସଂସଦର ଶୀତକାଳୀନ ଅଧିବେଶନର ପ୍ରଥମ ସପ୍ତାହ ହୋହାଲ୍ଲା ଯୋଗୁଁ ବାଧିତ ହୋଇଛି। ଏମିତି ହେବ ବୋଲି ମଧ୍ୟ ଆଗରୁ ଜଣାଥିଲା କାରଣ କଂଗ୍ରେସ ଏବଂ କିଛି ଅନ୍ୟଦଳ ମାନେ ଆଦାନୀ ପ୍ରକରଣ, ମଣିପୁରହିଂସା ସମେତ ଅନ୍ୟ କେତେକ ପ୍ରସଙ୍ଗକୁ ସଂସଦରେ ଉପସ୍ଥାପନ କରିବେ ବୋଲି କହିସାରିଥିଲେ। ଏଥିରେ ସମ୍ଭଲରେ ଘଟିଥିବା ହିଂସାକାଣ୍ଡ ପ୍ରସଙ୍ଗ ମଧ୍ୟ ଯୋଡି ହୋଇଗଲା। ଆଦାନୀ ପ୍ରସଙ୍ଗ କିଛି ଦିନ ପୁର୍ବରୁ ମୁଖ୍ୟ ଚର୍ଚ୍ଚାର ପ୍ରସଙ୍ଗ ଥିଲା। ଏହା ହୁଏତ ଦୁର୍ଭାଗ୍ୟ ହୋଇପାରେ ଯେ ଅଧିବେଶନ ପୁର୍ବରୁ ଏଭଳି ସମ୍ବେଦନଶୀଳ ମାମଲା ସାମନାକୁ ଆସିଯାଉଛି। ଅତୀତରେ ପେଗାସେସ ଗୁଇନ୍ଦା କାଣ୍ଡ ଏବଂ ଆଦାନୀ ଗୃପ୍ ବାବଦରେ ହିଣ୍ଡେନବର୍ଗ ରିପୋର୍ଟ ମଧ୍ୟ ସଂସଦ ଅଧିବେଶନ ପୁର୍ବରୁ ଆସିଥିଲା।

କଂଗ୍ରେସ ଏବଂ ଅନ୍ୟ ବିରୋଧି ଦଳମାନେ ଅଚାନକ ଆସୁଥିବା ଏ ଭଳି ପ୍ରସଙ୍ଗକୁ ହାତଛଡା କରିବେ ବା କରିଥାନ୍ତେ କେମିତି? କିନ୍ତୁ ନଭେମ୍ବର ୨୫ ତାରିଖରୁ ଆରମ୍ଭ ହୋଇଥିବା ଶୀତକାଳୀନ ଅଧିବେଶନରୁ ଜନତା ଏବଂ ଦେଶକୁ କ'ଣ ମିଳିଲା ତାର ଉତ୍ତର ଶାସକ ଦଳ ବା ବିରୋଧି କେହି ଦେଇ ପାରିବେ ନାହିଁ। ସଂସଦରରେ ଲୋକଙ୍କ ସମସ୍ୟା ଉତ୍ଥାପନ କରାଯାଉନାହିଁ କାହିଁକି? ଏକଥା ନୁହେଁ ଯେ ବିରୋଧିଦଳ ପକ୍ଷରୁ ଜନଜୀବନ ସହ ଜଡିତ ପ୍ରସଙ୍ଗ ଉଠାଇବା ପାଇଁ ପ୍ରୟାସ କରାଯାଉ ନାହିଁ। କିନ୍ତୁ ଦୁର୍ଭାଗ୍ୟର କଥା ହେଉଛି ମୋଦୀ ସରକାର ବିପକ୍ଷ ମୁକ୍ତ ସଂସଦ ଚାହୁଁଛନ୍ତି ଯେଉଁଥିପାଇଁ ବିରୋଧି ମାନେ ଏପରି କରିବାକୁ ଏକପ୍ରକାର ବାଧ୍ୟ ହେଉଛନ୍ତି ବୋଲି ରାଜନୈତିକ ବିଶ୍ଳେଷକ ମାନଙ୍କ ମତ।

ସଂସଦର ଗୋଟିଏ ଦିନର ଅଧିବେଶନ ପାଇଁ କେତେ ଟଙ୍କା ଖର୍ଚ୍ଚ ହେଉଛି ସେବାବଦରେ ସମସ୍ତେ ଜାଣିବା ଉଚିତ୍। ଲୋକମାନଙ୍କ ଦ୍ୱାରା ନିର୍ବାଚିତ ନେତା ମାନେ ସଂସଦରେ ହଟ୍ଟଗୋଳ କରି ଦେଶର ଅର୍ଥ ଅର୍ଥ ବ୍ୟବସ୍ଥାକୁ ଦୁରୁସ୍ତ କରୁଛନ୍ତି ବୋଲି ମଧ୍ୟ କୁହାଯାଇ ପାରିବ। ସଂସଦରେ ହଟ୍ଟଗୋଳ କାରଣରୁ ସଂସଦ ଚାଲିନପାରିବାରୁ ଅଧିବେଶନର ପ୍ରତି ମିନିଟ ପାଇଁ ବ୍ୟୟ ହେଉଥିବା ଅଢ଼େଇ ଲକ୍ଷ ଟଙ୍କା ନଷ୍ଟ ହେଉଛି। ଅର୍ଥାତ୍ ସଂସଦର ଅଧିବେଶନ ବେଳେ ପ୍ରତିମିନିଟ ପାଇଁ ଅଢେଇଲକ୍ଷ ଟଙ୍କା ବ୍ୟୟ ହୋଇଥାଏ ଓ ଏହି ବ୍ୟୟ ବାବଦ ଅର୍ଥ ହେଉଛି ଦେଶର ଟିକସଦାତା/ ଜନତାଙ୍କ ଅର୍ଥ। ଏଣୁ ସଂସଦ ନଚାଲିବାରୁ ପ୍ରତିମିନିଟରେ ଲୋକଙ୍କର ଅଢେଇଲକ୍ଷଟଙ୍କା ବରବାଦ ହେଉଛି ଅର୍ଥାତ୍ ପ୍ରତି ଘଣ୍ଟାରେ ଦେଢ଼ କୋଟି ଖର୍ଚ୍ଚ ହୋଇ ଯାଉଛି କିନ୍ତୁ ଫଳ ଶୁନ୍। ଏଣୁ ଶାସକ ଓ ବିରୋଧି ନିଜର ଉତ୍ତରଦାୟୀତ୍ୱ ସ୍ଥିର କରିବା ଆବଶ୍ୟକତା ରହିଛି ଲୋକ ସବୁ ଦେଖୁଛନ୍ତି ଓ ଜାଣୁଛନ୍ତି ଏଣୁ ସାବଧାନ ହେବା ଉଚିତ୍।

ରାମଚନ୍ଦ୍ରପୁର, ରଣପୁର
ମୋବାଇଲ୍: ୯୪୩୮୪୮୫୦୯୪

# ସଂକୋଚିତ ଜୀବନଶୈଳୀ



**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ବିଶିଷ୍ଟ ସାହିତ୍ୟିକ ହରିବଂଶ ରାୟ ବଚ୍ଚନ ଅନେକ ଦଶନ୍ଧି ପୂର୍ବେ ପତ୍ର (ଚିଠି) ପାଇଁ ଧନ୍ୟବାଦ' କୁ ସଂକ୍ଷିପ୍ତ ରେ ପ' ପାଇଁ ଧ 'ନାମର ଏକ ଶୈଳୀ ପ୍ରଚଳନ କରିଥିଲେ, ସେତେବେଳେ ସେ ହୁଏତ ସ୍ୱପ୍ନରେ ମଧ୍ୟ ଭାବି ନଥିବେ ଯେ ଆଗାମୀ ଦିନରେ ଏହା ଏକ ନିଆରା ପ୍ରକାରର ଭାଷା ରେ ପରିଣତ ହେବ।

କିଛି ବର୍ଷ ତଳେ ଫୋନରେ ଏସଏମଏସ ସୁବିଧା ଆସିବା ପରେ ଲୋକେ ଏହାକୁ ସ୍ୱତଃସ୍ଫୂର୍ତ ଭାବେ ଗ୍ରହଣ କରିବା ଆରମ୍ଭ କରିଥିଲେ। ହ୍ୱାଟ୍ସଆପ୍ ଆସିବା ପରେ ଏହା ଆହୁରି ବିକଶିତ ହୋଇଥିଲା। ଏହି ଯୁଗରେ ଫୋନରେ କୌଣସି ବିଷୟ ରେ ଲେଖିବା ପାଇଁ ଫୋନରେ ପୂର୍ବରୁ ଉପଲବ୍ଧ ବିଭିନ୍ନ ପ୍ରକାରର ଇମୋଜି ରହିଛି। ହସିବା, କାନ୍ଦିବା, ପ୍ରେମ ପ୍ରକାଶ କରିବା କିମ୍ବା କାହାକୁ ଚିଡ଼ାଇବା, ସବୁ ପ୍ରକାର ଇମୋଜି ଉପଲବ୍ଧ। କିଛି କହିବା ପାଇଁ ଶବ୍ଦ ବାଛିବାକୁ ବ୍ୟସ୍ତ ହେବାର ଆବଶ୍ୟକତା ନାହିଁ। ଆଜି ରିଲ୍ ର ହଟ୍ଟଗୋଳ ଏହି ଦ୍ରୁତ ଅଭିବ୍ୟକ୍ତି ଶୈଳୀକୁ ଏକ ନୂଆ ଦିଗ ଦେଇଛି। ସବୁଠାରୁ ମାରାତ୍ମକ କଥା ହେଉଛି ରିଲ୍ ନିଶାର ଶିକାର ହେଉଛନ୍ତି ଆ ବାଳ ବୃଦ୍ଧ ବନିତା। ଡାଇରେକ୍ଟ ସାଇନ୍ସ ପତ୍ରିକା ଏବଂ ହାର୍ଭାର୍ଡ ବିଜନେସ୍ ରିଭ୍ୟୁ ଭଳି ପ୍ରତିଷ୍ଠିତ ପତ୍ରିକାରେ ପ୍ରକାଶିତ ସାମ୍ପ୍ରତିକ ଅଧ୍ୟୟନରେ ଅବସାଦ, ଏକାକୀପଣ ଏବଂ ମତାମତ ନ ମିଳିବାରୁ ଗଭୀର ନିରାଶା କୁ ନେଇ ଚିନ୍ତା ପ୍ରକଟ କରାଯାଇଛି। ଦୁର୍ଭାଗ୍ୟବଶତଃ, ଏସବୁ ଏବେ ଆମପାଇଁ ଅତ୍ୟନ୍ତ ସୁବିଧାଜନକ ଏବଂ ସ୍ୱାଭାବିକ ଲାଗୁଛି। କିନ୍ତୁ ଆମେ ବିନା ପ୍ରୟାସରେ ବାର୍ତ୍ତା ପଠାଇବା କିମ୍ବା କିଛି ନୂଆ ସୃଷ୍ଟି କରିବା ପ୍ରକ୍ରିୟାରେ ଆମେ କ'ଣ ହରାଉଛୁ ତାହା ଭୁଲି ଯାଇଥାଉ।



ମନୁଷ୍ୟ କେବଳ ଶବ୍ଦରୁ ଅକ୍ଷର ଏବଂ ଅକ୍ଷରରୁ ଶବ୍ଦ ପର୍ଯ୍ୟନ୍ତ ଯାତ୍ରା ସମ୍ପୂର୍ଣ୍ଣ କରିନାହିଁ। ଏହା ପଛରେ ରହିଛି ହଜାର ହଜାର ବର୍ଷର ଅକ୍ଳାନ୍ତ ପରିଶ୍ରମ। ପଛକୁ ଚାହିଁଲେ ଗୁମ୍ଫା ଚିତ୍ରରୁ ଜଣାପଡ଼େ ମଣିଷର ନିଜ କାହାଣୀ କହିବାପାଇଁ କେତେ ପ୍ରୟାସ କରିଛି। ନିଶ୍ଚିତ ଭାବରେ, ତାକୁ ଅନେକ ପରିଶ୍ରମ କରିବାକୁ ପଡ଼ିଛି।ଆମ ପୂର୍ବପୁରୁଷମାନେ ବିଭିନ୍ନ ପ୍ରକାରର ଭାବନାକୁ ପ୍ରକାଶ କରିବା ପାଇଁ ଅନେକ ପ୍ରୟାସ କରିଥିବେ, ଆଉ ଏହି ପ୍ରକ୍ରିୟାରେ ମଣିଷ କେବଳ ଭାଷା ନୁହେଁ ବରଂ ଆହୁରି ଅନେକ କିଛି ଶିଖିଲା। ଭାଷା ଅର୍ଜନର ଏହି ବିକାଶ ଯାତ୍ରାରେ ମାନସିକ ସ୍ଥିରତା ଏବଂ ଧୈର୍ଯ୍ୟ ଭଳି ଗୁଣ ନିଶ୍ଚୟ ହାସଲ ହୋଇଥିବ। ଶିକାରକୁ ଟାର୍ଗେଟ କରିବା ହେଉ ବା ଭାବନାକୁ ସଠିକ୍ ଭାବରେ ପ୍ରକାଶ କରିବା ପାଇଁ ଶବ୍ଦ ଚୟନ, ମନୁଷ୍ୟ ସମାନ ଏକାଗ୍ରତା ଆବଶ୍ୟକ କରେ। ପରବର୍ତ୍ତୀ ସମୟରେ କଳାର ବିକାଶ ଓ ବିଭିନ୍ନ ପ୍ରକାରର ଆବିଷ୍କାରରେ ଏହି ଗୁଣଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା।

କିନ୍ତୁ ୩୦ ସେକେଣ୍ଡର ଏହି ରିଲ୍ ଯୁଗରେ ହଜାର ହଜାର ବର୍ଷର ଯାତ୍ରାରେ ଆମେ ହାସଲ କରିଥିବା ସମ୍ପତ୍ତି କେତେ ଦ୍ରୁତ ଗତିରେ ହ୍ରାସ ପାଉଛି ତାହା ବୋଧହୁଏ ଆମେ ଅନୁଭବ କରୁନାହୁଁ। ରିଲ୍ କେବଳ ଏକ ପ୍ରକାର ନିଶା ନୁହେଁ, ଏହା ଆମ ଚେତନାର ମୌଳିକ ଢାଞ୍ଚା ଉପରେ ମଧ୍ୟ ଆକ୍ରମଣ। ଏହି କାରଣରୁ ଆଗାମୀ ବର୍ଷଗୁଡ଼ିକରେ ଆମେ କ'ଣ ହରାଇବାକୁ ଯାଉଛୁ ତାହାକୁ ନେଇ ଆମେ ଚିନ୍ତିତ ନୁହଁ। କାହାଣୀ ହେଉଛି ମଣିଷର ମୌଳିକ ପ୍ରବୃତ୍ତି। କାହାଣୀ ବାହାନାରେ ଜଣେ ବ୍ୟକ୍ତି ନିଜର ପୂରା ଯାତ୍ରା ପରବର୍ତ୍ତୀ ପିଢ଼ିକୁ ହସ୍ତାନ୍ତର କରିଥାଏ। ୩୦ ସେକେଣ୍ଡରୁ ଅଧିକ ସମୟ ଶୁଣିବାକୁ ଧୈର୍ଯ୍ୟ ନଥିବା ପିଢ଼ି ଗମ୍ଭୀର ସିନେମା, ସାହିତ୍ୟ କିମ୍ବା ସଙ୍ଗୀତ ପ୍ରତି ଆଗ୍ରହୀ ହେବ ବୋଲି ଅନୁମାନ କରାଯାଇପାରିବ କି? ଫକୀର ମୋହନଙ୍କ ଉପନ୍ୟାସ 'ଲଛମା' ଛ 'ମାଣ ଆଠ ଗୁଣ୍ଠ' ପରି ବିଭିନ୍ନ କ୍ଲାସିକ ଉପନ୍ୟାସ ପଢ଼ିବା ପାଇଁ ସେ ଧୈର୍ଯ୍ୟ ରଖିବେ କି? ଏହି ଯୁଗରେ ରାଧାନାଥ ରାୟ ଙ୍କ 'ଚିଲିକା' 'ମହାଯାତ୍ରା' ମାୟା ଧର ମାନସିଂହ ଙ୍କ 'କୋଣାର୍କ' ପ୍ରେମଚାନ୍ଦଙ୍କ ଗୋଦାନ ଭଳି କ୍ଲାସିକ୍ ପାଇଁ କୌଣସି ସ୍ଥାନ ଅଛି କି? ଏ ସମସ୍ତ ଚିର ସ୍ମରଣୀୟ ମହାନାୟକ ଙ୍କ ଦୀର୍ଘ ଦିନର ପରିଶ୍ରମ ଯୁବପିଢ଼ିଙ୍କ ମଧ୍ୟରେ ସଂସ୍କୃତି ପ୍ରତି ଆକୃଷ୍ଟ କରିବାରେ ସହାୟକ ହେବ ବୋଲି ଭାବିବା ଏକ ତ୍ରୁଟି ବ୍ୟତୀତ ଆଉ କିଛି ନୁହେଁ।

ଯଦି ଆମେ ଏହା ବିଷୟରେ ଚିନ୍ତା କରୁ, ତେବେ ଏହା ଭୟଙ୍କର ଯେ ମହାକାବ୍ୟ ମାଧ୍ୟମରେ ଆମ ପାଖରେ ପହଞ୍ଚିଥିବା ସ୍ମୃତିଠାରୁ ଆଗକୁ ଯିବାର କୌଣସି ଉପାୟ ନାହିଁ। ସ୍ମୃତି କେବଳ ବ୍ୟକ୍ତିଗତ ନୁହେଁ। ଉଭୟ ସାମାଜିକ ଓ ସାମୂହିକ ସ୍ତରରେ ସେମାନେ ମାନବିକତାକୁ ସମୃଦ୍ଧ କରିଥାନ୍ତି। ବୈଷୟିକ ପରିବର୍ତ୍ତନ ଅନିବାର୍ଯ୍ୟ ଏବଂ ଏହାକୁ ସ୍ୱୀକାର କରିବା ଆବଶ୍ୟକ ବୋଲି କହିବା ଅତ୍ୟୁକ୍ତିଜନକ। ଡିଜିଟାଲ ଲକରରେ ଅନେକ ଜିନିଷକୁ ସୁରକ୍ଷିତ ରଖାଯାଇପାରିବ। ସ୍ମୃତିକୁ ସୁରକ୍ଷିତ ରଖିବା ପାଇଁ ସମ୍ବଳର ଅଭାବ ନାହିଁ। କିନ୍ତୁ ଯେତେବେଳେ ସୃଷ୍ଟି ପାଇଁ ଧୈର୍ଯ୍ୟ ନଥାଏ, ସେତେବେଳେ ଡିଜିଟାଲ ଲକରରେ କ'ଣ ସୃଷ୍ଟି ହେବ ଏବଂ କ'ଣ ସୁରକ୍ଷିତ ରଖାଯିବ? ବର୍ତ୍ତମାନ ସ୍ମୃତିର ଲୋପ ପାଇବାର ସମୟ ଏବଂ ଆମେ ସମସ୍ତେ ଏହାକୁ ସେପରି ଗ୍ରହଣ କରିବାକୁ ବାଧ୍ୟ।

ନୟାଗଡ଼
ମୋବାଇଲ୍: ୯୪୩୭୬୪୨୯୪୭

# ପରିବର୍ତ୍ତିତ ଜୀବନ ଚିତ୍ର

**ଡକ୍ଟର ମନୋରଞ୍ଜନ ବିଷୋୟୀ**



ଭାରତର ଆତ୍ମିକ ବୈଭବ ଦିନେ ଗ୍ରାମ୍ୟ ସଭ୍ୟତାର ସରଳତା ଭିତରେ ଅଗ୍ରଗତିର ମାର୍ଗ ନିର୍ଣ୍ଣୟ କରୁଥିଲା। କିନ୍ତୁ ସମୟର ଗତିପଥରେ ଆଜିର ଗ୍ରାମ୍ୟ ଜୀବନ ଏକ ନିସଙ୍ଗ ଉପତ୍ୟକାରେ ରୂପାନ୍ତରିତ। ସମ୍ପର୍କର ଅବିଚ୍ଛେଦ୍ୟ ଅଙ୍ଗ ଆଜି ଶିଥିଳ। ଆଧ୍ୟାତ୍ମିକ କ୍ଷେତ୍ରରୁ ଆରମ୍ଭ କରି ସାମାଜିକ, ଅର୍ଥନୈତିକ, ରାଜନୈତିକ ସର୍ବୋପରି ନୈତିକ ସ୍ଖଳନ ସର୍ବତ୍ର ଆପଣାର କାୟା ବିସ୍ତାର କରିଛି। ଅଗ୍ରଗତି ନାମରେ ଯେଉଁ ବିଷ ମଞ୍ଜି ରୋପଣ କରାଯାଇଛି; ତାହାର ପ୍ରଭାବ ସର୍ବତ୍ର ସୃଷ୍ଟି କରିଛି ବିଭୀଷିକାମୟ ଦୃଶ୍ୟ। ଆଜି ପ୍ରତିଷ୍ଠା ଓ ପ୍ରାଚୁର୍ଯ୍ୟ ପଛରେ ପଡ଼ିଥିବା ପାଗଳ ମଣିଷ ଆପଣାର ସ୍ୱାର୍ଥର ପରିଧି ଭିତରେ ସମ୍ପୂର୍ଣ୍ଣ ରୂପେ ବନ୍ଦୀ। ଗ୍ରାମର ଉତ୍ସବମୁଖର ପରିବେଶ ନାହିଁ; ନାହିଁ ମଧ୍ୟ ସରଳ ମାନବର ନିରଳସ ଇସ୍ତାହାର। ସ୍ୱାର୍ଥ ପାରିବାରିକ ସମ୍ପର୍କ ଭିତରେ ଠିଆ କରାଇଛି ପାଚେରୀ। ଏପରିକି ଶ୍ରେଷ୍ଠ ନୀତି ଭାବରେ ଦିନେ ଜନମାନସରେ ସ୍ଥାନ ପାଇଥିବା ରାଜନୀତି ଆଜି ସ୍ୱାର୍ଥନ୍ୱେଷୀ ମୁଷ୍ଟିମେୟ ଲୋକଙ୍କ ହାତରେ ବନ୍ଧାପଡ଼ିଛି। ଚିଲମର ଧୂଆଁର ବାସ୍ନାରେ, ମାଦକ ଦ୍ରବ୍ୟର ଆକର୍ଷଣରେ ଯୁବଗୋଷ୍ଠୀ ମନ୍ଦିର ଆସୁଥାନ୍ତି ବା କ୍ଲବ୍‌ଘରେ ରାତି କାଟନ୍ତି। ଯୁବଶ୍ରେଣୀର ଏପରି ଦିଗଭ୍ରଷ୍ଟ କାରବାର ଗ୍ରାମ୍ୟ ଜୀବନକୁ ଆଜି ସଂକ୍ରମିତ କରିଛି। ଯେନତେନ ପ୍ରକାରେଣ ଉଚ୍ଚଶିକ୍ଷା ଲାଭ କରିଥିବା ଏପରି କିଛି ଯୁବଗୋଷ୍ଠୀଙ୍କ ପକ୍ଷରେ ବିଲରେ ଲଙ୍ଗଳ କଣ୍ଟି ଧରିବା ଆଉ ସମ୍ଭବ ହେଉନାହିଁ। ଅନ୍ୟପଟରେ ଅର୍ଥ ରୋଜଗାରର ସମସ୍ତ ରାସ୍ତା ବନ୍ଦ। ସନ୍ଧ୍ୟାରେ ଚିଲମ ଧୂଆଁରେ ଭଜନ କୀର୍ତ୍ତନ; ତା'ପରେ କ୍ଲବ୍ ଘରେ କଟେ ଜୀବନ। ଏହାହିଁ ସରଳ ଗ୍ରାମ୍ୟ ଜୀବନର ଦୁଃଖଦ ପରିଣତି। ଆଜି ଗ୍ରାମ୍ୟ ରାଜନୀତିରେ ଯେଉଁ ବିଷମଞ୍ଜି ବୁଣା ହୋଇଛି; ତାହା ଭାଇକୁ ଭାଇ ସାମ୍ନାରେ ଶତ୍ରୁ କରି ଠିଆ କରାଇଛି। ରାଜନୀତିର ପଶାପାଲିରେ ସାଧାରଣ ଜନତା ହେଉଛି ଉପେକ୍ଷିତ। ଯୋଜନା ନାଁରେ ଖର୍ଚ୍ଚ ହେଉଥିବା ଅର୍ଥ ବ୍ୟକ୍ତିଗତ ଲକ୍ଷ୍ୟସିଦ୍ଧି ନିମନ୍ତେ ହେଉଛି ବିନିଯୋଗ। ଏପରିକି କଣ୍ଟ୍ରୋଲ ଦୋକାନରେ ମଧ୍ୟ ଜିନିଷ ପାଇବା ସାଧାରଣ ଲୋକଙ୍କ ପାଇଁ ମୁସ୍କିଲ ହୋଇପଡ଼ିଛି। ସ୍ୱାର୍ଥସର୍ବସ୍ୱ ଏ ପୃଥିବୀରେ ଆଜି ସଭିଏଁ ଆପଣାର ସ୍ୱପ୍ନରେ ବିଭୋର ହୋଇପଡ଼ିଛନ୍ତି।

ବାସ୍ତବିକ କହିବାକୁ ଗଲେ; ଗ୍ରାମ୍ୟ ଜୀବନର ସରଳତା ଆଜି ନଷ୍ଟ ଏବଂ ସମ୍ପ୍ରୀତିର ପୃଥିବୀ ହୋଇପଡ଼ିଛି ଓଲଟପାଲଟ। ଆଜି ପରିବର୍ତ୍ତନର ସୁଅରେ ସବୁ ପାରମ୍ପରିକ ମୂଲ୍ୟବୋଧ ହୋଇପଡ଼ିଛି ଅଚଳ। ଆପଣାର ସ୍ୱାର୍ଥ ସିଦ୍ଧି ପାଇଁ ଅହରହ ଚେଷ୍ଟିତ ମଣିଷ ପ୍ରତ୍ୟେକ ମୁହୂର୍ତ୍ତରୁ ସଫଳତା ହିଁ ଖୋଜି ଚାଲିଛି। କେଉଁଠାରେ ସଫଳତା ପାଇଁ ରାଜନୀତିକୁ ଅସ୍ତ୍ର ଭାବରେ ଗ୍ରହଣ କରିଛି ତ; ଅନ୍ୟ କେଉଁଠାରେ ଧର୍ମକୁ ଢାଲ କରି ମୁକ୍ତିର ମାର୍ଗ ଖୋଜିଛି। ପରିଣତି ସ୍ୱରୂପ ନା' ସେ ବ୍ୟକ୍ତିଗତ ଜୀବନରେ ପାଇଛି ପୂର୍ଣ୍ଣତା; ନା' ସମୂହରେ ପାଇଛି ସ୍ୱୀକୃତି। ପରିଶେଷରେ କେବଳ ଏତିକି କହିବି- ପ୍ରତିଷ୍ଠା ଓ ସ୍ୱୀକୃତି କାଙ୍ଗାଳ ମଣିଷ ବସ୍ତୁବାଦୀ ଦୃଷ୍ଟିକୋଣର ମୋହରେ ଯେତେ ଆତ୍ମମଗ୍ନ ହେଉନା କାହିଁକି; ଯେଉଁ ମୁହୂର୍ତ୍ତକ ପାଇଁ ସେ ସମ୍ପର୍କର ପୃଥିବୀ କଥା ଚିନ୍ତା କରେ; ସେତିକିବେଳେ ସେ ବିଷଣ୍ଣ ହେବା ସ୍ୱାଭାବିକ। ଆପଣା ମାଟି, ପାଣି, ପବନ, ଆକାଶ ଯେଉଁ ନିବିଡ଼ ଆଲିଙ୍ଗନରେ ମଣିଷକୁ ବଞ୍ଚିବାର ମନ୍ତ୍ର ଶିଖାଇଥାଏ; ସେଥିରୁ ମୁକ୍ତ ହେବା ଅସମ୍ଭବ କହିଲେ ଅତ୍ୟୁକ୍ତି ହେବନାହିଁ।



ଦାମୋଦରପୁର, ଗଂଜାମ
ମୋବାଇଲ୍: ୮୮୯୫୧୪୧୭୨୭

# ଭାରତୀୟ ନୌ-ସେନା ଦିବସ

**ଯଶସ୍ୱିନୀ ପଟ୍ଟନାୟକ**



ପ୍ରତିବର୍ଷ ଡିସେମ୍ବର ୪ ତାରିଖରେ ଆମ ଦେଶର ନୌ-ସେନା ଦିବସ ପାଳିତ ହୁଏ। ଭାରତ-ପାକିସ୍ତାନ ଯୁଦ୍ଧ ବେଳେ ୧୯୭୧ ଡିସେମ୍ବର ୪ ତାରିଖରେ ଭାରତୀୟ ନୌସେନା କରାଚୀ ବନ୍ଦର ଆକ୍ରମଣ କରିଥିଲା। ଉକ୍ତ ଆକ୍ରମଣର ସାଙ୍କେତିକ ନାମ ଥିଲା ଟ୍ରାଇଡେଣ୍ଟ। ଆକ୍ରମଣର ପରିଣାମ ସ୍ୱରୂପ ପାକିସ୍ତାନୀ ନୌ-ସେନାର ଡେଷ୍ଟ୍ରୟର ପିଏନ୍ଏସ୍ ଖାଇବର ଓ ମାଇନ୍ ସ୍ୱିପର ପିଏନ୍ଏସ୍ ମୁହାଫିଜ ଧ୍ୱଂସ ହୋଇଯାଇଥିଲା। ୭୨୦ ପାକିସ୍ତାନୀ ନୌ-ସୈନିକ ପ୍ରାଣ ହରାଇଥିଲେ। ତେଣୁ ଡିସେମ୍ବର ୪, ଆମ ପାଇଁ ଏକ ବିଜୟ ଦିବସ। ଦେଶର ପ୍ରତିରକ୍ଷା କ୍ଷେତ୍ରକୁ ନୌ-ସେନାର ଅବଦାନ ଅତୁଳନୀୟ। ସପ୍ତଦଶ ଶତାବ୍ଦୀର ମରାଠା ଶାସକ ଛତ୍ରପତି ଶିବାଜୀଙ୍କୁ ଭାରତୀୟ ନୌସେନାର ଜନକ କୁହାଯାଏ। ଉଲ୍ଲେଖଯୋଗ୍ୟ ଯେ, ଭାରତୀୟ ନୌ-ସେନାର କର୍ମଚାରୀ ସଂଖ୍ୟା ଏବେ ୫୮୩୫୦।

ଆମର ଅଛି ଗୋଟିଏ ଆଣବିକ ବୁଡ଼ାଜାହାଜ, ତେରଟି ପାରମ୍ପରିକ ବୁଡ଼ାଜାହାଜ, ପନ୍ଦରଟି ଫ୍ରିଗେଟ୍, ଆଠଟି ଗାଇଡେଡ୍ ମିଜାଇଲ୍ ଡେଷ୍ଟ୍ରୟର, ଚବିଶଟି କର୍ଭେଟ ଏବଂ ଗୋଟିଏ ଏଆର୍‌କ୍ରାଫ୍ଟ କାରିଅର୍। ବଡ଼ଖୁସିର କଥା ଚଳିତ ବର୍ଷ ଭାରତୀୟ ନୌସେନାର ପ୍ରତିଷ୍ଠା ଦିବସ ବ୍ୟାପକ ଭାବେ ପାଳନ ହେଉଛି। ଖୋଦ ମହାମହିମ ରାଷ୍ଟ୍ରପତି ଏହାକୁ ଦେଖିବା ପାଇଁ ପୁରୀ ଆସୁଛନ୍ତି। ବିଧିବଦ୍ଧ ଭାବେ ନୌସେନା ଦିବସରେ ମୁଖ୍ୟ ଅତିଥି ଭାବେ ସେ ମଧ୍ୟ ଯୋଗଦାନ କରିବେ। ଭାରତୀୟ ନୌସେନା ବାସ୍ତବିକ ଭାବେ ଆମ ଉତ୍ତୁଙ୍ଗ ସେନା ସାମର୍ଥ୍ୟର ପ୍ରତୀକ। ଜଳ, ସ୍ଥଳ ଓ ଆକାଶରେ ବୀରତ୍ୱ, ପରାକ୍ରମ ସହ ଯୁଦ୍ଧ କୌଶଳ ପ୍ରଦର୍ଶନ ସାଙ୍ଗକୁ ପ୍ରଥମ ଥର ପାଇଁ ଓଡ଼ିଶାର ପୁରୀରେ ବ୍ଲୁ ଫ୍ଲାଗ ବିଚରେ ପରାକ୍ରମ ଦେଖାଇବ ନୌସେନା।

**ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ**



# ଉପ ମୁଖ୍ୟମନ୍ତ୍ରୀ ହେବାକୁ ସିନ୍ଦେ ରାଜି !



**ମୁମ୍ବାଇ, ୩।୧୨:** ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପରେ ପୁଣି ମୁଖ୍ୟମନ୍ତ୍ରୀ ହେବାକୁ ଗୋଡ଼ ଟେକି ବସିଥିବା ଶିବସେନା ମୁଖ୍ୟ ଏକନାଥ ସିନ୍ଦେ ଶେଷରେ ମୁଣ୍ଡ ନୁଆଁଇଛନ୍ତି। ରେଜଲ୍ଟ ବାହାରିବାକୁ ୧୧ ଦିନ ବିତି ଯାଇଥିଲେ ହେଁ ସଂଖ୍ୟା ଥାଇ ମଧ୍ୟ ମହାୟୁତି(ବିଜେପି-ଶିବସେନା ଓ ଏନସିପି) ସରକାର ଗଠନ କରିପାରୁନାହାନ୍ତି। ମୁଖ୍ୟମନ୍ତ୍ରୀ ପଦର ଅଙ୍କ ଛିଡ଼ୁ ନଥିବାରୁ ଶପଥ ପାଠ ଉତ୍ସବ ହୋଇପାରୁନି। କିଏ ମୁଖ୍ୟମନ୍ତ୍ରୀ ହେବେ ତାକୁ ନେଇ ସସପେନ୍ସ ଜାରି ରହିଥିବା ବେଳେ କାର୍ଯ୍ୟକାରୀ ମୁଖ୍ୟମନ୍ତ୍ରୀ ସିନ୍ଦେ ଲୁଚକାଳି ଖେଳ ଜାରି ରଖିଥିଲେ। ସିନ୍ଦେଙ୍କ ଆଭିମୁଖ୍ୟ ଏବେ ବଦଳିଛି। ସେ ମହାୟୁତି ସରକାରରେ ସାମିଲ ହେବାକୁ ଏକପ୍ରକାରର ବିକଳ ହୋଇ ଉଠିଛନ୍ତି। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀରୁ ଏଥର ଉପ ମୁଖ୍ୟମନ୍ତ୍ରୀ ହେବାକୁ ରାଜି ହୋଇଥିବା ଜଣାପଡ଼ିଛି।

ସିନ୍ଦେ ଉପ ମୁଖ୍ୟମନ୍ତ୍ରୀ ହେବାକୁ ରାଜି ହୋଇଥିବାରୁ ଆସନ୍ତା ଗୁରୁବାର ମହାରାଷ୍ଟ୍ରରେ ମହାୟୁତି ସରକାର ଶପଥ ଗ୍ରହଣ କରିବେ। ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ସହ ଦୁଇ ଜଣ ଉପ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ଏହାପରେ ମନ୍ତ୍ରିମଣ୍ଡଳ ଗଠନ କରାଯିବ ବୋଲି ଜଣାପଡ଼ିଛି। ସୂତ୍ର ଅନୁସାରେ, ବିଜେପିର ଦେବେନ୍ଦ୍ର ଫଡନାଭିସ ପୁଣିଥରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ପଦକୁ ଫେରିବେ। ସେ ବିଦାୟୀ ମହାୟୁତି ସରକାରରେ ଏକନାଥ ସିନ୍ଦେଙ୍କ ଡେପୁଟି ଭାବେ କାମ କରୁଥିଲେ। ଫଡନାଭିସ ୫ ତାରିଖରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାକୁ ଯାଉଥିବା ବେଳେ ସିନ୍ଦେ ଓ ଏନସିପିର ଅଜିତ ପାୱାର ଉପ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। ୨ ବର୍ଷ ଧରି ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଭାବେ କାମ କରୁଥିବା ସିନ୍ଦେ ପ୍ରଥମେ ଉପ ମୁଖ୍ୟମନ୍ତ୍ରୀ ହେବାକୁ ରାଜି ହୋଇ ନଥିଲେ। ସେ ମହାୟୁତି ବୈଠକ ବାତିଲ କରିବା ଓ ହଠାତ୍ ନିଜ ଗାଁକୁ ଚାଲିଯିବା ଭଳି ଭେଳିକି ଦେଖାଇବାରୁ ବିଜେପି ତାଙ୍କ ଉପରେ ଖପ୍ପା ହୋଇଥିଲା। ଏପରି କି ତାଙ୍କୁ ବାଦ ଦେଇ କେବଳ ଅଜିତ ପାୱାରଙ୍କୁ ଧରି ବିଜେପି ସରକାର ଗଠନ କରିବାକୁ ପ୍ରକ୍ରିୟା ଆରମ୍ଭ କରିଥିଲେ। ସିନ୍ଦେଙ୍କ ଚାପ ବିଜେପି ଉପରେ କାମ ନଦେବାକୁ ସେ ବାଧ୍ୟ ହୋଇ ମୁମ୍ବାଇ ଫେରିଥିଲେ। ଏଥିସହ ସରକାରରେ ସାମିଲ ହେବାକୁ ନିଜର ଆଗ୍ରହ ଦେଖାଇଥିଲେ। ସେ ସରକାରରେ ସାମିଲ ହେବାକୁ ବିକଳ ହେବାରୁ ବିଜେପି ପକ୍ଷରୁ ତାଙ୍କୁ ଉପ ମୁଖ୍ୟମନ୍ତ୍ରୀ ପଦ ଅଫର କରାଯାଇଥିଲା। ଏହାକୁ ସେ ଗ୍ରହଣ କରି ନେଇଥିବା ରିପୋର୍ଟ ପ୍ରକାଶ ପାଇଛି।

ଶପଥ ପାଠ ଉତ୍ସବ ପରେ ମହାୟୁତିରେ ଥିବା ଦଳ ଗୁଡ଼ିକ ମନ୍ତ୍ରୀ ପଦ ଆବଣ୍ଟନ କରିବେ। ବିଜେପି ରାଜ୍ୟରେ ସର୍ବାଧିକ ଆସନ ଜିତି ଥିବାରୁ ନିଜ ପାଖରେ ୨୧ରୁ ୨୨ଟି ମନ୍ତ୍ରୀ ପଦ ରଖିବ। ବିଧାନସଭାର ବାଚସ୍ପତି ଓ ବିଧାନ ପରିଷଦର ଅଧ୍ୟକ୍ଷ ମଧ୍ୟ ବିଜେପି ବିଧାୟକ ହେବେ। ଏକନାଥ ସିନ୍ଦେଙ୍କ ଶିବସେନା ୧୬ଟି ମନ୍ତ୍ରୀ ପଦ ପାଇଁ ଦାବି କରିଥିଲା। କିନ୍ତୁ ଦଳକୁ କେବଳ ୧୨ଟି ବିଭାଗ ମିଳିବ। ଦଳ ବିଧାନ ପରିଷଦର ଅଧ୍ୟକ୍ଷ ପଦ ପାଇଁ ମଧ୍ୟ ଚାପ ପକାଉଛି। ହେଲେ ବିଜେପି ଏହାକୁ ଛାଡ଼ିବାକୁ ନାରାଜ। ଅଜିତ ପାୱାରଙ୍କ ଏନସିପି ୯ରୁ ୧୦ଟି ମନ୍ତ୍ରୀ ପଦ ପାଇବ। ଦଳ ନିଜ ପାଖରେ ଅର୍ଥ ବିଭାଗ ରଖିବ। ଦଳର ଜଣେ ବିଧାୟକ ଉପ ବାଚସ୍ପତି ଭାବେ ମଧ୍ୟ କାର୍ଯ୍ୟ କରିବେ।

# ବିଗିଡ଼ିଲା ସିନ୍ଦେଙ୍କ ସ୍ୱାସ୍ଥ୍ୟାବସ୍ଥା

**ମୁମ୍ବାଇ, ୩।୧୨:** ବିଗିଡ଼ିଲା ଶିବସେନା ନେତା ତଥା ମହାରାଷ୍ଟ୍ରର କାର୍ଯ୍ୟକାରୀ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ସ୍ୱାସ୍ଥ୍ୟ। ମହାରାଷ୍ଟ୍ରରେ ନୂଆ ସରକାର ଶପଥ ଗ୍ରହଣ ସମାରୋହ ପୂର୍ବରୁ ସେ ଆଜି ଅସୁସ୍ଥ ହୋଇପଡ଼ିଛନ୍ତି। ତୁରନ୍ତ

## ହସ୍ପିଟାଲରେ ଭର୍ତ୍ତି

ତାଙ୍କୁ ମୁମ୍ବାଇ ଥାଣେ ସ୍ଥିତ ଜୁପିଟର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରବିବାର ଦିନଏକନାଥ ସିନ୍ଦେ ନିଜ ପୈତୃକ ଗାଁରୁ ଫେରିଥିଲେ। ସେ ଗତ ଦୁଇରୁ ତିନି ଦିନ ହେବ ଥଣ୍ଡା ଜ୍ୱର ଯୋଗୁ ଅସୁସ୍ଥ ଥିଲେ। ତେବେ ଆଜି ହଠାତ୍ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକା ବିଗିଡି ଯିବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଡାକ୍ତରମାନେ ତାଙ୍କ ଚିକିତ୍ସା ଜାରି ରଖିଛନ୍ତି। କୁହାଯାଉଛି ଯେ ଯାଞ୍ଚ ପାଇଁ ତାଙ୍କୁ ହସ୍ପିଟାଲରେ କିଛି ଦିନ ରହିବାକୁ ପଡିବ। ଶୁକ୍ରବାର ଦିନ ଜ୍ୱରରେ ପୀଡିତ ଥିବା ବେଳେ ସିନ୍ଦେ ନିଜ ପୈତୃକ ଗାଁ ସତାରାକୁ ଚାଲିଯାଇଥିଲେ। ସେଠାରେ ସେ ଆରାମ କରୁଥିଲେ। ତେବେ ସ୍ୱାସ୍ଥ୍ୟରେ କୌଣସି ସୁଧାର ଆସିନଥିଲା। ଆହୁରି ବିଗିଡିବାକୁ ଲାଗିଥିଲା। ଏହାପରେ ତାଙ୍କୁ ଆଜି ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ଅଧିକାରୀମାନେ ସୂଚନା ଦେଇଛନ୍ତି। ମିଡିଆ ରିପୋର୍ଟ ମୁତାବକ, ଗୁରୁବାର ମହାରାଷ୍ଟ୍ରରେ ଶପଥ ଗ୍ରହଣ ସମାରୋହ ଆୟୋଜନ ହୋଇପାରେ। ଏହି ସମାରୋହରେ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଓ ଦୁଇ ଜଣ ଉପ-ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ବୁଧବାର ବିଜେପି ବିଧାୟକ ଦଳ ନେତାଙ୍କ ନାଁ ଘୋଷଣା କରିପାରେ।

# ହୃଦଘାତରେ ଦକ୍ଷିଣ କୋରିଆ ଅଭିନେତା ପାର୍କ ମିନଙ୍କ ମୃତ୍ୟୁ



**ସିଓଲ, ୩।୧୨:** ହୃଦଘାତରେ ଆଉ ଜଣେ ଯୁବକଙ୍କ ମୃତ୍ୟୁ। ଦକ୍ଷିଣ କୋରିଆର ପ୍ରସିଦ୍ଧ ଅଭିନେତା ପାର୍କ ମିନ ଜେଙ୍କ ମୃତ୍ୟୁ ହୋଇଛି। ସେ ଟିଭି ସିରିଜ୍ ଆଇଡଲ: ଦି କୋପ୍ ୨୦୨୧, Idol: The Coup (2021) ପାଇଁ ବେଶ୍ ପରିଚୟ ସୃଷ୍ଟି କରିଥିଲେ। ରିପୋର୍ଟ ଅନୁସାରେ, ମୃତ୍ୟୁ ବେଳକୁ ତାଙ୍କୁ ୩୨ ବର୍ଷ ବୟସ ହୋଇଥିଲା। ତାଙ୍କ ଏଜେନ୍ସି ବିଗ୍ ଟାଇଟଲ୍ ମୃତ୍ୟୁ ବାବଦରେ ସ୍ପଷ୍ଟ କରିଛି। କୋରିଆ ମିଡିଆ ରିପୋର୍ଟ କରିଛି ଯେ ନଭେମ୍ବର ୨୯ରେ ପାର୍କ ମିନଙ୍କ ମୃତ୍ୟୁ ହୋଇଥିଲା। ଏହି ସମୟରେ ସେ ଚୀନରେ ଥିଲେ। ବିଗ୍ ଟାଇଟଲ୍ ଏକ ପୋଷ୍ଟ କରି କହିଛି, ପାର୍କ ମିନି ଜେ, ଜଣେ ଦକ୍ଷ ଅଭିନେତା ଥିଲେ, ଯିଏ ଅଭିନୟକୁ ଖୁବ୍ ଭଲ ପାଉଥିଲେ ଏବଂ ସର୍ବଦା ନିଜର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଛନ୍ତି। ସେ ପାଇଥିବା ଭଲପାଇବା ଏବଂ ସମର୍ଥନକୁ ଆମେ ଗଭୀର ଭାବେ ପ୍ରଶଂସା କରୁଛୁ। ଯଦିଓ ଆମେ ଆଉ ତାଙ୍କ ଅଭିନୟକୁ ଦେଖିପାରିବୁନି, ତଥାପି ଆମେ ତାଙ୍କୁ ଜଣେ ଦକ୍ଷ ଏବଂ ଉଚ୍ଚକୋଟୀର ଅଭିନେତା ଭାବେ ଗର୍ବର ସହ ମନେ ପକାଇବୁ। ଭଗବାନ ତାଙ୍କ ଆତ୍ମାକୁ ଶାନ୍ତି ଦିଅନ୍ତୁ।

## ଇଣ୍ଡି ମେଣ୍ଟରେ ଫାଟ

# ସଂସଦ ପରିସରରେ ବିକ୍ଷୋଭରୁ ସପା-ଟିଏମ୍‌ସି ଦୂରେଇଲେ

**ନୂଆଦିଲ୍ଲୀ, ୩।୧୨:** ସଂସଦର ଶୀତକାଳୀନ ଅଧିବେଶନରେ ମଙ୍ଗଳବାର ମଧ୍ୟ ଆନ୍ଦୋଳନ ଜାରି ରହିଛି। ଆଦାନୀ ପ୍ରସଙ୍ଗରେ ବିରୋଧୀ ଲୋକସଭାକୁ ବୟକଟ୍ କରିଛନ୍ତି। ଗୃହରୁ ବାହାରିବା ପରେ ବିରୋଧୀଦଳର ନେତାମାନେ ସଂସଦ ପରିସରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ପ୍ରଦର୍ଶନରେ ଲୋକସଭାରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧି ଏବଂ ସାଂସଦ ପ୍ରିୟଙ୍କା ଗାନ୍ଧି ମଧ୍ୟ ସାମିଲ ଅଛନ୍ତି। କିନ୍ତୁ ସମାଜବାଦୀ ପାର୍ଟି ଏବଂ ତୃଣମୂଳ କଂଗ୍ରେସ ଏହି ବିକ୍ଷୋଭରୁ ନିଜକୁ ଦୂରେଇ ରଖିଛି। ଫଳରେ ଇଣ୍ଡି 'ମେଣ୍ଟ' ଭାଗ ଭାଗ ହୋଇଯାଇଥିବା ସନ୍ଦେହ କରାଯାଉଛି। ଆଦାନୀ ପ୍ରସଙ୍ଗରେ ଗୃହରେ ଲଗାତର ବିରୋଧ ପ୍ରଦର୍ଶନ ଜାରି ରଖିଛି କଂଗ୍ରେସ। ଏହାକୁ ନେଇ ବାରମ୍ବାର ଗୃହ ମୁଲତବୀ ମଧ୍ୟ ହେଉଛି। ଆଜି ମଧ୍ୟ ଏହି ପ୍ରସଙ୍ଗ ବିଷୟରେ ଆଲୋଚନା ପାଇଁ କଂଗ୍ରେସ ସାଂସଦମାନେ ଦାବି କରି ବିରୋଧ ପ୍ରଦର୍ଶନ କରିଛନ୍ତି। ତେବେ ଏହି ବିରୋଧ ପ୍ରଶର୍ଦନରେ ସମାଜବାଦୀ ପାର୍ଟି ଓ ତୃଣମୂଳ କଂଗ୍ରେସର ସାଂସଦମାନେ ଯୋଗ ଦେଇନାହାନ୍ତି। ୨୫ ନଭେମ୍ବରରୁ ଆରମ୍ଭ ହୋଇଥିବା ସଂସଦର ଶତୀକାଳିନ ଅଧିବେଶନରେ କଂଗ୍ରେସର ଫୋକସ୍ କେବଳ ଆଦନୀ ପ୍ରସଙ୍ଗକୁ ନେଇ ରହିଛି। କିନ୍ତୁ ସମାଜବାଦୀ ପାର୍ଟି ଉତ୍ତରପ୍ରଦେଶର ସମ୍ଭଲରେ ହୋଇଥିବା ହିଂସା ଉପରେ ଆଲୋଚନା କରିବାକୁ ଦାବି କରୁଛି। ଅନ୍ୟପଟେ ଟିଏମ୍‌ସି ଗୃହରେ ମୁଦ୍ରାସ୍ଫୀତି, ବେକାରୀ, କୃଷି, ସାର, ବିରୋଧୀ ରାଷ୍ଟ୍ରକୁ ମିଳୁଥିବା ଟଙ୍କାରେ ହ୍ରାସ୍ ଓ ମଣିପୁର ଭଳି ପ୍ରସଙ୍ଗରେ ଆଲୋଚନା କରିବାକୁ ଚାହୁଁଛି। ଏଥି ସହିତ ଅନ୍ୟ ବିରୋଧୀ ଦଳ ମଧ୍ୟ ଚାହୁଁଛନ୍ତି ଯେ କୃଷକ, ସମ୍ବଲ ଏବଂ ମଣିପୁର ଭଳି ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା କରାଯାଉ। ହେଲେ କଂଗ୍ରେସ କେବଳ ଆଦାନୀ ପ୍ରସଙ୍ଗ ଉପରେ ଆଲୋଚନା କରାଯାଉ ବୋଲି ଜିଦ୍ ଧରି ବସିଛି। ତେଣୁ ଇଣ୍ଡି ମେଣ୍ଟର ଦଳ ମଧ୍ୟରେ ପରସ୍ପର ମତ ଆଉ ମେଳ ଖାଉ ନାହିଁ। ଫଳରେ ଏଥିରେ ଫାଟ ସୃଷ୍ଟି ହେଉଥିଲା ଭଳି ମନେ ହେଉଛି। ଏହାପୂର୍ବରୁ ସୋମବାର ଦିନ ମଧ୍ୟ ସଂସଦ ପ୍ରକ୍ରିୟା ଆରମ୍ଭ ପୂର୍ବରୁ ଇଣ୍ଡିଆ ବ୍ଲକ୍ ନେତାମାନେ ମଲ୍ଲିକାର୍ଜୁନ ଖାଡ଼କେଙ୍କୁ ଭେଟିଥିଲେ। ମଲ୍ଲିକାର୍ଜୁନ ଖଡଗେଙ୍କ ଚାମ୍ବରରେ ବିରୋଧୀ ଦଳର ନେତାମାନଙ୍କ ସହ ଏକ ବୈଠକ ହୋଇଥିଲା। ତେବେ ଏହି ବୈଠକରେ ଟିଏମ୍‌ସି ସାଂସଦମାନେ କିନ୍ତୁ ଯୋଗ ଦେଇ ନଥିଲେ। ଟିଏମ୍‌ସି ଏହି ବୈଠକରୁ ନିଜକୁ ଦୂରେଇ ରଖିଥିଲା।

# ଶପଥ ପୂର୍ବରୁ ହମାସ୍‌କୁ ଟ୍ରମ୍ପଙ୍କ ଧମକ



**ୱାଶିଂଟନ, ୩।୧୨:** ଶପଥ ପୂର୍ବରୁ ନାଲି ଆଖି ଦେଖାଇଛନ୍ତି ଟ୍ରମ୍ପ। ଆତଙ୍କବାଦୀ ସଙ୍ଗଠନ ହମାସ୍‌କୁ ଦେଇଛନ୍ତି ଖୋଲା ଧମକ। ୨୦ ଜାନୁଆରୀ ୨୦୨୫ ଶପଥ ସମାରୋହ ପୂର୍ବରୁ ଇସ୍ରାଏଲ ବନ୍ଧକଙ୍କୁ ମୁକ୍ତ କରିବାକୁ ସେ ଚେତାବନୀ ଦେଇଛନ୍ତି। ଯଦି ଏଭଳି ହମାସ୍ ନକରେ ତେବେ ସ୍ଥିତି ଭୟାବହ ହେବ। ମଧ୍ୟପ୍ରାଚ୍ୟରେ ବିନାଶ ଆରମ୍ଭ ହେବ। ମହାଯୁଦ୍ଧ ଦେଖିବ ବିଶ୍ୱ ବୋଲି ସେ ଧମକ ଦେଇଛନ୍ତି। ପ୍ରକୃତରେ ଆସନ୍ତା ବର୍ଷ ଜାନୁଆରୀ ୨୦ ତାରିଖରେ ଆମେରିକାର ନୂଆ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିବେ ଡୋନାଲ୍ଡ ଟ୍ରମ୍ପ। ତେବେ ଏହା ପୂର୍ବରୁ ସେ ଇସ୍ରାଏଲ ବନ୍ଧକଙ୍କୁ ମୁକ୍ତ କରିବା ପାଇଁ ପାଲେଷ୍ଟାଇନ୍ ସମୂହ ହମାସକୁ ଅଲ୍ଟିମେଟମ୍ ଦେଇଛନ୍ତି। ସୋଶାଲ ମିଡିଆ ପ୍ଲାଟଫର୍ମରେ ଏକ ପୋଷ୍ଟ ସେୟାର କରି ଟ୍ରମ୍ପ କହିଛନ୍ତି, ଯେଉଁମାନେ ମାନବିକତା ବିରୁଦ୍ଧରେ ଅତ୍ୟାଚାର କରିଛନ୍ତି ସେମାନଙ୍କୁ ବଡ଼ ମୂଲ୍ୟ ଦେବାକୁ ପଡିବ। ହମାସ ଦ୍ୱାରା ଇସ୍ରାଏଲର ନାଗରିକମାନଙ୍କୁ ବନ୍ଧକ ରଖିବାକୁ ହିଂସାତ୍ମକ ତଥା ଅମାନବୀୟ ବୋଲି ଟ୍ରମ୍ପ ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି ଯେ ଯଦି ଇସ୍ରାଏଲ ବନ୍ଧକଙ୍କୁ ହମାସ ମୁକ୍ତ ନକରେ ତେବେ ଆମେରିକୀୟ ସେନାର ଏୟରଷ୍ଟ୍ରାଇକରେ ଥରି ଉଠିବ ମିଡିଲ-ଇଷ୍ଟ। ବୋମା ବର୍ଷା କରି ଛାରଖାର କରିଦିଆଯିବ। ବନ୍ଧକଙ୍କୁ ସମୟ ପୂର୍ବରୁ ମୁକ୍ତ କରାନଗଲେ ସେମାନଙ୍କୁ ଆମେରିକା ଇତିହାସରେ କୋଠରରୁ କୋଠର ଦଣ୍ଡ ଦିଆଯିବ ବୋଲି କହିଛନ୍ତି ଡୋନାଲ୍ଡ ଟ୍ରମ୍ପ। ସେପଟେ ହମାସ ମଧ୍ୟ କିଛି ସର୍ତ୍ତ ରଖିଛି, ବନ୍ଧକଙ୍କୁ ମୁକ୍ତ ବଦଳରେ ଯୁଦ୍ଧ ବନ୍ଦ କରିବା ଏବଂ ଗାଜାରୁ ସମ୍ପୂର୍ଣ୍ଣ ଭାବେ ଇସ୍ରାଏଲ ସେନା ଚାଲିଯିବାକୁ ଦାବି କରିଛି ଆତଙ୍କୀ ସଂଗଠନ। ଇସ୍ରାଏଲ ପ୍ରଧାନମନ୍ତ୍ର ବେଞ୍ଜାମିନ୍ ନେତାନ୍ୟାହୁ ଜବାବ ଦେଇ କହିଛନ୍ତି, ହମାସ ସମ୍ପୂର୍ଣ୍ଣ ଭାବେ ଅନ୍ତ ନହେବା ଯାଏ ଏ ଯୁଦ୍ଧ ଜାରି ରହିବ। ସୂଚନା ଅନୁଯାୟୀ, ଗତବର୍ଷ ଅକ୍ଟୋବର ୭ ତାରିଖରେ ହମାସ ଆତଙ୍କବାଦୀମାନେ ଇସ୍ରାଏଲ ଉପରେ ବଡ଼ ଧରଣର ଆକ୍ରମଣ କରିଥିଲେ । ଏଥିରେ ୧୨୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ। ଏହା ସହିତ ସୀମାବର୍ତ୍ତୀ ଅଞ୍ଚଳରୁ ପ୍ରାୟ୨୫୦ରୁ ଅଧିକ ଲୋକଙ୍କୁ ଅପହରଣ କରିନେଇ ବନ୍ଧକ ରଖାଯାଇଥିଲା। ଯେଉଁଥିରେ ଇସ୍ରାଏଲ-ଆମେରିକା ନାଗରିକ ଅଛନ୍ତି। ଏମାନଙ୍କ ମଧ୍ୟରୁ ପ୍ରାୟ ୧୦୦ ଜଣ ଏବେବି ବନ୍ଦୀ ଅବସ୍ଥାରେ ଅଛନ୍ତି ଏବଂ ଅନେକେଙ୍କୁ ହତ୍ୟା କରାଯାଇଥିବା ଆଶଙ୍କା କରାଯାଉଛି।

# ବାଂଲାଦେଶରେ ଗିରଫ ସାଧୁଙ୍କ ଓକିଲଙ୍କୁ ମରଣାନ୍ତକ ଆକ୍ରମଣ

**ଢାକା, ୩।୧୨:** ବାଂଲାଦେଶରେ ଗିରଫ ହୋଇଥିବା ହିନ୍ଦୁ ସାଧୁ ତଥା ଇସ୍କନର ଜଣେ ସଦସ୍ୟ ଚିନ୍ମୟ କୃଷ୍ଣ ଦାସ ପ୍ରଭୁଙ୍କ ଓକିଲଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏନେଇ ଇସ୍କନ ଇଣ୍ଡିଆ ପକ୍ଷରୁ ଅଭିଯୋଗ କରାଯାଇଛି। ଓକିଲଙ୍କୁ ଇସଲାମବାଦୀମାନେ ତାଙ୍କ ଘରେ ପଶି ଅତି ନିର୍ମମ ଭାବେ ଆକ୍ରମଣ କରିଥିବା ଇସ୍କନ ଇଣ୍ଡିଆ ଦାବି କରିଛି। ଇସ୍କନ ଇଣ୍ଡିଆ ସୋଶାଲ ମିଡିଆ ପୋଷ୍ଟରେ କହିଛି ଯେ ଏହି ଆକ୍ରମଣ ପରେ ଓକିଲ ଜଣକ ଜୀବନ-ମରଣ ସହ ସଂଗ୍ରାମ କରୁଛନ୍ତି। ଦେଶଦ୍ରୋହ ଅଭିଯୋଗରେ ଚିନ୍ମୟ କୃଷ୍ଣ ଦାସଙ୍କ ଗିରଫଦାରୀକୁ ନେଇ ଚାଲିଥିବା ହିଂସା ମଧ୍ୟରେ ଏପରି ଘଟଣା ଘଟିଛି। ଇସ୍କନ ଇଣ୍ଡିଆର ଉପସଭାପତି ତଥା ମୁଖପାତ୍ର ରାଧରମଣ



ଦାସ ଆକ୍ରମଣର ଶିକାର ହୋଇଥିବା ଓକିଲଙ୍କ ଫଟୋ ପୋଷ୍ଟ କରି ତାଙ୍କ ଆଶୁ ଆରୋଗ୍ୟ ପାଇଁ କାମନା କରିଛନ୍ତି। ସେ କହିଛନ୍ତି "ଓକିଲ ରମେନ ରୟଙ୍କ ପାଇଁ ପ୍ରାର୍ଥନା କରନ୍ତୁ। ତାଙ୍କର ଏକମାତ୍ର ଦୋଷ ହେଉଛି, ସେ ଚିନ୍ମୟ କୃଷ୍ଣ ପ୍ରଭୁଙ୍କ ମକଦ୍ଦମା ଲଢ଼ୁଥିଲେ। ଇସଲାମବାଦୀମାନେ ତାଙ୍କୁ ଘରେ ପଶି ଆକ୍ରମଣ କରିଛନ୍ତି, ସେ ବର୍ତ୍ତମାନ ICUରେ ଜୀବନ-ମରଣ ସହ ଲଢ଼େଇ କରୁଛନ୍ତି।" ପ୍ରକାଶ ଥାଉକି, ଚିନ୍ମୟ କୃଷ୍ଣ ଦାସଙ୍କ ବିରୁଦ୍ଧରେ ଦେଶଦ୍ରୋହ ଅଭିଯୋଗ ହୋଇଥିଲା। ଏହି ମାମଲାରେ ପୁଲିସ ତାଙ୍କୁ ଗିରଫ କରିଛି। ମାତ୍ର କୋର୍ଟ ତାଙ୍କ ଜାମିନ ଆବେଦନକୁ ଖାରଜ କରିଦେବା ପରେ ଅଦାଲତ ସମ୍ମୁଖରେ ତାଙ୍କ ସମର୍ଥକମାନେ ଭିକ୍ଷୋଭ ପ୍ରଦର୍ଶନ ଆରମ୍ଭ କରି ଦେଇଥିଲେ। ଏହି ଆନ୍ଦୋଳନ ମଧ୍ୟରେ ଜଣେ ଓକିଲଙ୍କ ମୃତ୍ୟୁ ହୋଇଛି। ଏହାପରେ ପରିସ୍ଥିତି ଆହୁରି ସଙ୍ଗୀନ ହୋଇଯାଇଛି।

## ହସ୍ପିଟାଲ ପରେ ଏବେ ହୋଟେଲ୍

# ବାଂଲାଦେଶୀଙ୍କ ଏଣ୍ଟ୍ରି ଉପରେ ଲାଗିଲା ବ୍ୟାନ୍

**ଅଗରତାଲା, ୩।୧୨:** ପ୍ରଥମେ ହସ୍ପିଟାଲ ଆଉ ଏବେ ହୋଟେଲ। ବାଂଲାଦେଶୀଙ୍କୁ ପାଇଁ ଲାଗିଲା ନୋ-ଏଣ୍ଟ୍ରି ବୋର୍ଡ। ବାଂଲାଦେଶ ନାଗରିକଙ୍କ ଉପରେ ବ୍ୟାନ୍ ଲଗାଇଲେ ତ୍ରିପୁରା ହୋଟେଲ ଏବଂ ରେଷ୍ଟୁରାଣ୍ଟ ମାଲିକ ସଂଘ। ଏଣିକି ଆଉ ବାଂଲାଦେଶୀଙ୍କୁ ହୋଟେଲ୍‌ରେ ମିଳିବନି ରୁମ୍। ରେଷ୍ଟୁରାଣ୍ଟରେ ସେମାନଙ୍କୁ ଆଉ ପରସା ଯିବନି ଖାଦ୍ୟ। ବାଂଲାଦେଶରେ ହିନ୍ଦୁ ନେତା ଇସ୍କନ ସାଧୁ ଚିନ୍ମୟ କୃଷ୍ଣ ଦାସଙ୍କୁ ଗିରଫ କରିବା ଏବଂ ସେଠାରେ ହିନ୍ଦୁ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ହେତୁ ଅଗରତାଲାରେ ହୋଇଥିବା ବିରୋଧ ପରେ ଏହି ନିଷ୍ପତ୍ତି ନିଆଯାଇଛି।





ତ୍ରିପୁରା ହୋଟେଲ ଏବଂ ରେଷ୍ଟୁରାଣ୍ଟ ମାଲିକ ସଂଘ ଘୋଷଣା କରିଛି ଯେ ବର୍ତ୍ତମାନଠାରୁ ବାଂଲାଦେଶୀ ନାଗରିକଙ୍କୁ ରାଜ୍ୟର କୌଣସି ବି ହୋଟେଲରେ ରହିବାକୁ ଦିଆଯିବ ନାହିଁ। ବାଂଲାଦେଶୀ ନାଗରିକଙ୍କୁ ବ୍ୟାନ୍ କରାଯାଇଥିବା ନେଇ ହୋଟେଲଗୁଡ଼ିକୁ ସେମାନଙ୍କ ଡେସ୍କରେ ପୋଷ୍ଟର ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହିତ ସୁରକ୍ଷା ଯାଞ୍ଚକୁ ଅଧିକ କଠୋର କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ହୋଟେଲ ମାଲିକ ସଂଘର ସଚିବ ଭାସ୍କର ଚକ୍ରବର୍ତ୍ତୀ କହିଛନ୍ତି ଯେ ଏହି ନିଷ୍ପତ୍ତିରେ ସମସ୍ତ ହୋଟେଲ ମାଲିକ ଏକଜୁଟ ହୋଇଛନ୍ତି। ବାଂଲାଦେଶୀ ନାଗରିକଙ୍କୁ ରୁମ୍ ଓ ରେଷ୍ଟୁରାଣ୍ଟରେ ପ୍ରବେଶ ଉପରେ ନିଷେଧାଦେଶ ଜାରି କରିବା ନିଷ୍ପତ୍ତି ଖୁବ ଶୀଘ୍ର କାର୍ଯ୍ୟକାରୀ ହେବ ବୋଲି ସେ କହିଛନ୍ତି। ନିକଟରେ ପଡୋଶୀ ଦେଶରେ ଭାରତୀୟ ପତାକାକୁ ଅପମାନିତ କରିଥିବା ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଥିଲା। ଏହାକୁ ବିରୋଧ କରି ତ୍ରିପୁରାର ଡାକ୍ତରଖାନାଗୁଡିକ ବାଂଲାଦେଶୀ ନାଗରିକଙ୍କ ଚିକିତ୍ସା କରିବାକୁ ମନା କରିଦେଇଥିଲେ। ବାଂଲଦେଶରୁ ଆସିଥିବା ରୋଗୀଙ୍କୁ ଉପରେ ବ୍ୟାନ୍ ଲଗାଇଥିଲେ। ବର୍ତ୍ତମାନ ରାଜ୍ୟର ହୋଟେଲ ଏବଂ ରେଷ୍ଟୁରାଣ୍ଟ ମାଲିକ ସଂଘ ମଧ୍ୟ ଏହି ବୟକଟ୍ ଆନ୍ଦୋଳନରେ ଯୋଗ ଦେଇଛି। ବାଂଲାଦେଶୀ ଅତିଥିମାନଙ୍କୁ ରୁମ୍ ଏବଂ ଖାଦ୍ୟ ଯୋଗାଇବାକୁ ମନା କରିଦେଇଛି।

କୁହାଯାଉଛି ଯେ ନିକଟରେ ଅଗରତାଲାରେ ବାଂଲାଦେଶରେ ହିନ୍ଦୁ ସଂଖ୍ୟାଲଘୁଙ୍କ ଉପରେ ହୋଇଥିବା ଆକ୍ରମଣକୁ ବିରୋଧ କରାଯିବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ଆକ୍ରମଣ ପରେ ବାଂଲାଦେଶର ଆସିଷ୍ଟାଣ୍ଟ ହାଇ କମିଶନରେ ଭଙ୍ଗାରୁଜା ଘଟଣା ମଧ୍ୟ ଘଟିଥିଲା। ଯାହା ପରେ ବୈଦେଶିକ ମନ୍ତ୍ରଣାଳୟ ଏହାକୁ ଦୃଢ଼ ନିନ୍ଦା କରିଥିଲା।

# 'ମହମ୍ମଦ ୟୁନୁସ ବାଂଲାଦେଶ ହିଂସାର ମାଷ୍ଟରମାଇଣ୍ଡ'



**ଢାକା, ୩।୧୨:** ବାଂଲାଦେଶରେ ହେଉଥିବା ହତ୍ୟାକାଣ୍ଡ ଏବଂ ସଖ୍ୟାଲଘୁଙ୍କୁ କରାଯାଉଥିବା ଟାର୍ଗେଟ ପଛରେ ମହମ୍ମଦ ୟୁନୁସଙ୍କୁ ମାଷ୍ଟରମାଇଣ୍ଡ ବୋଲି ଅଭିଯୋଗ କରିଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା। ନ୍ୟୁୟର୍କରେ ଆୱାମି ଲିଗର ଏକ ଇଭେଣ୍ଟକୁ ସମ୍ବୋଧିତ କରି ହସିନା ମନ୍ଦିର, ଚର୍ଚ୍ଚ ଏବଂ ଧାର୍ମିକସ୍ଥଳ ଇସ୍କନ ଉପରେ ହେଉଥିବା ଆକ୍ରମଣ ପାଇଁ ୟୁନୁସଙ୍କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି, "ମୋତେ ଏହି ସମୂହ ହତ୍ୟାକାଣ୍ଡ ପଛର ଅଭିଯୁକ୍ତ ଦର୍ଶାଯାଉଛି। ବାସ୍ତବରେ ମହମ୍ମଦ ୟୁନୁସ ହିଁ ଛାତ୍ର ସଂଯୋଜକମାନଙ୍କ ସହ ଏକ ସୁଚିନ୍ତିତ ଯୋଜନା ମାଧ୍ୟମରେ ଏପରି କରିଛନ୍ତି। ସେମାନେ ଏହାର ମାଷ୍ଟରମାଇଣ୍ଡ।" ଦେଶର ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ଉପରେ ହୋଇଥିବା ହିଂସା ଉପରେ ହସିନା କହିଛନ୍ତି, "ବର୍ତ୍ତମାନ ଶିକ୍ଷକ, ପୁଲିସ ସମସ୍ତଙ୍କୁ ଆକ୍ରମଣ କରି ହତ୍ୟା କରାଯାଉଛି... ହିନ୍ଦୁ, ବୌଦ୍ଧ, ଖ୍ରୀଷ୍ଟିଆନଙ୍କୁ ଟାର୍ଗେଟ କରାଯାଉଛି। ଚର୍ଚ୍ଚ ଏବଂ ଅନେକ ମନ୍ଦିର ଉପରେ ଆକ୍ରମଣ କରାଯାଇଛି। କାହିଁକି ସଂଖ୍ୟାଲଘୁଙ୍କୁ ବାଂଲାଦେଶରେ ଟାର୍ଗେଟ କରାଯାଉଛି ବୋଲି ପ୍ରଶ୍ନ କରିଛନ୍ତି ହସିନା। ସେ ଆହୁରି କହିଛନ୍ତି ଯେ ତାଙ୍କ ପିତାଙ୍କ ଭଳି ତାଙ୍କୁ ହତ୍ୟା କରିବା ପାଇଁ ଯୋଜନା କରାଯାଇଥିଲା। ସେ ଯଦି କ୍ଷମତାକୁ ଧରି ରଖିଥାନ୍ତେ, ତେବେ ପରିସ୍ଥିତି ଆହୁରି ଭୟଙ୍କର ହୋଇ ଯାଇଥାନ୍ତା। ତାଙ୍କ ସୁରକ୍ଷାକର୍ମୀ ଯଦି ନିଆଁ ଲଗାଇବାକୁ ଚାହିଁଥାନ୍ତେ, ତେବେ ଗଣ ଭବନ ନିକଟରେ ଏକାଧିକ ଲୋକଙ୍କ ମୃତ୍ୟୁ ହୋଇଥାନ୍ତା। କିନ୍ତୁ ସେ ଏସବୁ ଚାହୁଁ ନ ଥିବାରୁ ଦେଶ ଛାଡ଼ି ଚାଲି ଆସିବାକୁ ସ୍ଥିର କରିଥିଲେ ବୋଲି କହିଛନ୍ତି। ପ୍ରକାଶ ଥାଉକି, ବାଂଲାଦେଶରେ ସଂରକ୍ଷଣକୁ ନେଇ ହସିନାଙ୍କ ସରକାର ବିରୁଦ୍ଧରେ ଛାତ୍ର ଆନ୍ଦୋଳନ ମୁଣ୍ଡ ଟେକିଥିଲା। ଏହା ଧୀରେ ଧୀରେ ଏତେ ଭୟଙ୍କର ହୋଇଥିଲା ଯେ ପ୍ରଧାନମନ୍ତ୍ରୀଙ୍କ ବାସଭବନକୁ ଧସେଇ ପଶିଥିଲେ ଆନ୍ଦୋଳନକାରୀ। ବିପୁଳ ସଂଖ୍ୟାର ଆନ୍ଦୋଳନକାରୀ ଗଣ ଭବନକୁ ଧସେଇ ପଶି ହସିନାଙ୍କ ଇସ୍ତଫା ଦାବି କରିଥିଲେ। ଶେଷରେ ଲୋକଙ୍କ ଦାବିକୁ ରଖି ହସିନା ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇ ବିଦେଶ ଚାଲି ଆସିଥିଲେ। ଏହାପରେ ଶାନ୍ତି ପାଇଁ ନୋବେଲ ପାଇଥିବା ମହମ୍ମଦ ୟୁନୁସ ଅନ୍ତରୀଣ ସରକାରଙ୍କ ନେତୃତ୍ୱ ନେଇଛନ୍ତି। ମାତ୍ର ଏସବୁ ମାସ୍ କିଲିଂ ଏବଂ ସଂଖ୍ୟାଲଘୁଙ୍କ ଉପରେ ହେଉଥିବା ଆକ୍ରମଣ ପଛରେ ସେ ମାଷ୍ଟରମାଇଣ୍ଡ ବୋଲି ହସିନା ଅଭିଯୋଗ କରିଛନ୍ତି।

# ଚୀନ୍ ସହ ବିବାଦ ସମାଧାନ ଲାଗି ଆଲୋଚନା ଚାଲିବ: ଜୟଶଙ୍କର



**ନୂଆଦିଲ୍ଲୀ, ୩।୧୨:** ଏଲଏସିରେ ଦୀର୍ଘ ଦିନ ଧରି ଭାରତ ଓ ଚାଇନା ମଧ୍ୟରେ ତିକ୍ତତା ଚାଲିଥିବା ବେଳେ ନିକଟରେ ଦୁଇଟି ପଏଣ୍ଟରେ ସେନା ପ୍ରତ୍ୟାହାର ପ୍ରକ୍ରିୟା ଶେଷ ହୋଇଛି। ସେହିପରି ଦୁଇ ଦେଶ ପରସ୍ପର ସହ ଆଲୋଚନା କରି ବିବାଦୀୟ ସ୍ଥଳରେ ପ୍ୟାଟ୍ରୋଲିଂ ମଧ୍ୟ କରୁଛନ୍ତି। ଏସବୁ ଭିତରେ ପ୍ରଥମଥର ପାଇଁ ଶୀତ ଅଧିବେଶନରେ ଭାରତ-ଚାଇନା ସମ୍ପର୍କକୁ ନେଇ ଲୋକସଭାରେ ବିବୃତି ରଖିଛନ୍ତି ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର। ଚାଇନା ସହ ନିରପେକ୍ଷ ଓ ଉଭୟ ଦେଶକୁ ଗ୍ରହଣୀୟ ହେଉଥିବା ଭଳି ପଦକ୍ଷେପ ନେବାକୁ ଭାରତ ପ୍ରତିଶ୍ରୁତିବଦ୍ଧ ବୋଲି ଜୟଶଙ୍କର ଗୃହକୁ ଅବଗତ କରାଇଛନ୍ତି। ସେ କହିଛନ୍ତି, " ନିୟମିତ କୂଟନୀତିକ ଆଲୋଚନା ଯୋଗୁ ଭାରତ-ଚାଇନା ସମ୍ପର୍କ ଉନ୍ନତି ଦିଗରରେ ଗତି କରୁଥିବା ନିକଟରେ ସୀମାରେ ନିଆଯାଇଥିବା ପଦକ୍ଷେପରୁ ସ୍ପଷ୍ଟ ହୋଇଛି।" ବୈଦେଶିକ ମନ୍ତ୍ରୀଙ୍କ କହିବା କଥା ଯେ ୨୦୨୦ ପରଠାରୁ ଭାରତ-ଚାଇନା ସମ୍ପର୍କ ସ୍ୱାଭାବିକ ନଥିଲା। ସୀମାରେ ଥିବା ଶାନ୍ତି ଓ ସ୍ଥିରତା ଚାଇନା ନେଇଥିବା ପଦକ୍ଷେପ ଯୋଗୁ ବିଗିଡ଼ି ଯାଇଥିଲା। ଶାନ୍ତି ଓ ସ୍ଥିରତା ଉପରେ ହିଁ ଭାରତ-ଚାଇନାର ସମ୍ପର୍କ ସେତୁ ନିର୍ଭର କରୁଛି। ଆମ ସମ୍ପର୍କ ଅନେକ କ୍ଷେତ୍ରରେ ଆଗକୁ ଯାଇଛି। କିନ୍ତୁ ନିକଟରେ ଘଟିଥିବା ଘଟଣା ନିଶ୍ଚିତ ଭାବେ ସମ୍ପର୍କ ଉପରେ ନକାରାତ୍ମକ ପ୍ରଭାବ ପକାଇଥିଲା। ଆମେ ସ୍ପଷ୍ଟ ଭାବେ କହି ସାରିଛୁ ଯେ ସୀମାରେ ଶାନ୍ତି ଓ ସ୍ଥିରତା ହିଁ ଦୁଇ ଦେଶର ସମ୍ପର୍କର ଭାଗ୍ୟ ନିର୍ଦ୍ଧାରଣ କରିବ। ଆଗାମୀ ଦିନରେ ଆମେ ସୀମାନ୍ତ ଅଞ୍ଚଳରେ ଉଭୟ ସେନା ପ୍ରତ୍ୟାହାର ଓ ପ୍ରଭାବୀ ବ୍ୟବସ୍ଥିତ କାର୍ଯ୍ୟକଳାପ ଉପରେ ମଧ୍ୟ ଆଲୋଚନା କରିବୁ। ଡିସଏନଗେଜମେଣ୍ଟ ପ୍ରକ୍ରିୟା ଶେଷ ହୋଇଥିବାରୁ ଆମେ ଏବେ ଆମର ଜାତୀୟ ସୁରକ୍ଷାକୁ ସର୍ବାଧିକ ଅଗ୍ରାଧିକାର ଦେଇ ଅନ୍ୟ ଦିଗ ଗୁଡ଼ିକ ଉପରେ ଆଲୋଚନା କରିବାକୁ ସୁଯୋଗ ପାଇଛୁ।

## କାର୍-ବସ୍ ମୁହାଁମୁହିଁ ଧକ୍କା

# ଆଖି ବୁଜିଲେ ୫ ଡାକ୍ତରୀ ଛାତ୍ର



**କୋଚି, ୩।୧୨:** କାର୍ ଓ ବସ୍ ମଧ୍ୟରେ ହେଲା ମୁହାଁମୁହିଁ ଧକ୍କା। ଘଟଣାସ୍ଥଳରେ ହିଁ ଚାଲିଗଲା ୫ ଡାକ୍ତରୀ ଛାତ୍ରଙ୍କ ଜୀବନ। ଏଭଳି କିଛି ଭୟଙ୍କର ଦୁର୍ଘଟଣା ଘଟିଛି କେରଳରେ। ସୋମବାର ବିଳମ୍ବିତ ରାତିରେ କେରଳର ଅଲପ୍ପୁଝା ସ୍ଥିତ କଲାରକୋଡ୍‌ରେ ଏକ କାର୍ ଓ ଯାତ୍ରୀବାହୀ ବସ୍ ମଧ୍ୟରେ ଭୟଙ୍କର ଧକ୍କା ହୋଇଥିଲା। ଏହି ଧକ୍କା ଏତେ ଭୟଙ୍କର ଥିଲା ଯେ, କାର୍‌ଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏଥିରେ କାର୍‌ରେ ଥିବା ୫ ଜଣ ଏମ୍‌ବିବିଏସ୍ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ବେଳେ ୨ ଛାତ୍ର ଗୁରୁତର ରୂପେ ଆହତ ହୋଇଛନ୍ତି। ଯେଉଁ ସମୟରେ ଏହି ଦୁର୍ଘଟଣା ଘଟିଥିଲା ସେହି ସମୟରେ ଏକ ଘଣ୍ଟା ଧରି ପ୍ରବଳ ବର୍ଷା ଜାରି ରହିଥିଲା। ଏହି ସମୟରେ ବସ୍‌ଟି ଦ୍ରୁତ ଗତିରେ ଆସି କାର୍ ସହ ଧକ୍କା ହୋଇଥିଲା। ଦୁର୍ଘଟଣାରେ କାର୍‌ଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ମୃତକଙ୍କୁ ବାହାର କରିବା ପାଇଁ କାର୍‌କୁ କଟର୍‌ରେ କାଟିବାକୁ ପଡ଼ିଛି। ମୃତକ ଅଲାପ୍ପୁଝାର ଟିଡି ମେଡିକାଲ କଲେଜର ଛାତ୍ର ଥିଲେ। ଏମାନେ ଏମ୍‌ବିବିଏସ୍ ପ୍ରଥମ ବର୍ଷରେ ପାଠ ପଢ଼ୁଥିଲେ। ଏହି ଦୁର୍ଘଟଣାରେ ବସ୍‌ରେ ଥିବା କିଛି ଯାତ୍ରୀମଧ୍ୟ ସାମାନ୍ୟ ଆହତ ହୋଇଛନ୍ତି। ସେପଟେ ଗୁରୁତର ଥିବା ଦୁଇ ଜଣ ଛାତ୍ରଙ୍କୁ ବନ୍ଦନମ୍ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପ୍ରାରମ୍ଭିକ ରିପୋର୍ଟ ଅନୁସାରେ ମୃତକ କୋଝିକୋଡ, କନ୍ନୁର, ଚେରଥଲା ଓ ଲକ୍ଷାଦୀପର ବାସିନ୍ଦା ବୋଲି ଜଣାପଡିଛି। ମୃତକଙ୍କ ପରିବାରକୁ ସୂଚନା ଦିଆଯାଇଛି। ପୁଲିସ ମୃତଦେହକୁ ଜବତ କରି ପୋଷ୍ଟମର୍ଟମ ପାଇଁ ପଠାଇଛି। ପୂରା ଘଟଣାର ତଦନ୍ତ ଜାରି ରହିଛି।

# ନଭେମ୍ବରରେ ଶୀତ କମ୍, ଗରମ ଅଧିକ



**ନୂଆଦିଲ୍ଲୀ, ୩।୧୨:** ଆଧୁନିକ ଉପକରଣ ବ୍ୟବହାର ବୃଦ୍ଧି ସାଙ୍ଗକୁ ଜଳବାୟୁର ଅହେତୁକ ପରିବର୍ତ୍ତନ ଘଟିଚାଲିଛି। ଖରା-ବର୍ଷା-ଶୀତର କୌଣସି ତାଳମେଳ ରହୁନାହିଁ। ଏପରି କ୍ଷେତ୍ରରେ ଶୀତଦିନେ ବର୍ଷା ସାଙ୍ଗକୁ ଗ୍ରୀଷ୍ମର ପ୍ରଭାବ ବି ଅନୁଭୁତ ହେଲାଣି। ଏକ ରିପୋର୍ଟ ଅନୁସାରେ, ଚଳିତ ବର୍ଷର ନଭେମ୍ବର ସବୁଠୁ ଉତ୍ତପ୍ତ ମାସ। ଦୀର୍ଘ ୧୨୩ ବର୍ଷ ପରେ ନଭେମ୍ବରରେ ଏପରି ଉତ୍ତାପ ରହିଛି, ଯାହା ପୂର୍ବର ସବୁ ରେକର୍ଡକୁ ଭାଙ୍ଗି ଦେଇଛି। ପୂର୍ବରୁ କେବଳ ୧୯୦୧ ମସିହାରେ ନଭେମ୍ବର ମାସରେ ଗରମ ଲାଗିଥିଲା, ଏହାପରେ ୨୦୨୪ ଅର୍ଥାତ୍ ଚଳିତ ବର୍ଷର ନଭେମ୍ବରରେ ସେପରି ଅନୁଭୂତ ହୋଇଛି। ଏନେଇ ଭାରତ ପାଣିପାଗ ବିଭାଗ (ଆଇଏମ୍‌ଡି) ରିପୋର୍ଟ କରିଛି। ଆଇଏମ୍‌ଡି କହିଛି ଯେ, ନଭେମ୍ବରରୁ ଦେଶବ୍ୟାପୀ ହାରାହାରି ସର୍ବାଧିକ, ସର୍ବନିମ୍ନ ଏବଂ ହାରାହାରି ତାପମାତ୍ରା ୧୯୯୧ରୁ ୨୦୨୦ ପର୍ଯ୍ୟନ୍ତ ମାପାଯାଇଥିବା ତାପମାତ୍ରାଠାରୁ ୦.୬୨ ଡିଗ୍ରୀ ସେଲସିୟସ୍, ୧.୦୫ ଡିଗ୍ରୀ ସେଲସିୟସ୍ ଏବଂ ୦.୮୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିଲା। ଏହା ସହିତ, ନଭେମ୍ବର ୨୦୨୪ ସର୍ବାଧିକ ତାପମାତ୍ରା ଦୃଷ୍ଟିରୁ ଭାରତରେ ଦ୍ୱିତୀୟ ଉଷ୍ମ ମାସ ତାଲିକାରେ ଥିବାବେଳେ ହାରାହାରି ତାପମାତ୍ରା ଦୃଷ୍ଟିରୁ ତୃତୀୟ ଏବଂ ସର୍ବନିମ୍ନ ତାପମାତ୍ରା ଦୃଷ୍ଟିରୁ ସପ୍ତମ ଉଷ୍ମ ସ୍ଥାନରେ ରହିଛି।

ଚଳିତ ବର୍ଷ ନଭେମ୍ବରରେ ଉତ୍ତର-ପଶ୍ଚିମ ଅଞ୍ଚଳ ସବୁଠାରୁ ଅଧିକ ଉତ୍ତପ୍ତ ରହିଥିଲା। ଏସବୁ ଅଞ୍ଚଳରେ ତାପମାତ୍ରା +୧.୩୭ ଡିଗ୍ରୀ ସେଲସିୟସ୍ ରହିଥିଲା ଏବଂ ଦେଶର କେନ୍ଦ୍ରାଞ୍ଚଳ ଓ ଦକ୍ଷିଣ ଉପଦ୍ୱୀପ ଅଞ୍ଚଳର ତାପମାତ୍ରା ମଧ୍ୟ ସାଧାରଣ ତାପମାତ୍ରାଠାରୁ ଅଧିକ ଥିଲା। ଏହାର ଅର୍ଥ ଭୌଗୋଳିକ କ୍ଷେତ୍ର ଦୃଷ୍ଟିରୁ ଭାରତର ବିଭିନ୍ନ ଅଞ୍ଚଳରେ ପାଗର ପରିବର୍ତ୍ତନ ଦେଖାଯାଉଛି।

SANCHAR ସଂଚାର

# ପାକିସ୍ତାନର ସର୍ତ୍ତ ମାନିବାକୁ ବିସିସିଆଇ ଅରାଜି

**ନୂଆଦିଲ୍ଲୀ, ୩।୧୨:** ଚାମ୍ପିୟନ୍ସ ଟ୍ରଫି ୨୦୨୫ ଖେଳିବା ପାଇଁ ଭାରତୀୟ ଟିମ ପାକିସ୍ତାନ ଯିବାକୁ ମନା କରିବା ପରେ ଏହାକୁ ନେଇ ବିଭିନ୍ନ ପ୍ରକାରର ରିପୋର୍ଟ ପ୍ରକାଶ ପାଇବାରେ ଲାଗିଛି। ଭାରତ ଓ ପାକିସ୍ତାନ ମଧ୍ୟରେ ଥିବା ବିବାଦକୁ ନେଇ ଆଇସିସି ଚାପରେ ରହିଛି। ବିବାଦର ସମାଧାନ ପାଇଁ ଆଇସିସି ପକ୍ଷରୁ ପିସିବିକୁ ହାଇବ୍ରିଡ ଫର୍ମୁଲା ଦିଆଯାଇଛି।



## ଚାମ୍ପିୟନ୍ସ ଟ୍ରଫି

ଏହି ଫର୍ମୁଲା ଅନୁଯାୟୀ ଚାମ୍ପିୟନ୍ସ ଟ୍ରଫିରେ ଭାରତ ତା' ମ୍ୟାଚ୍‌ଗୁଡ଼ିକ ପାକିସ୍ତାନ ବଦଳରେ ଦୁବାଇରେ ଖେଳିବ। ଏକାଧିକ ରିପୋର୍ଟରେ ଦାବି କରାଯାଇଛି ଯେ ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ଏହି ନିଷ୍ପତ୍ତିକୁ ମାନିବାକୁ ପ୍ରସ୍ତୁତ। ହେଲେ ଏହା ପାଇଁ ପାକିସ୍ତାନ କିଛି ସର୍ତ୍ତ ରଖିଛି। ଯଦି ଚାମ୍ପିୟନ୍ସ ଟ୍ରଫିରେ ଭାରତ ଦୁବାଇରେ ମ୍ୟାଚ୍ ଖେଳିବ, ତା'ହେଲେ ଭବିଷ୍ୟତରେ ଭାରତ ଆୟୋଜନ କରୁଥିବା ସମସ୍ତ ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନ ମଧ୍ୟ ନିରପେକ୍ଷ ଭେନ୍ୟୁରେ ଖେଳିବ। ସେହିପରି ପିସିବିକୁ ବର୍ଦ୍ଧିତ ବାର୍ଷିକ ରାଜସ୍ୱ ମିଳିବ ବୋଲି ଆଇସିସି ଲିଖିତ ଭାବେ ପ୍ରତିଶ୍ରୁତି ଦେଉ ବୋଲି ପାକିସ୍ତାନ ଚାହୁଁଛି। କିନ୍ତୁ ବିବାଦର ସମାଧାନ ପାଇଁ ପାକିସ୍ତାନ ଦେଇଥିବା ପ୍ରସ୍ତାବକୁ ବିସିସିଆଇ ମାନିବାକୁ ନାରାଜ। ଯଦି ଆଇସିସି ପକ୍ଷରୁ ପିସିବିର ସର୍ତ୍ତକୁ ଗ୍ରହଣ କରାଯାଏ, ତା'ହେଲେ ଭବିଷ୍ୟତରେ ଭାରତ ଆୟୋଜନ କରୁଥିବା କୌଣସି ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନ ଫାଇନାଲକୁ ଯିବ, ତେବେ ଉକ୍ତ ମ୍ୟାଚ୍ ଭାରତ ବାହାରକୁ ଚାଲିଯିବ। ଏହା ହିଁ ବିସିସିଆଇ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି।

ପିସିବିର ଜଣେ ଅଧିକାରୀ କହିଛନ୍ତି, "ଆମେ ଉପଯୁକ୍ତ ପ୍ରସ୍ତାବ ଦେଉଛୁ। ଯଦି ଭାରତ ଆମ କଥା ମାନିବ ନାହିଁ, ତା'ହେଲେ ଆମେ ମଧ୍ୟ ଟିମକୁ ଭବିଷ୍ୟତରେ ସେଠାକୁ ପଠାଇବୁ ବୋଲି ସେମାନେ ଆଶା କରନ୍ତୁ ନାହିଁ। ଯଦି କୌଣସି ଆଇସିସି ଟୁର୍ଣ୍ଣାମେଣ୍ଟ ଭାରତରେ ହେବ, ତା'ହେଲେ ଫାଇନାଲ କିମ୍ବା ପ୍ରମୁଖ ମ୍ୟାଚ୍‌ଗୁଡ଼ିକ ସେମାନେ ମଧ୍ୟ ଦୁବାଇରେ ଖେଳିବେ। ଏହା ହିଁ ଏକମାତ୍ର ସମାଧାନର ରାସ୍ତା।" ଆଇସିସି ଚାମ୍ପିୟନ୍ସ ଟ୍ରଫି ୨୦୨୫କୁ ନେଇ ବିବାଦ ଲାଗି ରହିଥିବା ବେଳେ ପିସିବି ଅଧ୍ୟକ୍ଷ ମୋହସିନ ନକଭୀଙ୍କ କହିବା କଥା ଯେ ଟୁର୍ଣ୍ଣାମେଣ୍ଟକୁ ହାଇବ୍ରିଡ ମଡେଲରେ ଆୟୋଜନ କରିବା ନିଶ୍ଚିତ ଭାବେ ଉପଯୁକ୍ତ ଫର୍ମୁଲା ନୁହେଁ। କିନ୍ତୁ କୌଣସି ନୂଆ ରାସ୍ତା ବାହାର କରାଯାଏ, ତା'ହେଲେ ଏହା ଦୁଇ ପକ୍ଷଙ୍କ ପାଇଁ ସମାନ ହେବା ଉଚିତ।

# କିଟ୍ ଅନ୍ତର୍ଜାତୀୟ ଚେସ୍ ମହୋତ୍ସବ ଉଦ୍‌ଘାଟିତ

**ଭୁବନେଶ୍ୱର, ୩।୧୨:** କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ପଞ୍ଚଦଶ ଅନ୍ତର୍ଜାତୀୟ ଚେସ୍ ମହୋତ୍ସବ ସୋମବାର ଉଦ୍‌ଘାଟିତ ହୋଇଛି। ସର୍ବଭାରତୀୟ ଚେସ୍ ସଂଘ (ଏଆଇସିଏଫ୍) ମିଳିତ ସହଯୋଗରେ ଆୟୋଜିତ ଏହି ମହୋତ୍ସବକୁ କିଟ୍ ପରିସରରେ ଥିବା ବିଶ୍ୱନାଥନ୍ ଆନନ୍ଦ ଅନ୍ତର୍ଜାତୀୟ ଚେସ୍ ହଲ୍‌ରେ

## ପୁରସ୍କାର ରାଶି ୬୦ ଲକ୍ଷ

କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘର କ୍ରୀଡ଼ା ଯୁଗ୍ମସମ୍ପାଦକ ବଲଜିତ୍ ସିଂହ ଶେଖାଓଁ, ଓଡ଼ିଶା ଚେସ୍ ସଂଘ ସଭାପତି ଜିସି ମହାପାତ୍ର, ପ୍ରତିଯୋଗିତାର ନିର୍ଦ୍ଦେଶକ ଆଇଏମ୍ ଶେଖର ସାହୁ, ଏଆଇସିଏଫ୍ ସଦସ୍ୟ ରଞ୍ଜନ ମହାନ୍ତି, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶଙ୍କ ଉପସ୍ଥିତିରେ ଏଆଇସିଏଫ୍ ଉପସଭାପତି ଗ୍ରାଣ୍ଡ



ମାଷ୍ଟର ଦିବ୍ୟେନ୍ଦୁ ବରୁଆ ଉଦ୍‌ଘାଟନ କରିଥିଲେ। ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମହୋତ୍ସବ 'ଏ', 'ବି' ଓ 'ସି' ତିନିଟି ବର୍ଗରେ ଖେଳାଯିବ। ପ୍ରଥମ ଥର ଲାଗି ଭାରତରେ ଏଭଳି ସମାନ୍ତରାଳ ତିନିଟି ବର୍ଗରେ ଅନ୍ତର୍ଜାତୀୟ ଚେସ୍ ପ୍ରତିଯୋଗିତା ହେଉଛି। 'ଏ'ରେ ସବୁ ବର୍ଗର ଖେଳାଳି ଖେଳି ପାରିବେ। ଏଥିରେ ମୋଟ ପୁରସ୍କାର ରାଶି ୩୦ ଲକ୍ଷ ଟଙ୍କା ରଖାଯାଇଛି। 'ବି'ରେ ୧୯ଶହରୁ କମ୍ ରେଟିଂ ବର୍ଗର ଖେଳାଳି ଖେଳିପାରିବେ ଏବଂ ଏଥିରେ ମୋଟ ପୁରସ୍କାର ରାଶି ୧୫ ଲକ୍ଷ ଟଙ୍କା ରହିଛି। 'ସି' ବର୍ଗର ମ୍ୟାଚ୍‌ଗୁଡ଼ିକ ଡିସେମ୍ବର ୬ରୁ ୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ବେଳେ ଏଥିରେ ୧୭ଶହରୁ କମ୍ ରେଟିଂର ଖେଳାଳି ଖେଳି ପାରିବେ ଏବଂ ମୋଟ ପୁରସ୍କାର ରାଶି ୧୫ ଲକ୍ଷ ଟଙ୍କା ରହିଛି। ମୋଟ ଉପରେ ଏହି ମହୋତ୍ସବରେ ୬୦ଲକ୍ଷ ଟଙ୍କାର ପୁରସ୍କାର ରହିଛି। ଏଥିରେ ବିଭିନ୍ନ ବର୍ଗରେ ମୋଟ ୪୩୬ଟି ପୁରସ୍କାର ରଖାଯାଇଛି। ଏହା ହେଉଛି ଭାରତରେ ସର୍ବାଧିକ ପୁରସ୍କାର ରହିଥିବା ଚେସ୍ ମହୋତ୍ସବ। ଏହି ମହୋତ୍ସବରେ ୩୦ରୁ ଊର୍ଦ୍ଧ୍ୱ ଦେଶରୁ ୧୨ଶହ ଖେଳାଳି ଯୋଗ ଦେଇଥିବା ବେଳେ ଏଥିରେ ୭୦ରୁ ଊର୍ଦ୍ଧ୍ୱ ଅନ୍ତର୍ଜାତୀୟ ଟାଇଟଲ୍ ହୋଲ୍‌ଡର ଅଂଶଗ୍ରହଣ କରିଛନ୍ତି। ଏହି ମହୋତ୍ସବରେ ସର୍ବନିମ୍ନ ୭ ବର୍ଷ ବୟସର ଖେଳାଳି ଅଂଶଗ୍ରହଣ କରିଥିବା ବେଳେ ସର୍ବାଧିକ ୯୧ବର୍ଷ ବୟସ୍କ ବ୍ୟକ୍ତି ମଧ୍ୟ ଅଂଶଗ୍ରହଣ କରିଛନ୍ତି। ଏହି ଅବସରରେ ଶ୍ରୀ ସାମନ୍ତ ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇବା ସହ ସମସ୍ତଙ୍କୁ ଉତ୍ସାହିତ କରିଥିଲେ।



# ରେକର୍ଡ ବୁକ୍‌କୁ ଦୋହଲାଇ ଦେଲେ ଉର୍ଭିଲ ପଟେଲ

**ନୂଆଦିଲ୍ଲୀ,୩।୧୨:** ଗୁଜୁରାଟ ବ୍ୟାଟ୍ସମ୍ୟାନ ଉର୍ଭିଲ ପଟେଲଙ୍କ ଉତ୍କୃଷ୍ଟ ଫର୍ମ ଜାରି ରହିଛି। ଏକ ସପ୍ତାହ ମଧ୍ୟରେ ସୟଦ ମୁସ୍ତାକ ଅଲି ଟି -୨୦ ଟ୍ରଫିରେ ଉର୍ଭିଲ ପଟେଲ ତାଙ୍କର ଦ୍ୱିତୀୟ ବିସ୍ଫୋରକ ଶତକ ହାସଲ କରିଥିଲେ। ମଙ୍ଗଳବାର ଉତ୍ତରାଖଣ୍ଡ ବିପକ୍ଷରେ ପଟେଲ ମାତ୍ର ୩୬ବଲରେ ଶତକ ହାସଲ କରିଛନ୍ତି। ଇନ୍ଦୋରର ହୋଲକର ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ପଟେଲ ୮ଟି ଚୌକା ଓ ଗୋଟିଏ ଛକା ସହାୟତାରେ ୪୧ ବଲରେ ଅପରାଜିତ ୧୧୫ ରନ ସ୍କୋର କରିଥିଲେ। ତାଙ୍କର ଷ୍ଟ୍ରାଇକ ହାର ଥିଲା ୨୮୦.୪୮। ଉର୍ଭିଲ ପଟେଲ ପୂର୍ବରୁ ତ୍ରିପୁରା ବିପକ୍ଷରେ ମାତ୍ର ୨୮ ବଲରେ ଟି -୨୦ ଶତକ ହାସଲ କରିଥିଲେ। ଆଇପିଏଲ ୨୦୨୫ ମେଗା ନିଲାମରେ ସେ କୌଣସି କ୍ରେତା ପାଇ ନ ଥିବାରୁ ଉର୍ଭିଲଙ୍କ ବିଷୟରେ ଅଧିକ ଆଲୋଚନା ହେଉଛି। ଟାର୍ଗେଟକୁ ଗୋଡ଼ାଇବାବେଳେ ଏକ ଶତକ ସ୍କୋର କରିଥିଲେ। ଗୁଜୁରାଟ ମ୍ୟାଚରେ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି। ରବୀକୁମାର ସମରଥ (୫୪), ଆଦିତ୍ୟ ତର (୫୪) ଏବଂ କୁନାଲ ଚାନ୍ଦେଲା (୪୩)ଙ୍କ ଇନିଂସ ଆଧାରରେ ଉତ୍ତରାଖଣ୍ଡ ୨୦ ଓଭରରେ ୭ ୱିକେଟ ହରାଇ ୧୮୨ ରନ ସ୍କୋର କରିଥିଲେ। ଏହାର ଜବାବରେ ଗୁଜୁରାଟ ପଟେଲଙ୍କ ବିସ୍ଫୋରକ ଶତକ ସହାୟତାରେ ୪୧ ଟି ବଲ ବାକି ରହି ଆଠଟି ୱିକେଟ ନେଇ ମ୍ୟାଚ ଜିତିଥିଲା। ୧୩.୧ ଓଭରରେ ଦୁଇଟି ୱିକେଟ ହରାଇ ଗୁଜୁରାଟ ଲକ୍ଷ୍ୟ ହାସଲ କରିଛି।





# କନିଆଁ ସାଜିବେ ପିଭି ସିନ୍ଧୁ

**ମୁମ୍ବାଇ, ୩।୧୨:** ବାଜିବ ଶାହାନାଇ। ପଡ଼ିବ ହାତ ଗଣ୍ଠି। ବଧୂ ସାଜିବେ ଭାରତର ଷ୍ଟାର ବ୍ୟାଡମିଣ୍ଟନ୍ ଖେଳାଳି ପିଭି ସିନ୍ଧୁ। ଆସନ୍ତା ଡିସେମ୍ବର ୨୨ ତାରିଖରେ ନେବେ ସାତ ଫେରା। ରାଜସ୍ଥାନର ଉଦୟପୁରେ ହାତକୁ ଦି ହାତ ହେବେ ଏହି ଷ୍ଟାର୍ ଖେଳାଳି। ପୋସିଡେକ୍ସ ଟେକ୍ନୋଲୋଜିରେ କାର୍ଯ୍ୟକାରୀ ନିର୍ଦ୍ଦେଶକ ରହିଥିବା ଭେଙ୍କଟ ଦତ୍ତ ସାଇଙ୍କ କନିଆଁ ସାଜିବେ ୨୯ ବର୍ଷୀୟ ପିଭି ସିନ୍ଧୁ। ଏଥିପାଇଁ ଆରମ୍ଭ ହୋଇଯାଇଛି ଜୋରସୋରରେ ପ୍ରସ୍ତୁତି। ଡିସେମ୍ବର ୨୦ରୁ ବିବାହର ପ୍ରସ୍ତୁତି ଆରମ୍ଭ ହେବାକୁ ଥିବା ବେଳେ ହାଇଦ୍ରାବାଦରେ ରିସେପ୍ସନ ପାର୍ଟି ଡିସେମ୍ବର ୨୪ ତାରିଖରେ ହେବ। ଏନେଇ ତାଙ୍କ ବାପା ପିଭି ରମନ୍ନା ଘୋଷଣା କରିଛନ୍ତି। ଉଭୟଙ୍କ ପରିବାର ଦୀର୍ଘ ଦିନ ହେବ ପରସ୍ପରକୁ ଜାଣିଥିବା ବେଳେ ମାସେ ତଳେ ବିବାହ ସମ୍ପର୍କରେ ଆଲୋଚନା ହୋଇଥିବା ରମନ୍ନା ପ୍ରକାଶ କରିଛନ୍ତି। ଏହା ଏକମାତ୍ର ସମ୍ଭାବ୍ୟ ସମୟ ଥିଲା କାରଣ ଜାନୁଆରୀରୁ ତାଙ୍କ (ସିନ୍ଧୁ) କାର୍ଯ୍ୟସୂଚୀ ବହୁତ ବ୍ୟସ୍ତ ରହିବ। ସେଥିପାଇଁ ଉଭୟ ପରିବାର ଡିସେମ୍ବର ୨୨ରେ ବିବାହ ଉତ୍ସବ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଥିବା ପିଭି ସିନ୍ଧୁଙ୍କ ବାପା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଭାରତର ଅନ୍ୟତମ ଶ୍ରେଷ୍ଠ ଆଥଲେଟ ସିନ୍ଧୁ ୫ ଥର ବିଶ୍ୱ ଚାମ୍ପିୟନଶିପ ପଦକ ଜିତିଛନ୍ତି। ୨୦୧୯ ବିଶ୍ୱ ଚାମ୍ପିୟନଶିପରେ ସେ ଏକ ସ୍ୱର୍ଣ୍ଣ ପଦକ ମଧ୍ୟ ଜିତିବାର ଗୌରବ ଅର୍ଜନ କରିଥିଲେ। କମନ୍‌ଓ୍ୱେଲ୍‌ଥ ଗେମ୍ସରେ ମଧ୍ୟ ସିନ୍ଧୁ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ତେବେ ପିଭି ସିନ୍ଧୁ କିଛି ସମୟ ପାଇଁ ଖରାପ ଫର୍ମ ସହିତ ସଂଘର୍ଷ କରୁଥିଲେ ଏବଂ ଅଲିମ୍ପିକ୍ସରେ ମଧ୍ୟ ସେ ସେତେଟା କିଛି ଭଲ ପ୍ରଦର୍ଶନ କରିପାରିନଥିଲେ। କିନ୍ତୁ ବର୍ତ୍ତମାନ ସେ ସୟଦ ମୋଦୀ ଆନ୍ତର୍ଜାତୀୟ ଟୁର୍ନାମେଣ୍ଟ ଜିତି ପୁଣି ଥରେ ଫର୍ମକୁ ଫେରିଛନ୍ତି।

# ନିଲାମ ହେବ ବ୍ରାଡ୍‌ମ୍ୟାନ୍‌ଙ୍କ ଟୋପି



**ସିଡ୍‌ନି, ୩।୧୨:** ଅଷ୍ଟ୍ରେଲିଆ କିଂବଦନ୍ତି ବ୍ୟାଟର୍ ଡନ୍ ବ୍ରାଡ୍‌ମ୍ୟାନ୍‌ଙ୍କ 'ବ୍ୟାଗି ଗ୍ରିନ୍' ଟୋପି ମଙ୍ଗଳବାର ସିଡ୍‌ନିରେ ନିଲାମ ହେବାକୁ ଯାଉଛି। ଏହାର ନିଲାମ ମୂଲ୍ୟ ୨୬୦,୦୦୦ ଡଲାର ବା ଭାରତୀୟ ମୁଦ୍ରାରେ ୨କୋଟି ୨୩ ଲକ୍ଷ ଟଙ୍କାରେ ନିଲାମ ହେବାର ସମ୍ଭାବନା ରହିଛି। ଉଲ୍‌ରେ ନିର୍ମିତ ଏହି ଟୋପିକୁ ବ୍ରାଡ୍‌ମ୍ୟାନ୍ ୧୯୪୭-୪୮ରେ ଅଷ୍ଟ୍ରେଲିଆର ଭାରତ ଗସ୍ତ ବେଳେ ପିନ୍ଧିଥିଲେ। ଭାରତ ସ୍ୱାଧୀନତା ପରେ ଏହା ବିଦେଶୀ ଦଳର ପ୍ରଥମ ଶୃଙ୍ଖଳା ହୋଇଥିଲା। ଏହି ଟେଷ୍ଟ୍ ଶୃଙ୍ଖଳାରେ ବ୍ରାଡ୍‌ମ୍ୟାନ୍ ୬ଟି ପାଳିରେ ୧୭୮.୭୫ ହାର ଏବଂ ୩ ଶତକ ଓ ଗୋଟିଏ ଦ୍ୱିଶତକ ସହ ମୋଟ ୭୧୫ ରନ୍ କରିଥିଲେ। ନିଲାମ ସଂସ୍ଥା ବନହାମ୍ସ ଏହି ଟୋପିକୁ 'ଏକମାତ୍ର ଜଣାଶୁଣା ବ୍ୟାଗି ଗ୍ରିନ୍' ବୋଲି କହିଛି। ସଂପ୍ରତି ଏହି ଟୋପିର ରଙ୍ଗ ଛାଡ଼ିଯାଇଥିଲା ବେଳେ କିଛି ନଷ୍ଟ ମଧ୍ୟ ହୋଇଛି ଏବଂ ଉପର ଅଂଶ ଛିଣ୍ଡିଯାଇଛି। ତଥାପି ଏହା ୧୯୫ ହଜାରରୁ ୨୬୦ ହଜାର ଡଲାରରେ ବିକ୍ରି ସମ୍ଭାବନା ରହିଛି। ୨୦୨୦ରେ ତାଙ୍କର ଏକ ଟୋପି ୨୯୦ ଡଲାରରେ ବିକ୍ରି ହୋଇଥିଲା। ଏହି 'ବ୍ୟାଗି ଗ୍ରିନ୍'କୁ ବ୍ରାଡ୍‌ମ୍ୟାନ୍ ୧୯୨୮ରେ ଟେଷ୍ଟ୍ ପଦାର୍ପଣ ବେଳେ ପିନ୍ଧିଥିଲେ। କ୍ରିକେଟ୍‌ର ମହାନ ବ୍ରାଡ୍‌ମ୍ୟାନ୍‌ଙ୍କ ଟେଷ୍ଟ୍ ବ୍ୟାଟିଂ ହାର ୯୯.୯୪ ରହିଛି। ସେ ୨୦୦୧ରେ ୯୨ ବର୍ଷ ବୟସରେ ମୃତ୍ୟୁବରଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶାରେ...

ପାଇଁ ପଦକ୍ଷେପ ନିଆଯାଇଛି। ଏହି ଅବସରରେ ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଓଡ଼ିଶା ଇତିହାସରେ ଯାହା କେବେ ହୋଇ ନ ଥିଲା ବିଗତ ୧୦ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସେହି ସମ୍ଭାବନାକୁ ତିଆରି କରିଥିବାରୁ ରାଜ୍ୟବାସୀଙ୍କ ତରଫରୁ ତାଙ୍କୁ ଅଶେଷ କୃତଜ୍ଞତା। ଗତ ଦଶନ୍ଧିରେ ପାଖାପାଖି ୭୫ ହଜାର କୋଟି ଟଙ୍କାର ରେଳ ବଜେଟ ବ୍ୟବସ୍ଥା କରାଯାଇଛି । ଏବେ ରାୟଗଡ଼ାରେ ଏକ ନୂଆ ଡିଭିଜନ ହେବ । ୱାଲଟିୟର ଡିଭିଜନରୁ ଓଡ଼ିଶା ଅଞ୍ଚଳକୁ ବାଦ ଦେଇ ନୂଆ ଡିଭିଜନ ହେବ।

ଏହା ଓଡ଼ିଶାର ରେଳ ଭିତ୍ତିଭୂମି କ୍ଷେତ୍ରରେ ଗୋଟିଏ ବଡ଼ ଉପଲବ୍ଧି। ରାଜ୍ୟର ଆର୍ଥିକ ହିତ ମଧ୍ୟ ବଜାୟ ରହିବ ବୋଲି ରେଳ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଏଥିପାଇଁ ଶ୍ରୀ ପ୍ରଧାନ କୃତଜ୍ଞତା ଜଣାଇଛନ୍ତି। ତାଙ୍କ ୧୦ ବର୍ଷର ଶାସନ କାଳରେ ରେଳବାଇରେ ଓଡ଼ିଶାର ସବୁଠୁ ଅଧିକ ଲାଭ ହୋଇଛି। ପୂର୍ବୋଦୟ ପରିକଳ୍ପନାର ସବୁଠୁ ସଫଳ କାର୍ଯ୍ୟକାରିତା ରେଳବାଇ କ୍ଷେତ୍ରରେ ହୋଇଛି । ଏହି ଅବସରରେ କଟକ ସାଂସଦ ଭର୍ତ୍ତୃହରି ମହତାବ, ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ ପାଣିଗ୍ରାହୀ, ଯାଜପୁର ସାଂସଦ ରବୀନ୍ଦ୍ର କୁମାର ବେହେରା, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ଆସିକା ସାଂସଦ ଅନୀତା ଶୁଭଦର୍ଶିନୀ, ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ, ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, କଳାହାଣ୍ଡି ସାଂସଦ ମାଳବିକା ଦେବୀ ପ୍ରମୁଖ ଉପସ୍ଥିତ ଥିଲେ।

### କୋଟିପତି...

ଦାବି ଉଠାଇଲେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ। ବଜାର ଦରଦାମ ଏବଂ ସ୍ୱାସ୍ଥ୍ୟଗତ ଖର୍ଚ୍ଚର ଉଦାହରଣ ଦେଇ ଦରମା ଓ ପେନସନ ବୃଦ୍ଧି ପାଇଁ ଦାବି କରିଥିଲେ ଶ୍ରୀମତୀ ମଲ୍ଲିକ। ଦାବିକୁ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଓ ବିଜେପି ବିଧାୟକ ଭାସ୍କର ମଢେଇ ମଧ୍ୟ ସମର୍ଥନ କରିଥିଲେ। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଦର୍ଶାଇଥିଲେ, ବିଧାୟକମାନଙ୍କ ଦରମା କ୍ଷେତ୍ରରେ ଓଡ଼ିଶା ଦେଶରେ ୨୭ ନମ୍ବର ସ୍ଥାନରେ ଅଛି। ତେଣୁ ନୂଆ କମିଟି ଯଦି ଆବଶ୍ୟକ, ବାଚସ୍ପତି ନୂଆ କମିଟି କରି ଦରମା ଓ ପେନସନ ବୃଦ୍ଧି କରନ୍ତୁ।

ବିଧାୟକଙ୍କ ଦରମା ୨ ଲକ୍ଷ ୫୦ ହଜାର ଏବଂ ପୂର୍ବତନ ବିଧାୟକଙ୍କ ପେନସନ୍ ୭୦ ହାଜରକୁ ବୃଦ୍ଧି କରାଯାଉ ବୋଲି ପୂର୍ବରୁ କମିଟି ସୁପାରିଶ କରିଛି। ସେହିଭଳି ବିଧାୟକ ଉନ୍ନୟନ ପାଣ୍ଠିକୁ ୫ କୋଟି କରିବାକୁ ଦାବି କରିଥିଲେ। ବିରୋଧୀ ଦଳ ଉପମୁଖ୍ୟ ସଚେତକ ପ୍ରତାପ ଦେବ, କଂଗ୍ରେସ ବିଧାୟକ ରାମଚନ୍ଦ୍ର କାଡାମ ମଧ୍ୟ ଗୃହରେ ସମାନ ପ୍ରସଙ୍ଗ ଉଠାଇଥିଲେ। ବିଜେପି ବିଧାୟକ ଭାସ୍କର ମଢେଇ ଦାବିଗୁଡ଼ିକୁ ସମର୍ଥନ କରିଥିଲେ। ନୂଆ କମିଟି ନ କରି ପୁରୁଣା କମିଟିର ସୁପାରିଶ ଅନୁସାରେ କରନ୍ତୁ ବୋଲି କହିଥିଲେ ଶ୍ରୀ ମଢ଼େଇ। କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ଏମ୍‌ଏଲ୍‌ଏ ଲାଡ୍ ୫କୋଟିକୁ ବୃଦ୍ଧି କରିବାକୁ ଦାବି ଜଣାଇବା ସହ ସାମ୍ବାଦିକଙ୍କ ସ୍ୱାସ୍ଥ୍ୟବୀମା ୨୦ ଲକ୍ଷ କରିବାକୁ ଦାବି କରିଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ପାଖରେ ଦାବି ଉପସ୍ଥାପନ କରିବେ ବୋଲି କହିଥିଲେ।

### ମମତା...

ବନ୍ଦ ହୋଇଯାଇଥିଲା। ଦରବୃଦ୍ଧି ଯୋଗୁ ଖାଉଟି ଓ ବ୍ୟବସାୟୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ମହଜୁଦ୍ ଥିବା ଅଢ଼େଇ ଲକ୍ଷ ମେଟ୍ରିକ୍ ଟନ୍ ଆଳୁ ରାଜ୍ୟ ବାହାରକୁ ଚାଲାଣ ନ ହେଲେ ନଷ୍ଟ ହେବା ସମ୍ଭାବନା ଥିବାରୁ ଯଥାଶୀଘ୍ର ଆଳୁ ଚାଲାଣ ପାଇଁ ରାଜ୍ୟ ସରକାର ଅନୁମତି ଦିଅନ୍ତୁ ବୋଲି ସଂଘ ଦାବି କରିଥିଲା।

ଆନ୍ଦୋଳନ ଚଳାଇଥିବା ଶୀତଳ ଭଣ୍ଡାର ଆଳୁ ବ୍ୟବସାୟୀ ସଂଘ ଓ ପ୍ରଗତିଶୀଳ ଆଳୁ ବ୍ୟବସାୟୀ ସଂଘର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ କୃଷିମନ୍ତ୍ରୀ ସୋଭନ୍ ଦେବ ଚଟ୍ଟୋପାଧ୍ୟାୟ। ଦୀର୍ଘ ସମୟ ଧରି ଆଲୋଚନା ପରେ ବ୍ୟବସାୟୀଙ୍କ ସର୍ତ୍ତରେ ରାଜି ହୋଇଥିଲେ ମନ୍ତ୍ରୀ। ସବୁ ନିଷ୍ପତ୍ତି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଉପରେ ଛାଡ଼ିଥିଲେ।

ତଥାପି କୃଷି ମନ୍ତ୍ରୀଙ୍କ ଗ୍ରୀନ୍ ସିଗ୍‌ନାଲ ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ପଶ୍ଚିମବଙ୍ଗରେ ଆଳୁ ବ୍ୟବସାୟୀଙ୍କ ଆନ୍ଦୋଳନ ପ୍ରତ୍ୟାହୃତ ପରେ ଓଡ଼ିଶାକୁ ଆଳୁ ଆସିବ ବୋଲି ଆଶା କରାଯାଉଛି।

### ମନ୍ଦିରମାଳିନୀରେ...

ପ୍ରତିମୂର୍ତ୍ତି ଲୋକାର୍ପଣ କରିବା ସହିତ ନିକଟସ୍ଥ ପାର୍କ ବୁଲି ଦେଖିଥିଲେ। ପ୍ରତିମୂର୍ତ୍ତି ଲୋକାର୍ପଣ ସମୟରେ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଉପସ୍ଥିତ ଥିଲେ। ସେଠାରେ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ସହିତ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କଥା ହୋଇଥିଲେ। ପ୍ରତିମୂର୍ତ୍ତି ଲୋକାର୍ପଣ ପରେ ସନ୍ଧ୍ୟା ପ୍ରାୟ ୬ଟାରେ ରାଷ୍ଟ୍ରପତି ରାଜଭବନ ଫେରିଛନ୍ତି। ଆଜି ରାଜଭବନରେ ରାତ୍ରୀ ଯାପନ ପରେ ବୁଧବାର ପୂର୍ବାହ୍ନ ୯.୪୫ ପୁରୀ ଯାଇ ଶ୍ରୀଜିଉଙ୍କୁ ଦର୍ଶନ କରି ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ୭୫ତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଅପରାହ୍ଣ ୩.୫୫ରେ ନୌସେନା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ ରାଷ୍ଟ୍ରପତି।

### ମଲେଇଖିଆଙ୍କ...

ବିଜେଡି ସରକାରରେ ଥିବା ସମୟରେ ହିଁ ଏହି ବୃହତ୍ କେନ୍ଦ୍ରୀୟ ଯୋଜନାକୁ ରାଜ୍ୟରେ କାର୍ଯ୍ୟକାରୀ କରିଛି ଏବଂ ଦଳର ମଙ୍ଗୁଆଳମାନେ ନିଜକୁ ସୁହାଇଲା ଭଳି ଠିକା ସଂସ୍ଥାକୁ ଆଣି କାମ ଦେଇଛନ୍ତି। ଖାଲି କାମ ଦେଇନାହାନ୍ତି ଅଧିକାଂଶ ଠିକାସଂସ୍ଥାଙ୍କୁ କରିଥିବା କାମ ଠାରୁ ଯଥେଷ୍ଟ ଅଧିକ ପଇସା ଦେଇ ଦେଇଛନ୍ତି। ଇତି ମଧ୍ୟରେ ନୂଆ ସରକାର ଏଲଆଣ୍ଡଟି ଭଳି କମ୍ପାନୀକୁ ଗୋଟିଏ କାମରେ ଖିଲାପି ଯୋଗୁଁ ୮କୋଟି ଟଙ୍କାର ଜୋରିମାନା ଲଗାଇଛନ୍ତି। ଆଉ କେତେକ ସଂସ୍ଥାଙ୍କୁ କଳା ତାଲିକାଭୁକ୍ତ କରିବାକୁ ନାଲିଆଖି ବି ଦେଖାଇଛନ୍ତି।

ବଦ୍ରିଙ୍କର ଆଜିର ବିସ୍ଫୋରଣ ପରେ ଦଳର ମାମଲତକାରମାନେ କ'ଣ କରୁଥିଲେ ତାହାକୁ ନେଇ ବି ପ୍ରଶ୍ନ ଉଠିଲାଣି। ଗୋଟିଏ ପରେ ଗୋଟିଏ ସର୍ଭେ କରି କୋଟି କୋଟି ଟଙ୍କା ଉଡାଇ ଦେଇଥିବା ଏହି ମାମଲତକାରମାନେ ଲୋକଙ୍କ ଭିତରେ ପାଣି ପାଇଁ ବଢୁଥିବା ଅସନ୍ତୋଷକୁ କିଭଳି ଜାଣିପାରିଲେ ନାହିଁ ତାହା ବଡ ପ୍ରଶ୍ନ ସୃଷ୍ଟି କରିଛି। ବିଜେଡିର କିଛି କର୍ମୀଙ୍କ କହିବାକଥା ଯେ ମାମଲତକାରୀମାନେ ସବୁ ଜାଣି ଶୁଣି ଠିକା ସଂସ୍ଥା ଜରିଆରେ ମଲେଇ ଖାଇ ଦଳକୁ ହରାଇଦେଲେ। ଏବେ ବଦ୍ରି ଏହାର ଗୁମର ଖୋଲିଥିବାବେଳେ ଆଗାମୀ ଦିନରେ ଏଭଳି ଆହୁରି ଅନେକ ଘଟଣା ପଦାକୁ ଆସିବ।

### ଯୋଡ଼ିବେ...

ପ୍ରଣବ ବଳବନ୍ତରାୟ, ରୁଦ୍ର ମହାରଥୀ, ଚନ୍ଦ୍ରସାରଥୀ ବେହେରା, ବିଷ୍ଣୁବ୍ରତ ରାଉତରାୟ, ସମ୍ବିତ ରାଉତରାୟ, ଅଂଶୁମାନ ମହାନ୍ତି ଓ ଦେବେଶ ଆଚାର୍ଯ୍ୟ ପ୍ରମୁଖ ଗଲା ନିର୍ବାଚନରେ ଷଡ଼ଯନ୍ତ୍ର ଶିକାର ହୋଇ ହାରିଛନ୍ତି। କିଛିଦିନ ତଳେ ଏହି ୭ଜଣ ଯାକ ଯୁବନେତା ରାଜଧାନୀରେ ଜଳଖିଆ ଖାଇବା ବାହାନାରେ ଏକାଠି ହୋଇଥିଲେ। ଜାଣିଶୁଣି ମାର୍କେଟକୁ ଏକାଠି ବସିଥିବାର ଫଟୋ ବି ଛାଡ଼ିଥିଲେ। ଏହାବାଦ୍ ବିଧାନସଭା ବୈଠକ ପୂର୍ବରୁ କିଛି ବିଧାୟକ ମଧ୍ୟ ଗୁପ୍ତରେ ମେଳି କରିଥିଲେ।

### ମଶାତେଲ...

ସେହିପରି ସେପ୍ଟେମ୍ବର ମାସରେ ଝାରସୁଗୁଡ଼ା ପୌର ପରିଷଦକୁ ମଶାତେଲ ଯୋଗାଣ ପାଇଁ ହୋଇଥିବା ଟେଣ୍ଡରରେ ଓଡ଼ିଶା ରବର ଉଦ୍ୟୋଗ ସର୍ବନିମ୍ନ ମୂଲ୍ୟ ଲିଟର ପ୍ରତି ୧୫୦ ଟଙ୍କା ଦର୍ଶାଇଛି ।

ଫ୍ୟୁଜନ ଗ୍ରୁପ୍ ୪୨୩ ଟଙ୍କା ଓ ଶ୍ରୀଲକ୍ଷ୍ମୀ ସଂସ୍ଥା ଦର୍ଶାଇଛି ୨୧୦ ଟଙ୍କା । ପୂର୍ବରୁ ଲିଟର ପ୍ରତି ୭୪୦ ନେଇଥିବା ଫ୍ୟୁଜନ୍ ଗ୍ରୁପ୍ କିପରି ଟେଣ୍ଡର ପେପରରେ ୪୨୩ ଟଙ୍କା ଉଲ୍ଲେଖ କରିଛି, ତାହା ପ୍ରଶ୍ନ ସୃଷ୍ଟି କରିଛି । ତେବେ ଦୁର୍ନୀତି ନେଇ ପ୍ରଶ୍ନ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛି ବିଜେପି। ଝାରସୁଗୁଡ଼ାରେ ମଶାତେଲ ପାଇଁ ଟେଣ୍ଡର୍ ଫିକ୍ସିଂ ତଥା ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ନେଇ ଆରଟିଆଇରୁ ସୁରାକ ମିଳିଥିବା ବେଳେ ଏବେ ଭିଜିଲାନ୍ସ ତଦନ୍ତର ଫଳାଫଳକୁ ଅପେକ୍ଷା।

# ଏସୟୁଜେ ବଲାଙ୍ଗୀର ଶାଖା ସଭାପତି ହେଲେ ଶରତ

**ବଲାଙ୍ଗୀର,୩।୧୨(ସଂଚାର ବ୍ୟୁରୋ):** ଏସୟୁଜେ ବଲାଙ୍ଗିର ଜିଲ୍ଲା ଶାଖା ର ଦ୍ୱିବାର୍ଷିକ ସାଧାରଣ ପରିଷଦ ବୈଠକ ସ୍ଥାନୀୟ ଜିଲ୍ଲା ସାମ୍ବାଦିକ ଭବନ ଠାରେ ଶୃଙ୍ଖଳା ର ସହ ଅନୁଷ୍ଠିତ ହୋଇଯାଇଛି ।ଜିଲ୍ଲା ସଭାପତି ଗୋପବନ୍ଧୁ ଶତପଥୀ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ସଭାରେ ବରଗଡ଼ ଜିଲ୍ଲା ମାନ୍ୟତା ପ୍ରାପ୍ତ ଆଧାର ନିୟୁଜ ର ସମ୍ପାଦକ ଶ୍ରୀ କିଶୋର ଚନ୍ଦ୍ର ପାଢ଼ି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏସୟୁଜେ ସଂଘ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ ।ବଲାଙ୍ଗିର ଜିଲ୍ଲା ଶାଖା ପର୍ଯ୍ୟବେକ୍ଷକ ତଥା ରାଜ୍ୟ ଉପ ସଭାପତି ମହେନ୍ଦ୍ର କୁମାର ଦର୍ଜି,ବିମଳ ଚରଣ ହୋତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ "ଗଣମାଧ୍ୟମ ର କଣ୍ଠରୋଧ" ଶୀର୍ଷକ ଉପରେ ଆଲୋଚନା କରିଥିଲେ ।ସଦସ୍ୟ ରୋହନ ମହତ୍ ଜିଲ୍ଲାରେ ଚାଲିଥିବା ଦାଦନ ଶ୍ରମିକ ର ସମସ୍ୟା ଉପରେ ତଥା ସମ୍ବାଦ ପରିବେଷଣ ବେଳେ ଉପୁଜୁଥିବା ସମସ୍ୟା ଉପରେ ଆଲୋକପାତ କରିଥିଲେ ।ସେହିଭଳି ସଦସ୍ୟ ବାଳକୃଷ୍ଣ ଷଡ଼ଙ୍ଗୀ ସଂଘ ରେ ସଙ୍ଘୀୟ ମନୋଭାବ କିଭଳି ରହିବ ସେ ସମ୍ପର୍କ ରେ ସମ୍ୟକ୍ ଧାରଣା ଦେଇଥିଲେ। ଲୋଇସିଂହା ସମ୍ବାଦ ଖବର କାଗଜ ର ସାମ୍ବାଦିକ ବିମଳ ଚରଣ ହୋତା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ତାଙ୍କ ବକ୍ତବ୍ୟ ରେ ପୂର୍ବରୁ ସାମ୍ବାଦିକତା କରୁଥିବା ସାମ୍ବାଦିକ ମନେ କିଭଳି ସମ୍ବାଦ ପରିବେଷଣ କରୁଥିଲେ ଏବଂ ସେତେବେଳେ ସାମ୍ବାଦିକ ମନେ କିଭଳି ସମ୍ମାନ ପାଉଥିଲେ ସେ ସମ୍ପର୍କରେ ଅନେକ ଉଦାହରଣ ଦେଇ ଉପସ୍ଥିତ ସମସ୍ତ ସଭ୍ୟ ଙ୍କୁ ଠିକ୍ ଭାବେ ନିଜର ସ୍ୱାଭିମାନ ରଖି ସାମ୍ବାଦିକତା କରିବା ପାଇଁ ସୂଚାଇ ଦେଇଥିଲେ। ତୁଳସୀ ଜଗତ ସାମ୍ବାଦିକ ମାନଙ୍କ ସୁରକ୍ଷା ପାଇଁ ଏକ ଆଇନ୍ ପ୍ରଣୟନ କରିବା ଦିଗରେ ସରକାର ଦୃଷ୍ଟି ଦେବାପାଇଁ କହିଥିଲେ। ଏସୟୁଜେ ଜିଲ୍ଲା ଶାଖା ସଭାପତି ଗୋପବନ୍ଧୁ ଶତପଥୀ ଗଣମାଧ୍ୟମ ର କିଭଳି କଣ୍ଠରୋଧ କରାଯାଉଛି ଏବଂ ସାମ୍ବାଦିକ ମାନେ ବିଭିନ୍ନ ସମୟରେ ସମ୍ବାଦ ଅନ୍ୱେଷଣ ରେ ଗଲାବେଳେ କିଭଳି ହଇରାଣ ହେଉଛନ୍ତି ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।

## ବିଚ ରାସ୍ତାରେ ନାଏବ ସରପଞ୍ଚଙ୍କ ଦବଙ୍ଗଗିରି

# ସହଯୋଗୀଙ୍କ ସହ ଯୁବକଙ୍କୁ କଲେ ଆକ୍ରମଣ

**ଉଦଳା, ୩।୧୨ (ସଂଚାର ବ୍ୟୁରୋ) :** ନାଏବ ସରପଞ୍ଚ ଦେଖାଇଲେ ଦବଙ୍ଗଗିରି। ବିଚ ରାସ୍ତାରେ ହେଲା କଙ୍ଗାରୁ କୋର୍ଟ । ଜଣେ ହିତାଧିକାରୀଙ୍କୁ ବିଚ ରାସ୍ତା ଉପରେ ଠେଙ୍ଗା, ଝାଡୁ, ଜୋତାରେ ବାଡେ଼ଇଲେ ନାଏବ ସରପଞ୍ଚ ଏବଂ ତାଙ୍କ ସମର୍ଥକ । ଏଭଳି ଏକ ଭିଡିଓ



ମାଡ଼ ମାରିବା ସମୟର ଦୃଶ୍ୟ

ଏବେ ମୋବାଇଲ ରୁ ମୋବାଇଲ ଘୁରି ବୁଲୁଛି । ଘଟଣା ଘଟିଛି ଗୋପବନ୍ଧୁନଗର ବ୍ଲକ ସାଇଁକୁଳା ଅଞ୍ଚଳରେ ।

ସାଇଁକୁଳା ପଞ୍ଚାୟତ କାର୍ଯ୍ୟାଳୟରେ ଗତକାଲି ଏକ ବୈଠକ ହୋଇଥିଲା। ଉକ୍ତ ବୈଠକରେ ଆବାସ ଯୋଜନାକୁ ନେଇ କଥା କଟାକଟି ହୋଇଥିଲା । ହିତାଧିକାରୀ ଏବଂ ଜନପ୍ରତିନିଧିଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହା ପରେ ଜଣେ ହିତାଧିକାରୀ ଚନ୍ଦନ ସାହୁ ସେଠାରୁ ବାହାରି ଚାଲି ଆସିଥିବା ବେଳେ ସ୍ଥାନୀୟ ବିଦ୍ୟାଳୟ ନିକଟରେ ଛିଡା ହୋଇଥିଲେ । ଏହି ସମୟରେ ନାଏବ ସରପଞ୍ଚ କବିତା ମହାନ୍ତିଙ୍କ ସହିତ ତାଙ୍କ ସ୍ୱାମୀ, ପୁଅ ଏବଂ ଅନ୍ୟ କିଛି ମହିଳା ଆସି ବିଚ ରାସ୍ତାରେ ଚନ୍ଦନଙ୍କୁ ପହଁରା, ବାଉଁଶ, ଠେଙ୍ଗାରେ ନିର୍ଘାତ ମାଡ଼ ମାରିଥିଲେ। ନିଜେ ନାଏବ ସରପଞ୍ଚ ମଧ୍ୟ ହାତରେ ବାଡ଼ି ଧରି ହିତାଧିକାରୀ ଚନ୍ଦନ ସାହୁଙ୍କୁ ପ୍ରବଳ ମାଡ଼ ମାରିଥିଲେ। ଚନ୍ଦନ ସାହୁଙ୍କ ସମେତ ତାଙ୍କ ସ୍ତ୍ରୀକୁ ମଧ୍ୟ ମାଡ଼ ମରାଯାଇଥିବା କଥା ସାମ୍ନାକୁ ଆସିଛି। ଆକ୍ରମଣରେ ଚନ୍ଦନଙ୍କ ମୁଣ୍ଡ ମଧ୍ୟ ଫାଟିଛି। ଯାହାକୁ ନେଇ ଚନ୍ଦନ ଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

ଅନ୍ୟପଟେ ନିଜକୁ ବଞ୍ଚାଇବାକୁ ଯାଇ ଚନ୍ଦନ ମଧ୍ୟ ନାଏବ ସରପଞ୍ଚ ଏବଂ ତାଙ୍କ ସହଯୋଗୀ ଲୋକଙ୍କୁ ହାତ ଉଠାଇଥିବା ସ୍ୱୀକାର କରିଛନ୍ତି। ଚନ୍ଦନ ନାଏବ ସରପଞ୍ଚ ଏବଂ ପରିବାର ଲୋକଙ୍କୁ ଆକ୍ରମଣ କରିବା ପରେ ସେମାନେ ତାଙ୍କୁ ରାସ୍ତାରେ ମାଡ଼ ମାରିଥିବା କହିଛନ୍ତି ନାଏବ ସରପଞ୍ଚ । ତେବେ ଜଣେ ଲୋକପ୍ରତିନିଧି ହୋଇ ରାସ୍ତା ଉପରେ ଯୁବକଙ୍କୁ ଏମିତି ଅମାନବିୟ ଭାବରେ ମାଡ଼ ମାରିବା ନିଶ୍ଚିତ ଭାବରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ଯେ ଜଣେ ଲୋକପ୍ରତିନିଧି ହୋଇ ଏଭଳି କାର୍ଯ୍ୟକଳାପ କେତେଦୂର ଠିକ୍ ।

## ବିଏମ୍‌ସିରେ ଜଳୁଛି ଅସନ୍ତୋଷର ନିଆଁ

# ଜିଲ୍ଲାପାଳଙ୍କୁ ଭେଟିଲେ କର୍ପୋରେଟର

**ବ୍ରହ୍ମପୁର, ୩।୧୨ (ସଂଚାର ବ୍ୟୁରୋ) :** ଗତ କିଛି ଦିନ ହେବ ବ୍ରହ୍ମପୁର ମହାନଗର ନିଗମର କର୍ପୋରେଟରଙ୍କ ମଧ୍ୟରେ ଅସନ୍ତୋଷର ନିଆଁ ଜଳୁଛି। ବିଭିନ୍ନ କାରଣକୁ ନେଇ ନିଗମରେ ନିୟୋଜିତ ସରକାରୀ ଅଧିକାରୀଙ୍କ ଉପରେ କର୍ପୋରେଟରମାନେ ତାତୁଛନ୍ତି। ସମ୍ପ୍ରତି ରାଜ୍ୟରେ ବିଜେପି ସରକାର ଗଢିଥିବା ବେଳେ ବିଏମସି କିନ୍ତୁ ବିଜେଡି କବଜାରେ ରହିଛି। ନିକଟରେ ଅନୁଷ୍ଠିତ କାଉନସିଲ୍ ବୈଠକରେ ବିଏମସିର ଅଧିକାରୀମାନଙ୍କ ଉପରେ କର୍ପୋରେଟରମାନେ ନିଆଁ ବାଣ ହୋଇଥିବା ବେଳେ ମେୟର ବୈଠକ ମଝିକୁ ଆସି ଉତ୍ତ୍ୟକ୍ତ ଜନ ପ୍ରତିନିଧିମାନଙ୍କୁ ବୁଝାସୁଝା କରିଥିବାର ଭିଡ଼ିଓ ବି ସାମ୍ନାକୁ ଆସିଥିଲା। ଏବେ ପୁଣି କର୍ପୋରେଟରମାନେ ବ୍ରହ୍ମପୁର ମହାନଗର ନିଗମ କମିଶନରଙ୍କ ବିରୋଧରେ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି।

ମଙ୍ଗଳବାର ମହାନଗର ନିଗମର ଏକାଧିକ କର୍ପୋରେଟର ଜିଲ୍ଲାପାଳଙ୍କ ବାସଭବନ ଯାଇ ସେମାନଙ୍କ ଅସନ୍ତୋଷର କାରଣ ପ୍ରକାଶ କରିବା ସହ ଦାବି ଜଣାଇଥିଲେ। କର୍ପୋରେଟର ଗୋଷ୍ଠୀଙ୍କ ଅଭିଯୋଗ ପ୍ରକାରେ, ବିଏମସି କମିଶନର ସମ୍ପ୍ରତି ନିଜ ଇଚ୍ଛା ମୁତାବକ କାର୍ଯ୍ୟ ଚଳାଇଛନ୍ତି। ବିନା କାଉନସିଲ୍ ଅନୁମୋଦନ



### ଟାର୍ଗେଟ୍‌ରେ କମିଶନର ନା ଆଉ କିଏ ?

କିମ୍ବା ଜିଲ୍ଲା ପ୍ରଶାସନ, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ନଥାଇ ଗୋଟିଏ ବିତାଡିତ ଟ୍ରଷ୍ଟି ସଦସ୍ୟଙ୍କୁ ରାତି ଅଧିଆ ୬୨ ଲକ୍ଷ ୯୬ ହଜାର ୯୭୫ ଟଙ୍କା ଚେକ୍ ଆକାରରେ ଦବା ବିଧିବ୍ୟବସ୍ଥାର ବିରୁଦ୍ଧାଚରଣ କରିଛି। ଏପରିକି ହରିଶଚନ୍ଦ୍ର ଯୋଜନାର ଅର୍ଥକୁ ମଧ୍ୟ ଦିଆଯାଉନଥିବା ସହ ଏତେ ବଡ ଧନରାଶି ଜଣେ ବିତାଡିତ ଟ୍ରଷ୍ଟି ସଦସ୍ୟଙ୍କୁ ବିନା ନିର୍ଦ୍ଦେଶରେ ଦେବା କେତେ ଦୂର ଠିକ୍ ବୋଲି କର୍ପୋରେଟରମାନେ ପ୍ରଶ୍ନ କରିଛନ୍ତି। ସେହିପରି ରାଜ୍ୟ ସରକାରଙ୍କ ଡିପିଆର ନକ୍ସାରେ ସ୍ଥାନ ନଥାଇ ହଠାତ୍ ରାତି ଅଧିଆ ମୂର୍ତ୍ତି ସ୍ଥାପନ କରିବା ନିମନ୍ତେ ବିଧାୟକ ଶୁଭ ଦେବା, ସହରର ପୋଖରୀ ଗୁଡିକର ପୁନରୁଦ୍ଧାର କାର୍ଯ୍ୟାଦେଶ ମିଳିଥିବା ବେଳେ ବିନା କାରଣରେ କାର୍ଯ୍ୟ ଗୁଡିକୁ ଅଧାରୁ ବନ୍ଦ ରଖିବା, ଲୋଚପଡା ନିକଟସ୍ଥ ବ୍ରଜ ନଗର ଠାରୁ ସିଦ୍ଧାର୍ଥ ନଗର ପର୍ଯ୍ୟନ୍ତ ଟେଣ୍ଡର ପ୍ରକ୍ରିୟା ସାରିଥିଲେ ମଧ୍ୟ କାମ ନ ହେବାରୁ ଜନ ଅସନ୍ତୋଷ ତେଜିବା ଇତ୍ୟାଦି ଦାବି ନେଇ ଜିଲ୍ଲାପାଳଙ୍କ ଜରିଆରେ ଏକ ସ୍ମାରକ ପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ଏଥିସହ କମିଶନର ନିଜ ଇଚ୍ଛାରେ ଟଙ୍କା ପ୍ରଦାନ କରିଥିବା ବେଳେ ଏହାର ତଦନ୍ତ କରିବାକୁ ଦାବି କରିବା ସହ ଜନ ହିତକର କାର୍ଯ୍ୟ ପାଇଁ ଅତିରିକ୍ତ ଆର୍ଥିକ ଅନୁଦାନ ନିମନ୍ତେ ନିବେଦନ କରିଛନ୍ତି।

ତେବେ କର୍ପୋରେଟର ଗୋଷ୍ଠୀଙ୍କ ମେଳି ବାନ୍ଧିବାକୁ ନେଇ ସାଧାରଣରେ ଏକ ଭିନ୍ନ ଆଲୋଚନା ହେଉଛି। ଚର୍ଚ୍ଚା ପ୍ରକାରେ, ଗତ କିଛି ଦିନ ହେବ ବ୍ରହ୍ମପୁର ମହାନଗର ନିଗମରେ ମେୟର କିମ୍ବା ଡେପୁଟି ମେୟରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ଜଣେ ପୂର୍ବତନ ବିଧାୟକଙ୍କ ସମର୍ଥିତ କର୍ପୋରେଟର ଗୋଷ୍ଠୀ ଅଣ୍ଟା ଭିଡିଛନ୍ତି। ଏପରିକି କିଛି କର୍ପୋରେଟରଙ୍କ ଦସ୍ତଖତ ନିଆଯାଇଥିବା ବି ଶୁଣିବାକୁ ମିଳିଛି। ଏଭଳି ପରିସ୍ଥିତିରେ ଜଣେ ପୂର୍ବତନ ବିଧାୟକଙ୍କ ପ୍ରରୋଚନାରେ କମିଶନରଙ୍କ କାନ୍ଧରେ ବନ୍ଧୁକ ରଖି ଅନ୍ୟକୁ ଟାର୍ଗେଟ୍ କରିବା ନୀତିରେ ଏକ ନିର୍ଦ୍ଦିଷ୍ଟ କର୍ପୋରେଟର ଗୋଷ୍ଠୀ ଏଭଳି ମେଳି ବାନ୍ଧି ନିଜ କ୍ଷମତା ଦେଖେଇବାକୁ ଏଭଳି ଏକାଠି ହୋଇଥିବା ସାଧାରଣରେ ଆଲୋଚନା ଚାଲିଛି। ବାସ୍ତବରେ କର୍ପୋରେଟର ମେଳି ହେବା ଏବଂ କମିଶନରଙ୍କ ବିରୋଧରେ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକ ପତ୍ର ପ୍ରଦାନ ପଛରେ ଅସଲ କାରଣ କଣ ତାହା ଆଗାମୀ ଦିନରେ ହିଁ ସ୍ପଷ୍ଟ ହେବ।

# ଅନିଶ୍ଚିତତା ମଧ୍ୟରେ ବୋରିଗୁମ୍ମା ଟ୍ରାଫିକ ଛକ



**ବୋରିଗୁମ୍ମା, ୩।୧୨ (ସଂଚାର ବ୍ୟୁରୋ):** ବିଭାଗୀୟ ଅଧିକାରୀ ଓ ପୁଲିସ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ବର୍ଷେ ହେବ ଟ୍ରାଫିକ ଛକର ସୋନ୍ଦର୍ଯ୍ୟକରଣ କାର୍ଯ୍ୟ ଅଧପନ୍ତରୀଆ ହୋଇ ପଡିଛି,ହେଲେ ହୋଇପାରୁନାହିଁ ସମାଧାନ।

ସୂଚନା ଅନୁସାରେ ଏନଏଚ ବିଭାଗର ଅଧୀନରେ ଥିବା ବୋରିଗୁମ୍ମା ବ୍ଲକ ସଦର ମୋହକୁମା ସ୍ଥିତ ଟ୍ରାଫିକ ଛକର ସୌନ୍ଦର୍ଯ୍ୟ କରଣ ଓ ସମ୍ପ୍ରସାରଣ ରାସ୍ତାର ପୁନରୁଦ୍ଧାର ପାଇଁ ୧୩ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦ ହୋଇଥିଲା କିନ୍ତୁ ଏହି ଛକ ସୌନ୍ଦର୍ଯ୍ୟ କରଣ କାର୍ଯ୍ୟର ଅବଧି ସରିଗଲାଣି ହେଲେ ଛକ କାର୍ଯ୍ୟ ଆରମ୍ଭ ନହୋଇ ବର୍ଷେରୁ ଉର୍ଦ୍ଧ୍ୱ ହେବ ଛକ ପାର୍ଶ୍ୱରେ ଥିବା ଦୋକାନ ଗୃହ ଭଙ୍ଗାରେ ଅଟକିଛି ଏବଂ ଭଙ୍ଗାଯାଇଥିବା ଗୃହର ମାଟି ମଧ୍ୟ ଉଠାଯାଇନାହିଁ। ଯୋଦ୍ୱାରା ଛୋଟ ମୋଟ ଦୁର୍ଘଟଣା ଘଟିବାରେ ଲାଗିଛି।

**ବର୍ଷେ ହେବ ଅଟକିଛି ଛକର ସୌନ୍ଦର୍ଯ୍ୟକରଣ**

ଇତି ମଧ୍ୟରେ ବୋରିଗୁମ୍ମା ପଞ୍ଚାୟତକୁ ବିଜ୍ଞାପିତଅଞ୍ଚଳ ପରିଷଦରେ ଘୋଷଣା ସରିଛି। କିନ୍ତୁ ଦୁଃଖର ବିଷୟ ଯାତ୍ରୀଙ୍କ ପାଇଁ ସହର ମଧ୍ୟରେ ଶୌଚାଳୟ କିମ୍ବା ସ୍ଥାୟୀ ବସଷ୍ଟାଣ୍ଡର ନିର୍ମାଣ କରାଯାଇନାହିଁ। ସହରବାସୀଙ୍କ ଦୀର୍ଘଦିନର ଦାବିପରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଓ ବ୍ଲକ ପ୍ରଶାସନର ମିଳିତ ଉଦ୍ୟମରେ ଗତ ୩ବର୍ଷ ପୂର୍ବେ ଏହି ଟ୍ରାଫିକ ଛକରେ ଏକ ସୁନ୍ଦର ଶୌଚାଳୟର ନିର୍ମାଣ କରାଯାଇଥିଲା। ଏହା ଅଳ୍ପ ଦିନର ବ୍ୟବହାର ଯୋଗ୍ୟ ହେଉଥିବା ବେଳେ ଟ୍ରାଫିକ ଛକର ସୌନ୍ଦର୍ଯ୍ୟକରଣରେ ଆଳଦେଖାଇ ବିଭାଗୀୟ କର୍ତ୍ତୃପକ୍ଷ ଦ୍ୱାରା ଭଙ୍ଗା ଯାଇଥିଲା। ଯାହାଦ୍ୱାରା ମହିଳାମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି।

ଟ୍ରାଫିକ ଛକ ନିକଟରେ ଚାରିଦିଗରେ ଆନ୍ତଃରାଜ୍ୟରୁ ଆସୁଥିବା ବସ ଓ ଯାତ୍ରୀବାହି ବସ ରହୁଥିବାରୁ ଦିନକୁ ଦିନ ଟ୍ରାଫିକ ସମସ୍ୟା ଗୁରୁତ୍ୱର ହେବାରେ ଲାଗିଛି। ତେବେ ବୋରିଗୁମ୍ମା ତହସିଲ୍ ପକ୍ଷରୁ ଏହି ଘଟଣାର ତୁରନ୍ତ ସମାଧାନ କରିବା ପାଇଁ ସ୍ଥାନୀୟ ଅଞ୍ଚଳର ଲୋକପ୍ରତିନିଧି, ବୁଦ୍ଧିଜିବୀ ଓ ବିଭିନ୍ନ ମହଲରେ ଦୃଢ ଦାବି ହେଉଛି ।

## ଭାର୍ଗବୀ ବ୍ରିଜରୁ ଡେଇଁ ପୁଅ ସହ ମା'ର ଆତ୍ମହତ୍ୟା ଉଦ୍ୟମ

**ବାଲିଅନ୍ତା, ୩।୧୨ (ସଂଚାର ବ୍ୟୁରୋ) :** ବାଳକାଟି ଫାଣ୍ଡି ଅଧୀନ ଭାର୍ଗବୀ ନଦୀ ବ୍ରିଜରୁ ଅଢେଇ ବର୍ଷର ପୁଅ ସହ ଡେଇଁ ଜଣେ ମହିଳା ଆତ୍ମହତ୍ୟା ଉଦ୍ୟମ କରିଛନ୍ତି । ସ୍ଥାନୀୟ ଯୁବକ ମହିଳାଙ୍କୁ ଉଦ୍ଧାରି କରି ବାଳକାଟି ଫାଣ୍ଡି ପୁଲିସକୁ ହସ୍ତାନ୍ତର କରିଥିଲେ । ଉଦ୍ଧାର ମହିଳା ହେଲେ ବାଲିପାଟଣା ଥାନା ଅଧୀନ ଭାପୁର ଗ୍ରାମର ଶୁଭକାନ୍ତ ପଣ୍ଡାଙ୍କ ପତ୍ନୀ ତୃପ୍ତିମୟୀ ମହାପାତ୍ର(୨୮) । ବାଳକାଟି ଫାଣ୍ଡି ପୁଲିସ ମହିଳାଙ୍କୁ ଥାନାକୁ ନେଇ ପଚରାଉଚରା କରିଥିଲା। ତୃପ୍ତିଙ୍କ ବାପଘର ଏବଂ ଶାଶୂ ଘର ଲୋକଙ୍କ ନିଷ୍ପତ୍ତି କ୍ରମେ ତୃପ୍ତି ଶାଶୂଘର ଲୋକଙ୍କ ଜିମାରେ ଯାଇଥିବା ଜଣାଯାଇଛି । ସୂଚନା ଅନୁସାରେ ଉଭୟ ଶୁଭକାନ୍ତ ଓ ତୃପ୍ତିମୟୀଙ୍କ ମଧ୍ୟରେ କଳହ ଲାଗି ରହିଛି। ଆଜି ଶାଶୂ ଓ ଶୁଭକାନ୍ତଙ୍କ ସହିତ ଝଗଡ଼ା ହୋଇଥିଲା। ଏଥିରେ ରାଗି ଯାଇ ତୃପ୍ତିମୟୀ ପୁଅକୁ ଧରି ପଳାଇ ଆସିଥିଲେ। ବାଳକାଟି ଭାର୍ଗବୀ ବ୍ରିଜ କଂକ୍ରିଟ ବାଡ଼ା ଉପରେ ଚଢ଼ି ଆତ୍ମହତ୍ୟା ଉଦ୍ୟମ କରିଥିଲେ । ସ୍ଥାନୀୟ ଲୋକେ ମା ପୁଅଙ୍କୁ ବାଳକାଟି ଫାଣ୍ଡି ପୁଲିସକୁ ଡକାଇ ହସ୍ତାନ୍ତର କରିଥିଲେ ।

## କମ୍ ଖର୍ଚ୍ଚରେ ଆମ୍ବୁଲାନ୍ସ ସେବା ଯୋଗାଇବ ରୋଟାରୀ କ୍ଲବ

**ନୟାଗଡ଼, ୩।୧୨ (ସଂଚାର ବ୍ୟୁରୋ) :** ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସମାଜ ସେବାରେ ସମର୍ପିତ ହେଲା ଆଉ ଏକ ନୂତନ ରୋଟାରୀ ଆମ୍ବୁଲାନ୍ସ। ସମାଜସେବାରେ ଅହରହ ଜଡିତ ଥିବା ବିଶ୍ୱର ଏକ ସର୍ବବୃହତ ସେବା ଅନୁଷ୍ଠାନ ହେଉଛି ରୋଟାରୀ କ୍ଲବ୍। ସମାଜର ଅଭାବୀ ଲୋକମାନଙ୍କୁ କମ୍ ଖର୍ଚ୍ଚରେ ସେବା ଯୋଗାଇଦେବା ପାଇଁ ରୋଟାରୀ ଜିଲ୍ଲା ଫଣ୍ଡ ଓ ନୟାଗଡ଼ ରୋଟାରୀ କ୍ଲବ୍ ମିଳିତ ଆର୍ଥିକ ସହଯୋଗରେ କ୍ରୟ ହୋଇଥିବା ଆମ୍ବୁଲାନ୍ସଟିକୁ ଆଜି ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା ଶ୍ରୀଯୁକ୍ତ ସୁଶାନ୍ତ କୁମାର ଦାସ ଓ ଜିଲ୍ଲା ଉପ ମୁଖ୍ୟ ଚିକିତ୍ସାଧିକାରୀ ଡ଼ା ଶ୍ରୀଯୁକ୍ତ ବାହିନୀପତି ନୀଳ ପତାକା ଦେଖାଇ ଉଦଘାଟନ କରିଛନ୍ତି। ଏବଂ ରୋଟାରୀ କ୍ଲବ୍ ର ଏଇ ସମାଜସେବା ପ୍ରବୃତ୍ତିକୁ ବହୁ ପ୍ରଶଂସା କରିଥିଲେ।



ଆଜିର ଏହି ଉଦଘାଟନ କାର୍ଯ୍ୟକ୍ରମରେ କ୍ଲବର ସଭାପତି ରୋଟାରିଆନ୍ ଶ୍ରୀକାନ୍ତ କୁମାର ଖଟେଇ, ସଂପାଦକ ଅବିନାଶ ସାହୁ ଓ ସଦସ୍ୟ ପ୍ରସନ୍ନ କୁମାର ବସନ୍ତିଆ, ମିହିର ରଞ୍ଜନ ନାୟକ, ଧୀରେନ୍ଦ୍ର ପଟ୍ଟନାୟକ, ଜି. ରଶ୍ମିରାଜ୍, ଦିଲ୍ଲିପ ମିଶ୍ର, ବାସୁଦେବ ସାହୁ, ଦେବାଶିଷ ପଟ୍ଟନାୟକ, ସନ୍ତୋଷ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଧର୍ମଶାଳା ବିଧାୟକଙ୍କୁ ଆକ୍ରମଣ ମାମଲା

# ୧୪ଜଣଙ୍କୁ ମିଳିଲା ଜାମିନ

**ଯାଜପୁର, ୩।୧୨ (ସଂଚାର ବ୍ୟୁରୋ) :** ବିଧାୟକଙ୍କ ମରଣାନ୍ତକ ଆକ୍ରମଣ ଘଟଣାରେ ଗିରଫ ୧୪ଜଣଙ୍କ ଜାମିନ ଜିଲା ଦୌରା ଜଜ୍‌ଙ୍କ କୋର୍ଟରେ ଜାମିନ ଶୁଣାଣି କରି ଜାମିନ ପ୍ରଦାନ କରାଯାଇଛି । ଗତ ୨୦ ତାରିଖ ଦିନ ଯାଜପୁର-ବରୁଆଁ ରାସ୍ତାର ବୁଢ଼ାଘାଟ ନିକଟରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଉପରେ ମରଣାନ୍ତକ ଆକ୍ରମଣ ଓ ଯାଜପୁର ଥାନାରେ କେଶ ନଂ.୩୩୦/୨୪ରେ ୧୪ଜଣ ଗିରଫ ହୋଇ ବିଚାର ବିଭାଗୀୟ ହାଜତରେ ଥିବା ବେଳେ ମଙ୍ଗଳବାର ଦିନ ଜିଲ୍ଲା ଦୌରା ଜଜ୍‌ଙ୍କ କୋର୍ଟରେ ଜାମିନ ଶୁଣାଣି କରାଯାଇଥିଲା । ଏହି ମାମଲାରେ ୧୪ଜଣଙ୍କୁ ଜାମିନ ପ୍ରଦାନ କରାଯାଇଛି । ଅନ୍ୟ ପକ୍ଷରେ ଯାଜପୁର ଥାନା ଘେରାଉ, ରାସ୍ତାରୋକ ଏବଂ ଅନ୍ୟ ମାମଲାରେ ୧୪ଜଣଙ୍କୁ ଜାମିନ ମିଳିନଥିବା ଜଣାପଡ଼ିଛି । ଅନ୍ୟ ପକ୍ଷରେ ଯାଜପୁର ସଦର ଥାନା ଓ ଟାଉନ ଥାନାରେ ମୋଟ୍ ୧୭ଟି ମାମଲା ରୁଜୁ କରାଯାଇଥିଲା । ବିଧାୟକଙ୍କୁ ଆକ୍ରମଣ ଘଟଣା, ଥାନା ଘେରାଉ ଓ ବିରଜା ହାଟ ରାସ୍ତାରୋକ ପ୍ରଭୃତି ଘଟଣାରେ ଯାଜପୁର ଓ ସଦର ପୁଲିସ ୧୪ଜଣଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଥିଲେ । ପରବର୍ତ୍ତୀ ସମୟରେ ଏହି ମାମଲାର ତଦନ୍ତ ଦାୟିତ୍ୱ କ୍ରାଇମବ୍ରାଞ୍ଚ୍ ନିଜ ଅଧିନକୁ ନେଇଥିଲା । ଏହି ମାମଲାରେ ଦୁଇଟି ଥାନା ପୁଲିସ ଶ୍ରୀହରି ମହାପାତ୍ର, ଗଣେଶ ଜେନା, ଦେବଦତ୍ତ ଦାସ, ସବ୍ୟସାଚୀ ରାଉତରାୟ, ଜଗନ୍ନାଥ ବାରିକ, ମୁକ୍ତିକାନ୍ତ ନାୟକ, ବିଜୟ ଧଳ, ସୁନିଲ କୁମାର ସିଂହ, ଦିଲ୍ଲୀପ କୁମାର ଜେନା, ସରୋଜ କୁମାର ଦାଶ, ପ୍ରଶାନ୍ତ କୁମାର ଦଳେଇ, ଦିବାକର ବେହେରା, ସୁଶାନ୍ତ ସାହୁ, ଅକ୍‌ତାର ହୁସେନ ଖାଁଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ ଗିରଫ ହୋଇଥିବା ବ୍ୟକ୍ତିଙ୍କର ଜିଲା ଦୌରା ଜଜ୍‌ଙ୍କ କୋର୍ଟରେ ଜାମିନ ଆବେଦନ କରାଯାଇଥିଲା । ମାମଲା ତିନୋଟିକୁ କ୍ରାଇମବ୍ରାଞ୍ଚ୍ ତଦନ୍ତ ଦାୟିତ୍ୱ ନେଇଥିବାରୁ କୋର୍ଟରେ କେଶ୍ ଡାଏରୀ ଦିଆଯାଇ ପାରିବ ନାହିଁ ବୋଲି ଦୁଇଟି ଥାନା ପକ୍ଷରୁ ଅଦାଲତରେ ଅବଗତ କରାଯାଇଥିଲା । ପରବର୍ତ୍ତୀ ସମୟରେ କ୍ରାଇମବ୍ରାଞ୍ଚ୍ ଅଦାଲତରେ ସମସ୍ତ କାଗଜପତ୍ର ଦାଖଲ କରିବାକୁ କୋର୍ଟ ପକ୍ଷରୁ ସରକାରୀ ଆଇନଜୀବୀଙ୍କୁ କୁହାଯାଇଥିଲା । ଏ ନେଇ ୩ ତାରିଖ ମଙ୍ଗଳବାର ଦିନ ଜିଲ୍ଲା ଦୌରାଜଜ୍ କୋର୍ଟରେ କେଶ ନଂ.୩୩୦/୨୪ର ଜାମିନ ଆବେଦନ ଉପରେ ଶୁଣାଣି କରାଯାଇ ୧୪ଜଣଙ୍କୁ ଜାମିନ ପ୍ରଦାନ କରାଯାଇଛି । ଅନ୍ୟ ମାମଲାର ଜାମିନ ଆବେଦନ ବିଚାରଧିନ ରହିଛି ।

## ଡାବର ଗ୍ରାମରୁ ଚୋରି

## ପୋଲିସର ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ ଆରମ୍ଭ

**ନାଉଗାଁ, ୩।୧୨ (ସଂଚାର ବ୍ୟୁରୋ) :** ନାଉଗାଁ ଥାନା ଅଧୀନ ଡାବର ଗ୍ରାମରୁ ଜଣେ ବ୍ୟକ୍ତିଙ୍କ ଘରୁ ଚୋରି ସନ୍ଧାନୀ କୁକୁର ସାହାଯ୍ୟରେ ପୋଲିସର ତଦନ୍ତ ଆରମ୍ଭ । ସୂଚନା ମୁତାବକ ନାଉଗାଁ ଥାନା ଅଞ୍ଚଳର ଡାବର ଗ୍ରାମର ସୁକାନ୍ତ ଜେନାଙ୍କ ଘରେ କେହି ନଥିବାର ସୁଯୋଗ ନେଇ ବିଳମ୍ବିତ ରାତିରେ ଘରର କବାଟ ଭାଙ୍ଗି



ଦୁର୍ବୃତ୍ତ ମାନେ ତାଙ୍କ ଘରେ ପସି ଗଡ଼ରେଜ ଭାଙ୍ଗି ଟଙ୍କା ପଇସା ଓ ଗହଣାଗାଣ୍ଠି ଲୁଟ କରିଥିବାକୁ ନେଇ ସୁକାନ୍ତ ଏକ ଲିଖିତ ଅଭିଯୋଗ ନାଉଗାଁ ଥାନାରେ କରିଥିଲେ। ଯାହାକୁ ନେଇ ନାଉଗାଁ ଥାନା ପକ୍ଷରୁ କେସ୍ ନଂ ୩୧୦/୨୪ ଏକ କେସ୍ ଦାୟର କରି ସନ୍ଧାନୀ କୁକୁର ସାହାଯ୍ୟ ରେ ତଦନ୍ତ କରୁଥିବାର ଦେଖାଯାଇଛି ।

# ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ

**ନବରଙ୍ଗପୁର, ୩।୧୨ (ସଂଚାର ବ୍ୟୁରୋ) :** ଆଜି ସ୍ଥାନୀୟ ସାଇ କଲ୍ୟାଣ ମଣ୍ଡପ ଠାରେ ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ତରଫରୁ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ -୨୦୨୪ ପାଳନ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ



ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ନାୟକ ଯୋଗ ଦେଇ ଭିନ୍ନକ୍ଷମ ଆଜି ଅକ୍ଷମ ନୁହନ୍ତି ବରଂ ବହୁ ଗୁଣରେ ବିଭିନ୍ନ କ୍ଷେତ୍ରରେ ସକ୍ଷମ ବୋଲି କହିଥିଲେ। ଅନ୍ୟତମ ସମ୍ମାନୀୟ ଅତିଥି ରୂପରେ ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ, ଅତିରିକ୍ତ ପୋଲିସ ଅଧିକାରୀ ବଟକୃଷ୍ଣ ମିଶ୍ର, ନବରଙ୍ଗପୁର ମ୍ୟୁନିସିପାଲଟି କାର୍ଯ୍ୟ ନିର୍ବାହୀ ସମରେଶ ମହାନ୍ତି, ଜିଲ୍ଲା ଭିନ୍ନକ୍ଷମ ସଂଘ ସଂପାଦକ ସୁଜିତ୍ ରଥ, ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ ଅଧିକାରୀ ବିଭୁଦତ୍ତ ସେଠୀ ସହିତ ଅତୀତ ରେ ଥିବା ଜିଲ୍ଲାର ସମସ୍ତ ଅବସରପ୍ରାପ୍ତ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ସହିତ ବର୍ତ୍ତମାନ କାର୍ଯ୍ୟରତ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଯୋଗଦେଇଥିଲେ।

ମା ଭଣ୍ଡାର ଘରଣୀ ଠାରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଭିନ୍ନକ୍ଷମ ମାନଙ୍କ ସଚେତନ ବାର୍ତ୍ତା ଦେଇ ସାଇ କଲ୍ୟାଣମଣ୍ଡପ ଠାରେ ପହଞ୍ଚିଥିଲେ। ଉକ୍ତ ଶୋଭାଯାତ୍ରା କୁ ଡି ଆଇ ପି ଆର୍ ଓ ମନୋଜ କୁମାର ବେହେରା ଓ ଡି ଏସ ଏସ ଓ ସୁଧାଂଶୁ ପାତ୍ର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଗୀତି, ନାଚ ଖେଳ କୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପୂର୍ବରୁ ବ୍ଲକ୍ ସ୍ତରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରି ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହିତ ଆର୍ଥିକ ପ୍ରୋତ୍ସାହନ ଦିଆ ଯାଇଥିଲା ।

## ବିଶ୍ୱ ଦିବ୍ୟାଙ୍ଗ ଦିବସ ପାଳିତ

**ବୋରିଗୁମ୍ମା, ୩।୧୨ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକର ମା ମାଣିକେଶ୍ୱରୀ ଦିବ୍ୟାଙ୍ଗ ସଂଘ ପକ୍ଷରୁ ବିଶ୍ୱ ଦିବ୍ୟାଙ୍ଗ ଦିବସ ପାଳନ କରାଯାଇଛି। ବ୍ଲକର ବିଭିନ୍ନ ପଞ୍ଚାୟତରୁ ଶତାଧିକ ଦିବ୍ୟାଙ୍ଗ ସ୍ଥାନୀୟ ଦୋରା କଲ୍ୟାଣ ମଣ୍ଡପଠାରେ ଏକତ୍ରିତ ହୋଇ ସେଠାରୁ ଏକ ଶୋଭାଯାତ୍ରାରେ ବାହାରି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ଦିବ୍ୟାଙ୍ଗ ପାଇଁ ସରକାରୀ ସ୍ତରରେ ଅନେକ ଯୋଜନା ରହିଛି। କିନ୍ତୁ ପରିଣତ ବୟସରେ ଘରେ ମା' ବାପା ମାନେ ପୂର୍ବ ପରି ଆଉ କାମକୁ ଯାଇପାରୁ ନାହାଁନ୍ତି ଫଳରେ ଅନେକଙ୍କ ଘରେ ଚୂଲି ଜଳିବା କଷ୍ଟକର ହୋଇପଡିଛି। ରାସନ କାର୍ଡରେ ମିଳୁଥିବା ୧୦କେଜି ଚାଉଳହିଁ ଭରସା। ମୁଣ୍ଡଗୁଞ୍ଜିବାକୁ ଘର ଖଣ୍ଡିଏ ନଥିବା ବେଳେ ବିଗତ ସରକାରଙ୍କ ଅମଳରୁ ବୋରିଗୁମ୍ମା ବ୍ଲକର ଅନେକ ଦିବ୍ୟାଙ୍ଗ କେବଳ ଭତ୍ତା ରେ ହିଁ ସୀମିତ ଅଛନ୍ତି। ଆଜିଦିନରେ ଆତ୍ମନିର୍ଭରଶୀଳ ହେବା ପାଇଁ ଇଚ୍ଛା ଥିଲେ ବି ସରକାର ପକ୍ଷରୁ କୌଣସି ଆର୍ଥିକ ସହାୟତା କିମ୍ବା ବ୍ୟାଙ୍କ ଜରିଆରେ ଋଣ ଯୋଗାଇ ଦିଆଗଲେ ଛୋଟ ବ୍ୟବସାୟଟିଏ ଆରମ୍ଭ କରି ଖୁସିରେ ଚଳିବାକୁ ସରକାରଙ୍କ ନିକଟରେ ନିବେଦନ କରିଛନ୍ତି ଏବଂ ଆବାସ ଯୋଜନାରେ ସାମିଲ କରିବା, ଆର୍ଥିକ ସହାୟତା ଓ ମିଳୁଥିବା ମାସିକ ଭତ୍ତା ଟଙ୍କାକୁ ୩୦୦୦କୁ ବୃଦ୍ଧି କରିବା ପାଇଁ ନିବେଦନ କରିଛନ୍ତି। ଶେଷରେ ସଂଘ ପକ୍ଷରୁ ଦିବ୍ୟାଙ୍ଗ ନିମନ୍ତେ ବ୍ଲକରେ ଏକ ବୈଠକ ଗୃହ ନିର୍ମାଣ କରିବାନେଇ ବ୍ଲକ ପ୍ରଶାସନ ନିକଟରେ ଦାବି ଜଣାଇଥିଲେ ।

# ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସରେ ସଚେତନତା ପଦଯାତ୍ରା

**ନିମାପଡ଼ା, ୩।୧୨ (ସଂଚାର ବ୍ୟୁରୋ) :** ଡିସେମ୍ବର ୩ ହେଉଛି ୧୯୯୨ ମସିହାରୁ ମିଳିତ ଜାତିସଂଘ ଦ୍ୱାରା ପ୍ରୋତ୍ସାହିତ ହୋଇଥିବା ଏକ ଅନ୍ତର୍ଜାତୀୟ ଉତ୍ସବ। ଏହି ଦିବସ ପାଳନର ଲକ୍ଷ୍ୟ ହେଉଛି, ଭିନ୍ନକ୍ଷମଙ୍କ ସମସ୍ୟା ବିଷୟରେ ଆଲୋକପାତ କରି ସେମାନଙ୍କୁ ପ୍ରୋତ୍ସାହିତ କରିବା ଏବଂ ଭିନ୍ନକ୍ଷମଙ୍କ ସମ୍ମାନ, ଅଧିକାର ଏବଂ କଲ୍ୟାଣ ପାଇଁ ସମର୍ଥନ ସଂଗ୍ରହ କରିବା । ଏହା ସହିତ ରାଜନୈତିକ, ସାମାଜିକ, ଅର୍ଥନୈତିକ ଏବଂ ସାଂସ୍କୃତିକ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଭିନ୍ନକ୍ଷମଙ୍କ ସକାଶେ ପ୍ରାପ୍ତ ହେବାକୁ ଥିବା ଲାଭ ବିଷୟରେ ସଚେତନତା ସୃଷ୍ଟି କରିବା । ଏହି ଅବସରରେ ପୁରୀ ଜିଲ୍ଲା ନିମାପଡାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ପିଙ୍ଗଳାକ୍ଷୀ ପବ୍ଲିକ ୱେଲଫେୟାର ଅର୍ଗାନାଇଜେସନ ପକ୍ଷରୁ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ୨୦୨୪ ଉପଲକ୍ଷେ ଭିନ୍ନକ୍ଷମ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି।

ଏହି ଅବସରରେ ସ୍ଥାନୀୟ ତହସିଲଦାର ବସନ୍ତ କୁମାର ହାତୀ, ବିଡ଼ିଓ ଅଭିଜିତ ଷଡ଼ଙ୍ଗୀ, ନିମାପଡା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ ଓ ସାଂସଦ ପ୍ରତିନିଧି ପ୍ରମୁଖ ଉପସ୍ଥିତ




ରହି ଆନୁଷ୍ଠାନିକ ଭାବେ ପଦଯାତ୍ରାକୁ ଉଦଘାଟନ କରିଥିଲେ। ଏହି ପଦଯାତ୍ରାରେ ନିମାପଡା ଅଞ୍ଚଳର ବିଭିନ୍ନ ସରକାରୀ ଓ ବେସରକାରୀ ସ୍କୁଲ ଓ କଲେଜର ଶତାଧିକ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ । ନିମାପଡ଼ା ହାଇସ୍କୁଲ ପରିସରରୁ ସଚେତନତା ପଦଯାତ୍ରା ବାହାରି ନଗର ପରିକ୍ରମା କରିଥିଲା । ଭିନ୍ନକ୍ଷମ ମାନଙ୍କ ପ୍ରତି ରହିଥବା ମାନସିକତାକୁ ପରିବର୍ତ୍ତନ କରିବା ଉଦ୍ଦେଶ୍ୟରେ ଏଭଳି ସଚେତନତା ପଦଯାତ୍ରା ଆୟୋଜିତ ହୋଇଥିବା ପିଙ୍ଗଳାକ୍ଷୀ ପବ୍ଲିକ ୱେଲଫେୟାର ଅର୍ଗାନାଇଜେସନର ସଭାପତି ଗଗନ ବିହାରୀ ଦାସ ପ୍ରତିକ୍ରିୟା ରଖିଛନ୍ତି ।

## ଅଲ୍ ଓଡିଶା ନିମାପଡ଼ା ବାରବାଟୀ କପ୍

# ପୁରୀର ମହାବୀର ସ୍ପୋର୍ଟିଂ ସେମିରେ

**ନିମାପଡ଼ା, ୩।୧୨ (ସଂଚାର ବ୍ୟୁରୋ):** ଏସପି ଫାଉଣ୍ଡେସନ ଦ୍ୱାରା ଆୟୋଜିତ ଅଲ୍ ଓଡିଶା ବାରବାଟୀ କପ୍ ,୪ର୍ଥ ଟୁବୁଲି ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜି ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ଭୁବନେଶ୍ୱରର ଯଦୁପୁର କ୍ରିକେଟ ଆସୋସିଏସନ ଏବଂ ପୁରୀର ମହାବୀର ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ ଜିତି ଯଦୁପୁର କ୍ରିକେଟ ଆସୋସିଏସନ ପ୍ରଥମେ ବ୍ୟାଟିଂ କରି ଭାଗୀରଥି ବେହେରାଙ୍କ ଅପରାଜିତ ୫୨ ଓ ସୁଜିତ କୁମାର ଲେଙ୍କା ଙ୍କ ୩୫ ରନ ସହାୟତାରେ ନିର୍ଦ୍ଧାରିତ ୨୫ ଓଭରରେ ୭ ୱିକେଟ ହରାଇ ୧୯୧ ରନ ସଂଗ୍ରହ କରିଥିଲା । ପ୍ରତିପକ୍ଷ ମହାବୀର କ୍ରିକେଟ କ୍ଲବର ପଦ୍ମଲୋଚନ ପଣ୍ଡା ୨, ଲାଲୁ ମହାନ୍ତି ୨ ଏବଂ ଉତ୍ତମ ପାଲ ୨ଟି ୱିକେଟ ଅକ୍ତିଆର କରିଥିଲେ ।




ଦ୍ୱିତୀୟାର୍ଦ୍ଧରେ ମହାବୀର କ୍ରିକେଟ ସ୍ପୋର୍ଟିଂର ଚନ୍ଦନ କୁମାର ଜେନା ୪୭ ଓ ଅଜୟ କୁମାର ମାଝୀଙ୍କ ୪୫ ରନ ସହାୟତାରେ ନିର୍ଦ୍ଧାରିତ ୨୫ ଓଭର ଖେଳି ୯ ଟି ୱିକେଟ ହରାଇ ୧୯୨ ରନ କରିଥିଲା । ପ୍ରତିପକ୍ଷର ଭାଗିରଥି ବେହେରା ୩ ଏବଂ ରୋହିତ ସାଗର ୪ଟି ୱିକେଟ ନେଇଥିଲେ । ମହାବୀର ସ୍ପୋର୍ଟିଂ ୧ ୱିକେଟରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି । ଅଲରାଉଣ୍ଡ ପ୍ରଦର୍ଶନ କରି ଯଦୁପୁର କ୍ରିକେଟ ଆସୋସିଏସନର ଖେଳାଳି ଭାଗିରଥି ବେହେରାଙ୍କୁ ଅତିଥି ଭାବେ ଯୋଗଦେଇଥିବା ଯୁବ କ୍ରୀଡ଼ାବିତ୍ ସୌମ୍ୟଶେଖର ମହାନ୍ତି ପ୍ଲେୟାର ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ ।

ଆଜିର ମ୍ୟାଚକୁ ପରିଚାଳନା କରିଥିଲେ ଅୟଶକାନ୍ତ ମିଶ୍ର ଓ ଶ୍ୱେତପର୍ଣ୍ଣ ରାୟମହାପାତ୍ର । ଏଠାରେ ସୂଚନାଯୋଗ୍ୟ ସୋମବାର ବର୍ଷା ହେବା କାରଣରୁ ଦ୍ୱିତୀୟ କ୍ୱାଟର ଫାଇନାଲ ମ୍ୟାଚକୁ ବାତିଲ କରାଯାଇଥିଲା । ବୁଧବାର ୨ଟି ମ୍ୟାଚ ଦ୍ୱିତୀୟ ଏବଂ ଚତୁର୍ଥ କ୍ୱାଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ ।

# ମିକ୍ସର ମେସିନ ଧକ୍କାରେ ଜଣେ ମୃତ

**ବାଲିଅନ୍ତା, ୩।୧୨ (ସଂଚାର ବ୍ୟୁରୋ):** ଆଜି ସଂଧ୍ୟା ୬ ଘଟିକା ସମୟରେ ସରଦେଇ ପୁର ନିମାପଡା ରାସ୍ତାର ପଞ୍ଚାୟତ ରୋଡ ଛକ ନିକଟରେ ମିକ୍ସର ମେସିନ୍ ଧକ୍କା ଦେବାରେ ଜଣେ ପଥାରୋହିଙ୍କର ମୃତ୍ୟୁ ହୋଇ ଯାଇଛି। ମୃତ ବ୍ୟକ୍ତି ଜଣକ ହେଲେ ବାଲିଅନ୍ତା ଥାନା ଅନ୍ତର୍ଗତ ,ବାଲିଗୁଣ୍ଡି ଗ୍ରାମର ନିରଞ୍ଜନ ମହାପାତ୍ର (୬୪ ବର୍ଷ)। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ ଶ୍ରୀ ମହାପାତ୍ର ବାଳକାଟି ଅଭିମୁଖେ ଯାଉଥିବା ସମୟରେ ଏକ ଫୋନ୍ କଲ୍ ଆସିବାରୁ ରାସ୍ତାକଡ଼ରେ ଛିଡ଼ା ହୋଇ କଥା ହେଉଥିଲେ। ଏହି ସମୟରେ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟରେ ନିୟୋଜିତ ଥିବା ଏକ ମିକ୍ସର ମେସିନ ଦୃତ ଗତିରେ ଆସି ପଛରୁ ଧକ୍କା ଦେଇଥିଲା ଫଳରେ ଗାଡ଼ି ତଳେ ଚାପି ହୋଇ ଯାଇଥିଲେ। ସ୍ଥାନୀୟ ଲୋକମାନଙ୍କ ସହାୟତାରେ ତାଙ୍କୁ ଗାଡ଼ି ଚକା ତଳୁ ଉଦ୍ଧାର କରି ସଂଗେ ସଂଗେ ୧୦୮ ଆମ୍ବୁଲାନ୍ସରେ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦିଆଯାଇଥିଲା। ଚିକିତ୍ସିତ ସମୟରେ ତାଙ୍କର ଦେହାନ୍ତ ହୋଇଯାଇଥିଲା। ରାତ୍ରି ହୋଇଯାଇଥିବାରୁ ଶବ ବ୍ୟବଚ୍ଛେଦ ପାଇଁ ଶବକୁ ରଖାଯାଇଛି। ଆସନ୍ତାକାଲି ଶବ ବ୍ୟବଛେଦ ପରେ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯିବ ବୋଲି ବାଳକାଟି ଫାଣ୍ଡି ଅଧିକାରୀ ସୂଚନା ଦେଇଛନ୍ତି। ସେ ମହର୍ଷୀ କଲେଜ ଅଫ ନ୍ୟାଚୁରାଲ କଲେଜରୁ ବରିଷ୍ଠ କିରାଣୀ ଭାବରେ ଅବସର ଗ୍ରହଣ କରିଥିଲେ। ତାଙ୍କର ତିନିଗୋଟି କନ୍ୟା ସନ୍ତାନ ଅଛନ୍ତି। ସେ ଜଣେ ଅତ୍ୟନ୍ତ ଲୋକପ୍ରିୟ ପରୋପକାରୀ ବ୍ୟକ୍ତି ଭାବରେ ସମଗ୍ର ବ୍ଲକ୍‌ରେ ପରିଚିତ ଥିଲେ। ତାଙ୍କର ମୃତ୍ୟୁ ଖବର ପାଇ ପୂର୍ବତନ ବିଧାୟକ ଡ଼ଃ ଅରବିନ୍ଦ ଢ଼ାଲି, ସାଂସଦଙ୍କ ପ୍ରତିନିଧି ତାପସ କୁମାର ଜେନା,ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶରତ ପଟ୍ଟନାୟକ , ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ସାହୁ, ସୂର୍ଯ୍ୟନାରାୟଣ ଦାସ, ସ୍ଥାନୀୟ ସରପଞ୍ଚ , ସମିତି ସଭ୍ୟା , ପୂର୍ବତନ ସମିତି ସଭ୍ୟ ନାରାୟଣ ସାହୁ , ସମାଜସେବି ଯୋଗେନ୍ଦ୍ର ପଣ୍ଡା, ଲଲାଟେନ୍ଦୁ ଦିକ୍ଷିତ୍ ଏବଂ ସରକଣା ସେବା ସମିତିର ସଭାପତି ସୋମନାଥ ସ୍ୱାଇଁ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।



‘ଦ ସାବରମତି ରିପୋର୍ଟ’ ଦେଖିବାକୁ ଆମନ୍ତ୍ରଣ

# ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ଏକତା କପୁର

**ଭୁବନେଶ୍ୱର, ୩।୧୨ (ସଂଚାର ବ୍ୟୁରୋ):** ୨୦୦୨ ଫେବୃଆରି ୨୭ରେ ଘଟିଥିବା ଗୋଧ୍ରା ଟ୍ରେନ ପୋଡ଼ି ଉପରେ ନିର୍ମିତ ହିନ୍ଦୀ ଚଳଚ୍ଚିତ୍ର ‘ଦ ସାବରମତୀ ରିପୋର୍ଟ’କୁ ଓଡ଼ିଶାରେ କରମୁକ୍ତ କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କୃତଜ୍ଞତା ଜଣାଇଛନ୍ତି ଏହାର ପ୍ରଯୋଜିକା ଏକତା କପୁର। ମଙ୍ଗଳବାର ସେ ବିଧାନସଭାସ୍ଥିତ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଧନ୍ୟବାଦ ଦେବା ସହ ସିନେମା ଦେଖିବା ଲାଗି ଅନୁରୋଧ କରିଛନ୍ତି। ଏହାଛଡ଼ା ଏକତା କପୁର ଲିଙ୍ଗରାଜ ମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ଗତ ୧୫ ତାରିଖରେ ଦ ସାବରମତି ରିପୋର୍ଟ ସାରା ଦେଶରେ ରିଲିଜ୍ ହୋଇଛି। ଓଡ଼ିଶାରେ ପ୍ରତିଦିନ ୪୦ରୁ ଅଧିକ ସୋ’ ଲାଗିଛି। ଏହି ଚଳଚ୍ଚିତ୍ରକୁ ଓଡ଼ିଶା ସରକାର କରମୁକ୍ତ କରିଛନ୍ତି। ଟିକସ ମୁକ୍ତ ନେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ବିଧାନସଭାରେ ବାଚସ୍ପତି ଓ ବିଧାୟକମାନଙ୍କୁ ଅବଗତ କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଟୁଇଟ୍ କରି ମଧ୍ୟ ସୂଚନା ଦେଇଥିଲେ।

# ଆଜି ପରାକ୍ରମ ଦେଖାଇବ ନୌସେନା

- ଉପସ୍ଥିତ ରହିବେ ରାଷ୍ଟ୍ରପତିଙ୍କ ସମେତ ୭ ହଜାର ୫ ଶହ ଅତିଥି
- ଆଜି ପୁରୀର ସମସ୍ତ ସ୍କୁଲ ବନ୍ଦ ରହିବ

**ପୁରୀ,୩।୧୨ (ସଂଚାର ବ୍ୟୁରୋ):** ବୁଧବାର ନୌସେନା ଦିବସ। ପୁରୀ ସମୁଦ୍ରର ଅଥଳ ଜଳରାଶିରେ ଯୁଦ୍ଧ କୌଶଳ ଦେଖାଇବେ ନୌବୀର। ୧୫ ଯୁଦ୍ଧପୋତ,୪୦ଲଢୁଆ ବିମାନ, ଟ୍ୟାଙ୍କ ଇତ୍ୟାଦି ପରାକ୍ରମ ପ୍ରଦର୍ଶନ କରିବେ। ପ୍ରାଚୀନ ଓଡ଼ିଶାର ନୌବାଣିଜ୍ୟ ପରମ୍ପରାକୁ ମନେପକାଇ ଏଥର ନୌସେନା ଦିବସ ପାଳନ କରାଯାଉଛି। ଉଦ୍ଭାବନ ଓ ସ୍ୱଦେଶୀକରଣ ଦ୍ୱାରା ଶକ୍ତି ଓ ସାମର୍ଥ୍ୟ ହେଉଛି ଏଥର ନୌସେନା ଦିବସର ଥିମ୍। ନୌସେନା ଦିବସ ପାଳନ ନେଇ ପୁରୀରେ ସୁରକ୍ଷାକୁ ବି କଡ଼ାକଡ଼ି କରାଯାଇଥିବା ବେଳେ ସହରବାସୀ ଉତ୍ସାହିତ ଅଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି, ରାଜ୍ୟପାଳ, କେନ୍ଦ୍ରମନ୍ତ୍ରୀ, ରାଜ୍ୟ ମନ୍ତ୍ରୀ, ବିଧାୟକଙ୍କ ସମେତ ୭ ହଜାର ୫ ଶହ ଅତିଥି ଉପସ୍ଥିତ ରହିବେ। ଅପରାହ୍ଣ ୩.୩୦ରେ ନୌସେନାର ଏହି ଯୁଦ୍ଧ କୌଶଳ ପ୍ରଦର୍ଶନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଏଥିପାଇଁ ସେ ମଙ୍ଗଳବାର ଭୁବନେଶ୍ୱରରେ ପହଞ୍ଚିଛନ୍ତି। ପୁରୀ ବ୍ଲୁ ଫ୍ଲାଗ ବିଚ୍‌ରେ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଦୁଇଦିନ ଧରି ରିହରସାଲ ଓ ଫୁଲଡ୍ରେସ ରିହର୍ସାଲ କରିଛି ନୌବାହିନୀ। ଦମ୍ ଦେଖାଇବା ପାଇଁ ପ୍ରାୟ ଏକ ସପ୍ତାହ ହେଲା ସମୁଦ୍ର ତଟରେ ଆଇଏନଏସ ଜଲାଶ୍ୱ, ଆଇଏନଏସ ଦିଲ୍ଲୀ, ଆଇଏନଏସ ମ୍ୟଶୋର, ଆଇଏନଏସ ମୁମ୍ବାଇ, ଆଇଏନଏସ ରଣବୀର, ଆଇଏନଏସ ଶକ୍ତି, ଆଇଏନଏସ ସତପୁରା, ଆଇଏନଏସ ସହ୍ୟଦ୍ରି, ଆଇଏନଏସ ଘଡ଼ିଆଲ,ଆଇଏନଏସ କିଲଟନ, ଆଇଏନଏସ କବର୍ତ୍ତି, ଆଇଏନଏସ ସାବିତ୍ରୀ, ଆଇଏନଏସ ସୁମିତ୍ରା, ଆଇଏନଏସ କିର୍ଚ୍ଚ ଓ ଆଇଏନଏସ କୁଠାର ସମରାଭ୍ୟାସ କରିଛନ୍ତି। ସେହିପରି ହକ୍, ସି-କିଙ୍ଗ, ମିଗ୍-୨୯ଭଳି ଫାଇଟର ଜେଟ୍ ଓ ଚେତକ, ଏମ୍ଏସ୍-୬୦ ହେଲିକପ୍ଟର ଦେଖାଇବେ ବୀରତ୍ୱ। ଅପରାହ୍ଣ ୪ଟା ୦୭ରୁ ୫ଟା ୨୪ ପର୍ଯ୍ୟନ୍ତ ଚାଲିବ ନୌସେନାର ଆଖିଝଲସା ସମରକୌଶଳ ପ୍ରଦର୍ଶନ। ଓଡ଼ିଶାରେ ପ୍ରଥମ ଥର ପାଇଁ ଆୟୋଜିତ ହେବାକୁ ଯାଉଛି ଏହି ଭବ୍ୟ କାର୍ଯ୍ୟକ୍ରମ। ଏଥିପାଇଁ ବ୍ଲୁ ବୁକ୍ ରୁଲ ଅନୁଯାୟୀ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପ୍ରାୟ ୮୦ ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି। ଏଥିସହ ସ୍ୱତନ୍ତ୍ର ଟ୍ରାଫିକ ବ୍ୟବସ୍ଥା ମଧ୍ୟ କରାଯାଇଛି। ସିଟି ରୋଡ ବାଙ୍କି ମୁହାଣ ଠାରୁ ସମୁଦ୍ର କୂଳ ଥାନା ହରିହର ଛକ ପର୍ଯ୍ୟନ୍ତ ନୋ ମ୍ୟାନ୍ସ ଲ୍ୟାଣ୍ଡ ହୋଇଛି। କାର୍ଯ୍ୟକ୍ରମ ଦେଖିବାକୁ ଲକ୍ଷ ଲକ୍ଷ ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖାଯାଇ ଶାନ୍ତି ଶୃଙ୍ଖଳା ପାଇଁ ବିଭିନ୍ନ ସାମାଜିକ ଅନୁଷ୍ଠାନ, ସ୍ୱେଚ୍ଛାସେବୀ, ବିଭିନ୍ନ ସାହିର ମୁରବିଙ୍କ ସହ ଏସପି ବିନୀତ ଅଗ୍ରୱାଲ ଆଲୋଚନା କରିଛନ୍ତି। ଆସନ୍ତା ୫ ତାରିଖ ଯାଏଁ ବଡ଼ଦାଣ୍ଡରେ କୌଣସି ଉଠା ଦୋକାନୀଙ୍କୁ ବସିବା ପାଇଁ ଅନୁମତି ମିଳିବ ନାହିଁ।

- ଇସ୍କନକୁ ଶ୍ରୀମନ୍ଦିର ପ୍ରଶାସନର ତାଗିଦ୍

# ପରମ୍ପରାର ବ୍ୟତିକ୍ରମ କରନି



**ଭୁବନେଶ୍ୱର,୩।୧୨ (ସଂଚାର ବ୍ୟୁରୋ):** ଇସ୍କନର ଅଦିନିଆ ରଥଯାତ୍ରା ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶ୍ରୀନଅରଠାରେ ଅନୁଷ୍ଠିତ ହୋଇଛି। ଗଜପତି ମହାରାଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଓ ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ ଉପସ୍ଥିତ ଥିଲେ। ଇସ୍କନ ପକ୍ଷରୁ ଇସ୍କନ ଗଭର୍ଣ୍ଣିଂ ବଡି କମିଶନର ଅଧ୍ୟକ୍ଷ ଗୁରୁ ପ୍ରସାଦ ସ୍ୱାମୀ ମହାରାଜ ଏବଂ ଅନ୍ୟ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ। ବୈଠକରେ, ଶ୍ରୀମନ୍ଦିର ତରଫରୁ ଇସ୍କନ କର୍ତ୍ତୃପକ୍ଷଙ୍କୁ ସ୍ପଷ୍ଟ କରାଯାଇଥିଲା ଯେ, ଆଷାଢ଼ ଶୁକ୍ଳ ଦ୍ୱିତୀୟା ଠାରୁ ଦଶମୀ ମଧ୍ୟରେ ହିଁ ମହାପ୍ରଭୁଙ୍କ ରଥଯାତ୍ରାର ଶାସ୍ତ୍ର ସମ୍ମତ ବିଧି ରହିଛି, ତେଣୁ ଏହି ସମୟରେ ହିଁ ପରମ୍ପରା ଅନୁଯାୟୀ ରଥଯାତ୍ରା ପାଳନ କରାଯାଇପାରିବ। ଏଥିରେ ବ୍ୟତିକ୍ରମ ହେବା କଥା ନୁହେଁ। ଏନେଇ ଉଭୟ ପକ୍ଷର ଗବେଷକମାନେ ଶୀଘ୍ର ଆଲୋଚନା କରିବେ ବୋଲି ବୈଠକରେ ନିଷ୍ପତ୍ତି ହେଲା। ଇସ୍କନ କର୍ତ୍ତୃପକ୍ଷ ଫେବୃଆରୀ ମାସରେ ହେବାକୁ ଥିବା ତାଙ୍କ ଗଭର୍ଣ୍ଣିଂ ବଡି ବୈଠକରେ ଏ ସମ୍ବନ୍ଧରେ ପ୍ରସ୍ତାବ ଆଗତ କରିବେ ବୋଲି କହିଥିଲେ।

## ୧୪ ବିଚାରପତି ପଦ ଖାଲି

**ଭୁବନେଶ୍ୱର,୩।୧୨ (ସଂଚାର ବ୍ୟୁରୋ):** ଓଡ଼ିଶା ହାଇକୋର୍ଟରେ ୧୯ଜଣ ବିଚାରପତି ଅଛନ୍ତି। ମୋଟ ୩୩ ବିଚାରପତି ରହିବା ବିଧେୟ ଥିବାବେଳେ ଏବେ ୧୪ ପଦବୀ ଖାଲି ପଡ଼ିଛି। ଆବଶ୍ୟକ ସଂଖ୍ୟକ ବିଚାରପତି ନ ଥିବାରୁ ହାଇକୋର୍ଟରେ ପ୍ରାୟ ୧.୪୫ଲକ୍ଷରୁ ଅଧିକ ମାମଲା ମଧ୍ୟ ବିଚାର ଅପେକ୍ଷାରେ ପଡ଼ିରହିଛି। ବିଧାନସଭାରେ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ହାଇକୋର୍ଟରେ ୩୩ ବିଚାରପତି ପଦ ଥିବା ବେଳେ ୧୯ଜଣ ବିଚାରପତି ଅଛନ୍ତି। ମାମଲାଗୁଡ଼ିକ ଶୁଣାଣି କରି ଫଇସଲା କରିବା ବିଚାରପତିମାନଙ୍କର ପରିସରଭୁକ୍ତ।

ସୂଚନା ଅଧିକାର ଆଇନରୁ ମିଳିଲା ସାଙ୍ଘାତିକ ତଥ୍ୟ !

# ଲୁଚାଇଥିଲେ ତଥ୍ୟ, ଅପିଲ ପରେ ଦେଲେ

**ଭୁବନେଶ୍ୱର,୩।୧୨ (ସଂଚାର ବ୍ୟୁରୋ):** କଟକ ଆର ଆଣ୍ଡ ବି ଡିଭିଜନ-୨ରେ ଠିକାଦାର ଶୁଭଶ୍ରୀ ପଣ୍ଡାଙ୍କ ନାମରେ ଲାଇସେନ୍ସ ଅଛି। କିନ୍ତୁ ଠିକାଦାରି କରୁଛନ୍ତି ତାଙ୍କ ସ୍ୱାମୀ ବୋଲି ସୂଚନା ମିଳିଛି। ପ୍ରଥମେ ଜନସୂଚନା ଅଧିକାରୀ ତଥ୍ୟ ନଥିବା ଲିଖିତ ଜଣାଇବା ଏବଂ ପରେ ଠିକାଦାର ଶୁଭଶ୍ରୀ ପଣ୍ଡାଙ୍କ କାର୍ଯ୍ୟ ଏବଂ ଲାଇସେନ୍ସ ରେଜିଷ୍ଟ୍ରେସନ ସାର୍ଟିଫିକେଟ ମିଳିଥିବା ଯୋଗୁଁ ସରକାରଙ୍କ ଉନ୍ନତିମୂଳକ କାର୍ଯ୍ୟରେ ସ୍ୱଚ୍ଛତା ନ ଥିବାରୁ ବିଭାଗୀୟ ଅଧିକାରୀ ତଥ୍ୟ ଦେଉ ନ ଥିବା ଅଭିଯୋଗ କରିଛନ୍ତି ଆବେଦନକାରୀ। ଏଥିସହ ରାଜ୍ୟ ସୂଚନା କମିଶନଙ୍କ ନିକଟରେ ମଧ୍ୟ ଅଭିଯୋଗ ହୋଇଛି। ଶୁଭଶ୍ରୀ ପଣ୍ଡାଙ୍କ ନାମରେ ଲାଇସେନ୍ସ ରେଜିଷ୍ଟ୍ରେସନରେ ଥିବା ଦସ୍ତଖତ ଓ ବିଭାଗ କାର୍ଯ୍ୟାଦେଶରେ ଶୁଭଶ୍ରୀ ପଣ୍ଡାଙ୍କ ଦସ୍ତଖତ ତାଳମେଳ ଖାଉ ନ ଥିବା ସନ୍ଦେହ ସୃଷ୍ଟି ହୋଇଛି।ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ସତ୍ୟାସତ୍ୟ ଲୋକଲୋଚନକୁ ଆସିବ। ଶୁଭଶ୍ରୀ ପଣ୍ଡାଙ୍କ ନାମରେ କାର୍ଯ୍ୟାଦେଶ ପାଇଥିବା କାର୍ଯ୍ୟ କେଉଁ କେଉଁ ଦିନ ଯାଇ ନିଜେ ଶୁଭଶ୍ରୀ ପଣ୍ଡା ତଦାରଖ କରି କାର୍ଯ୍ୟ କରୁଥିଲେ ନା ସେ କେବଳ ରବରଷ୍ଟାମ୍ପ ହୋଇ ତାଙ୍କର ସ୍ୱାମୀ କାର୍ଯ୍ୟ କରୁଥିଲେ ଏନେଇ ଉଠିଛି ପ୍ରଶ୍ନ। ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ନାମରେ ଏଭଳି ଲାଇସେନ୍ସ କରାଯାଇ କୋଟିକୋଟି ଟଙ୍କା କାର୍ଯ୍ୟ ହେଉଥିବା ସନ୍ଦେହ ସୃଷ୍ଟି ହୋଇଥିବା ଯୋଗୁଁ ଉଚ୍ଚସ୍ତରୀୟ ତଦନ୍ତ ଦାବୀ ହେଉଛି। ପ୍ରଥମେ ତଥ୍ୟ ନ ଥିବା ଏବଂ ପରେ ତଥ୍ୟ ଦେବା ଯୋଗୁଁ ସୂଚନା ଅଧିକାର ଆଇନକୁ ବେଖାତିର କରୁଛନ୍ତି ଅଧିକାରୀ। ରାଜ୍ୟ ସରକାର ଦୁର୍ନୀତିକୁ ପ୍ରଶୟ ଦେବେନାହିଁ ବୋଲି କହୁଥିବା ବେଳେ କଟକ ଆର ଆଣ୍ଡ ବି ଡିଭିଜନ-୨ରେ ଜଣଙ୍କ ନାମରେ ଲାଇସେନ୍ସ ଥାଇ ଅନ୍ୟ ଜଣେ କାର୍ଯ୍ୟ କରୁଥିବା ଘଟଣା ପଦାକୁ ଆସିଛି। ଫଳରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ହେଉଥିବା ସନ୍ଦେହ ସୃଷ୍ଟି ହୋଇଛି। ସରକାର ଏହାର ଉଚ୍ଚସ୍ତରୀୟ ତଦନ୍ତ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ କେବେ ଗ୍ରହଣ କରିବେ ତାହା ଦେଖିବାକୁ ବାକି ରହିଲା।

# ଭିଜିଲାନ୍ସ ଜାଲରେ ଯନ୍ତ୍ରୀ



- ଠାବ ହେଲା ୧୮ ପ୍ଲଟ, ୨ ଅଟ୍ଟାଳିକା
- ଘରୁ ମିଳିଲା ୮୫୦ ଗ୍ରାମ ସୁନା ଅଳଙ୍କାର

**କଟକ,୩।୧୨ (ସଂଚାର ବ୍ୟୁରୋ):** ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ କୋରାପୁଟ ଜିଲ୍ଲା ଜୟପୁର ବ୍ଲକ ଓ ପୌର ପାଳିକାର ସହକାରୀ ନିର୍ବାହୀ ଯନ୍ତ୍ରୀ ବିଶ୍ୱନାଥ ପାତ୍ରଙ୍କ ଭଡ଼ା ଘର ସମେତ ଛଅଟି ଜାଗାରେ ଭିଜିଲାନ୍ସ ଟିମ୍ ମଙ୍ଗଳବାର ସକାଳେ ଚଢ଼ାଉ କରୁଛି। ମିଳିଥିବା ସୂଚନା ଅନୁଯାୟୀ, ଭୁବନେଶ୍ୱର ସମେତ ବିଭିନ୍ନ ସ୍ଥାନରେ ତାଙ୍କର ୧୮ ପ୍ଲଟ, ୨ ବହୁତଳ ବିଶିଷ୍ଟ ଅଟ୍ଟାଳିକା ରହିଛି। ଏହାସହିତ ତାଙ୍କ ଘରୁ ୮୫୦ ଗ୍ରାମ ସୁନା, ଗାଡ଼ି, ବ୍ୟାଙ୍କ ଜମା ଆଦିର ସନ୍ଧାନ ମିଳିଛି। ବିଶ୍ୱନାଥ ପାତ୍ର ଜୟପୁର ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ ଅବସ୍ଥାପିତ ଥିବା ବେଳେ ତାଙ୍କୁ ଜୟପୁର ପୌରପାଳିକାର ଅତିରିକ୍ତ ଦାୟିତ୍ୱରେ ଅଛନ୍ତି। ଜୟପୁରରେ ଅବସ୍ଥିତ ତାଙ୍କର ତିନି ମହଲା ବିଶିଷ୍ଟ କୋଠା, ଗଞ୍ଜାମ ବେଲଗୁଣ୍ଠାରେ ଦୁଇ ମହଲା ବିଶିଷ୍ଟ ପୈତୃକ ଘର, ଜୟପୁର ବ୍ଲକରେ ଥିବା ତାଙ୍କ ସରକାରୀ କାର୍ଯ୍ୟାଳୟ ପ୍ରକୋଷ୍ଠ, ଜୟପୁର ପୌରପାଳିକାରେ ଥିବା ତାଙ୍କ ଅଫିସ ରୁମ୍, ଜୟପୁରର ଡିଆଇଇଟିରେ ତାଙ୍କ ପତ୍ନୀଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ ଏବଂ ଭୁବନେଶ୍ୱରର ସମ୍ପର୍କୀୟଙ୍କ ଘରେ ଚଢ଼ାଉ ହୋଇଛି।

- ଡିଜିପି-ଆଇଜିପି ସମ୍ମିଳନୀର ସଫଳତା

# ଡବଲ ଇଞ୍ଜିନ ସରକାରରେ ଓଡ଼ିଶାକୁ ଅଧିକ ଗୁରୁତ୍ୱ

**ଭୁବନେଶ୍ୱର,୩।୧୨ (ସଂଚାର ବ୍ୟୁରୋ):** ଭୁବନେଶ୍ୱରରେ ଡିଜିପି ଏବଂ ଆଇଜିପି ସମ୍ମିଳନୀକୁ ରାଜ୍ୟ ସରକାର ଅତ୍ୟନ୍ତ ଶାନ୍ତି ଶୃଙ୍ଖଳା ଏବଂ ସଫଳତାର ସହ ଆୟୋଜନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଖୁସିବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରିବା ସହ ଏଭଳି ସୁଯୋଗ ପାଇଁ ଓଡ଼ିଶାବାସୀଙ୍କ ତରଫରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୃତଜ୍ଞତା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଡବଲ ଇଞ୍ଜିନ ସରକାରରେ ଓଡ଼ିଶାକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଆସନ୍ତା ଜାନୁଆରୀରେ ରାଜ୍ୟରେ ଆଉ ୨ ବଡ଼ ସମ୍ମିଳନୀ, ପ୍ରବାସୀ ଭାରତୀୟ ସମ୍ମିଳନୀ ଏବଂ ଉତ୍କର୍ଷ ଓଡ଼ିଶା ସମ୍ମିଳନୀ ଆୟୋଜିତ ହେବାକୁ ଯାଉଛି। ପ୍ରବାସୀ ଭାରତୀୟ ସମ୍ମିଳନୀରେ ୧୦୦ରୁ ଅଧିକ ପ୍ରବାସୀ ଭାରତୀୟ ଭାଗନେବେ। ଉତ୍କର୍ଷ ଓଡ଼ିଶା ସମ୍ମିଳନୀ ଜରିଆରେ ଦେଶ ବିଦେଶରୁ ନିବେଶକ ଆସିବା ସହ ଓଡ଼ିଶାରେ ପୁଞ୍ଜି ନିବେଶ କ୍ଷେତ୍ରରେ ନୂତନ ସମ୍ଭାବନା ସୃଷ୍ଟି ହେବ। ଯାହାକି ରାଜ୍ୟ ପାଇଁ ଏକ ସୁବର୍ଣ୍ଣ ସୁଯୋଗ। ଏହାକୁ ସଫଳ କରିବା ପାଇଁ ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଆଗାମୀ ଦିନରେ ହେବାକୁ ଥିବା ଏହି ବଡ଼ ଇଭେଣ୍ଟରେ ପ୍ରଧାନମନ୍ତ୍ରୀ ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ ଏବଂ ତତ୍ତ୍ୱାବଧାନରେ ‘ବିକଶିତ ଓଡ଼ିଶା’ର ସ୍ୱପ୍ନ ସାକାର ସହ ଓଡ଼ିଶାବାସୀଙ୍କ ସାମଗ୍ରିକ ବିକାଶ ସୁନିଶ୍ଚିତ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି।



ସର୍ବଭାରତୀୟ ଆରକ୍ଷୀ ମହାନିର୍ଦ୍ଦେଶକ ସମ୍ମିଳନୀକୁ ଭୁବନେଶ୍ୱରରେ ସଫଳତାର ସହ ଆୟୋଜନ ଏବଂ ଏଥିପାଇଁ ପ୍ରଧାନମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଥିବାରୁ ଶାସକ ଦଳ ବିଧାୟକ ଓ ମନ୍ତ୍ରୀମାନେ ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ବିବାଦ ନ ତୁଟିବା ଯାଏଁ ବନ୍ଦ ହେଉ ପୋଲାଭରମ ପ୍ରକଳ୍ପ

**ଭୁବନେଶ୍ୱର, ୩।୧୨ (ସଂଚାର ବ୍ୟୁରୋ):** ବିଜୁଜନତା ଦଳର ଏକ ପ୍ରତିନିଧିମଣ୍ଡଳୀ ଓ ବିଜେଡି ରାଜ୍ୟସଭା ସଦସ୍ୟମାନେ ଆଜି କେନ୍ଦ୍ର ଜଳଶକ୍ତିମନ୍ତ୍ରୀ ସି ଆର ପାଟିଲଙ୍କୁ ଭେଟି ପୋଲାଭରମ ପ୍ରକଳ୍ପ ପାଇଁ ମାଲକାନଗିରି ଜିଲ୍ଲାରେ ହେବାକୁ ଥିବା କ୍ଷୟକ୍ଷତି ବିଷୟରେ ଅବଗତ କରାଇଛନ୍ତି।



କେନ୍ଦ୍ର ଜଳଶକ୍ତିମନ୍ତ୍ରୀଙ୍କୁ ଭେଟିଲେ ବିଜେଡି ଟିମ୍

ବିଜେଡି ପକ୍ଷରୁ ଶ୍ରୀ ପାଟିଲଙ୍କୁ ପ୍ରଦାନ କରାଯାଇଥିବା ଦାବିପତ୍ରରେ କୁହାଯାଇଛି, ପୋଲାଭରମ ପ୍ରକଳ୍ପ ହେଲେ ମାଲକାନଗିରି ଜିଲ୍ଲାର ୨୦୦ରୁ ଅଧିକ ଗ୍ରାମ ଜଳମଗ୍ନହେବ। ପ୍ରକଳ୍ପ ଆରମ୍ଭ ସମୟରେ ଏହାର କ୍ଷମତା ୩୬ ଲକ୍ଷ କ୍ୟୁସେକ ଥିଲା। ପରବର୍ତ୍ତୀ ସମୟରେ ଏକତରଫା ଭାବେ ୫୦ ଲକ୍ଷ କ୍ୟୁସେକକୁ ବଢ଼ାଇ ଦିଆଯାଇଥିଲା। କ୍ଷମତା ବଢ଼ାଇ ଦିଆଯିବା ପରେ ମାଲକାନଗିରି ଉପରେ କ’ଣ ପ୍ରଭାବ ପଡ଼ିବ ତାହାର ଆକଳନ କରାଯାଇ ନ ଥିଲା। ତେଣୁ ୨୦୦୭ରେ ରାଜ୍ୟ ସରକାର ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ୨୦୨୨ରେ ସର୍ବୋଚ୍ଚ ନ୍ୟାୟାଳୟ ପ୍ରକଳ୍ପର କ୍ଷମତା ବୃଦ୍ଧି ପରେ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଉପରେ ଏହାର ପ୍ରଭାବ ଆକଳନ କରିବାର ଆବଶ୍ୟକତା ରହିଛି ବୋଲି ମତ ଦେଇଥିଲେ। ଏହାପରେ ମଧ୍ୟ ବର୍ଦ୍ଧିତ କ୍ଷମତାରେ ପ୍ରକଳ୍ପ ହେଲେ ପଛୁଆ ପାଣି କେଉଁ କେଉଁ ଅଞ୍ଚଳକୁ ଜଳମଗ୍ନ କରିବ ଆକଳନ କରାଯାଇନାହିଁ। ଆଇଆଇଟି ରୁର୍କୀରା ଆକଳନରୁ ଜଣାପଡ଼ିଛି ବର୍ଦ୍ଧିତ କ୍ଷମତା ୫୮ ଲକ୍ଷ କ୍ୟୁସେକ ଜଳ ହେଲେ ପଛୁଆ ପାଣି ଉଚ୍ଚତା ୨୩୨.୨ ମିଟର ହେବ। ଦାବିପତ୍ରରେ କୁହାଯାଇଛି, ଏହି ପ୍ରକଳ୍ପକୁ ପୂରାକରିବା ପାଇଁ କେନ୍ଦ୍ର ବଜେଟରେ ୧୫ହଜାର କୋଟି ଟଙ୍କାର ଅନୁଦାନ ଘୋଷଣା କରାଯାଇଥିଲା। ଏହି ଘୋଷଣା ପରେ ମାଲକାନଗିରି ବାସିନ୍ଦାଙ୍କ ମଧ୍ୟରେ ଆଶଙ୍କା ଦେଖାଯାଇଥିଲା। ବିଜେଡି ସଭାପତି ପ୍ରଥମେ ମାଲକାନଗିରି ଓ ପରେ ପ୍ରକଳ୍ପ ଅଞ୍ଚଳକୁ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ ପଠାଇଥିଲେ। ପ୍ରକଳ୍ପ ଅଞ୍ଚଳରେ କାମ ଆରମ୍ଭ କରିବା ପାଇଁ ତତ୍ପରତା ଦେଖିବାକୁ ମିଳିଥିଲା। କିନ୍ତୁ ଏହାର ପ୍ରଭାବ କେଉଁକେଉଁ ଅଞ୍ଚଳ ଉପରେ ପଡ଼ିବ ତାହା କେବଳ ସିଡବ୍ଲୁସିର ଅଧିକାରୀମାନେ କହିପାରିବେ ବୋଲି ସେଠାକାର ଅଧିକାରୀମାନେ କହିଥିଲେ। ଏହି ପ୍ରକଳ୍ପ ଯୋଗୁଁ ମାଲକାନଗିରିର ମୋଟୁ ଓ ପଡ଼ିଆ ଅଞ୍ଚଳର ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଗ୍ରାମ ଜଳମଗ୍ନ ହେବ। ମାଲକାନଗିରି ଜିଲ୍ଲାର ଆଦିବାସୀମାନଙ୍କ ଜୀବନ ଜୀବିକା ଉପରେଏହାର କ’ଣ ପ୍ରଭାବ ପଡ଼ିବ, ତାହାର ଏକ ସବିଶେଷ ଆକଳନ ଓ ପ୍ରଭାବିତ ହେବାକୁ ଥିବା ଅଞ୍ଚଳରେ ଜନ ଶୁଣାଣି ତୁରନ୍ତ କରାଯବାକୁ ବିଜେଡି ତରଫରୁ ଦାବି କରାଯାଇଛି। ବିଜେଡି ପ୍ରତିନିଧିମଣ୍ଡଳୀରେ ଦେବୀ ପ୍ରସାଦ ମିଶ୍ର, ସାଂସଦ ମାନସ ମଙ୍ଗରାଜ, ଦେବାଶିଷ ସାମନ୍ତରାୟ, ମୁଜିବୁଲ୍ଲା ଖାନ, ସୁଲତା ଦେଓ, ଭୃଗୁ ବକ୍ସିପାତ୍ର ପ୍ରମୁଖ ସାମିଲ ଥିଲେ।

# ପିଏମ୍ଏୱାଇ ଅପେକ୍ଷାରେ ୬୪୧୮ ପରିବାର

- ଭଦ୍ରକ ଜିଲ୍ଲାରେ ସର୍ବାଧିକ
- ଜଗତ୍‌ସିଂହପୁର ଜିଲ୍ଲାରେ କେହି ନାହାନ୍ତି

**ଭୁବନେଶ୍ୱର,୩।୧୨ (ସଂଚାର ବ୍ୟୁରୋ):** ରାଜ୍ୟର ଗ୍ରାମାଞ୍ଚଳରେ ଥିବା ୬୪୧୮ ପରିବାର ଏବେ ବି ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍ଏୱାଇ)ରେ ଘର ଖଣ୍ଡିଏ ପାଇବାପାଇଁ ଅପେକ୍ଷା କରି ରହିଛନ୍ତି। ସରଜମିନ ତଦନ୍ତ କରାଯାଇ ଅପେକ୍ଷାରତ ପରିବାରଙ୍କ ମଧ୍ୟରୁ ଯୋଗ୍ୟଙ୍କୁ ଗୃହ ମଞ୍ଜୁର କରାଯିବ। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାୟକ। ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି ଯେ ୨୦୧୪-୧୫ ରୁ ବର୍ତ୍ତମାନ ସୁଦ୍ଧା ବିଭିନ୍ନ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ୩୭, ୪୮, ୪୨୭ଟି ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି। ଗୃହ ପାଇବାପାଇଁ ୬୪୧୮ ପରିବାର ସ୍ଥାୟୀ ପ୍ରତୀକ୍ଷା ତାଲିକାରେ ଅଛନ୍ତି। ଅପେକ୍ଷା ତାଲିକାରେ ସର୍ବାଧିକ ୧୧୭୬ ପରିବାର ଭଦ୍ରକ ଜିଲ୍ଲାରେ ଥିବାବେଳେ ଗଞ୍ଜାମରେ ଦ୍ୱିତୀୟ ସର୍ବାଧିକ ୬୧୮ ପରିବାର ରହିଛନ୍ତି। ସେହିଭଳି ଗଜପତିରେ ୫୫୨, ରାୟଗଡ଼ାରେ ୪୭୯, ସୋନପୁରରେ ୩୯୪, ନବରଙ୍ଗପୁରରେ ୩୫୨, ମାଲକାନଗିରିରେ ୩୩୩, ବୌଦ୍ଧରେ ୩୦୮, କଳାହାଣ୍ଡିରେ ୨୯୩, ସୁନ୍ଦରଗଡ଼ରେ ୨୫୧, ଝାରସୁଗୁଡାରେ ୨୨୧ ପରିବାର ଅପେକ୍ଷା ତାଲିକାରେ ରହିଛନ୍ତି। ତେବେ ଅପେକ୍ଷା ତାଲିକାରେ ଅନୁଗୁଳ, ଜଗତ୍‌ସିଂହପୁର ଜିଲ୍ଲାରୁ ଜଣେ ହେଲେ କେହି ନାହାନ୍ତି। ମନ୍ତ୍ରୀ କହିଛନ୍ତି ଯେ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରୁ ବାଦ୍ ପଡ଼ିଥିବା ଯୋଗ୍ୟ ପରିବାରଙ୍କୁ ଚିହ୍ନଟ କରିବା ନିମନ୍ତେ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଅଧିନରେ ନୂତନ ସର୍ଭେ ପ୍ରକ୍ରିୟା ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଛି। ସର୍ଭେ ଚୂଡ଼ାନ୍ତ ହେବାପରେ ଯୋଗ୍ୟ ପରିବାରକୁ ପକ୍କା ଗୃହ ଯୋଗାଇ ଦେବାପାଇଁ ସରକାର ବିହିତ ପଦକ୍ଷେପ ଗ୍ରହଣ କରିବେ।

## ରାଜ୍ୟସଭା ଉପନିର୍ବାଚନ ପାଇଁ ବିଜ୍ଞପ୍ତି: ୨୦ରେ ଭୋଟ୍

**ଭୁବନେଶ୍ୱର,୩।୧୨ (ସଂଚାର ବ୍ୟୁରୋ):** ରାଜ୍ୟସଭା ଉପନିର୍ବାଚନ ପାଇଁ ମଙ୍ଗଳବାର ପ୍ରକାଶ ପାଇଛି ବିଜ୍ଞପ୍ତି। ଓଡ଼ିଶା ସମେତ ୪ ରାଜ୍ୟରେ ଖାଲି ପଡ଼ିଥିବା ୬ଟି ଆସନ ହେବ ଉପନିର୍ବାଚନ। ଏନେଇ ବିଧାନସଭା ସଚିବାଳୟ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜେଡିର ପୂର୍ବତନ ସାଂସଦ ସୁଜିତ କୁମାର ରାଜ୍ୟସଭା ସଦସ୍ୟ ପଦରୁ ଇସ୍ତଫା ଦେବା ପରେ ଗୋଟିଏ ଆସନ ଖାଲିପଡ଼ିଛି। ଏଥିପାଇଁ ଡିସେମ୍ବର ୨୦ ତାରିଖରେ ଉପନିର୍ବାଚନ ହେବ। ୧୦ ତାରିଖ ନାମାଙ୍କନର ଶେଷ ତାରିଖ ଥିବା ବେଳେ ୧୧ରେ ଯାଞ୍ଚ ଓ ୧୩ରେ ନାମାଙ୍କନ ପ୍ରତ୍ୟାହାରର ଶେଷ ତାରିଖ ରହିଛି। ବିଧାନସଭାରେ ସଂଖ୍ୟା ଦୃଷ୍ଟିରୁ ଓଡ଼ିଶାର ରାଜ୍ୟସଭା ଆସନ ବିଜେପି ଖାତାକୁ ଯିବ। କିଏ ରାଜ୍ୟସଭାକୁ ଯିବେ ତାକୁ ନେଇ କଳ୍ପନା ଜଳ୍ପନା ଆରମ୍ଭ ହୋଇଛି। ମମତା ମହାନ୍ତଙ୍କ ପରି ବିଜେପି ସୁଜିତ କୁମାରଙ୍କୁ ରାଜ୍ୟସଭାକୁ ପଠାଇବ ନା ଆଉ କାହାକୁ ପ୍ରାର୍ଥୀ କରିବ ତାକୁ ନେଇ ଚର୍ଚ୍ଚା ଜୋର ଧରିଛି। ସୂଚନାଯୋଗ୍ୟ, ସେପ୍ଟେମ୍ବର ୬ରେ ସୁଜିତ କୁମାର ରାଜ୍ୟସଭା ସଦସ୍ୟ ସହିତ ବିଜେଡିରୁ ମଧ୍ୟ ଇସ୍ତଫା ଦେଇଥିଲେ। ପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସାଂସଦ ଭର୍ତ୍ତୃହରି ମହତାବ, ବିଜେପି ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମରଙ୍କ ଉପସ୍ଥିତରେ ସେ ବିଜେପିରେ ଯୋଗ ଦେଇଥିଲେ।

କୋଣାର୍କ ଉତ୍ସବର ତୃତୀୟ ସନ୍ଧ୍ୟା

# ମନମୋହିଲା ଦର୍ପଣୀର ଓଡ଼ିଶୀ ନୃତ୍ୟ

**କୋଣାର୍କ,୩।୧୨ (ସଂଚାର ବ୍ୟୁରୋ):** କୋଣାର୍କ ଉତ୍ସବର ତୃତୀୟ ଦିନରେ କଲିକତା ଦର୍ପଣୀ ଅନୁଷ୍ଠାନର ଗୁରୁ ଅର୍ଣ୍ଣବ ବନ୍ଦୋପାଧ୍ୟାୟ ଓ ସାଥୀମାନଙ୍କ ଦ୍ୱାରା ପରିବେଷିତ ହୋଇଛି ଓଡ଼ିଶୀ ନୃତ୍ୟ। ଜୟଦେବଙ୍କ ଗୀତଗୋବିନ୍ଦରେ ବିଷ୍ଣୁଙ୍କ ମଧୁର ରୂପର ବର୍ଣ୍ଣନା ଅପୂର୍ବ ଭଙ୍ଗୀରେ ପ୍ରଦର୍ଶନ କରାଯାଇଛି। ତା ପରେ ‘ହଂସ ଧ୍ୱନି ପଲ୍ଲବୀ’ରେ ଓଡିଶୀ ନୃତ୍ୟର ନିର୍ମଳ ଭାବଭଙ୍ଗୀ, ଅଙ୍ଗରାଗକୁ ତାଳ ଓ ଧ୍ୱନିରେ ପ୍ରତିଷ୍ଠା କରିଥିଲେ। ସେମାନଙ୍କ ତୃତୀୟ ନୃତ୍ୟ ଶୈଳୀ ଥିଲା ‘କୃଷ୍ଣକଥା’।
ଦ୍ୱିତୀୟ ପର୍ଯ୍ୟାୟରେ ଆମେରିକାରୁ ଆସିଥିବା ଡ. ସୁନନ୍ଦା ନାୟାର ଓ ସାଥୀଙ୍କ ଦ୍ୱାରା ପରିବେଷିତ ହୋଇଥିଲା ‘ମୋହିନୀୟାଟ୍ଟମ୍’। ପ୍ରଥମେ ଅଗ୍ରପୂଜ୍ୟ ଗଣେଶଙ୍କର ବନ୍ଦନା କରିଥିଲେ। ଦ୍ୱିତୀୟରେ କାତ୍ୟାୟନୀ ଦେବୀଙ୍କ ବନ୍ଦନାକୁ ବିଭିନ୍ନ ଭାଷ୍ୟ ଓ ରୂପରେ ରୂପାୟନ କରିଥିଲେ। ତୃତୀୟରେ ଥିଲା ‘ମଧୁର ଅଷ୍ଟକମ’। କୃଷ୍ଣ ବନ୍ଦନାର ଏକ ଅପୂର୍ବ ବର୍ଣ୍ଣନାକୁ ରୂପ ଦେଇଥିଲେ ଶିଳ୍ପୀଗଣ। ଚତୁର୍ଥ ଦିନରେ ହାଇଦ୍ରାବାଦରୁ ଆସିଥିବା ଦୀପିକା ରେଡ୍ଡୀ ଓ ରୁଦ୍ରାକ୍ଷ ଫାଉଣ୍ଡେସନର ବିଚିତ୍ରାନନ୍ଦ ସ୍ୱାଇଁ ଓ ସାଥୀଙ୍କ ଓଡିଶୀ ନୃତ୍ୟ ପରିବେଷଣ କରାଯିବ।



ଏତଦ୍‌ଭିନ୍ନ ଚନ୍ଦ୍ରଭାଗାର ବେଳାଭୂମିରେ ୧୪ତମ ଅନ୍ତର୍ଜାତୀୟ ବାଲୁକା ମହୋତ୍ସବର ତୃତୀୟ ଦିନର ବିଷୟବସ୍ତୁ ପୁରୁଷଙ୍କ ପାଇଁ ଥିଲା ପର୍ଯ୍ୟଟନ ଓ ଶାନ୍ତି ଏବଂ ମହିଳାଙ୍କ ପାଇଁ ଥିଲା ଓଡିଶାର ବୌଦ୍ଧ କୀର୍ତ୍ତିରାଜି। ଓଡିଶା ବାହାରୁ ଆସିଥିବା ବାଲୁକା ଶିଳ୍ପୀଙ୍କ ପାଇଁ ବିଷୟବସ୍ତୁ ଥିଲା ଏକତାରେ ବିବିଧତା। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗଜପତି ଦିବ୍ୟ ସିଂହ ଦେବ ଏବଂ ଆଇନ, ଅବକାରୀ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୁରୁ ଧନେଶ୍ୱର ସ୍ୱାଇଁ, ପର୍ଯ୍ୟଟନ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ବିଶ୍ୱଜିତ ରାଉତରାୟ, ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମର ପରିଚାଳକ ଡ. ଲଲାଟେନ୍ଦୁ ସାହୁ ଯୋଗ ଦେଇ ଜଗନ୍ନାଥଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ।



ଉତ୍ସବ ପରିଚାଳନାରେ ପର୍ଯ୍ୟଟନ ବିଭାଗ ଅଧିକାରୀ, ଓଡିଶା ସଂଗୀତ ନାଟକ ଏକାଡେମୀ ସଚିବ ଡ. ଭାଗ୍ୟଲକ୍ଷ୍ମୀ ମଲ୍ଲଙ୍କ ନିଷ୍ଠାପର ଉଦ୍ୟମର ଚିହ୍ନ ବାରିହୋଇ ପଡୁଥିଲା। ଉତ୍ସବ ସଂଯୋଜନା କରିଥିଲେ ଡ.ମୃତ୍ୟୁଞ୍ଜୟ ରଥ ଓ ମାନସୀ ମିଶ୍ର।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ଇଲେକ୍ଟ୍ରିକ୍ ସ୍କୁଟର ବଜାରକୁ ଓହ୍ଲାଇଲା ହୋଣ୍ଡା

## ଆଣିବ ଦୁଇ ନୂଆ ଯାନ ଆକ୍ଟିଭା ଇ: ଏବଂ କ୍ୟୁସି୧




ନୂଆଦିଲ୍ଲୀ, ୩/୧୨: ଦେଶର ପ୍ରମୁଖ ଦୁଇ ଚକିଆ ଯାନ ନିର୍ମାତା ହୋଣ୍ଡା ମୋଟରସାଇକଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ (ଏଚ୍ଏମ୍ଏସ୍ଆଇ) ଇଲେକ୍ଟ୍ରିକ୍ ଯାନ ବଜାରକୁ ଓହ୍ଲାଇଛି। କମ୍ପାନି ଏହାର ବହୁଳ ଲୋକପ୍ରିୟ ସ୍କୁଟର ଆକ୍ଟିଭାର ଇଲେକ୍ଟ୍ରିକ୍ ଭର୍ସନ ସହିତ ଆଉ ଏକ ଇଲେକ୍ଟ୍ରିକ୍ ଯାନ ଆଣିବା ନେଇ ଘୋଷଣା କରିଛି। ଆକ୍ଟିଭା ଇଲେକ୍ଟ୍ରିକ ଯାନର ନାମ ଆକ୍ଟିଭା ଇ: ରହିଥିବାବେଳେ ଅନ୍ୟ ଯାନଟିର ନାମ କ୍ୟୁସି୧ ରହିଛି।

ଭାରତରେ ଇଲେକ୍ଟ୍ରିକ ଯାନର ବର୍ଦ୍ଧିତ ଚାହିଦାକୁ ଦୃଷ୍ଟିରେ ରଖି କମ୍ପାନି ଏହି ବଜାରରେ ପାଦ ଦେଇଛି। ଦୁଇଟି ଯାକ ଯାନର ବୁକିଂ ଆସନ୍ତାବର୍ଷ ଜାନୁଆରି ପହିଲାରୁ ଆରମ୍ଭ ହେବ। ଫେବ୍ରୁଆରିରୁ ଏହା ଗ୍ରାହକଙ୍କୁ ମିଳିବ ବୋଲି କମ୍ପାନି ପକ୍ଷରୁ କୁହାଯାଇଛି। ଗ୍ରାହକଙ୍କୁ ପରିବେଶ ଅନୁକୂଳ ଗାଡ଼ି ଯୋଗାଇ ଦେବା କ୍ଷେତ୍ରରେ ହୋଣ୍ଡାର ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ୨୦୫୦ ମସିହା ସୁଦ୍ଧା କାର୍ବନ ନିରପେକ୍ଷ ହେବାଲାଗି କମ୍ପାନି ରଖିଥିବା ଲକ୍ଷ୍ୟର ଏହା ଏକ ଅଂଶବିଶେଷ। କମ୍ପାନିର ନୂଆ ଇଲେକ୍ଟ୍ରିକ ଯାନ ସଂପର୍କରେ ହୋଣ୍ଡା ମୋଟରସାଇକଲ୍ ଆଣ୍ଡ ସ୍କୁଟର ଇଣ୍ଡିଆର ନିର୍ଦ୍ଦେଶକ (ବିକ୍ରି ଓ ବିପଣନ) ଯୋଗେଶ ମାଥୁର କୁହନ୍ତି, ଭାରତର ଇଲେକ୍ଟ୍ରିକ ଯାନ ବଜାରରେ ପ୍ରବେଶ କରି ଆମେ ଅତ୍ୟନ୍ତ ଆନନ୍ଦିତ। ନୂଆ ଆକ୍ଟିଭା ଇଲେକ୍ଟ୍ରିକ ଯାନକୁ ଏକ ଉନ୍ନତ ଏବଂ ଅତ୍ୟାଧୁନିକ ଲୁକ୍ ଦିଆଯାଇଛି। ଏଥିରେ ଡୁଆଲ ଟୋନ୍ ସିଟ୍, ୧୨ ଇଞ୍ଚର ଡାଇମଣ୍ଡ କଟ୍ ଆଲୟ ହ୍ୱିଲ, ଫ୍ଲାଟ ଫୁଟ୍‌ବୋର୍ଡ ଆଦି ରହିଛି। ଦୁଇଟି ଭାରିଆଣ୍ଟ ଏବଂ ୫ଟି ରଙ୍ଗରେ ଏହା ଆସିବ। ଏଥିରେ ୭ ଇଞ୍ଚର ଟିଏଫ୍‌ଟି ସ୍କ୍ରିନ ସମେତ ହୋଣ୍ଡା ରୋଡସିଙ୍କ୍ ଡୁଓ ଆପ୍ ରହିଛି। ସେହିଭଳି ଏଥିରେ ସ୍ୱାପ କରାଯାଇ ପାରୁଥିବା ୨ଟି ବ୍ୟାଟେରି ରହିଛି। ପ୍ରତ୍ୟେକ ବ୍ୟାଟେରିର କ୍ଷମତା ୧.୫ କେଡବ୍ଲ୍ୟୁଏଚ୍। ଥରେ ଚାର୍ଜ ହେଲେ ଏହି ଗାଡ଼ିଟି ୧୦୨ କିମି ଯାତ୍ରା କରିବ।

ସେହିଭଳି କ୍ୟୁସି୧ ଇଲେକ୍ଟ୍ରିକ ଯାନ ମଧ୍ୟ ୫ଟି ଆକର୍ଷଣୀୟ ରଙ୍ଗରେ ଉପଲବ୍ଧ ହେବ। ୧.୫ କେଡବ୍ଲ୍ୟୁଏଚ୍ କ୍ଷମତା ବିଶିଷ୍ଟ ବ୍ୟାଟେରି ଥିବା ଏହି ଗାଡ଼ି ଥରେ ଚାର୍ଜ ହେଲେ ୮୦ କିମି ଯାଇପାରିବ। କମ୍ପାନି ଏହି ଗାଡ଼ି ଦୁଇଟିକୁ ବେଙ୍ଗାଲୁରୁ ନିକଟ ନରସପୁରା କାରଖାନାରୁ ଉତ୍ପାଦନ କରିବ। ୩ ବର୍ଷ କିମ୍ବା ୫୦ ହଜାର କିମିର ୱାରେଣ୍ଟି ଏହି ଗାଡ଼ିଦ୍ୱୟରେ ପ୍ରଦାନ କରାଯାଉଛି। ଆସନ୍ତା ଜାନୁଆରିରେ ଏହି ଗାଡି ଦୁଇଟିର ମୂଲ୍ୟ କମ୍ପାନି ଘୋଷଣା କରିପାରେ।

# ଭାରତରେ ଖୁବଶୀଘ୍ର ଆସୁଛି ଇଲେକ୍ଟ୍ରିକ୍ ସ୍ପୋର୍ଟ କାର୍ ଏମ୍‌ଜି ସାଇବରଷ୍ଟର୍




ନୂଆଦିଲ୍ଲୀ, ୩।୧୨: ପ୍ରିମିୟମ୍ ସେଲ୍ସ ଚ୍ୟାନେଲ୍ ଏମଜି ସିଲେକ୍ଟ ଜାନୁଆରୀ ୨୦୨୫ ରେ ଏହାର ପ୍ରଥମ ପ୍ରଡ଼କ୍ଟ ଶୋକେସ୍ କରିବାକୁ ଯାଉଛି। ଏହି ସେଲ୍ସ ଚ୍ୟାନେଲ ମାଧ୍ୟମରେ ବିକ୍ରି ହେବାକୁ ଥିବା ପ୍ରଥମ କାର ହେଉଛି ସାଇବରଷ୍ଟର୍। ଭାରତରେ ସାଇବରଷ୍ଟର ପୂର୍ବରୁ ପ୍ରଦର୍ଶିତ ହୋଇସାରିଛି ଏବଂ ବର୍ତ୍ତମାନ ଏହାକୁ ଲଞ୍ଚ କରାଯାଇପାରିବ। ଏମ୍‌ଜି ସାଇବରଷ୍ଟର୍ ଏକ ଫ୍ୟୁଚରିଷ୍ଟିକ୍ ଏବଂ ହାଇ-ପରଫରମାନ୍ସ ଇଭି। ଏହା ପ୍ରଥମ ଇଲେକ୍ଟ୍ରିକ୍ ସ୍ପୋର୍ଟ କାର୍ ହେବ, ଯାହା ଆସିବା ପରେ ଖୁବ ଫେମସ୍ ହେବ ବୋଲି ଆଶା କରାଯାଉଛି। ଏମଜି ସିଲେକ୍ଟ ଇଲେକ୍ଟ୍ରିକ୍ କାରଗୁଡିକର ଏକ ସିରିଜ୍ ସହ ଆସିବ ଯେଉଁଥିରେ ଇଭି ସହିତ ହାଇବ୍ରିଡ୍ ଏବଂ ପ୍ଲଗ୍-ଇନ୍ ହାଇବ୍ରିଡ୍ ସାମିଲ ରହିବ। ଏମଜି ସାଇବରଷ୍ଟରର ଡିଜାଇନ୍ ବହୁତ ଆକର୍ଷଣୀୟ ଏବଂ ଆଧୁନିକ ଅଟେ। ଏଥିରେ ୭୭କେଡବ୍ଲ୍ୟୁଏଚ ଲିଥିୟମ୍ ଆୟନ ବ୍ୟାଟେରୀ ପ୍ୟାକ୍ ରହିବ, ଯାହା ଗୋଟିଏ ଚାର୍ଜରେ ୫୦୦-୫୮୦ କିଲୋମିଟର ଦୂରତା ଦେବାରେ ସକ୍ଷମ ହେବ। ଏହି ଇଲେକ୍ଟ୍ରିକ୍ ସ୍ପୋର୍ଟ କାରର ଓଜନ ୧,୯୮୪ କିଲୋଗ୍ରାମ ହେବ। ଏହାର ଲମ୍ବ ୪୫୩୩ ମିମି, ମୋଟେଇ ୧୯୧୨ ମିମି ଏବଂ ଉଚ୍ଚତା ୧୩୨୮ ମିମି ହେବ। ଏହି କାର ଘଣ୍ଟା ପ୍ରତି ୦-୧୦୦ କିଲୋମିଟରକୁ ମାତ୍ର ୩. ୨ ସେକେଣ୍ଡରେ ତ୍ୱରାନ୍ୱିତ ହେବ।

# ମହଙ୍ଗା ହେବ କୋଲ୍ଡ ଡ୍ରିଂକ୍ସ, ସିଗାରେଟ ଓ ତମାଖୁ

ନୂଆଦିଲ୍ଲୀ, ୩।୧୨: କୋଲ୍ଡ ଡ୍ରିଙ୍କ୍ସ ବା ମୃଦୁ ପାନୀୟ, ସିଗାରେଟ ଏବଂ ଅନ୍ୟାନ୍ୟ ତମାଖୁ ସାମଗ୍ରୀ ଉପରେ ବୃଦ୍ଧି ପାଇବ ଜିଏସ୍‌ଟି। ଏସବୁ ସାମଗ୍ରୀ ଉପରେ ଜିଏସ୍‌ଟି ୩୫%କୁ ବୃଦ୍ଧି କରିବାକୁ ଜିଏସ୍‌ଟି ହାର ନିର୍ଦ୍ଧାରଣ କମିଟି ଆଲୋଚନା କରିଛି। ବର୍ତ୍ତମାନ ୨୮% ଜିଏସ୍‌ଟି ଆଦାୟ କରାଯାଉ ଥିବାବେଳେ ରାଜସ୍ୱ ଆଦାୟ ବଢାଇବା ପାଇଁ ଏହି ନିଷ୍ପତ୍ତି ନିଆଯାଉଛି। ତେବେ ୩୫% ଜିଏସ୍‌ଟି ଆଦାୟ ପାଇଁ ସେପରି କୌଣସି ନିୟମ ନାହିଁ। ସାମଗ୍ରୀ ଉପରେ ୫%, ୧୨%, ୧୮% ଏବଂ ୨୮% ଲାଗୁ କରାଯାଏ କିନ୍ତୁ ଆଗକୁ ମୃଦୁ ପାନୀୟ, ସିଗାରେଟ ଏବଂ ତମାଖୁ ଭଳି ସାମଗ୍ରୀ ଉପରେ ଜିଏସ୍‌ଟି ହାର ବୃଦ୍ଧି କରି ୨୮% ପରିବର୍ତ୍ତେ ୩୫% କରାଇବାକୁ ଜିଏସ୍‌ଟି ହାର ନିର୍ଦ୍ଧାରଣ କମିଟି ଆଲୋଚନା କରୁଛି। ବିହାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ନେତୃତ୍ୱରେ ଜିଏସ୍‌ଟି ହାର ନିର୍ଦ୍ଧାରଣ କମିଟିର ମନ୍ତ୍ରୀମାନଙ୍କ ଗୋଷ୍ଠୀ (ଗ୍ରୁପ୍ ଅଫ୍ ମିନିଷ୍ଟର୍ସ, ଜିଓଏମ)ଙ୍କୁ ନେଇ ଏକ ବୈଠକ ବସିଥିଲା। ଏହି ବୈଠକରେ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ଆଲୋଚନା ହୋଇଛି। ଏସବୁ ସାମଗ୍ରୀ ଉପରେ ଜିଏସ୍‌ଟି ହାର ବୃଦ୍ଧି ସହିତ ପୋଷାକ ଏବଂ ଅନ୍ୟାନ୍ୟ ଜିନିଷର ମଧ୍ୟ ଜିଏସ୍‌ଟି ବୃଦ୍ଧି କରିବାକୁ ଆଲୋଚନା ହୋଇଛି। ଏହି ନିଷ୍ପତ୍ତି ଅନୁସାରେ ରେଡିମେଡ ଡ୍ରେସ୍ ଉପରେ ମଧ୍ୟ ଜିଏସ୍‌ଟି ବୃଦ୍ଧି ପାଇବ। ବୈଠକରେ ମୋଟ ୧୪୮ଟି ଆଇଟମ୍ ଉପରେ ଟିକସ ପରିବର୍ତ୍ତନ ପାଇଁ ଜିଓଏମ ପ୍ରସ୍ତାବ ଦେଇଛି।

**୩୫% ଲାଗିବ ଜିଏସ୍‌ଟି**

ଏହି ସଂଶୋଧନ ରାଜସ୍ୱ ଉପରେ ସକରାତ୍ମକ ପ୍ରଭାବ ପକାଇବ ବୋଲି ଜିଓଏମ ଆଶା ପୋଷଣ କରିଛି। ଆସନ୍ତା ଡିସେମ୍ବର ୨୧ରେ ଜିଓଏମଙ୍କ ରିପୋର୍ଟ ଜିଏସଟି ପରିଷଦରେ ଉପସ୍ଥାପିତ ହେବ। କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପରିଷଦ ଏବଂ ରାଜ୍ୟ ଅର୍ଥମନ୍ତ୍ରୀଙ୍କ ସମେତ ପ୍ରସ୍ତାବିତ ପରିବର୍ତ୍ତନଗୁଡିକ ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଏହାପରେ ନୂଆ ଟିକସ ଲାଗୁ ହେବ।

# ଜିନ୍ଦଲ ଷ୍ଟେନ୍‌ଲେସକୁ ସ୍ୱର୍ଣ୍ଣ ପୁରସ୍କାର

ନୂଆଦିଲ୍ଲୀ,୩।୧୨: ଦେଶର ପ୍ରମୁଖ ଘରୋଇ ଶିଳ୍ପ ସଂସ୍ଥା ତଥା ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍(ଜେଏସ୍‌ଏଲ୍)କୁ ନିକଟରେ ଆଉ ଏକ ଜାତୀୟସ୍ତର ସମ୍ମାନ ପ୍ରଦାନ କରାଯାଇଛି। ଏପରିକି ଦଶମ ଇଣ୍ଡିଆ ଗ୍ରୀନ୍ ଉତ୍ପାଦନ ଚ୍ୟାଲେଞ୍ଜ (ଆଇଜିଏମ୍‌ସି) କାର୍ଯ୍ୟକ୍ରମରେ ଜେଏସ୍‌ଏଲ୍‌ର ହିସାର ୟୁନିଟକୁ ସମ୍ମାନଜନକ ସ୍ୱର୍ଣ୍ଣ ପୁରସ୍କାର ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ମୁମ୍ବାଇର ଆଇଟିସି ମରାଠାଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହ ଉତ୍ସବରେ ଜିନ୍ଦଲ ଷ୍ଟେନ୍‌ଲେସକୁ ସ୍ୱର୍ଣ୍ଣ ପୁରସ୍କାର ଦିଆଯାଇଛି। ବିଶେଷକରି ଏହା ପରିବେଶ ଉପରେ କୁପ୍ରଭାବକୁ ହ୍ରାସ କରିବା ଏବଂ ପରିବେଶ ଅନୁକୂଳ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ସହ ସ୍ଥାୟୀ ଅଭ୍ୟାସକୁ ଆପଣାଇବା ଦିଗରେ ଜିନ୍ଦଲ ଷ୍ଟେନ୍‌ଲେସର ପ୍ରତିବଦ୍ଧତାକୁ ଦର୍ଶାଉଛି।



ସେହିଭଳି ଇଣ୍ଡିଆ ଗ୍ରୀନ୍ ଉତ୍ପାଦନ ଚ୍ୟାଲେଞ୍ଜ ଉତ୍ପାଦନ କ୍ଷେତ୍ରରେ ସ୍ଥାୟୀ ଏବଂ ସବୁଜ ଅଭ୍ୟାସ ଗ୍ରହଣ କରି ଉତ୍ତମ ପ୍ରଦର୍ଶନ କରିଥିବା କମ୍ପାନୀଗୁଡିକୁ ସ୍ୱୀକୃତି ପ୍ରଦାନ କରିଥାଏ। ଏପରିକି କମ୍ପାନୀଗୁଡିକ ଆଇଜିଏମସି ପ୍ଲାଟଫର୍ମ ମାଧ୍ୟମରେ ସଷ୍ଟେନେବିଲିଟି ପ୍ରୟାସରେ ପ୍ରତିଦ୍ୱନ୍ଦ୍ୱିତା କରିବା ସହ ତାଲିମ, ମୂଲ୍ୟାଙ୍କନ ଏବଂ ସ୍ୱୀକୃତି ମାଧ୍ୟମରେ ନିରନ୍ତର ଉନ୍ନତି କରିବା ପାଇଁ ଚେଷ୍ଟା କରିଥାନ୍ତି। ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଏହି ସମ୍ମାନଜନକ ସଷ୍ଟେନେବିଲିଟି ପୁରସ୍କାର ପାଇ ଆମେ ଗର୍ବିତ, ଏହା ପରିବେଶ ପରିଚାଳନା ଦାୟିତ୍ୱ କ୍ଷେତ୍ରରେ ଆମର ଦୃଢ଼ ପ୍ରତିବଦ୍ଧତାର ପ୍ରମାଣ । ସ୍ୱର୍ଣ୍ଣ ପଦକ ବ୍ୟତୀତ ଜିନ୍ଦଲ ଷ୍ଟେନ୍‌ଲେସ୍ ମଧ୍ୟ ୧୦୦ରୁ ଅଧିକ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଏକମାତ୍ର କମ୍ପାନୀ, ଯିଏକି ନେଟ୍ ଜିରୋ ଟର୍ଚ୍ଚ ବିଅରର୍ସ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର 'ଏକ୍ସେଲସିଅର' ବର୍ଗ ମାନ୍ୟତା ହାସଲ କରିଛି। ଏହି ସ୍ୱୀକୃତି ମୋଟ ଶୂନ୍ୟ କାର୍ବନ ନିର୍ଗମନ ହାସଲ କରିବା ଦିଗରେ କମ୍ପାନୀଗୁଡିକୁ ଉତ୍ସାହିତ କରିଥାଏ। ସେହିପରି ହିସାର ୟୁନିଟର ବରିଷ୍ଠ ଉପାଧ୍ୟକ୍ଷ ତଥା ଜିନ୍ଦଲ ଷ୍ଟେନଲେସ୍ ହିସାର୍ ଉତ୍ପାଦନ ୟୁନିଟର ମୁଖ୍ୟ ବିଜୟ କୁମାର ବିନ୍ଦଲିଶ କହିଥିଲେ, ଏହି ମାନ୍ୟତା ପାଇବା ଆମ ପାଇଁ ଗର୍ବର ମୁହୂର୍ତ୍ତ ହୋଇଥିଲାବେଳେ ସବୁଜ ଉତ୍ପାଦନରେ ପଥ ପ୍ରଦର୍ଶକ ସାଜିବା ଦିଗରେ ଏହା ଆମର ସାମୂହିକ ପ୍ରୟାସ ଏବଂ ଦୃଢ଼ ସଂକଳ୍ପକୁ ପ୍ରତିଫଳିତ କରିଛି। ଏପରିକି ଶିଳ୍ପ କ୍ଷେତ୍ରରେ ଏକ ନୂଆ ମାନଦଣ୍ଡ ସ୍ଥିର କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ ରହିଛୁ, ଏହା ପ୍ରମାଣ କରେ ଯେ ଉଚ୍ଚାଭିଳାଷୀ ସଷ୍ଟେନେବିଲିଟି ଲକ୍ଷ୍ୟ କେବଳ ହାସଲଯୋଗ୍ୟ ନୁହେଁ, ବରଂ ସବୁଜ ଭବିଷ୍ୟତ ପାଇଁ ମଧ୍ୟ ଜରୁରୀ ଅଟେ। ଏହିସବୁ ପଦକ୍ଷେପ ମାଧ୍ୟମରେ ଜିନ୍ଦଲ ଷ୍ଟେନଲେସ୍ ଭାରତରେ ସ୍ଥାୟୀ ଉତ୍ପାଦନର ଭବିଷ୍ୟତ ନିର୍ମାଣ କରୁଛି ଏବଂ ଦେଶର ସବୁଜ ଲକ୍ଷ୍ୟରେ ଯୋଗଦାନ କରିବା ସହ ଶିଳ୍ପ କ୍ଷେତ୍ରରେ ଏକ ନୂତନ ମାନଦଣ୍ଡ ସୃଷ୍ଟି କରୁଛି।

# ୨୦୩୦ ସୁଦ୍ଧା ଆମଦାନୀ ୧୦ ନିୟୁତ ଟନ୍ ଛୁଇଁବ

ନୂଆଦିଲ୍ଲୀ,୩।୧୨: ଦୀର୍ଘଦିନର ଦାବି ଓ ପ୍ରୟାସକୁ ନିକଟରେ କେନ୍ଦ୍ର ସରକାର ସମ୍ମତି ଜଣାଇବା ସହିତ ଚାଇନାରୁ ଆମଦାନୀ କରାଯାଉଥିବା ତଥା ସୋଲାର ପ୍ୟାନେଲ ପାଇଁ ପ୍ରମୁଖ ଉପାଦାନଗୁଡିକ ଉପରେ ଆଣ୍ଟି ଡମ୍ପିଂ ଡ୍ୟୁଟି ଲଗାଯାଇଛି। ଏପରିକି ସୋଲାର ପ୍ୟାନେଲ ଓ ମଡ୍ୟୁଲ ପାଇଁ ଆନାଡାଇଜଡ ଆଲୁମିନିୟମ ଫ୍ରେମ ଉପରେ ଆଣ୍ଟି ଡମ୍ପିଂ ଡ୍ୟୁଟି ଲାଗୁ କରିବା ନିଷ୍ପତ୍ତିକୁ ଆଲୁମିନିୟମ ଆସୋସିଏଶନ ଅଫ ଇଣ୍ଡିଆ (ଏଏଆଇ) ସ୍ୱାଗତ କରିଛି। ଯେହେତୁ ଏହା ବ୍ୟାପକ ଘରୋଇ ବଜାର ପ୍ରବେଶ ସହିତ ସେମାନଙ୍କୁ ଆଲୁମିନିୟମ ଉଦ୍ୟୋଗ ଲାଗି ସହାୟତା ପ୍ରଦାନ କରିବ। ୨୦୨୫ ବଜେଟ ରନଅପରେ ଆମଦାନୀରୁ ଅଧିକ ଶକ୍ତିଶାଳୀ ବଜାର ପ୍ରବେଶକୁ ସୁଗମ କରିବାରେ ଆଲୁମିନିୟମ ଶିଳ୍ପ ଏକ ପ୍ରମୁଖ ଭୂମିକା ନିର୍ବାହ କରୁଛି। ଏହା ନୂଆ ପୁଞ୍ଜି ବିନିଯୋଗକୁ ଉତ୍ସାହିତ କରିବ ବୋଲି ଆଶା କରାଯାଉଛି। ଏହାଦ୍ୱାରା ନିଯୁକ୍ତି ସୃଷ୍ଟି, ଏମ୍‌ଏସ୍‌ଏମଇ ଅଭିବୃଦ୍ଧି ଓ ସାମାଜିକ ଅର୍ଥନୈତିକ ବିକାଶରେ ସହାୟକ ହେବ। ଘରୋଇ ଆଲୁମିନିୟମ ଶିଳ୍ପ, ଆଲୁମିନିୟମ ଆମଦାନୀରେ ବହୁଳ ଭାବେ ପ୍ରାଥମିକ ଓ ଡାଉନଷ୍ଟ୍ରିମ ଉପତ୍ାଦକୁ ବଜାରରେ ବୈଦେଶିକ ସ୍କ୍ରାପ ଗଠନ କରୁଥିବାବେଳେ ଏହି ପ୍ରସଙ୍ଗରେ ପ୍ରତିନିଧିତ୍ୱ ଦାଖଲ କରାଯାଇଛି। ଏପରିକି ପ୍ରାଥମିକ ଓ ଡାଉନଷ୍ଟ୍ରିମ ଉପତ୍ାଦ ଉପରେ ୭.୫% ରୁ ୧୦% ପର୍ଯ୍ୟନ୍ତ ଆମଦାନୀ ଶୁଳ୍କ ଓ ଅଧିକ ଗୁଣାତ୍ମକ ସୁରକ୍ଷା ପାଇଁ ଆଲୁମିନିୟମ ସ୍କ୍ରାପ ଉପରେ ୭.୫% ସମାନ ଡ୍ୟୁଟି ଲାଗୁ କରିବାକୁ ସେମାନେ ଦାବି କରିଛନ୍ତି। ଅତ୍ୟଧିକ ଆମଦାନୀ କ୍ଷତିକାରକ ପ୍ରଭାବକୁ ଚିହ୍ନଟ କରି ଅର୍ଥ ମନ୍ତ୍ରଣାଳୟ ଏହି ନୂଆ ବିଜ୍ଞପ୍ତିରେ ଆଣ୍ଟି ଡମ୍ପିଂ ଡ୍ୟୁଟିନୋଟ ଘୋଷଣା କରିଛି। ଉକ୍ତ ବିଜ୍ଞପ୍ତି ଅନୁସାରେ ଲାଗୁ ହୋଇଥିବା ଆଣ୍ଟି ଡମ୍ପିଂ ଡ୍ୟୁଟି ପ୍ରଭାବଶାଳୀ ଓ ଏହା ୫ ବର୍ଷ ପାଇଁ କାର୍ଯ୍ୟ କରିବ।



# ୭ରୁ ଓଡ଼ିଶା ଷ୍ଟାର୍ଟଅପ୍ କାର୍ନିଭାଲ

ଭୁବନେଶ୍ୱର,୩।୧୨: ରାଜ୍ୟର ସର୍ବବୃହତ୍ ମେଣ୍ଟର-ନିବେଶ ସମ୍ପର୍କ ଉତ୍ସବ ଓଡ଼ିଶା ଷ୍ଟାର୍ଟଅପ୍ କାର୍ନିଭାଲ-୨୦୨୪ର ତୃତୀୟ ସଂସ୍କରଣ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଯାଉଛି। ଏପରିକି ୨୦୨୪ ଡିସେମ୍ବର ୭ ରୁ ୨୧ ପର୍ଯ୍ୟନ୍ତ ଏହି ୧୫ ଦିନିଆ ଉତ୍ସବ ଏଆଇସି-ନାଳନ୍ଦା ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ହେଉଛି। ଉକ୍ତ କାର୍ଯ୍ୟକ୍ରମରେ ଉଦ୍ୟୋଗୀମାନଙ୍କୁ ପ୍ରମୁଖ ଅଂଶୀଦାରଙ୍କ ସହ ଯୋଡ଼ି ଓଡ଼ିଶାର ଷ୍ଟାର୍ଟଅପ୍ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା ଏବଂ ଉଦ୍ଭାବନ, ସହଯୋଗ ଓ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଷ୍ଟାର୍ଟଅପଗୁଡ଼ିକୁ ସଶକ୍ତ କରିବା ପାଇଁ ପ୍ରସ୍ତୁତ କରାଯାଇଥିବା କାର୍ନିଭାଲ୍ ଅଂଶଗ୍ରହଣକାରୀମାନଙ୍କୁ ସେମାନଙ୍କ ଉଦ୍ୟୋଗକୁ ବ୍ୟାପକ କରିବା, ପାଣ୍ଠି ହାସଲ କରିବା ଏବଂ ସେମାନଙ୍କ ବଜାର ଉପସ୍ଥିତିକୁ ବିସ୍ତାର କରିବା ପାଇଁ ଆବଶ୍ୟକ ଜ୍ଞାନ, ସମ୍ବଳ ଏବଂ ନେଟୱର୍କ ପ୍ରଦାନ କରିବା ପାଇଁ କାର୍ଯ୍ୟକ୍ରମରେ ଲକ୍ଷ୍ୟ ରଖାଯାଇଛି। ଏହି କାର୍ଯ୍ୟକ୍ରମ କର୍ମଶାଳା ଏବଂ ନେଟୱର୍କିଂ ସୁଯୋଗର ଜୀବନ୍ତ ମିଶ୍ରଣ ସହିତ ଓଡ଼ିଶା ଷ୍ଟାର୍ଟଅପ୍ କାର୍ନିଭାଲ-୨୦୨୪ ଷ୍ଟାର୍ଟଅପ୍ ସମୁଦାୟ ପାଇଁ ଏକ ପରିବର୍ତ୍ତନଶୀଳ ଅନୁଭୂତି ହେବ ବୋଲି ପ୍ରତିଶ୍ରୁତି ଦେଇଛି। ଓଡ଼ିଶାର ଉଦ୍ୟୋଗୀମାନଙ୍କ ଉଲ୍ଲେଖନୀୟ ଅବଦାନକୁ ସମ୍ମାନ ଓ ସମ୍ମାନିତ କରିବା ଉଦ୍ଦେଶ୍ୟରେ ପ୍ରଥମ ଥର ପାଇଁ ଏହି କାର୍ନିଭାଲ ପକ୍ଷରୁ ୨୦୨୪ ଡିସେମ୍ବର ୨୧ରେ ଓଡ଼ିଶା ଷ୍ଟାର୍ଟଅପ୍ କାର୍ନିଭାଲ୍ ଆୱାର୍ଡ-୨୦୨୪ର ଆୟୋଜନ କରାଯିବ।




## ମିନେରାଲ୍ ୱାଟର୍ ଶରୀର ପାଇଁ ଅତ୍ୟଧିକ କ୍ଷତିକାରକ

# ହାଇ ରିସ୍କ ଖାଦ୍ୟ ପଦାର୍ଥ ଶ୍ରେଣୀରେ ସାମିଲ କଲେ ସରକାର

ନୂଆଦିଲ୍ଲୀ, ୩।୧୨: ମିନେରାଲ୍ ୱାଟର୍ ଏବଂ ପ୍ୟାକ୍ଡ ଡ୍ରିଙ୍କିଂ ଶରୀର ପାଇଁ ଅତ୍ୟଧିକ କ୍ଷତିକାରକ ହୋଇପାରେ। କେନ୍ଦ୍ର ସରକାରଙ୍କ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରଧିକରଣ (FSSAI) ସୋମବାର ପ୍ୟାକ୍ଡ ଡ୍ରିଙ୍କିଂ ଏବଂ ମିନେରାଲ୍ ପାଣିକୁ ହାଇ ରିସ୍କ ଖାଦ୍ୟ ପଦାର୍ଥ ଶ୍ରେଣୀରେ ସାମିଲ କରିଛି। ଏହି ନିଷ୍ପତ୍ତି ପରେ ଏହିସବୁର ବାଧ୍ୟତାମୂଳକ ନିରୀକ୍ଷଣ ଏବଂ ଥାର୍ଡ ପାର୍ଟି ଅଡିଟ୍ କରାଯିବ। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ୟାକ୍ଡ ଏବଂ ମିନେରାଲ୍ ୱାଟର ଉଦ୍ୟୋଗ ପାଇଁ ଭାରତୀୟ ମାନକ ବ୍ୟୁରୋରୁ ପ୍ରମାଣପତ୍ର ହାସଲ ବାଧ୍ୟତାମୂଳକ ସର୍ତ୍ତ ହଟାଯିବା ପରେ ଏହି ଘୋଷଣା କରାଯାଇଛି। FSSAI ଦ୍ୱାରା ନୂଆ ନିୟମ ଅନୁସାରେ, ସବୁ ବୋତଲ ଭର୍ତ୍ତି ପାନୀୟ ଏବଂ ମିନେରାଲ ପାଣି ନିର୍ମାତାଙ୍କୁ ବାର୍ଷିକ ନିରୀକ୍ଷଣର ସାମନା କରିବାକୁ ପଡ଼ିବ। ଏହି ନିରୀକ୍ଷଣ କମ୍ପାନିର ଲାଇସେନ୍ସ କିମ୍ବା ପଞ୍ଜିକୃତ କରିବା ପୂର୍ବରୁ କରାଯିବ। FSSAI ଆଦେଶ ଅନୁସାରେ, ପ୍ୟାକ୍ଡ ୱାଟର ସମେତ ଉଚ୍ଚ ବିପଦ ଖାଦ୍ୟ ଶ୍ରେଣୀର ବ୍ୟବସାୟଗୁଡ଼ିକୁ ଏଫଏସଏସଏଆଇ ଦ୍ୱାରା ମାନ୍ୟତା ପ୍ରାପ୍ତ ଥାର୍ଡ ପାର୍ଟି ଖାଦ୍ୟ ସୁରକ୍ଷା ଏଜେନ୍ସି ଜରିଆରେ ବାର୍ଷିକ ଅଡିଟ୍ କରିବାକୁ ହେବ। ଉତ୍ପାଦର ସୁରକ୍ଷା ଏବଂ ଗୁଣବତ୍ତାରେ ସୁଧାର କରିବା ସରକାରଙ୍କ ଏହି ପଦକ୍ଷେପ ପଛର ମୁଖ୍ୟ ଉଦ୍ଦେଶ୍ୟ। ଏହାଦ୍ୱାରା ଉପଭୋକ୍ତାଙ୍କୁ ସୁରକ୍ଷିତ ଖାଦ୍ୟ ସାମଗ୍ରୀ ଉପଲବ୍ଧ କରାଯାଇପାରିବ। ଉଲ୍ଲେଖଯୋଗ୍ୟ ଯେ ଏହା ପୂର୍ବରୁ ବୋତଲ ପାଣି ଉଦ୍ୟୋଗ ନିୟମକୁ ସରଳୀକରଣ ପାଇଁ ସରକାରଙ୍କ ପାଖରେ ଅପିଲ୍ କରିଥିଲେ। ବାଧ୍ୟତାମୂଳକ ପ୍ରମାଣପତ୍ର ହଟାଇବା ପାଇଁ ବିଆଇଏସ୍ ଏବଂ FSSAIକୁ ଉଦ୍ୟୋଗ ଅନୁରୋଧ କରିଥିଲା। ବିଶେଷଜ୍ଞଙ୍କ ମତରେ ନୂଆ ନିୟମ ଦ୍ୱାରା ଅନୁପାଳନ ପ୍ରକ୍ରିୟା ସହଜ ଏବଂ ନିର୍ମାତାଙ୍କ ବୋଝ କମ କରିବାରେ ସହାୟକ ହେବ।



# ଲଞ୍ଚ୍ କରିବ ମହିନ୍ଦ୍ରାର ନୂଆ ଇଲେକ୍ଟ୍ରିକ୍ 'ଏସ୍‌ୟୁଭି ଏକ୍ସଇଭି ୭ଇ'

ନୂଆଦିଲ୍ଲୀ, ୩।୧୨: ମହିନ୍ଦ୍ରା ବର୍ତ୍ତମାନ ଦେଶର ଇଲେକ୍ଟ୍ରିକ୍ ଫୋର୍-ହ୍ୱିଲର୍ ସେଗମେଣ୍ଟରେ ନିଜ କାୟା ବିସ୍ତାର କରିବା ଆରମ୍ଭ କରିଛି। ପୂର୍ବରୁ ଏହି ସେଗମେଣ୍ଟରେ କମ୍ପାନୀର କେବଳ ଏକ୍ସୟୁଭି ୪୦୦ ଇଲେକ୍ଟ୍ରିକ୍ ଏସ୍‌ୟୁଭି ଥିଲା, ବର୍ତ୍ତମାନ ବିଇ ୬ଇ ଏବଂ ଏକ୍ସଇଭି ୯ଇର ନାମ ମଧ୍ୟ ଏହି ତାଲିକାରେ ସାମିଲ ହୋଇଛି। ଏହି ଇଲେକ୍ଟ୍ରିକ୍ ଏସୟୁଭିଗୁଡ଼ିକ ସେମାନଙ୍କର ଦମଦାର୍ ଫିଚର୍ସ ଏବଂ ରେଞ୍ଜ ହେତୁ ବେଶ୍ ଚର୍ଚ୍ଚାରେ ଅଛନ୍ତି। କେବଳ ଏତିକି ନୁହେଁ, ଏହାର ପ୍ରାଇସ୍ ସେଗମେଣ୍ଟରେ ଏହି କାର୍ ଅନେକ ଲକ୍ସୁରୀ ଏବଂ ଦାମୀ ଇଲେକ୍ଟ୍ରିକ୍ ଏସ୍‌ୟୁଭି କୁ ମଧ୍ୟ କଠୋର ପ୍ରତିଯୋଗିତା ଦେଉଛି। ଏଭଳି ପରିସ୍ଥିତିରେ ବର୍ତ୍ତମାନ କମ୍ପାନୀ ଏହାର ଫ୍ଲାଗସିପ୍ ଏସ୍‌ୟୁଭି ଏକ୍ସୟୁଭି ୭୦୦ର ଇଲେକ୍ଟ୍ରିକ୍ ମଡେଲ୍ ଲଞ୍ଚ କରିବାକୁ ପ୍ରସ୍ତୁତ ହେଉଛି। ଏହାର ନାମ ଏକ୍ସଇଭି ୭ଇ ରଖାଯାଇଛି। ବାସ୍ତବରେ ମହିନ୍ଦ୍ରା ଭାରତରେ ଏକ୍ସଇଭି ୭ଇ ନାମର ଟ୍ରେଡ୍ ମାର୍କ କରିଛି। ଏବେ ଏହି ଇଲେକ୍ଟ୍ରିକ୍ ଏସୟୁଭିର ଫଟୋ ମଧ୍ୟ ଲିକ୍ ହୋଇଛି। ଏହି ଲିକ୍ ହୋଇଥିବା ଫଟୋଗୁଡ଼ିକ ସୂଚିତ କରେ ଯେ ଏକ୍ସଇଭି ୭ଇ ନିକଟରେ ଆରମ୍ଭ ହୋଇଥିବା ଏକ୍ସଇଭି ୯ଇର ଏକ ନନ୍-କୁପ୍ ଭର୍ସନ୍ ହେବ, ପ୍ରାୟ ସମସ୍ତ ସମାନ ଫିଚର୍ସ ଏବଂ ଇକ୍ୟୁପମେଣ୍ଟ ସହିତ। ଏହି ଏସ୍‌ୟୁଭି ର ବଡ ପାର୍ଥକ୍ୟ ହେଉଛି ଏକ୍ସଇଭି ୭ଇରେ ଥାର୍ଡ ରୋ ସେଟିଂସ୍ ଅଛି, ଯାହା ଏକ୍ସଇଭି ୯ଇରେ ନାହିଁ। ମହିନ୍ଦ୍ରା ଇଲେକ୍ଟ୍ରିକ୍ ଅରିଜିନ୍ ଏସୟୁଭିଗୁଡିକ ପାଇଁ କମ୍ପାନୀ ଏକ୍ସଇଭି ଏବଂ ବିଇକୁ ନୂଆ ସବ୍ ବ୍ରାଣ୍ଡ ଭାବରେ ସିଲେକ୍ଟ କରିଛି। ବର୍ତ୍ତମାନ, ଏକ୍ସଇଭି ସବ୍ ବ୍ରାଣ୍ଡକୁ ଏକ୍ସଇଭି ୭ଇ ନାମରେ ଏକ ନୂଆ ଅଫର୍ ମିଳିବ। କମ୍ପାନୀ ଏକ୍ସଇଭି ୯ଇ ଏବଂ ଏକ୍ସଇଭି ୭ଇ ନାମ ପାଇଁ ମଧ୍ୟ ଏକ ଟ୍ରେଡ୍ ମାର୍କ ପାଇଁ ଆବେଦନ କରିଛି। ଉଭୟ ଟ୍ରେଡ୍ ମାର୍କ ଆବେଦନ ଏକ ଦିନରେ ଦାଖଲ କରାଯାଇଥିଲା ଏବଂ ଉଭୟ ପାଇଁ ଷ୍ଟାଟସ୍ 'ଫର୍ମାଲିଟି ଚେକ୍ ପାସ୍' ଲେଖାଯାଇଛି। ଆଶା କରାଯାଉଥିଲା ଯେ ମହିନ୍ଦ୍ରା ଏକ୍ସଇଭି ୯ଇ ଏବଂ ବିଇ ୬ଇ ସହିତ ଏକ୍ସଇଭି ୭ଇ ଲଞ୍ଚ କରିବ, କିନ୍ତୁ ତାହା ହୋଇନଥିଲା।

ଲିକ୍ ହୋଇଥିବା ଫଟୋରେ ଏହା ନଜର ଆସିଛି ଯେ ଏକ୍ସଇଭି ୭ଇ ଫାଇନାଲ୍ ହୋଇଛି ଏବଂ ପ୍ରଡ଼କ୍ସନ୍ ପାଇଁ ପ୍ରସ୍ତୁତ। ଏହାକୁ ଏକ୍ସଇଭି ୯ଇ ଏବଂ ବିଇ ୬ଇ ସହିତ ଟେଷ୍ଟ କରାଯାଇଥିଲା। ଆଶା କରାଯାଉଛି କି ମହିନ୍ଦ୍ରା ଏକ୍ସଇଭି ୭ଇର ନୂଆ ବର୍ଷରେ ଲଞ୍ଚ ହୋଇପାରେ। ଏକ୍ସଇଭି ୭ଇ ହେଉଛି ଏକ୍ସୟୁଭି ୭୦୦ ଆଇସିଆଇ ମିଡ୍-ସାଇଜ୍ ଏସ୍‌ୟୁଭି ର ଇଲେକ୍ଟ୍ରିକ୍ ଭର୍ସନ୍। ଡିଜାଇନ୍ ବିଷୟରେ କହିବାକୁ ଗଲେ, ଏହା ଏକ୍ସଇଭି ଇ ର ଫ୍ରଣ୍ଟ-ଫେସିଆ ଏବଂ ଡ୍ୟାସବୋର୍ଡ ଲେଆଉଟ୍ ପାଇଥାଏ, ଯେତେବେଳେ ସାଇଡ୍ ପ୍ରୋଫାଇଲ୍ ଏବଂ ରିୟର୍ ସେକ୍ସନ୍ ଏକ୍ସୟୁଭି ୭୦୦ରୁ ନିଆଯାଇଛି। ଏକ୍ସଇଭି ୭ଇ ନୂଆ ହ୍ୱିଲ୍ ଡିଜାଇନ୍ ଅଛି ଏବଂ ଏହା ଏକମାତ୍ର ମହିନ୍ଦ୍ରା ଇଲେକ୍ଟ୍ରିକ୍ ଅରିଜିନ୍ ଏସ୍‌ୟୁଭି ଯେଉଁଥିରେ ପାନୋରାମିକ୍ ସନରୁଫ୍ ଉପଲବ୍ଧ। ଥାର୍ଡ ରୋ ସେଟିଂସ୍ ବ୍ୟତୀତ, ଏକ୍ସଇଭି ୭ଇର ଇଣ୍ଟେରିୟର୍ ଏକ୍ସଇଭି ୯ଇ ସହିତ ସମାନ ଦେଖାଯାଏ। ଏକ୍ସଇଭି ୭ଇର ଦ୍ୱିତୀୟ ଧାଡିରେ କ୍ୟାପଟେନ ସିଟ୍ ଉପଲବ୍ଧ। ଅନ୍ୟାନ୍ୟ ଫିଚର୍ସ ମଧ୍ୟରେ ଆପଣ ସମାନ ଟ୍ରିପଲ୍ ସ୍କ୍ରିନ୍ ଲେଆଉଟ୍, ଇଲ୍ୟୁମିନେଟେଡ୍ ଲୋଗୋ ସହିତ ନୂଆ ଷ୍ଟିଅରିଂ ହ୍ୱିଲ୍, ୧୪୦୦ଡବ୍ଲ୍ୟୁ ୧୬-ସ୍ପିକର ହରମନ କାର୍ଡନ୍ ଅଡିଓ ସିଷ୍ଟମ୍, ଭିଜନ୍ ଏକ୍ସ ଏଚ୍‌ୟୁଡି, ପାୱାର୍ଡ ଟେଲ୍ଗେଟ୍, ଏମ୍ବିଏଣ୍ଟ ଲାଇଟିଂ, ଲେବଲ୍ -୨+ଏଡିଏଏସ୍ ସୁଟ୍ ପାଇପାରିବେ। ପାୱାର୍ ଟ୍ରେନ୍ ବିଷୟରେ କହିବାକୁ ଗଲେ, ଏକ୍ସଇଭି ୭ଇର ଲିକ୍ ହୋଇଥିବା ଫଟୋରେ ଏକ ଡୁଆଲ୍ ମୋଟର ଲେଆଉଟ୍ ଏବଂ ଅଫ୍ ରୋଡିଂ ପାଇଁ 'ସ୍ନୋ' ଭଳି ଟ୍ରାକ୍ସନ୍ ମୋଡ୍ ଦେଖାଯାଇଛି। ସୂଚନାଯୋଗ୍ୟ ଯେ ଏକ୍ସଇଭି ୭ଇ ଏବଂ ବିଇ ୬ଇର ଡୁଆଲ୍ ମୋଟର ନାହିଁ। ଏହାର କମ୍ବାଇନ୍ଡ ପରଫରମାନ୍ସ ଆଉଟପୁଟ୍ ୩୫୦ ବିଏଚ୍‌ପି ପାୱାର୍ ଏବଂ ୪୫୦ ଏନ୍‌ଏମ୍ ଟର୍କରୁ ଅଧିକ ହୋଇପାରେ। ଏହାର ଏକ୍ସେଲେରେସନ୍ ଆକଳନ ମଧ୍ୟ ଭଲ ହେବ।



# ଏକଦା ମାଓଗଡ଼ ; ଏବେ ବିକାଶ ମାନଚିତ୍ରରୁ ଉଭାନ



**ବିକାଶ ଖୋଜୁଛି ଚନ୍ଦ୍ରପୁର**
**୪୪ଗାଁରେ ନାହିଁ ରାସ୍ତା**
**୩୧ ଗ୍ରାମବସିଙ୍କୁ ବିଦ୍ୟୁତ ସ୍ୱପ୍ନ**
**ସରକାରୀ ଯୋଜନା ବାଟବଣା**

**ରାୟଗଡ,୩।୧୨(ସଂଚାର ବ୍ୟୁରୋ):** ସମଗ୍ର ବିଶ୍ୱ ଏକବିଂଶ ଶତାବ୍ଦିରେ ଡିଜିଟାଲ ଯୁଗରେ ପହଞ୍ଚି ଚନ୍ଦ୍ରରେ ଘର କରିବା କଥା କହୁଥିବା ବେଳେ ବିକାସ ଖୋଜୁଛି ଚନ୍ଦ୍ରପୁର। ଏକଦା ମାଓ ଗଡ଼ ଥିବା ରାୟଗଡା ଜିଲ୍ଲାର ଚନ୍ଦ୍ରପୁର ବ୍ଲକ ଏବେ ବିକାସର ମାନଚିତ୍ରରୁ ଉଭାନ ହୋଇଯାଇଛି। ସମ୍ପ୍ରତି ସରକାର ଉପାନ୍ତ ଚନ୍ଦ୍ରପୁର ବ୍ଲକର ବିକାସ କରିଥିବା ଡିଡିମ ପିଟୁ ଥିବା ବେଳେ ଅଞ୍ଚଳର ବିକାଶ ବହୁତ ପଛକୁ ଠେଲି ହୋଇଯାଇଛି । ଅଧିକାଂଶ ଗାଆଁକୁ ରାସ୍ତା ନଥିବା ବେଳେ ଅନେକ ଗ୍ରାମବାସୀଙ୍କ ପାଇଁ ଡିବିରୀ ଆଲୁଅ ଏକ ମାତ୍ର ଭରଷା।ଅଞ୍ଚଳ ବାସୀଙ୍କ ପାଇଁ ଯୋଜନା ଗୁଡିକ ଜୋଜନ ଦୂରରେ ରହିଥିବା ବେଳେ ବାଟବଣା ସରକାରୀ ଯୋଜନା।ରାୟଗଡା ସଦର ମହକୁମା ଠାରୁ ମାତ୍ର ୧୨୦ କିଲୋମିଟର ଦୂରରେ ରହିଛି ଚନ୍ଦ୍ରପୁର ବ୍ଲକ।୧୩୨ ଗୋଟି ଗାଁ ୮ ଗୋଟି ପଞ୍ଚାୟତକୁ ନେଇ ୧୯୬୨ମସିହାରେ ଚନ୍ଦ୍ରପୁର ବ୍ଲକ ଗଠନ ହୋଇଥିବା ବେଳେ ଅଞ୍ଚଳର ମୋଟ ଜନସଂଖ୍ୟାର ୭୨ ଭାଗ ଜନଜାତି ଓ ୧୨ ଭାଗ ଅନୁସୂଚିତ ଜାତି ସଂପ୍ରଦାୟର ଲୋକେ ବସ ବାସ କରି ଆସୁଛନ୍ତି। ଉକ୍ତ ଅଂଚଳରେ ୪୪ ଗୋଟି ଗାଁକୁ ଆଦୌ ରାସ୍ତା ନାହିଁ ,୩୧ ଗୋଟି ଗ୍ରାମବାସୀଙ୍କ ପାଇଁ ସାତ ସପନ ପାଲଟିଛି ବିଦ୍ୟୁତ ଆଲୁଅ।୧୯୯୨ ମସିହାରେ ସ୍ୱତନ୍ତ୍ର ଜିଲ୍ଲା ଗଠନ ପରେ ଚନ୍ଦ୍ରପୁର ବ୍ଲକର ଭାଗ୍ୟ ଉଦୟହେବ ବୋଲି ଅଞ୍ଚଳ ବାସୀ ଆସା ବାନ୍ଧି ଥିଲେ। ପରିତାପର ବିଷୟ ସ୍ୱାଧିନତାର ୮ ଦଶନ୍ଧି ହେବାକୁ ବସିଲାଣି ଆଜିବି କେବଳ ୪୦.୦୧ ପ୍ରତିଶତ ଲୋକ ଉପାର୍ଜନକ୍ଷମ। ସମଗ୍ର ବିଶ୍ୱ ଏକବିଂଶ ଶତାବ୍ଦିରେ ଡିଜିଟାଲ ଯୁଗରେ ପହଞ୍ଚି ଚନ୍ଦ୍ରରେ ଘର କରିବା କଥା କହୁଥିବା ବେଳେ ଚନ୍ଦ୍ରପୁର ବ୍ଲକ ରେ ଆଜିଯାଏଁ ବ୍ୟାଙ୍କର ଏଟିଏମ୍ କେନ୍ଦ୍ର ଟିଏ ନାହିଁ । ବିଦ୍ୟୁତ ସରବରାହ ବନ୍ଦ ହୋଇଗଲେ ସେଠାରେ ଥିବା ବି.ଏସ୍.ଏନ୍.ଏଲ ଟାୱାର କାମ କରେନି । ତା ସହିତ ଚନ୍ଦ୍ରପୁର ବ୍ଲକର ସମସ୍ତ ସରକାରୀ ଯୋଜନା କାର୍ଯ୍ୟକାରିତାରେ ଅହେତୁକ ବିଳମ୍ବ ହୋଇଯାଏ। ପ୍ରକୃତିର କୋଳରେ ରହିଥିବା ଚନ୍ଦ୍ରପୁର ବ୍ଲକରେ ଫଲଫଳିଆ, ଚାଉଳଧୁଆ ଓ ବଂଶଧାରା ନଦୀ ପ୍ରବାହିତ ହେଉଛି । ଏହି ତିନିଗୋଟି ନଦୀ ବ୍ଲକର ସମସ୍ତ ପଞ୍ଚାୟତଦେଇ ପ୍ରବାହିତ ହେଉଛି। ଏହି ନଦୀଜଳକୁ ବ୍ୟାବାହର କରି ଜଳସେଚନ ର ବ୍ୟବସ୍ଥା ଗ୍ରହଣ କରାଯାଇନାହିଁ । ସେଠାରେ ନା ଅଛି ଉଠା ଜଳ ସେଚନ କିମ୍ବା ଅନ୍ୟ କିଛି ସେଚ ବ୍ୟବସ୍ଥା। ଦୁଇ ଗୋଟି କ୍ଷୁଦ୍ର ଜଳସେଚନରେ ବୈଷୟିକ ତ୍ରୁଟି ଯୋଗୁଁ ଜମିରେ ପାଣିମାଡୁନି । ଚାଷୀ କେବଳ ବର୍ଷା ଉପରେ ନିର୍ଭର କରିବା ଛଡା ଅନ୍ୟ କୌଣସି ଉପାୟ ନାହିଁ । ତେଣୁ ଅଞ୍ଚଳ ବାସୀ ଜୀବନ ଜିବିକା ପାଇଁ ଦାଦନ ଖଟିବା ଛଡା ଅନ୍ୟ ଉପାୟ ନଥିବା କଥା କହିଛନ୍ତି ସ୍ଥାନୀୟ ଲୋକେ। ଚନ୍ଦ୍ରପୁର ବ୍ଲକ ଉପାନ୍ତ ଅଞ୍ଚଳ ହୋଇଥିବା ବେଳେ ବିଭିନ୍ନ ଯୋଜନାରେ ସଡକ ଯୋଜନାରେ ହେଉଥିବା ଅତ୍ୟନ୍ତ ନିମ୍ନ ମାନର। ନିର୍ମାଣପରେ ରାସ୍ତାରେ ପାଦରେ ଚାଲିବା କଷ୍ଟସାଧ୍ୟ ବ୍ୟାପାର ହୋଇ ପଡୁଥିବା ଅଞ୍ଚଳ ବାସୀ ଅଭିଯୋଗ କରିଛନ୍ତି।ରାୟଗଡା ଜିଲ୍ଲା ର ଚନ୍ଦ୍ରପୁର ବ୍ଲକର ସାର୍କୀମା , ଜାରାପା ଭଳି ଅଞ୍ଚଳ ଅଛି ଯେଉଁଠି ଆଜିବି ମୋବାଇଲ ନେଟୱାର୍କ ନାହିଁ । ଚାଉଳଧୁଆ ନଦୀରେ ପୋଲ ନଥିବା ଯୋଗୁଁ ବର୍ଷା ଋତୁରେ ହନୁମନ୍ତପୁର , ମକାନଗୁଡ଼ି, ମୁଦିଗୁଡ଼ା ଯୁବାଗୁଡ଼ା , କେଶରାଗୁଡ଼ା ଗ୍ରାମ ଗୁଡ଼ିକ ବାନ୍ଧ ଜଗତରୁ ବିଚ୍ଛିନ୍ନ ହୋଇ ପଡୁଥିବା ଅଞ୍ଚଳ ବାସୀ ଜଣାଉଛନ୍ତି।ପିଲାପାଙ୍ଗା , ହନୁମନ୍ତପୁରରେ ଆଦିବାସୀ ହଷ୍ଟେଲ ନଥିବା ଯୋଗୁଁ ଗରିବ ଆଦିବାସୀ ଛାତ୍ରଛାତ୍ରୀମାନେ ଅଧାରୁ ପାଠ ଛାଡୁଥିବା ଅଭିଯୋଗ ହେଉଛି।।

## ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ




**ଭେଡେନ,୩।୧୨(ସଂଚାର ବ୍ୟୁରୋ):** ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ, ଭେଡେନ ଠାରେ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ବି. ଇ. ଓ. ମଞ୍ଜିତ୍ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ପଦ୍ମିନୀ ଚନ୍ଦଗଡ଼ିଆ, ସମ୍ମାନିତ ଅତିଥି ଭାବେ ଭେଡେନ ଉପସଭାପତି ଅକ୍ଷୟ ନାଏକ, ନଗରିକ କମିଟି ସଭାପତି ସ୍ୱାଧୀନ ରଥ ଓ ସୂର୍ଯ୍ୟମଣୀ ଜନତା ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରଞ୍ଜନ କୁମାର ନାଏକ ଯୋଗ ଦେଇ ମା ସରସ୍ୱତୀଙ୍କ ଫଟୋ ଚିତ୍ରରେ ପ୍ରଜ୍ୱଳନ ପରେ କାର୍ଯ୍ୟକ୍ରମ ଆରମ୍ଭ କରାଗଲା । ଭିନ୍ନକ୍ଷମ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ନୃତ୍ୟ, ମ୍ୟୁଜିକ ଚେୟାର ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସର୍ବମୋଟ୍ ଅଶୀ ଜଣ ଭିନ୍ନକ୍ଷମ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ । ଉଦଯାପନୀ ଉତ୍ସବରେ ବି. ଇ. ଓ. ମଞ୍ଜିତ୍ ମଲ୍ଲିକ, ଏ. ବି. ଇ. ଓ. ହେମବତୀ ମେହେର, ଅଭିମନ୍ୟୁ ଭୋଇ ବି.ଆର୍. ସି. ଦେବାର୍ଚ୍ଚନ ପୁହାରୀ, କଳ୍ପନା ବଘାର , ରେମଣ୍ଡ ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ହୋତା ଓ ସମସ୍ତ ସି.ଆର୍. ସି. ସି.ଙ୍କ ଉପସ୍ଥିତିରେ କୃତୀ ପ୍ରତିଯୋଗୀ ମାନଙ୍କୁ ପ୍ରମାଣ ପତ୍ର ଓ ପୁରସ୍କାର ପ୍ରଦାନ କରାଗଲା । କାର୍ଯ୍ୟକ୍ରମକୁ ଶିକ୍ଷକ ଗୋବିନ୍ଦ ସେଠ୍ ଓ ଆଶିଷ କୁମାର ଦେଓ ପରିଚାଳନା କରିଥିଲେ । ଅବସର ପ୍ରାପ୍ତ ଖେଳ ଶିକ୍ଷକ ଗୁରୁଦେବ ତ୍ରିପାଠୀଙ୍କ ନିର୍ଦ୍ଦେଶନାରେ ଶିକ୍ଷକ ବୁଲୁ ଶତପଥୀ ଉଦଘାଟନୀ ଓ ଉଦ୍ ଯାପନୀ ସଙ୍ଗୀତ ଗାନ କରିଥିଲେ । ସି. ଆର୍. ସି. ସି . ଅମିତ୍ ତ୍ରିପାଠୀଙ୍କ ଧନ୍ୟବାଦ୍ ଅର୍ପଣ ସହ, ସମସ୍ତ ଅଫିସ୍ କର୍ମଚାରୀ ଓ ସମସ୍ତ ସି.ଆର. ସି. ସି. ସହଯୋଗ କରିଥିଲେ ।

## ଗାଁ ସାଥି ଚୟନରେ ଆଶାୟୀ ପ୍ରାର୍ଥୀଙ୍କ ଅସନ୍ତୋଷ

**ଖପ୍ରାଖୋଲ,୩।୧୨(ସଂଚାର ବ୍ୟୁରୋ):** ଖପ୍ରାଖୋଲ ବ୍ଲକ ତଥା ଖପ୍ରାଖୋଲ ପଞ୍ଚାୟତ ମହୁରୁଣ୍ଡି ଗ୍ରାମରେ ନୂତନ ଗାଁ ସାଥି ଚୟନ ନିମନ୍ତେ ସରପଞ୍ଚ ଓ ପିଇଓ ବୈଠକ ଡାକି ନିଷ୍ପତି ଗ୍ରହଣ କରାଯାଇଥିଲା । ସେହି ଅନୁସାରେ ପଞ୍ଚାୟତୀରାଜ ପତ୍ର ସଂଖ୍ୟା ୧୫୫୩୯/ପିଆର ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଙ୍କ ପତ୍ର ସଂଖ୍ୟା ୧୮୭୨ ଅନୁସାରେ ମହୁରୁଣ୍ଡି ଗ୍ରାମ ରେ ଗାଁ ସାଥି ଚୟନ ତା: ୦୩/୧୨/୨୪ ମଙ୍ଗଳବାର ଦିନ ହେବାର ଥିଲା ହେଲେ ତାକୁ ଅନ୍ୟ ତାରିଖ ଧାର୍ଯ୍ୟ କରାଯାଇଥିବା ଜଣାପଡିଛି । ଏସବୁ ଦୃଷ୍ଟି କୋଣରୁ ଦେଖିବାକୁ ଗଲେ କିଛି ଭିତିରି କାର ସାଦି ଥିବା ଗନ୍ଧ ବାରି ହେଉଥିବା ମନେ ହେଉଛି । ଏହି ପଦରେ ଥିବା ମହିଳା ଗାଁ ସାଥି ସୁକାନ୍ତି ଷାଣ୍ଢ ଦୀର୍ଘ ୮ ରୁ ୧୦ ବର୍ଷ ପର୍ଯ୍ୟନ୍ତ ତାଙ୍କର କାର୍ଯ୍ୟ କରିନାହାନ୍ତି ହେଲେ ପୁଣି ଥରେ ତାଙ୍କୁ ଗାଁ ସାଥି ରଖିବା ପାଇଁ ମସୁଧା କରୁଥିବା ଶୁଣିବାକୁ ମିଳୁଛି । ପୁର୍ବରୁ ଥିବା ଗାଁ ସାଥି ଯେକି ନିଜର କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରି ୮ ରୁ ୧୦ ବର୍ଷ ପର୍ଯ୍ୟନ୍ତ କାମ କରି ନାହାନ୍ତି କେଉଁ ନିୟମ ବଳରେ ତାଙ୍କୁ ପୁଣି ଥରେ ସେହି ପଦରେ ରଖାଯିବା ମସୁଧା ଚାଲିଛି ବୋଲି ଜାଣି ଗ୍ରାମର ଆଶାୟୀ ପ୍ରାର୍ଥୀ ଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇବା ସହ ଅଭିଯୋଗ ଆଣିଛନ୍ତି। ଏହାର ସତ୍ୟା ସତ୍ୟ ଅନୁସନ୍ଧାନ କରି ନିୟମ ଅନୁସାରେ ନୂତନ ଗାଁ ସାଥି ଚୟନ କରାଯିବାକୁ ଦାବି ହେଉଛି ।

## ରାସ୍ତାରେ ହୁତୁ ହୁତୁ ହୋଇ ଜଳିଲା ଟ୍ରାକ୍ଟର



**ସୁବର୍ଣ୍ଣପୁର,୩।୧୨(ସଂଚାର ବ୍ୟୁରୋ):** ଟ୍ରାକ୍ଟରରେ ଲାଗିଗଲା ନିଆଁ। ହୁତୁ ହୁତୁ ହୋଇ ଆଖି ସାମନାରେ ଜଳିଗଲା ଟ୍ରାକ୍ଟର। ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଥାନା ସାଲେପାଲି ଗାଁ ନିକଟରେ ଏହି ଘଟଣା ଘଟିଛି। ସୌଭାଗ୍ୟ ବଶଃତ ଡ୍ରାଇଭର କିଛି ହୋଇନାହିଁ। ସାଲେପାଲି ପୋଖରୀ ପାଖରେ ଠିଆ ହୋଇଥିବା ବେଳେ ହଠାତ୍ କୌଣସି କାରଣରୁ ଟ୍ରାକ୍ଟରରେ ନିଆଁ ଲାଗି ଯାଇଥିଲା। ଚାହୁଁ ଚାହୁଁ କିଛି ସମୟ ଭିତରେ ନିଆଁ ଚାରିଆଡକୁ ବ୍ୟାପି ଯାଇଥିଲା। ରାସ୍ତା ଉପରେ ଟ୍ରାକ୍ଟରଟି ହୁତୁ ହୁତୁ ହୋଇ ଜଳିଯାଇଥିଲା। ଏନେଇ ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବଳକୁ ଟ୍ରାକ୍ଟରଟି ଜଳିପୋଡ଼ି ପାଉଁଶ ହୋଇଯାଇଥିଲା। ତେବେ ଟ୍ରାକ୍ଟରରେ କିପରି ନିଆଁ ଲାଗିଲା ତାର କାରଣ ଅସ୍ପଷ୍ଟ ରହିଛି। ସର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି।

## ଅଳଙ୍କାର ଦୋକାନକୁ ମାଡ଼ିଗଲା ଟ୍ରକ୍; ସିକ୍ୟୁରିଟି ଗାର୍ଡ ମୃତ



**ବଲାଙ୍ଗୀର,୩।୧୨(ସଂଚାର ବ୍ୟୁରୋ):** ଅଳଙ୍କାର ଦୋକାନ ଉପରେ ମାଡ଼ିଗଲା ଟ୍ରକ। ଦୁର୍ଘଟଣାରେ ଜଣେ ସିକ୍ୟୁରିଟି ଗାର୍ଡଙ୍କ ମୃତ୍ୟୁ ଘଟିଛି। ବଲାଙ୍ଗୀର ଟାଉନ ଥାନା ପାଟଣା ଛକ ନିକଟରେ ଗତକାଲି ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଛି। ମୃତ ସିକ୍ୟୁରିଟି ଗାର୍ଡ ଜଣଙ୍କ ହେଲେ ସିଦ୍ଧାର୍ଥ ପ୍ରଧାନ। ଗତକାଲି ବିଳମ୍ବିତ ରାତିରେ ସିଦ୍ଧାର୍ଥ ଅଳଙ୍କାର ଦୋକାନ ସମ୍ମୁଖରେ ଡ୍ୟୁଟି କରୁଥିଲେ। ଏହି ସମୟରେ ଏକ ଟ୍ରକ୍ ଆସି ସିଦ୍ଧାର୍ଥଙ୍କ ଉପରେ ମାଡ଼ି ଯାଇଥିଲା। ପରେ ଦୋକାନ ଉପରେ ଚଢ଼ିଯାଇଥିଲା। ସେଠାରେ ଥିବା ସ୍ଥାନୀୟ ଲୋକେ ସିଦ୍ଧାର୍ଥଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆଣି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଟ୍ରକକୁ ଜବତ କରିବା ସହ ଡ୍ରାଇଭରକୁ ଅଟକ ରଖି ପଚରାଉଚରା କରୁଛି ଓ ଘଟଣାର ତଦନ୍ତ କରୁଛି। ଟ୍ରକ୍ ଡ୍ରାଇଭର ଜଣଙ୍କ ନିଶାସକ୍ତ ଅବସ୍ଥାରେ ଏହି ଦୁର୍ଘଟଣା ଘଟାଇଥିବା କୁହାଯାଉଛି।

## ଜାଲ ଦସ୍ତଖତ କରି କୋଟିକୋଟି ଟଙ୍କା ଠକି ନେଇଥିବା କ୍ଷେତ୍ର ପରିଚାଳକଙ୍କୁ ଧରିଲା ପୋଲିସ

**ଜଗତସିଂହପୁର,୩।୨୪ (ସଂଚାର ବ୍ୟୁରୋ):** ଜଗତସିଂହପୁର ଥାନା ଅଧୀନ ପୁନଙ୍ଗଠାରେ ଥିବା ଦୂର୍ଗା ଷ୍ଟିଲ ଇଣ୍ଡଷ୍ଟ୍ରିଜର ମାଲିକ ରବୀନ୍ଦ୍ର କୁମାର ମହାନ୍ତିତାଙ୍କ କମ୍ପାନୀର କ୍ଷେତ୍ର ପରିଚାଳକଭାବେ ପୂର୍ବରୁ କାର୍ଯ୍ୟ କରୁଥିବା ତିର୍ତ୍ତୋଲ ଥାନା ଅଧୀନ ରେପୁର ପାଟଣାର ଧନଞ୍ଜୟ ସାହୁ ୧ କୋଟି ୮୧ ଲକ୍ଷ ଟଙ୍କା ଠକେଇ କରିଥିବା ନେଇ ଜଗତସିଂହପୁର ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣା ଉପରେ ଜଗତସିଂହପୁର ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିଲା। ଦୂର୍ଗା ଷ୍ଟିଲ ଇଣ୍ଡଷ୍ଟ୍ରିର ମାଲିକ ରବୀନ୍ଦ୍ର କୁମାର ମହାନ୍ତିଙ୍କ ଅଭିଯୋଗ ଅନୁସାରେ ତାଙ୍କର ଭାଣିଜୀ ଜ୍ୱାଇଁ ଧନଞ୍ଜୟ ସାହୁ ବେକାର ଥିବାରୁ ସେ ୨୦୧୯ ମସିହାରେ ତାଙ୍କୁ ଠିକାକାମରେ କ୍ଷେତ୍ର ପରିଚାଳକ ଭାବେ ନିଯୁକ୍ତି କରିଥିଲେ। ସେ ଅନୁଗୁଳରେ ଥିବା ଟାଟା ଷ୍ଟିଲରେ ଚାଲିଥିବା କାମ ଓ ଅନୁଗୁଳରେ ଥିବା ଅଫିସ ବୁଝାସୁଝା କରୁଥିଲେ। ଶ୍ରୀ ମହାନ୍ତି ତାଙ୍କୁ ବିଶ୍ୱାସରେ କମ୍ପାନୀର କାରବାର ବୁଝିବାକୁ ବ୍ଲାଙ୍କ ଚେକ ଦେଇ ଦେଇଥିଲେ। ୨୦୨୩ରେ କମ୍ପାନୀର ହିସାବ ମାଗିବାରୁ ସେ ମେ ମାସ ୨ ତାରିଖରେ ତାଙ୍କ ବଡ଼ପୁଅ ପାଖକୁ ଇସ୍ତଫା ପଠାଇଦେଇଥିଲେ। ସେ ମାସିକ ୪୦ ହଜାର ଟଙ୍କା ହିସାବରେ କାମ କରିଥିବା ୪୦ ମାସ ପାଇଁ ୧୬ ଲକ୍ଷ ବଦଳରେ ୧ କୋଟି ୯୭ ଲକ୍ଷ ୭୦ ହଜାର ୬୭୨ ଟଙ୍କା ଅର୍ଥାତ ଅଧିକ ୧ କୋଟି ୮୧ ଲକ୍ଷ ୭୦ ହଜାର ୬୭୨ ଟଙ୍କା ଅଧିକ ନେଇଯାଇଛନ୍ତି।

## ଚନ୍ଦ୍ରଗିରି ଛାତ୍ରାବାସ ମୃତ୍ୟୁ: ତଦନ୍ତର ଧୀମା ଗତି ନେଇ ଅସନ୍ତୋଷ




**ରାୟଗଡା,୩।୨୪ (ସଂଚାର ବ୍ୟୁରୋ):** ଛାତ୍ର ର ସନ୍ଦେହ ଜନକଜଣକ ମୃତ୍ୟୁ ରାୟଗଡା ଜିଲ୍ଲା କାଶୀପୁର ବ୍ଲକ ଅନ୍ତର୍ଗତ ଚନ୍ଦ୍ରଗିରି ସରକାରୀ ଛାତ୍ର ବାସ ଠାରେ ଗତ ନଭେମ୍ବର ମାସ ୮ ତାରିଖରେ ଜଣେ ଛାତ୍ରର ସନ୍ଦେହ ଜନକ ମୃତ୍ୟୁ ହୋଇଥିଲା । ଘଟଣା ର ଏକ ମାସ ପୁର୍ତ୍ତି ହେବାକୁ ଥିବାବେଳେ ଏପର୍ଯ୍ୟନ୍ତ କାହାର ଚାପରେ ଘଟଣା ର ସତ୍ୟା ସତ୍ୟ ଏ ଯାବତ ଲୋକାଲୋଚନା କୁ ପହଞ୍ଚି ପାରି ନାହିଁ ? କେଉଁ ଉଦ୍ଧେଶ୍ୟ ରେ ଜିଲ୍ଲା ଶିକ୍ଷା ବିଭଗ ଓ ଜିଲ୍ଲା ମଙ୍ଗଳ ବିଭାଗ ଏ ଘଟଣାରେ ନିରବଦ୍ରଷ୍ଠା ଭାବେ ମୂକ ସାଜିଛି, କାହା ଚାପରେ ଜିଲ୍ଲାପାଳ ଆଜିପଯ୍ୟନ୍ତ କାହାରିକୁ କାର୍ଯ୍ୟାନୁଷ୍ଠାନ ନେବାରେ ବିଳମ୍ବ କରିଛନ୍ତି ପୂଣି କାହାର ନିର୍ଦ୍ଧେଶନାମା କୁ ଜିଲ୍ଲାପାଳ ଅପେକ୍ଷା କରିଛନ୍ତି ବୋଲି ସମଗ୍ର ଜିଲ୍ଲାରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ସମ୍ପୂର୍ଣ ଘଟଣା କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଦିଗହରା କରାଯଇଛି ବୋଲି ମୃତ ଶିଶୁ ର ପରିବାର ପକ୍ଷରୁ ଏ ବିରାଟ ସଂଗୀନ ଅଭିଯୋଗ କରାଯାଇଥିଲା ଏବଂ ବିଭିନ୍ନ ଗଣମାଧ୍ୟମ ଖବର କାଗଜରେ ପ୍ରକାଶ ପାଇଥିଲା । ଏହିପରି ଜିଲ୍ଲାର ବିଭିନ୍ନ ସରକାରୀ ଛାତ୍ର ଆବାସିକା ରେ ଘଟି ଯାଇଥିବା ଘଟଣା ଯାହାକି ' ପିଲାଙ୍କୁ ଶାରୀରିକ ନିର୍ଯାତନା, ମାନସିକ ନିର୍ଯ୍ୟାତନା,ଶିଶୁଙ୍କୁ ଯୌନ ନିର୍ଯ୍ୟାତନା,ସ୍ୱାସ୍ଥ୍ୟ ଜନିତ ଚିକିତ୍ସା ଅବହେଳା ରେ ମୃତ୍ୟୁ ଏବଂ ଛାତ୍ରା ବାସରୁ ଛାତ୍ର ଛାତ୍ରୀ ନିଖୋଜ ଭଳି ଏକାଧିକ ଘଟଣା ଯାହା ବର୍ଷକ ମଧ୍ୟରେ ୯ଟି ଘଟଣା ଘଟି ଥିବା ପରିଲକ୍ଷିତ ହୋଇଛି । କିନ୍ତୁ ଏ ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ ଦସୀଙ୍କ ବିରୋଧ ରେ କୌଣସି ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେଇଥିବାର ସାଧାରଣ ରେ ଦୃଷ୍ଟି ଆକର୍ଷଣ ହୋଇନାହି । ପ୍ରକାଶ ଥାଉକି ରାୟଗଡା ଜିଲ୍ଲା କାଶୀପୁର ବ୍ଲକ ଅନ୍ତର୍ଗତ ଚନ୍ଦ୍ରଗିରି ଉଚ୍ଚ ମାଧ୍ୟାମିକ ସରକାରୀ ବିଦ୍ୟାଳୟ ର ଛାତ୍ରାବାସ ରେ ଗତ ନଭେମ୍ବର ୮ ତାରିଖ ରେ ଜଣେ ଚତୁର୍ଥ ଶ୍ରେଣୀରେ ଅଧ୍ୟାୟନରତ ୯ ବର୍ଷ ର କୋମଳମତି ଶିଶୁ ର ମୃତ୍ୟୁ ହୋଇଥିଲା । ଉକ୍ତ ଘଟଣା ରେ ଏକମାସ ପୂରୀ ଆସିଲା ବେଳେ ଛାତ୍ର ର ପ୍ରକୃତ ମୃତ୍ୟୁ ଘଟଣା ଲୋକଲୋଚନ କୁ ଆସି ପାରିଲା ନାହିଁ । ଗତ ନଭେମ୍ବର ୧୮/୨୦୨୪ ରେ ରାୟଗଡା ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର କାଶୀପୁର ଠାରେ ଅନୁଷ୍ଠିତ ହୋଇ ଥିଲା । ଏହି କ୍ରମେ ଜିଲ୍ଲା ଶିକ୍ଷା ବିଭଗ ଓ ଜିଲ୍ଲା ମଙ୍ଗଳ ବିଭାଗ ର ଅନିୟମିତତା ରେ ସମସ୍ତ ବ୍ୟବସ୍ଥା ଅବ୍ୟବ୍ୟବସ୍ଥା ମଧ୍ୟରେ ଚାଲିଥିବା ଦର୍ଶାଇ ଅଧିକାରୀଙ୍କ ଢିଲା ପଣ ଦେଖା ଦେଉଛି ବୋଲି ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟୱାରିଙ୍କୁ ଲୋକେ ଏକାଧିକ ଅଭିଯୋଗ କରିଥିଲେ ।

## ଭିନ୍ନକ୍ଷମ ସାଧାରଣ ନୁହଁନ୍ତି, ଅସାଧାରଣ

### ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ




**ସୁବର୍ଣ୍ଣପୁର,୩।୧୨(ସଂଚାର ବ୍ୟୁରୋ):** ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ସୁବର୍ଣ୍ଣପୁର ଆନୁକୂଲ୍ୟରେ ନୂତନ ଟାଉନ ହଲ ଠାରେ ଜିଲ୍ଲା ସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ ସମାରୋହ ୨୦୨୪ ଅନୁଷ୍ଠିତ ହୋଇଯାଇଛି । ଦିବସ ପାଳନ ଅବସରରେ ଆଜି ସକାଳ ୯ ଘଣ୍ଟା ସମୟରେ ବିଭାଗ ତରଫରୁ ଜିଲ୍ଲା ର ବିଭିନ୍ନ ବିଦ୍ୟାଳୟ ସମେତ ଭିନ୍ନକ୍ଷମ ବିଦ୍ୟାଳୟ ଛାତ୍ରଛାତ୍ରୀ,ଏନ. ସି. ସି କ୍ୟାଡେଟ ତଥା ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଙ୍କୁ ନେଇ ଏକ ସଚେତନତା ପଦଯାତ୍ରା ଜିଲ୍ଲା ପରିଷଦ ସଭାଗୃହ ପରିସରରୁ ବାହାରି ନୂତନ ଟାଉନ ହଲ ଠାରେ ପହଂଚି ଥିଲା । ଆୟୋଜିତ ପଦଯାତ୍ରା କୁ ଅତିରିକ୍ତ ଜିଲ୍ଲାପାଳ ସୁବର୍ଣ୍ଣପୁର ଶ୍ରୀମତୀ ଅଞ୍ଜଳିନା ପ୍ରଧାନ ସବୁଜ ପତାକା ପ୍ରଦର୍ଶନ ପୂର୍ବକ ଶୁଭାରମ୍ଭ କରିଥିଲେ । ସଚେତନତା ପଦଯାତ୍ରା ପରେ ସକାଳ ୧୦ଘଂ ସମୟରେ ଭାରପ୍ରାପ୍ତ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଅଧିକାରୀ ଶ୍ରୀ ଅର୍ଜୁନ ଚରଣ ମାଝୀଙ୍କ ତତ୍ତ୍ୱାବଧାନରେ ଜିଲ୍ଲାସ୍ତରୀୟ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳନ ସମାରୋହ ସଭା ଅନୁଷ୍ଠିତ ହୋଇଥିଲା । ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାଜେନ୍ଦ୍ର କୁମାର ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶ୍ରୀମତୀ ସୁପାର ଠେଲା ଜିଲ୍ଲାପରିଷଦ ଅଧ୍ୟକ୍ଷା ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିବାବେଳେ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବୀରେନ୍ଦ୍ର କୁମାର ନାୟକ , ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ ଗୋପାଳ ଚନ୍ଦ୍ର ମଲ୍ଲିକ, ଉପ ଜିଲ୍ଲାପାଳ ସୋନପୁର ସୌମ୍ୟାରୁପା ରଥ , ଶ୍ରୀମତୀ ହରିପ୍ରିୟା ପାଣିଗ୍ରାହୀ, ସଦସ୍ୟା ଜିଲ୍ଲା ଭିନ୍ନକ୍ଷମ କମିଟି ସୁବର୍ଣ୍ଣପୁର, ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ ପ୍ରମୁଖ ମଂଚାସୀନ ଥିଲେ ।

## ପାଇପ୍ ଭିତରେ ୬୦ ରାତି ଉଦ୍ଧାର ହେଲେ ବୃଦ୍ଧ



**ସୁନ୍ଦରଗଡ଼,୩।୧୨(ସଂଚାର ବ୍ୟୁରୋ):** ପାଇପ୍ ଭିତରେ କଟୁଥିଲା ଜୀବନ। ଉପରେ କଲଭର୍ଟ୍ ଭିତରେ ପାଇପ୍ ଆଉ ଏହାରି ଭିତରେ ଏମିତି ୬୦ ରାତି କାଟିଛନ୍ତି ଜଣେ ୬୦ ବର୍ଷୀୟ ବୃଦ୍ଧ। ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ବି କଥାଟି ସତ। ସୁନ୍ଦରଗଡ଼ ଟେନସା ଫାଣ୍ଡି ଅଞ୍ଚଳରେ ଏକ ରାସ୍ତାର କଲଭର୍ଟ ଭିତରେ ବୃଦ୍ଧ ଜଣକ ଦୁଇ ମାସ କାଟିଛନ୍ତି। ଯେଉଁଠିକୁ ଲୋକେ ଦିନରେ ଯିବା ପାଇଁ ଭୟ କରନ୍ତି, ସେହି କଲଭର୍ଟ ଭିତରେ ଦୀର୍ଘ ଦୁଇମାସ ଲୁଚି ଲୁଚି ଜୀବନ କାଟୁଥିବା ୬୦ ବର୍ଷୀୟ ବୃଦ୍ଧ ଜଣକ ହେଉଛନ୍ତି ଜୋହନ କାଣ୍ଡୁଲାନା। ସୂଚନା ଅନୁସାରେ ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ଟକରା ରେଙ୍ଗାଲବେଢ଼ା ଗାଁର ଜୋହନ କାଣ୍ଡୁଲାନା ପାରିବାରିକ କଳହ ଯୋଗୁଁ ଘର ଛାଡ଼ି ଚାଲିଯାଇଥିଲେ। ଗତ ଦୁଇ ମାସ ଧରି ପରିବାର ଓ ପୁଲିସ୍ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ଜୋହନଙ୍କର କୌଣସି ପତ୍ତା ମିଳିନଥିଲା। ଶେଷରେ ଏହି ପାଇପ୍ ଭିତରେ ସେ ଲୁଚି ରହିଥିବା ଖବର ମିଳିଥିଲା। ଖବର ପାଇ ସେଠାରେ ପହଞ୍ଚି ପୁଲିସ ତାଙ୍କୁ ଉଦ୍ଧାର କରିବା ବେଳେ ସମସ୍ତେ ଆଶ୍ଚର୍ଯ୍ୟଚକିତ ହୋଇପଡ଼ିଥିଲେ। ଯେଉଁ ଜାଗାରେ ସେ ଗତ ୬୦ ଦିନ ହେବ ରହୁଥିଲେ, ସେଠାରେ ୬୦ ସେକେଣ୍ଡ ବି ରହିବା ସମ୍ଭବପର ନୁହେଁ। ଏଭଳି ସ୍ଥିତିରେ ଜୋହନ୍ କେମିତି ଏତେ ଦିନ ସେଠି କାଟିଲେ, ତାକୁ ନେଇ ସମସ୍ତେ ଚକିତ। ତେବେ ଜୋହନଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଜଣାପଡ଼ିଛି।

## କୃଷ୍ଣଚନ୍ଦ୍ର ଶିକ୍ଷା ନିକେତନର ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ

**ବୈଶିଙ୍ଗା,୩।୧୨(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ପାଟଳିପୁରା ପଞ୍ଚାୟତ ସ୍ଥିତ କୃଷ୍ଣ ଚନ୍ଦ୍ର ଶିକ୍ଷା ନିକେତନ ସରକାରୀ ଉଚ୍ଚ ବିଦ୍ୟାଳୟର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ ବିଦ୍ୟାଳୟ ପରିସର ଉତ୍ସବ ମୂଖର ହୋଇ ଉଠିଛି । ଆସନ୍ତା ଡିସେମ୍ବର ୭ ଓ ୮ ତାରିଖ ଦୁଇ ଦିନ ଏହି କାର୍ଯ୍ୟକ୍ରମ କରାଯିବାର ସ୍ଥିର କରାଯାଇଛି । ବିଦ୍ୟାଳୟ ର ପୁରାତନ ଛାତ୍ର ସଂସଦ ତରଫରୁ ଏହି ଉପଲକ୍ଷେ ଏକ ପ୍ରସୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ବର୍ତ୍ତମାନର ଶିକ୍ଷକ/ଶିକ୍ଷିକା , ଅବସର ନେଇଥିବା ଶିକ୍ଷକ ଓ କର୍ମଚାରୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ ।

## ବସ୍-ବାଇକ୍ ଧକ୍କା ; ଯୁବକ ମୃତ, ୨ ଗୁରୁତର



**ଭୋଗରାଇ,୩।୧୨(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ନମ୍ବର ରାଜ୍ୟ ରାଜପଥ ଭୋଗରାଇ ବ୍ଲକ ଦେହୁଡ଼ଦା ନିକଟରେ ବସ୍ ସହିତ ବାଇକ ମୁହାଁମୁହିଁ ଧକ୍କା ଫଳରେ ଜଣେ ଲୋକଙ୍କର ମୃତ ହୋଇଥିଲା ବେଳେ ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ମୃତ ଯୁବକ ହେଲେ ଗୌତମ ସେନାପତି (୨୧)। ଆହତମାନେ ହେଲେ ହରେକୃଷ୍ଣ ରାଜ (୧୭) ଓ ସଂଜୟ ପଣ୍ଡା (୨୨) ଦ୍ରୁତଗତି ମହାବିପତ୍ତି। ଏହା ସମସ୍ତେ ଜାଣିଛନ୍ତି। ତଥାପି ଚାଳକଙ୍କର ଅବହେଳା ଯୋଗୁଁ ପ୍ରତିଦିନ ସଡ଼କ ଦୁର୍ଘଟଣା ଘଟୁଛି ଏବଂ ଅନେକ ଲୋକଙ୍କର ମୃତ୍ୟୁ ହେଉଛି। ବାଲେଶ୍ୱର ଜିଲ୍ଲା ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ନମ୍ବର ରାଜ୍ୟ ରାଜପଥ ଭୋଗରାଇ ବ୍ଲକ ଦେହୁଡ଼ଦା ନିକଟରେ ଆଜି ଅପରାହ୍ଣରେ ବସ୍ ସହିତ ବାଇକ ମୁହାଁମୁହିଁ ଧକ୍କା ଫଳରେ ଜଣେ ଲୋକଙ୍କର ମୃତ ହୋଇଥିଲା ବେଳେ ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି।

## ଦେଶୀ ମଦ ସହ ମହୁଲ ପୋଚ ଜବତ, ୫ ଗିରଫ

**ରାଇରଙ୍ଗପୁର,୩।୧୨(ସଂଚାର ବ୍ୟୁରୋ):** ମୟୂରଭଂଜ ଜିଲ୍ଲା ରାଇରଙ୍ଗପୁର ଅବକାରୀ ଉପଅଧୀକ୍ଷକ ସୌମ୍ୟରଞ୍ଜନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଇରଙ୍ଗପୁର ଉପଖଣ୍ଡ ଅବକାରୀ ରେଞ୍ଜ ପକ୍ଷରୁ ବ୍ୟାପକ ମଦ, ବିଅର ଓ ମହୁଲ ପୋଚ ଜବତ କରାଯାଇଛି। ଏହି ମାମଲାରେ ୫ ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି। ଅବକାରୀ ବିଭାଗ ପକ୍ଷରୁ ଘନଘନ ଚଢ଼ାଉ କରାଯାଉଥିଲେ ସୁଦ୍ଧା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଦେଶୀ ମଦ କାରବାର ଜାରି ରହିଛି। ଏହି କାମରେ ନିୟୋଜିତ ଲୋକେ କମ ପରିଶ୍ରମରେ ଭଲ ଅର୍ଥ ରୋଜଗାର କରିବା ଲକ୍ଷ୍ୟରେ ବେଆଇନ୍ ଭାବେ ବ୍ୟବସାୟ ପରିଚାଳନା କରୁଛନ୍ତି।



## ରିଆମାଳରେ କାର୍ ସହ ବିପୁଳ ନକଲି ବିଦେଶୀ ମଦ ଜବତ, ୩ ଗିରଫ



**ରିଆମାଳ,୩।୧୨(ସଂଚାର ବ୍ୟୁରୋ):** ଦେବଗଡ଼ ଜିଲ୍ଲା ରିଆମାଳରେ ନକଲି ବିଦେଶୀ ମଦ କାରବାର। ରିଆମାଳ ପୁଲିସ ଥାନା ଅଧିକାରୀ ସତ୍ୟବ୍ରତ ରାଉତଙ୍କ ନେତୃତ୍ୱରେ ବଡ଼ ଧରଣର ନକଲି କାରବାରର ପର୍ଦ୍ଦାଫାସ ହୋଇଛି। ପୁଲିସ ଏମଭି ଚେକିଂ ବେଳେ ସ୍ୱିଫ୍ଟ କାର ସହ ୧୦୦ ଲିଟରରୁ ଉର୍ଦ୍ଧ୍ୱ ନକଲି ବିଦେଶୀ ମଦ ଜବତ କରିବା ସହ ତିନି ଅଭିଯୁକ୍ତ ଗିରଫ କରିଥିବା ଜଣା ପଡ଼ିଛି । ଗିରଫ ଅଭିଯୁକ୍ତମାନେ ରିଆମାଳ ଥାନାଞ୍ଚଳ ବାଲିଜୋରୀ ଗ୍ରାମର ଶ୍ରୀଧର ପ୍ରଧାନ, ଭିତରପଦ ଗ୍ରାମର ପ୍ରଶାନ୍ତ ସୁନା ଓ ଫୁଲସରନାଲି ଗ୍ରାମର ତପନ ସାହୁ ବୋଲି ଜଣା ପଡ଼ିଛି । ଚେକିଂ ବେଳେ ପୁଲିସକୁ ଚକମା ଦେଇ ଛତାବର ରାସ୍ତାରେ ଗାଡ଼ି ବୁଲାଇ ଅଭିଯୁକ୍ତମାନେ ଫେରାର ଉଦ୍ୟମ ବେଳେ ସେମାନଙ୍କୁ ଗୋଡ଼ାଇଗୋଡ଼ାଇ ପୁଲିସ ଧରିବାରେ ସଫଳ ହୋଇଥିଲା। ଗିରଫ ଅଭିଯୁକ୍ତମାନେ ରିଆମାଳ ଥାନାଞ୍ଚଳ ବାଲିଜୋରୀ ଗ୍ରାମର ଶ୍ରୀଧର ପ୍ରଧାନ, ଭିତରପଦ ଗ୍ରାମର ପ୍ରଶାନ୍ତ ସୁନା ଓ ଫୁଲସରନାଲି ଗ୍ରାମର ତପନ ସାହୁ ବୋଲି ଜଣା ପଡ଼ିଛି । ଜବତ କାର( ନଂ ଓଡି-୧୭-ପି-୯୯୫୮) ମଧ୍ୟରୁ ବ୍ଲାକ ଡାଇମଣ୍ଡ ସୁପର ହୁଇସ୍କିର ସ୍ପିରିଟ ଆଣି ରୟାଲ ଚ୍ୟାଲେଞ୍ଜର ହ୍ୱିସ୍କି, ରୟାଲ ଷ୍ଟାଗ, ଓ ମ୍ୟାକଡୁଏଲ ଭଳି ବିଭିନ୍ନ ବ୍ରାଣ୍ଡର ଲେବୁଲ ଲଗା ନକଲି ବିଦେଶୀ ମଦ ସହ ରଙ୍ଗୀନ ସ୍ପିରିଟ ସମେତ ୧୦୫ ଲିଟର ନକଲି ମଦ ଜବତ କରିଛି ପୁଲିସ ।

# ରବିରେ ଇନ୍ଦ୍ରାବତୀରୁ ଜଳଯୋଗାଣ ବନ୍ଦ




**କଳାହାଣ୍ଡି,୩।୧୨(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା ଇନ୍ଦ୍ରାବତୀ ଜଳପ୍ରକଳ୍ପରୁ ନିୟମିତ ଜଳସ୍ତର ଖସିବାରେ ଲାଗିଛି । ଏହାର ସିଧା ପ୍ରଭାବ ଚାଷୀଙ୍କ ଉପରେ ପଡ଼ିଛି। ଆସନ୍ତା ରବି ଚାଷ ପାଇଁ ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପର ସୀମିତ ଅଞ୍ଚଳରେ ଜଳ ଯୋଗାଣ ନେଇ ନୋଟିସ ଜାରି ହୋଇଛି । ଚାଷୀ ସଂଗଠନ ପ୍ରତିବାଦରେ ଦାବିପତ୍ର ପ୍ରଦାନ ସହ ଅନେକ ସ୍ଥାନରେ ଆନ୍ଦୋଳନ ପ୍ରଦର୍ଶନ କରୁଛନ୍ତି । ବର୍ତ୍ତମାନ ମଧ୍ୟ କେତେ ଅଞ୍ଚଳକୁ ପାଣି ଯୋଗାଣ ହେବ କୌଣସି ବାଟ ଫିଟିନାହିଁ । ଏ ନେଇ ପ୍ରଶାସନ ଓ ଜଳସେଚନ ବିଭାଗର ବୈଠକ ପରେ ମଧ୍ୟ ନିଷ୍କର୍ଷ ବାହାରି ନାହିଁ । ଅନ୍ୟପଟେ ମଙ୍ଗଳପୁର ବ୍ୟାରେଜରୁ ହାତୀ ନଦୀକୁ ବିଦ୍ୟୁତ ଉତ୍ପାଦନରେ ବ୍ୟବହାର ହୋଇଥିବା କ୍ୟୁସେକ କ୍ୟୁସେକ ପାଣି ଛଡ଼ା ହେଉଛି। ଯାହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବା ସହ ଓଏଚ୍ପିସି ଓ ଜଳସେଚନ ପ୍ରକଳ୍ପ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ଅଭାବ ରହିଥିବା ଅଭିଯୋଗ ହେଉଛି। ଇନ୍ଦ୍ରାବତୀ ଜଳ ବିଦ୍ୟୁତ ପ୍ରକଳ୍ପ ୬ଶହ ମେଗାୱାଟ ବିଦ୍ୟୁତ ଉତ୍ପାଦନ କରି ରାଜ୍ୟର ବିଦ୍ୟୁତ ଆବଶ୍ୟକତାକୁ ପୂରଣ କରୁଛି। କଳାହାଣ୍ଡି ଜିଲାର ୧ ଲକ୍ଷରୁ ଉର୍ଦ୍ଧ୍ୱ ଚାଷ ଜମିରେ ଜଳସେଚନ କରୁଛି। ଆସନ୍ତା ରବି ପାଇଁ ଚାଷୀ ସଜବାଜ ହେଉଥିବା ବେଳେ ଜଳସେଚନ ବନ୍ଦ ରହିବ ବୋଲି ସୂଚନା ମିଳିବା ପରେ ଚାଷୀ ମହଲରେ ଚଡ଼କ ପଡ଼ିଛି। ମୁଖୀଗୁଡ଼ା ସ୍ଥିତ ଓଏଚ୍ପିସି ବରିଷ୍ଠ ମହାପ୍ରବନ୍ଧକ ସତ୍ୟବ୍ରତ ମହାନ୍ତିଙ୍କୁ ଯୋଗାଯୋଗ କରାଯାଇଥିଲା। ଶ୍ରୀ ମହାନ୍ତିଙ୍କ କହିବା ଅନୁସାରେ, ପାଣି ଛାଡ଼ିବା ଆମ ହାତରେ ନାହିଁ । ବିଦ୍ୟୁତ ଆବଶ୍ୟକ ଅନୁସାରେ ଆମେ ଏସ୍ଏଲ୍ଡିସିଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଦ୍ୟୁତ ଉତ୍ପାଦନ କରି ଦେଉଛୁ। ପାଣିର ବର୍ତ୍ତମାନ ଚାଷ କାମରେ ବ୍ୟବହାର ନଥିବା ଯୋଗୁଁ ହାତୀ ନଦୀରେ ଛଡ଼ା ଯାଉଛି ବୋଲି ସେ କହିଛନ୍ତି। ସେହିପରି ଜଳଭଣ୍ଡାରର ଜଳ ଧାରଣ କ୍ଷମତା ୬୪୨ ମିଟର ଓ ସର୍ବନିମ୍ନ ଜଳସ୍ତର ୬୨୫ ମିଟର ଥିବାବେଳେ ୬୪୦ ମିଟରକୁ ମଧ୍ୟ ଜଳସ୍ତର ବୃଦ୍ଧି ପାଉନାହିଁ । ପୂର୍ବ ବର୍ଷ ୬୩୬.୧୪ ମିଟର ଜଳସ୍ତର ରହିଥିଲା ଓ ବର୍ତ୍ତମାନ ୬୩୪ ୫୦ ମିଟର ଜଳ ଗଚ୍ଛିତ ରହିଛି। ପୂର୍ବ ବର୍ଷ ତୁଳନାରେ ୧.୬୪ ମିଟର କମ ଜଳସ୍ତରକୁ ନେଇ ଜଳସେଚନ ବିଭାଗ ବାମ ମୁଖ୍ୟ କେନାଲ କୁସୁମଖୁଣ୍ଟି ଡିଭିଜନ -୧ରେ ୨୭, ୫୦୧ ହେକ୍ଟର, ଡାହାଣ ମୁଖ୍ୟ କେନାଲ ମୁଖୀଗୁଡ଼ା ଡିଭିଜନ-୧ରେ ୨୦, ୦୭୪ ହେକ୍ଟରକୁ ମିଶାଇ ମୋଟ ୪୭, ୫୭୪ ହେକ୍ଟର ଜଳଯୋଗାଣ ହେବ ବୋଲି ନିଷ୍ପରି ନେଇଥିବା ବେଳେ ଉଠା ଜଳସେଚନରେ ଜଳଯୋଗାଣ ବନ୍ଦ ରହିବ ବୋଲି ନୋଟିସ୍ ଜାରି ହୋଇଛି। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଆନ୍ଦୋଳନ ଭାବନା ମୁଣ୍ଡ ଟେକିଛି। ପ୍ରକାଶ ଯେ, ଇନ୍ଦ୍ରାବତୀ ଜଳଭଣ୍ଡାରର ଉପର ମୁଣ୍ଡରେ ଜଙ୍ଗଲ କ୍ଷୟ ଯୋଗୁଁ ବର୍ଷା ଅଭାବ ସାଙ୍ଗକୁ ପଙ୍କ ନିରୋଧୀ ବାଡ଼ ନଥିବା ଯୋଗୁଁ ବର୍ଷା ଜଳରେ ପଙ୍କ, କାଦୁଅ ଆସି ଜଳଭଣ୍ଡାରରେ ଜମା ହେବା ଯୋଗୁଁ ଜଳସ୍ତର ଉପରେ ପ୍ରଭାବ ପକାଇଛି ବୋଲି ଜଣାପଡ଼ିଛି। ବିଗତ ଦିନରେ ଏ ନେଇ ୨୪ କୋଟି ଟଙ୍କା ବ୍ୟୟ ଅଟକଳରେ ଇନ୍ଟ୍ୟାଙ୍କ ନିକଟରେ ପଙ୍କଉଦ୍ଧାର କାର୍ଯ୍ୟ ସମ୍ପାଦନ ହୋଇଥିଲା।